# ନୃସିଂହପୁରାଣକାର ପୀତାମ୍ବର ଦାସ



ସଚ୍ଚିଦାନନ୍ଦ ମିଶ୍ର

ପ୍ରଗତି ଉତ୍କଳ ସଂଘ
ରାଉରକେଲା

ନୃସିଂହ ପୁରାଣାକାର

# ପୀତାମ୍ବର ଦାସ

ସଚ୍ଚିଦାନନ୍ଦ ମିଶ୍ର

ପ୍ରଗତି ଉତ୍କଳ ସଂଘ
ରାଉରକେଲା

ନୃସିଂହ ପୁରାଣାକାର ପୀତାମ୍ବର ଦାସ

| | | |
|---|---|---|
| ଲେଖକ | : | ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର |
| ପ୍ରକାଶକ | : | ପ୍ରଗତି ଉତ୍କଳ ସଂଘ<br>ଫକୀରମୋହନ ନଗର (ସେକ୍ଟର-୭)<br>ରାଉରକେଲା-୭୬୯୦୦୩<br>ଫୋନ୍ : ୦୬୬୧-୨୬୪୦୧୪୩ |
| ପରିବେଷକ | : | ଗ୍ରନ୍ଥମନ୍ଦିର<br>ବିନୋଦବିହାରୀ, କଟକ-୭୫୩୦୦୨ |
| ଅକ୍ଷର ସଜ୍ଜା | : | ଏମ୍. ପ୍ରିଣ୍ଟର୍ସ,<br>କଟକ-୨ |
| ମୁଦ୍ରକ | : | ଅପଟିମା (ଅଫ୍‌ସେଟ) ପ୍ରିଣ୍ଟର୍ସ<br>ସୂତାହାଟ, କଟକ-୭୫୩୦୦୧ |
| ପ୍ରଥମ ସଂସ୍କରଣ | : | ୨୦୧୧ |
| ମୂଲ୍ୟ | : | ୬୦/- ଟଙ୍କା ମାତ୍ର |

**Nrusingha Puranakar Pitambar Das**

Author : **Sachchidananda Mishra**

Publisher : **Pragati Utkal Sangha**
Fakirmohan Nagar (Sector-7)
Rourkela-769003
Phone -0661-2640143

Distributor : **Grantha Mandir**
Binode Bihari, Cuttack.753002

Type setting by : **M. Printers,**
Cuttack-2

Printed at : **Optima (Offset) Printers**
Sutahat, Cuttack-753001

First Edition : **2011**

Price : Rs. **60/-**

ISBN 978-81-920552-2-0

# ପ୍ରକାଶକଙ୍କ ନିବେଦନ

ମଧୁବାବୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ, ରାଉରକେଲାର ଅନ୍ୟତମ ପୁରାତନ ସାଂସ୍କୃତିକ ଅନୁଷ୍ଠାନ 'ପ୍ରଗତି ଉତ୍କଳ ସଂଘ' ଗତ ପଚାଶ ବର୍ଷ ଧରି ଓଡ଼ିଆ ଭାଷା, ସାହିତ୍ୟ ତଥା ସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଅବାରିତ ଉଦ୍ୟମ କରିଆସିଛି । ମଧୁବାବୁଙ୍କ ବାସସ୍ଥାନ (ବର୍ତ୍ତମାନର ଶୈଳବାଳା ମହିଳା ମହାବିଦ୍ୟାଳୟ, କଟକ)କୁ ବାଦ୍ ଦେଲେ, ଓଡ଼ିଶାରେ ପ୍ରଥମ, ତାଙ୍କର ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ରାଉରକେଲା ରେଳଷ୍ଟେସନ୍ ନିକଟରେ ୧୯୭୬ ମସିହାରେ ଏହି ଅନୁଷ୍ଠାନ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ଏପ୍ରିଲ୍ ପହିଲାକୁ ଏକ ଜାତୀୟ ଉତ୍ସବ ରୂପରେ ସମ୍ପୂର୍ଣ୍ଣ ବେସରକାରୀ ଉଦ୍ୟମରେ ଅଥଚ ମହାସମାରୋହରେ 'ପ୍ରଗତି ଉତ୍କଳ ସଂଘ' ୧୯୬୮ ମସିହାରୁ ପାଳନ କରି ଆସୁଅଛି । ପରେ ସରକାରୀ ତଥା ବେସରକାରୀ ସ୍ତରରେ ଏହା 'ଓଡ଼ିଶା ଦିବସ'/'ଉତ୍କଳ ଦିବସ' ରୂପେ ସର୍ବତ୍ର ପାଳିତ ହେଉଅଛି ।

'ପ୍ରଗତି ଉତ୍କଳ ସଂଘ'ର ବିଭିନ୍ନ ଆଭିମୁଖ୍ୟ / କାର୍ଯ୍ୟକ୍ରମ ମଧ୍ୟରେ ଏହାର ପ୍ରକାଶନ ବିଭାଗ ଅନ୍ୟତମ । ଏପର୍ଯ୍ୟନ୍ତ ଏହି ଅନୁଷ୍ଠାନ ଉଣେଇଶ ଖଣ୍ଡ ପୁସ୍ତକ ପ୍ରକାଶ କରିଛି । ମଧୁବାବୁଙ୍କର ବକ୍ତୃତା ଓ ରଚନାବଳୀ ତଥା ତାଙ୍କ ସମ୍ପର୍କିତ ବିଭିନ୍ନ ଦୁର୍ଲଭ ଉପାଦାନ ଆଲୋଚନାକୁ ସଂକଳନ କରାଯାଇ ଇଂରାଜୀରେ ତିନୋଟି ଓ ଓଡ଼ିଆରେ ଗୋଟିଏ ପୁସ୍ତକ ଏହି ଅନୁଷ୍ଠାନ ଦ୍ୱାରା ପ୍ରକାଶ କରାଯାଇଅଛି । ଓଡ଼ିଆ ଭାଷାର ପ୍ରାଚୀନ ଓ ନୂତନ ସାହିତ୍ୟିକମାନଙ୍କର ବିକ୍ଷିପ୍ତ/ଅପ୍ରକାଶିତ ଲେଖାର ସଂଗ୍ରହ ସମ୍ପାଦନା ସହିତ ନୂତନ ଧରଣର ଆଲୋଚନା ସମ୍ବଳିତ ପୁସ୍ତକାବଳୀ ଏହି ଅନୁଷ୍ଠାନ ପ୍ରକାଶ କରିଆସୁଛି । ଏହି ଅବସରରେ ଅସୀମ ଶ୍ରଦ୍ଧା ଓ ଅଙ୍ଗୀକାରବଦ୍ଧତା ସହ ଏହି ପ୍ରକାଶନ ବିଭାଗର ସମସ୍ତ ଦାୟିତ୍ୱ ସ୍ୱେଚ୍ଛାକୃତ ଭାବରେ ମୁଣ୍ଡେଇ ନେଇଥିବା ସାହିତ୍ୟିକ ବନ୍ଧୁଙ୍କର ନାମୋଲ୍ଲେଖ ନ କଲେ କୃତଘ୍ନତା ହେବ । ଅନୁଷ୍ଠାନର ଗର୍ବ ଏହି ବିଶିଷ୍ଟ ସଭ୍ୟ ହେଲେ ଶ୍ରୀ ଦେବେନ୍ଦ୍ର କୁମାର ଦାଶ ।

ପୀତାମ୍ବର ଦାସଙ୍କ ଲିଖିତ **ନୃସିଂହ ପୁରାଣ** ଓଡ଼ିଶାର ଘରେ ଘରେ ପରିଚିତ । ପୁରାଣ ହିସାବରେ **ନୃସିଂହ ପୁରାଣ** ବହୁ ନୂତନତାର ଅଧିକାରୀ ଓ ଗବେଷକମାନେ ଏହାକୁ ମୌଳିକ ରଚନାର ମହତ୍ତ୍ୱ ପ୍ରଦାନ କରିଥାଆନ୍ତି । ଅଥଚ ପୀତାମ୍ବର ଦାସଙ୍କ

ସମ୍ପର୍କରେ କୌଣସି ସ୍ୱତନ୍ତ୍ର ଆଲୋଚନାତ୍ମକ ପୁସ୍ତକ ପାଠକମାନଙ୍କ ପାଇଁ ଉପଲବ୍ଧ ନୁହେଁ । ଏହି ଅଭାବକୁ ପୂରଣ କରିବାପାଇଁ ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ଗବେଷକ ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର ଉତ୍ତୀର୍ଣ୍ଣ ବୟସରେ **ନୃସିଂହ ପୁରାଣାକାର ପୀତାମ୍ବର ଦାସ** ମନୋଗ୍ରାଫଟି ରଚନା କରିଛନ୍ତି । ଅନ୍ୟତମ ବିଦ୍ୱାନ ଆଚାର୍ଯ୍ୟ ଭାବାନନ୍ଦଙ୍କ ସହଯୋଗ ଫଳରେ 'ପ୍ରଗତି ଉତ୍କଳ ସଂଘ' ଆଲୋଚ୍ୟ ପୁସ୍ତକକୁ ପ୍ରକାଶ କରିବାର ସୁଯୋଗ ଲାଭ କରିଛି । ଶ୍ରୀଯୁକ୍ତ ମିଶ୍ରଙ୍କ ଅଧ୍ୟବସାୟ ଓ ନିଷ୍ଠା ତଥା ଆଚାର୍ଯ୍ୟ ଭାବାନନ୍ଦଙ୍କ ସାଧୁ ଉଦ୍ୟମ ଫଳରେ ଓଡ଼ିଆ ସାହିତ୍ୟର ଏକ ଅଭାବ ପୂରଣ ହୋଇପାରିଛି । ସେଥିପାଇଁ ଅନୁଷ୍ଠାନ ତରଫରୁ ଶ୍ରୀଯୁକ୍ତ ମିଶ୍ର ଓ ଆଚାର୍ଯ୍ୟ ମହାଶୟଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।

'ପ୍ରଗତି ଉତ୍କଳ ସଂଘ'ର ଅନ୍ୟ ପ୍ରକାଶନଗୁଡ଼ିକ ଭଳି **ନୃସିଂହ ପୁରାଣକାର ପୀତାମ୍ବର ଦାସ** ପୁସ୍ତକକୁ ଓଡ଼ିଶାର ସୁଧୀମଣ୍ଡଳୀ ଓ ସାଧାରଣ ପାଠକମାନେ ସ୍ୱାଗତ କରିବେ ବୋଲି ଆଶା ।

ରାଉରକେଲା
୧୫।୦୧।୨୦୧୧

**ନିକୁଞ୍ଜ କିଶୋର ସ୍ୱାଇଁ**
ସଭାପତି, ପ୍ରଗତି ଉତ୍କଳ ସଂଘ

# ସୂଚୀପତ୍ର


| | | |
|---|---|---|
| | ପ୍ରକାଶକଙ୍କ ନିବେଦନ | ୩ |
| | ଉପକ୍ରମ | ୭ |
| *ପ୍ରଥମ ଅଧ୍ୟାୟ* | *ଜନ୍ମ ସ୍ଥାନ ଓ ସମୟ* | ୧୧ |
| ଦ୍ୱିତୀୟ ଅଧ୍ୟାୟ | ବଂଶ ପରିଚୟ | ୧୮ |
| ତୃତୀୟ ଅଧ୍ୟାୟ | ଜାତିସ୍ମରତା ଓ ବର ଲାଭ | ୨୯ |
| ଚତୁର୍ଥ ଅଧ୍ୟାୟ | ମୌଳିକ ଓଡ଼ିଆ ପୁରାଣ | ୪୩ |
| ପଞ୍ଚମ ଅଧ୍ୟାୟ | ପୂର୍ବସୂରୀଙ୍କ ପ୍ରଭାବ | ୫୫ |
| ଷଷ୍ଠ ଅଧ୍ୟାୟ | ନୃସିଂହ-ପୁରାଣର ବୈଶିଷ୍ଟ୍ୟ | ୬୮ |
| ସପ୍ତମ ଅଧ୍ୟାୟ | ପୀତାମ୍ବର ଦାସଙ୍କ ଜୀବନ ଚରିତ | ୮୭ |
| ଅଷ୍ଟମ ଅଧ୍ୟାୟ | ନୃସିଂହ-ପୁରାଣର ପ୍ରଚାର ଓ ପ୍ରଭାବ | ୯୮ |
| ପରିଶିଷ୍ଟ | କେତୋଟି କିମ୍ବଦନ୍ତୀ | ୧୦୩ |

# ଉପକ୍ରମ

ତିରିଶ ବର୍ଷ ତଳେ, 'ବଳଦେବ ରଥ ଅଧ୍ୟୟନ' ପୁସ୍ତକ ଲେଖିବା ପରିକଳ୍ପନା କରୁଥିବା ସମୟରେ, ମୋର ଗୋଟିଏ ଅଭିଳାଷ ଜନ୍ମିଥିଲା ଯେ ଓଡ଼ିଆ ନୃସିଂହ-ପୁରାଣର ପ୍ରଣେତା ପୀତାମ୍ବର ଦାସଙ୍କ ବିଷୟରେ ମଧ୍ୟ ପୁସ୍ତକଟିଏ ଲେଖିବି । କବି ପୀତାମ୍ବର ମୋ ଅଞ୍ଚଳର, ଅର୍ଥାତ୍ ଛତ୍ରପୁର ସବ୍‌ଡ଼ିଭିଜନ ଅନ୍ତର୍ଗତ ପୂର୍ବଖଣ୍ଡ ତାଲୁକାର, ଅଧିବାସୀ ହୋଇଥିବାରୁ ଏପରି ଅଭିଳାଷ ଜନ୍ମି ଥାଇପାରେ ବୋଲି ମୁଁ ଭାବୁନାହିଁ । ସେତେବେଳେ ମୁଁ ବିଚାର କରୁଥାଏ କବିସୂର୍ଯ୍ୟ ବଳଦେବଙ୍କ କାବ୍ୟ-କରର ପ୍ରକାଶ ବିଭିନ୍ନ ରାଜସଭାରେ ହିଁ ହୋଇଛି; ସେ ଥିଲେ ନିରୁତା ରାଜଧାନୀର – ଗଡ଼ ବା ନଗରର – କବି । ଅନେକ ରାଜଧାନୀର ରାଜସଭାର ପରିଧି ମଧ୍ୟରେ ସେ ବଢ଼ିଛନ୍ତି, ସେଠାର ଈର୍ଷାଳୁ କବି-ପଣ୍ଡିତଙ୍କ ସହିତ ଲଢ଼ିଛନ୍ତି ଓ ତାହାରି ଭିତରେ ଆପଣାର ସମସ୍ତ କୃତି-କୀର୍ତ୍ତିକୁ ଗଢ଼ିଛନ୍ତି । ମୋର ଏତାଦୃଶ ବିଚାର-ତୁଳାଦଣ୍ଡର ଆର ପଲାରେ ଥିଲେ ପୁରାଣକାର ପୀତାମ୍ବର ଦାସ, ରାଜକୀୟ ସ୍ୱୀକୃତିହୀନ ବିଶୁଦ୍ଧ ପଲ୍ଲୀର କବି, ଯାହାଙ୍କର ଉନ୍ମେଷ ଓ ବିକାଶ ଗୋଟିଏ ଅପନ୍ତରା ଗାଁରେ ହୋଇଥିଲା ଓ ଯାହାଙ୍କର କୃତି ପ୍ରତି ଖାତିର୍ ଗ୍ରାମ୍ୟ ପରିବେଶରେ ହିଁ ଥିଲା । ଏହି ଦୃଷ୍ଟିରୁ ବଳଦେବ ରଥ ଓ ପୀତାମ୍ବର ଦାସ ଦୁଇ ମେରୁ ପରି ବିଚ୍ଛିନ୍ନ ।

ମୁଦ୍ରାଯନ୍ତ୍ର ଊନବିଂଶ ଶତାବ୍ଦୀର ଶେଷପାଦରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଭାରକୁ ନିଜ କାନ୍ଧକୁ ନେବା ପୂର୍ବେ ସେ ଦାୟିତ୍ୱ ନିଭାଉଥିଲେ ମୂଳରେ ଦୁଇଟି ଅନୁଷ୍ଠାନ – ଗୋଟିଏ ପଲ୍ଲୀର ପୁରାଣ ସଭା ଓ ଅନ୍ୟଟି ରାଜଧାନୀର ରାଜସଭା । ଓଡ଼ିଆ ସାହିତ୍ୟର ମୂଳ ଉତ୍ସ ମଧ୍ୟ ତାହାକୁ ଧରି ଦୁଇଟି । ଏ ଦୁଇ ମଧ୍ୟରେ ପୁରାଣ ସଭା ଜ୍ୟେଷ୍ଠ, ଅର୍ଥାତ୍ ପ୍ରାଚୀନତର, ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗର ସାରଳାଦାସଙ୍କ ସମୟରୁ ଏହା ରହି ଆସିଛି । ପହିଲେ ସଂସ୍କୃତ ବାଙ୍ମୟ ହିଁ ରାଜସଭାରେ ଆସ୍ଥାନ ଜମେଇଥିଲା । ପଣ୍ଡିତ-ସମାଜ–ପଣ୍ଡିତ ବୋଇଲେ ସେ କାଳେ କେବଳ ସଂସ୍କୃତ ଭାଷାଭିଜ୍ଞ – ଯେଉଁମାନେ ପରମ୍ପରାକ୍ରମେ ରାଜସଭାରେ ସାଂସ୍କୃତିକ ମୁରବିଗିରି କରି ଆସୁଥିଲେ, ପ୍ରାକୃତ ଭାଷାକୁ ନାକ ଟେକୁଥିଲେ । ବୋଧହୁଏ, ଷୋଡ଼ଶ ଶତାବ୍ଦୀର ପ୍ରଥମ ପାଦରେ ପ୍ରତାପରୁଦ୍ର ଦେବ, ତେଲୁଗୁ ସାହିତ୍ୟର ମହାପୃଷ୍ଠପୋଷକ କୃଷ୍ଣଦେବ ରାୟଙ୍କ ରୀତିନୀତି ଦେଖି, ରାଜା ଭାବରେ ସର୍ବପ୍ରଥମେ ଓଡ଼ିଆ ସାହିତ୍ୟ ପ୍ରତି ଆଗ୍ରହ ଓ ହୁଏତ, ଆନୁକୂଲ୍ୟ ପ୍ରକାଶ କଲେ ପରିମଳା ଓ ଗୋପକେଳିର ଶୃଙ୍ଗାରୀ କବି ନରସିଂହ ସେଣଙ୍କ କ୍ଷେତ୍ରରେ । ଏହିଠାରୁ ବିଭିନ୍ନ

ରାଜସଭାରେ ଲାଳିତ ଓ ରାଜକୀୟ ଅନୁଗ୍ରହପୁଷ୍ଟ ଓଡ଼ିଆ ସାହିତ୍ୟର ଧାରା ପଲ୍ଲୀର ପୁରାଣ ସଭାରେ ପାଳିତ ଓ ଗାଉଁଲି ଲୋକଙ୍କ ଦ୍ୱାରା ଆଦୃତ ଓଡ଼ିଆ ସାହିତ୍ୟର ଧାରାଠାରୁ ଅଲଗା ହୋଇ ଭିନ୍ନ ରୂପ ପରିଗ୍ରହ କରି ଭିନ୍ନ ଦିଗକୁ ମୁହାଁଇ ଗଢ଼ି ଚାଲିଲା । ମଣିଷଙ୍କ ପରି ସାହିତ୍ୟର ମଧ ଭାଷା, ଢଙ୍ଗ ଓ ଭାବ ତାହାର ଅଧୁଷିତ ଅଞ୍ଚଳ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । କବି ଯେଉଁ ଉତ୍ସଙ୍ଗକୁ ଆଶ୍ରୟ କରିଥାଏ ତାହାର ସୃଷ୍ଟି ତଦନୁସାରୀ ହୁଏ । ପୁରାଣ ସଭାରେ, ଅଶିକ୍ଷିତ ଗ୍ରାମ୍ୟ ସମାଜ ପାଇଁ ଉଦ୍ଦିଷ୍ଟ ସାହିତ୍ୟରେ ଶବ୍ଦାଡ଼ମ୍ବରର ପ୍ରତିଷ୍ଠା ନାହିଁ, ପାଣ୍ଡିତ୍ୟର ପ୍ରଚାର ନାହିଁ, ଅଳଂକାରର ପ୍ରୟୋଗ ନାହିଁ, ଶୃଙ୍ଗାରରସର ପ୍ରାବଲ୍ୟ ନାହିଁ କି ଛନ୍ଦର ପ୍ରାଚୁର୍ଯ୍ୟ ନାହିଁ । ତାହା ସବୁ ରାଜସଭାର ବୁଧଶିଷ୍ଟ ସମାଜ ପାଇଁ ଉଦ୍ଦିଷ୍ଟ ସାହିତ୍ୟରେ ସୁଲଭ, ଯେଉଁଠାରେ ସଦାଚାରର ଆହ୍ୱାନ କ୍ଷୀଣ, ସାମାଜିକ ମୂଲ୍ୟବୋଧର ମୂଳଦୁଆ ଦୁର୍ବଳ, ସାହିତ୍ୟର ପ୍ରତିଷ୍ଠା ପାଇଁ ଧର୍ମ ବିଶ୍ୱାସର ଆଶ୍ରୟ ଅନାବଶ୍ୟକ ଓ ବ୍ୟକ୍ତିର ଆତ୍ମସମର୍ପଣ ଦାବି କରୁଥିବା ଭକ୍ତିବାଦର ପ୍ରଭାବ ଗୌଣ । ଏ ଦୁଇଟି ମୌଳିକ ଧାରା – ଏକ ଦିଗରେ ସାରଳା ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ନୀଳାମ୍ବର ଦାସ, ମହାଦେବ ଦାସ ପ୍ରଭୃତିଙ୍କୁ ନେଇ ଓ ଅନ୍ୟ ଦିଗରେ ନରସିଂହ ସେଣ, ବିଷ୍ଣୁ ଦାସ, ରଘୁନାଥ ହରିଚନ୍ଦନ, ଧନଞ୍ଜୟ ଭଞ୍ଜ, ଉପେନ୍ଦ୍ର ଭଞ୍ଜ ପ୍ରଭୃତିଙ୍କୁ ନେଇ – ବହୁକାଳ ପ୍ରବାହିତ ହେବା ପରେ ଦୁଇ ଧାରାର ଆଂଶିକ ମିଶ୍ରଣ ଘଟିଲା ଓ କେତେକାଂଶରେ ବୈଷ୍ଣବ ମଠ-ମହନ୍ତଙ୍କ ଆନୁକୂଲ୍ୟ ପ୍ରାପ୍ତ ହୋଇ ଓଡ଼ିଆ ସାହିତ୍ୟରେ ତୃତୀୟ ଧାରା ସ୍ରବିଥିଲା । ବଳଦେବ ରଥ କବିସୂର୍ଯ୍ୟ ରାଜସଭା ପରମ୍ପରାର ଭାସ୍ୱର କବି ହେବାପରି ପୀତାମ୍ବର ଦାସ ପୁରାଣ ସଭା ପରମ୍ପରାର ତୁଙ୍ଗ ନିଦର୍ଶନ । ବୋଧହୁଏ, କହିଲେ ଅତିଶୟୋକ୍ତି ହେବନାହିଁ ଯେ ସାରଳା ଦାସଙ୍କ ପରେ ଓଡ଼ିଆ ଭାଷାର ଶ୍ରେଷ୍ଠ ମୌଳିକ ପୁରାଣକାର ଏହି ପୀତାମ୍ବର ଦାସ ହେବେ । ବଳଦେବ ରଥଙ୍କୁ ଅଧ୍ୟୟନ କରୁଥିବାବେଳେ ମୁଖ୍ୟତଃ ଏହି ଦୃଷ୍ଟିଭଙ୍ଗୀ ନେଇ ପୀତାମ୍ବର ଦାସଙ୍କୁ ଅଧ୍ୟୟନ ନ କଲେ ରାଜସଭା ପରମ୍ପରାର ପ୍ରତୀପବର୍ତ୍ତୀ ପୁରାଣସଭା ପରମ୍ପରା ପ୍ରତି ମୁଁ ପାତର ଅନ୍ତର କରିବି ବୋଲି ଆଶଙ୍କା କରିଥିଲି ।

ଭୁବନେଶ୍ୱର-ଅବସ୍ଥାନ ସମୟରେ, ସରକାରୀ କର୍ମର ଦାୟିତ୍ୱ ସମ୍ପାଦନ ଭିତରେ, ପୀତାମ୍ବର ଦାସଙ୍କ ବିଷୟରେ କିଛି କରିପାରିନଥିଲି । ସରକାରୀ କର୍ମରୁ ଅବସର ନେବା ପରେ ମୋର ଜନ୍ମସ୍ଥାନ ଛତ୍ରପୁରକୁ ଫେରିଆସିଲି କିନ୍ତୁ ଦୀର୍ଘ ୩୧ ବର୍ଷ ଭୁବନେଶ୍ୱରରେ କଟାଇଥିବାରୁ ଛତ୍ରପୁରର ସାହିତ୍ୟିକ ବା – ସାହିତ୍ୟବିମୁଖ – ପାଣିପାଗ ମୋତେ ସହଜରେ ଆରେଇଲା ନାହିଁ । ଗଛଟିଏ ବଡ଼ ହୋଇଯିବା ପରେ ଚେର ସହିତ ତାକୁ ଉପାଡ଼ି ଆଣି ଅନ୍ୟ ଗୋଟିଏ ସ୍ଥାନରେ ରୋପିଲେ ପୁଣି ନୂଆ ମାଟିରେ ଚେର ଲାଗିବାକୁ ଢ଼େର ସମୟ ଲାଗିବା ସ୍ୱାଭାବିକ । ଏପରି ପରିସ୍ଥିତିରେ ପଡ଼ି ମୁଁ ଛତ୍ରପୁର ଅବସ୍ଥାନ କାଳରେ ପୀତାମ୍ବର ଦାସଙ୍କ ବିଷୟରେ ତଥ୍ୟ ସଂଗ୍ରହ କରି ଏକ ପୁସ୍ତିକା ପ୍ରକାଶ କରି ମୋର ପୁରୁଣା ଅଭିଳାଷକୁ ସାକାର କରାଇବା ପାଇଁ ଆଗ୍ରହୀ ହେଲି । ଫଳ ଏ ପୁସ୍ତିକା ।

ଉଚ୍ଚାଙ୍ଗ ସମାଲୋଚନା କି ଗହନ ଗବେଷଣା ଏହି ରଚନାଟିର ଲକ୍ଷ୍ୟ ନୁହେଁ, କାରଣ ଏହା 'ସାଧାରଣ' ପାଠକବର୍ଗଙ୍କ ପାଇଁ ଅଭିପ୍ରେତ । ଆଉ ମଧ ବିଚାର କଲି ଯେ ପୁସ୍ତିକାଟିର କଳେବର ଡିମାଇ ଆଠ ପେଜି ଶହେ ପୃଷ୍ଠା ମଧରେ ହେବ । ଏହି ପରିସ୍ଥିତିରେ ପୂର୍ବବର୍ତ୍ତୀ ଲେଖକମାନେ ପୀତାମ୍ବର ଦାସଙ୍କ ବିଷୟରେ କରିଥିବା ଆଲୋଚନା ସବୁର ଉଦ୍ଧୃତି ସହ ଉପସ୍ଥାପନ ଓ ବିଶଦ ଚର୍ଚ୍ଚା (ଓ ଆବଶ୍ୟକ ସ୍ଥଳରେ ଯୁକ୍ତିଯୁକ୍ତ ଖଣ୍ଡନମଣ୍ଡନ) କରିବା ଆବଶ୍ୟକ ହୋଇନାହିଁ । ତେବେ ଏହି ପୁସ୍ତିକାରେ ସନ୍ନିବେଶିତ ହୋଇଥିବା ବିଭିନ୍ନ ତଥ୍ୟ ଓ ପ୍ରତିପାଦିତ ହୋଇଥିବା ବିଭିନ୍ନ ସିଦ୍ଧାନ୍ତର ସମର୍ଥନରେ ପ୍ରମାଣମାନ ମଧ ଉପସ୍ଥାପିତ ହୋଇଛି । ତେଣୁ ଏହାର ପାଠକମାନେ ଯଦି କିଛି ପୂର୍ବ ପ୍ରଚଳିତ ମତର ବିରୋଧ ଏଠାରେ ଲକ୍ଷ୍ୟ କରନ୍ତି ତେବେ ଏପରି ବିରୋଧର ଯୁକ୍ତିଯୁକ୍ତତାକୁ ମଧ ସାମାନ୍ୟ ଅନୁସନ୍ଧାନ କଲେ ଏହି ପୁସ୍ତିକାରୁ ଠଉର କରିପାରିବେ ବୋଲି ଭାବୁଛି ।

ବଜାରରେ ନୃସିଂହ-ପୁରାଣର ଦ୍ୱିବିଧ ମୁଦ୍ରିତ ସଂସ୍କରଣର ପ୍ରସାର ଘଟିଛି । ଗୋଟିଏ ସଂସ୍କରଣ ରାଧାରମଣ ପୁସ୍ତକାଳୟ ଦ୍ୱାରା ଓ ଅନ୍ୟଟି ଧର୍ମଗ୍ରନ୍ଥ ଷ୍ଟୋର ଦ୍ୱାରା ପ୍ରକାଶିତ ହୋଇଛି । ଦୁଇଟି ଯାକ ସଂସ୍କରଣର ପାଠ ସୁସମ୍ପାଦିତ ନୁହେଁ । ଏ ଦୁଇ ପ୍ରକାର ପାଠ ମଧରେ ଅଳ୍ପ କିଛି ତାରତମ୍ୟ ରହିଛି କିନ୍ତୁ ତାହା ସବୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଗୁରୁତ୍ୱପୂର୍ଣ୍ଣ କିଛି ତାରତମ୍ୟ ଥିବା ପାଠ ତାଳପତ୍ର ପୋଥି ଆକାରରେ ରହିଛି । ମୋର ବିଶ୍ୱାସ କବି ସ୍ୱୟଂ ପୁରାଣର ପୁନର୍ଲେଖନ କରିବା ଅବସରରେ ସାମାନ୍ୟ ଅଦଳବଦଳ, ଯୋଗବିଯୋଗ କରିଛନ୍ତି । ପାଠକମାନେ ସୁବିଧାରେ ପାଇପାରିବେ ବୋଲି ଏହି ପୁସ୍ତିକାରେ ସଂପ୍ରତି ବଜାରରେ ସୁଲଭ ଧର୍ମଗ୍ରନ୍ଥ ଷ୍ଟୋର ଦ୍ୱାରା ପ୍ରକାଶିତ ନୃସିଂହ ପୁରାଣର ନୂତନ ମୁଦ୍ରଣରୁ ଉଦ୍ଧୃତି ଓ ତଥ୍ୟାବଳି ଦିଆଯାଇଛି । ଆବଶ୍ୟକ ନ ହେଲେ ଅନ୍ୟ ପାଠ ବିଷୟ ଲେଖା ହୋଇନାହିଁ । ନୃସିଂହ-ପୁରାଣର ଉଦ୍ଧୃତି (ବା ତଥ୍ୟ) ଦିଆଯାଇଥିବା କ୍ଷେତ୍ରରେ ଗ୍ରନ୍ଥର ନାମ ଲେଖା ନଯାଇ ପରବର୍ତ୍ତୀ ଚନ୍ଦ୍ର ବନ୍ଧନୀ ମଧରେ ପ୍ରଥମେ ନୃସିଂହ-ପୁରାଣର ସାଗର (ବା ରତ୍ନାକର)ର ସଂଖ୍ୟା ଓ ତୀର୍ଯ୍ୟକ୍ ରେଖା ଦେଇ ତାହାର ପୃଷ୍ଠା ସଂଖ୍ୟା ସୂଚାଇ ଦିଆଯାଇଛି । ଆଶ୍ରୟ ନିଆଯାଇଥିବା ଅନ୍ୟାନ୍ୟ ଗ୍ରନ୍ଥର ନାମାଦି ପରିଚୟ ଓ ପୃଷ୍ଠା ସଂଖ୍ୟା ଯଥାସ୍ଥଳରେ ସୂଚାଇ ଦିଆଯାଇଛି ।

ପୁସ୍ତିକାଟିର ପ୍ରକାଶପାଇଁ ରାଉରକେଲାର ବିଶିଷ୍ଟ ସାଂସ୍କୃତିକ ଅନୁଷ୍ଠାନ 'ପ୍ରଗତି ଉତ୍କଳ ସଂଘ' ମୋର ବନ୍ଧୁ ଡଃ ଭାବଗ୍ରାହୀ ମିଶ୍ରଙ୍କ ପ୍ରେରଣାରେ, ଆଗ୍ରହ ପ୍ରକାଶ କରିଥିବାରୁ ସେମାନଙ୍କୁ ସାଧୁବାଦ ଜଣାଉଛି ।

●

*ପ୍ରଥମ ଅଧ୍ୟାୟ*

# ଜନ୍ମ ସ୍ଥାନ ଓ ସମୟ

**ଜନ୍ମ ସ୍ଥାନ :**

ଗଞ୍ଜାମ ଜିଲ୍ଲାର ଛତ୍ରପୁର ସବ୍‌ଡ଼ିଭିଜନ୍ ଅନ୍ତର୍ଗତ ପ୍ରାଚୀନ ପୂର୍ବଖଣ୍ଡ ତାଲୁକାର ଗୋଟିଏ ଛୋଟ ଗାଁ ତଅର (ଆଧୁନିକ ଉଚ୍ଚାରଣ ତହର) । ଏହି ଗାଁର ଗୋଟିଏ ଦରିଦ୍ର ବ୍ରାହ୍ମଣ ପରିବାରରେ ପୀତାମ୍ବର ଜନ୍ମ ଗ୍ରହଣ କରିଥିଲେ । ଗାଁଟି ରଷିକୁଲ୍ୟା ନଦୀର ଦକ୍ଷିଣ ତଟବର୍ତ୍ତୀ ଓ ବ୍ରହ୍ମପୁରଠାରୁ ଆସିକା ମଧ୍ୟରେ ରାଜ୍ୟ-ରାଜପଥ ସଂ ୭ରେ ଅବସ୍ଥିତ ହିଞ୍ଜିଳି ସହରର ଉତ୍ତର ଦିଗରେ, ମାତ୍ର ୬ କିଲୋମିଟର ଦୂରରେ ଅବସ୍ଥିତ । ଜଣାଯାଏ, ଶ୍ରୀକ୍ଷେତ୍ର ପୁରୀଠାରୁ ଚିଲିକା, ଖଲିକୋଟ, କୋଦଳା, ଆଠଗଡ଼ପାଟଣା ଦେଇ ଯେଉଁ ପ୍ରାଚୀନ ପଥ ଦକ୍ଷିଣାଭିମୁଖେ ଖେମୁଣ୍ଡି ରାଜ୍ୟ ଆଡ଼କୁ ଯାଇଥିଲା ତାହା ଏହି ଗାଁ ନିକଟରେ ରଷିକୁଲ୍ୟା ନଦୀକୁ ଅତିକ୍ରମ କରୁଥିଲା । ଲୋକେ ଏହିଠାରେ ସାଧାରଣ ଅବସ୍ଥାରେ ଚାଲିଚାଲି କିନ୍ତୁ ନଦୀରେ ଅଧିକ ପାଣି ଥିବାବେଳେ ନୌକାରେ ନଦୀ ପାର ହେଉଥିଲେ । ନଦୀ ପାର ହେବା ସ୍ଥାନ ଯୋଗୁଁ ସ୍ଥାନଟିର ନାମ ହେଲା 'ତର' (ତରଣ ସ୍ଥାନ ବା ପାରଘାଟ) ଓ ସେଠାରେ ଗଢ଼ି ଉଠିବା ଗାଁଟି 'ତଅର' (ଆଦ୍ୟ ତକାରର ଦୀର୍ଘୀକୃତ ଉଚ୍ଚାରଣ ଜନିତ) ଗାଁ ବୋଲାଇଲା ବୋଲି ଅନୁମିତ ହୁଏ । ଅଷ୍ଟାଦଶ ଶତାବ୍ଦୀରେ ରଚିତ ଚମ୍ପୂକାବ୍ୟ ଗଙ୍ଗବଂଶାନୁଚରିତମ୍‌ର ନାୟକ-ନାୟିକା ଏହି ନିକଟରେ ପୁଣ୍ୟତୋୟା ରଷିକୁଲ୍ୟା ନଦୀ ପାର ହୋଇଥିବା ବର୍ଣ୍ଣନା ସେହି କାବ୍ୟରେ (ସପ୍ତମ ପରିଚ୍ଛେଦରେ) ରହିଛି । ରଷିକୁଲ୍ୟା ନଦୀ ଗଞ୍ଜାମ ଜିଲ୍ଲାର ମୁଖ୍ୟ ନଦୀ ଓ ଏହା ଗୋଟିଏ ପବିତ୍ରନୀରା ନଦୀ ଭାବରେ ପରମ୍ପରାକ୍ରମେ ଗୃହୀତ ହୋଇଆସୁଛି । ପୀତାମ୍ବର ଦାସ ମଧ୍ୟ ରଷିକୁଲ୍ୟା ନଦୀକୁ ଏକ ତୀର୍ଥ ଭାବରେ ପରିଗଣନା କରିଛନ୍ତି (୧।୧୮୮) ।

ପୀତାମ୍ବର ନିଜର ଗ୍ରାମର ନାମଟିକୁ କେଉଁଠି ଲେଖିନାହାନ୍ତି । ତାଙ୍କର ନିବାସ ସ୍ଥାନଟି ଶ୍ରୀକ୍ଷେତ୍ର (ପୁରୀ) ଠାରୁ ୧୨ ଯୋଜନ (ଅର୍ଥାତ୍ ପ୍ରାୟ ୧୭୪ କିଲୋମିଟର) ଦୂରରେ ରଷିକୁଲ୍ୟା ନଦୀର ତୀରରେ ଥିବା କଥା ମାତ୍ର ସେ ଜଣାଇଛନ୍ତି (୧।୯୮)

ରଷିକୁଲ୍ୟା ତୀରେ ମୋର ନବର ଆଖଡ଼ା
ଶ୍ରୀକ୍ଷେତ୍ର ମଣ୍ଡଳକୁ ସେ ବାର ଯୁଣ ଛଡ଼ା ।।

ପୀତାମ୍ବର ନିଜର ବାସସ୍ଥାନକୁ ଆଖଡ଼ା ଓ ନବର ବୋଲି କହିବା ତାତ୍ପର୍ଯ୍ୟପୂର୍ଣ୍ଣ ବୋଧହୁଏ । ସେ ଜଣେ ଗୃହୀ ବୈଷ୍ଣବ ଭାବରେ କାଳାତିପାତ କରୁଥିଲେ ଓ ତାଙ୍କ ନିବାସ ସ୍ଥାନଟି ମଠ ବୋଲାଉଥିଲା । ପୁରୀରେ ଓ ଭାରତର ଅନ୍ୟାନ୍ୟ ବହୁ ତୀର୍ଥକ୍ଷେତ୍ରରେ କେତେକ ମଠ ଆଖଡ଼ା ନାମରେ ଅଭିହିତ ହୁଅନ୍ତି । 'ନଗର' ଶବ୍ଦଜ ନବର ବା ନଅର ରଜାଘର ଉଆସ ଅର୍ଥବୋଧକ । କବି ନିଜର ଦରିଦ୍ର କୁଟୀରକୁ ବ୍ୟାଜସ୍ତୁତିରେ ଏପରି ବର୍ଣ୍ଣିଥାଇ ପାରନ୍ତି । ଅନ୍ୟତ୍ର କବି ସ୍ପଷ୍ଟ କରି ଦେଇଛନ୍ତି ଯେ ତାଙ୍କର ଘର ଋଷିକୁଲ୍ୟ ନଦୀ ତୀରବର୍ତ୍ତୀ ଓ ସେ ଋଷିକୁଲ୍ୟା ନଦୀତଟରେ ନୃସିଂହ-ପୁରାଣ ରଚନା କରୁଥିଲେ ।

ବୋଇଲେ ଋଷିକୁଲ୍ୟା ନଦୀ ତୀରେ ଯାଅ ।
ବିପ୍ର ପୀତାମ୍ବର ତହିଁ କରିଅଛି ଗୃହ ।। (୭/୧୧୭)
ଲେଖିଲି ମୁଁ ଏହି ଗ୍ରନ୍ଥ ଋଷିକୁଲ୍ୟା ତଟେ । (୧/୧୯୧)
ଲେଖେ ଋଷିକୁଲ୍ୟା ତୀରେ ବିପ୍ର ପୀତାମ୍ବର । (୭/୨୧୩)

ପୀତାମ୍ବରଙ୍କ ପୌତ୍ର ଗୌରାଙ୍ଗ 'ଦାମୋଦର ପୁରାଣ'ର ଶେଷରେ ପୀତାମ୍ବରଙ୍କ ଗ୍ରାମର ନାମ ଓ ଅନ୍ୟାନ୍ୟ ବିବରଣ ଅଧିକ ସ୍ପଷ୍ଟ ଭାବରେ ଜଣାଇଛନ୍ତି –

ମୋହର ଜନ୍ମ କ୍ଷେତ୍ର କହୁଛି ଏବେ ଶୁଣ ।
ଯେବଣ ସ୍ଥାନେ ଧାତା ଦେଇଛି ଆଶ୍ରମ ।।
ଜମ୍ବୁଦ୍ୱୀପ ଭ୍ରତଖଣ୍ଡ ସାରସ୍ୱତ ଭୂମି ।
ମଧ୍ୟ କଳିଙ୍ଗ ଦେଶ ଦକ୍ଷିଣ ପ୍ରସ୍ତାମି ।।
ଉତ୍କଳ ଦେଶ-ସୀମା ଅଳପ ତଡ଼ାନ୍ତ ।
କଳିଙ୍ଗ ଦେଶର ଉତ୍ତର ପ୍ରଶସ୍ତ ।।
ନୀଳାଞ୍ଚଳକୁ ପଥ ଦ୍ୱାଦଶ ଯୁଣ ଛଡ଼ା ।
ଋଷିକୁଲ୍ୟା ନଦୀତଟେ ଆଶ୍ରମ ମୋର ତଡ଼ା (ଛିଡ଼ା ?) ।।
ପୂର୍ବଖଣ୍ଡ ପରଗଣା ତହୁଁର ବୋଲି ଗ୍ରାମ ।
ପିତୃପିତାଙ୍କ କାଳୁ ମୋ ତହିଁରେ ଆଶ୍ରମ ।।
ଶ୍ରୀ ରାଧା-ଦାମୋଦର ଅଟନ୍ତି ମୋର ଇଷ୍ଟ ।
ବିଜେ ପ୍ରତିମା ସ୍ଥାପି ମୁଁ ବାନ୍ଧି ଅଛି ମଠ ।।
ପିତୃପିତାମହେ ମୋର ସେ ସ୍ଥାନରେ ଥାଇ ।
ପରମଗତି ପାଇଲେ ସେ ଦାମୋଦ୍ର ମନ୍ତ୍ର ଧ୍ୟାଇ ।।
ମୋର ପିତୃପିତା ନାମ ଅଟଇ ପୀତାମ୍ବର ।
ସେହୁ ଲେଖିଲେ ନୃସିଂହ-ପୁରାଣ ଗ୍ରନ୍ଥସାର ।।

ଗୌରାଙ୍ଗଙ୍କର 'ପିତୃପିତା କାଳୁ ମୋ ତହିଁରେ ଆଶ୍ରମ' ଉକ୍ତିରୁ ତାହାଙ୍କର ପିତୃପିତା ('ପିତୃପିତା ନାମ ଅଟେ ପୀତାମ୍ବର') ଅର୍ଥାତ୍ ପିତାମହ ହିଁ ଅନ୍ୟ କୌଣସି ସ୍ଥାନରୁ ତଅରକୁ ଉଠି ଆସି ସେଠାରେ ବସତି ସ୍ଥାପନ କରିଥିଲେ ବୋଲି ଅନୁମାନ କରାଯାଇ ପାରନ୍ତା,

କିନ୍ତୁ ଗୌରାଙ୍ଗ ନିଜେ 'ଦାମୋଦର ପୁରାଣ'ର ଚତୁର୍ଥ ଖଣ୍ଡ ଶେଷରେ ଜଣାଇଛନ୍ତି ଯେ ତାଙ୍କର ପୂର୍ବବର୍ତ୍ତୀ ସପ୍ତପୁରୁଷ ସେହି ସ୍ଥାନରେ ହିଁ ରହି ଆସିଥିଲେ –

ଋଷିକୁଲ୍ୟା ନଦୀତୀର୍ଥ ଦକ୍ଷିଣତଟ କତି ॥
ସପତ ପୁରୁଷ ତହିଁ ବାସ ମୋ କରିଥିଲେ ।
ବିଷ୍ଣୁ ମହିମା ଗାଇ ଦିନକୁ ବଞ୍ଚିଗଲେ ॥

ପୀତାମ୍ବର ମଧ୍ୟ ସ୍ପଷ୍ଟଭାବରେ ଜଣାଇଛନ୍ତି ଯେ ତାଙ୍କର ପୂର୍ବ ସାତପୁରୁଷ ସେହି ସ୍ଥାନରେ ହିଁ ରହି ଆସିଥିଲେ–

ମୁହିଁ ବିପ୍ର ପୀତାମ୍ବର ଅଟେ ନରାଧମ ।
ଋଷିକୁଲ୍ୟା ନଦୀ ତଟେ ଅଟେ ମୋର ଗ୍ରାମ ॥
ଗଲାଣି ସପ୍ତପୁରୁଷ ବୈଷ୍ଣବ ମତରେ ।
ରହିଛି ମୁଁ ମଠବାନ୍ଧି ଋଷିକୁଲ୍ୟା ତୀରେ ॥ (୪/୧୬୦)

× × ×

ଋଷିକୁଲ୍ୟା ନଦୀତୀରେ ଅଟେ ମୋର ମଠ ।
ପିତୃପିତାମାତା ଗଲେ ଏଥି ସାତ ପାଟ ॥ (୪/୧୮୭)

ଗୌରାଙ୍ଗ ତାଙ୍କ ଗ୍ରାମର ଅବସ୍ଥିତି ପ୍ରାଚୀନ ଦକ୍ଷିଣପ୍ରସ୍ଥାମି (ଦକ୍ଷିଣାପଥ ବା ଦାକ୍ଷିଣାତ୍ୟ)ର କଳିଙ୍ଗ ଦେଶର ମଧ୍ୟଭାଗରେ ବୋଲି ସୂଚାଇଛନ୍ତି । ସେ ଆଉ ମଧ୍ୟ କହିଛନ୍ତି ଯେ ତାଙ୍କ ଗ୍ରାମଟି କଳିଙ୍ଗ ଦେଶର ଉତ୍ତର ପ୍ରସ୍ଥରେ ଉତ୍କଳ ଦେଶର ସୀମା ତଳରେ ଅବସ୍ଥିତ । ଏ ଦୁଇ କଳିଙ୍ଗ ଦେଶ ଇତିହାସର ଏକା ସମୟର ନୁହନ୍ତି । ପ୍ରଥମୋକ୍ତ କଳିଙ୍ଗ ଅଶୋକ-ଖାରବେଳଙ୍କ ଯୁଗର ଓ ଶେଷୋକ୍ତ କଳିଙ୍ଗ ଚୋଡ଼ଗଙ୍ଗଙ୍କ ପୂର୍ବପୁରୁଷ ଗଙ୍ଗରାଜାମାନଙ୍କ ସମୟର । ପୂର୍ବଖଣ୍ଡ ଶେଷୋକ୍ତ କଳିଙ୍ଗର ପୂର୍ବଦିଗସ୍ଥ ଏକ ଖଣ୍ଡ ବା ଅଞ୍ଚଳ ଥିଲା । ଏହି କଳିଙ୍ଗର ଉତ୍ତର ଖଣ୍ଡ, ପଶ୍ଚିମ ଖଣ୍ଡ ଓ ଦକ୍ଷିଣ ଖଣ୍ଡ ନାମଧେୟ ଅଞ୍ଚଳଗୁଡ଼ିକ ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାର ଅନ୍ତର୍ଗତ । ଋଷିକୁଲ୍ୟା ନଦୀ ଏକଦା ଉତ୍କଳ ଓ କଳିଙ୍ଗର ସୀମା ନିର୍ଦ୍ଦେଶ କରି ପ୍ରବାହିତ ହେଉଥିଲା । ବ୍ରହ୍ମାଣ୍ଡ ପୁରାଣର ଗୋଟିଏ ପାଠ ଅନୁସାରେ – 'ଋଷିକୁଲ୍ୟା ସମାସାଦ୍ୟ ଯାବଦ୍ ଝଞ୍ଜାବତୀ ନଦୀ, କଳିଙ୍ଗ ଦେଶ ପ୍ରଖ୍ୟାତଃ' । କୋରାପୁଟ ଜିଲ୍ଲାରେ ପ୍ରବାହିତ ନାଗାବଳୀ ନଦୀର ଏକ ଶାଖା ହେଉଛି ଝଞ୍ଜାବତୀ । ତଅର ଗ୍ରାମଟି ଋଷିକୁଲ୍ୟାର ଦକ୍ଷିଣ ତଟବର୍ତ୍ତୀ ହୋଇଥିବାରୁ ଗୌରାଙ୍ଗ ତାହା ଉତ୍କଳ ଦେଶ ସୀମା ଓ କଳିଙ୍ଗର ଉତ୍ତରପ୍ରସ୍ଥ ବୋଲି ଜଣାଇଛନ୍ତି ।

ଆଧୁନିକ ଗଞ୍ଜାମ ଜିଲ୍ଲା ପୂର୍ବତନ ଜମିଦାରି ଅଞ୍ଚଳରେ ପରିପୂର୍ଣ୍ଣ । କେବଳ ତାହାର ପୂର୍ବଖଣ୍ଡ ତାଲୁକା (ପରଗଣା) ନାମକ ଋଷିକୁଲ୍ୟା ନଦୀର ତଳ ମୁଣ୍ଡରେ ଥିବା କ୍ଷୁଦ୍ର ଅଞ୍ଚଳ ଅଣଜମିଦାରି ଖାସ ଅଞ୍ଚଳ ଥିଲା । ତଅର ଗାଁଟି ପୂର୍ବଖଣ୍ଡ ତାଲୁକାର ପଶ୍ଚିମ ସୀମା ନିକଟବର୍ତ୍ତୀ । ପୂର୍ବଖଣ୍ଡଟି ଖାସ୍ ଅଞ୍ଚଳ ହୋଇଥିବାରୁ ସେଠାରେ କେହି ରାଜା ନଥିଲେ । ବୋଧହୁଏ, ସେଥିଯୋଗୁଁ କବି ଠାଏଁ ଲେଖିଛନ୍ତି 'ନୁହେଁ ରାଜାର ମୁଁ ପ୍ରଜା' (୪/୧୭୧) ।

ପୀତାମ୍ବରଙ୍କ ଜୀବନକାଳ ମଧ୍ୟରେ ଏହି ଅଞ୍ଚଳର ଶାସନ ନିଜାମଙ୍କ ଚିକାକୋଲ (ଆଧୁନିକ ଶ୍ରୀକାକୁଳମ୍)ସ୍ଥିତ ଫୌଜଦାରଙ୍କ କର୍ତ୍ତୃତ୍ୱରୁ କିଛି ବର୍ଷ ପାଇଁ ଫରାସୀ କମ୍ପାନୀ ହାତକୁ ଯାଇ ଶେଷରେ ୧୭୬୭ରୁ ଇଂରାଜି କମ୍ପାନୀ ହାତକୁ ଆସିଥିଲା । ଇଂରାଜିମାନେ ଋଷିକୁଲ୍ୟା ମୁହାଣ ପାଖ ବ୍ୟବସାୟ କେନ୍ଦ୍ର ଗଞ୍ଜାମଠାରେ ଜିଲ୍ଲାର ଶାସନର ସଦର କାର୍ଯ୍ୟାଳୟ ଅବସ୍ଥାପିତ କରିବାରୁ ସେହିଠାରୁ ଜିଲ୍ଲାର ନାମ ଗଞ୍ଜାମ ଜିଲ୍ଲା ହେଲା ।

ତଅର ଗାଁ ଚାରିପଟେ ଅନେକଗୁଡ଼ିଏ ସାଂସ୍କୃତିକ ସ୍ମୃତିଜଡ଼ିତ ଗାଁ ରହିଛି । ଡିଞ୍ଜିଳି ହେଉଛି ରାମଚନ୍ଦ୍ର ବିଳାସ, ସୀତେଶ ବିଳାସ, ଶ୍ରୀନିବାସ ଦୀପିକା (ପଦ୍ୟାନୁବାଦ) ଆଦି ବହୁତ ଗ୍ରନ୍ଥର ପ୍ରଣେତା କବିଚନ୍ଦ୍ର ଭୁବନେଶ୍ୱର ପାଠୀଙ୍କର ପୀଠ । ହିଞ୍ଜିଳିଠାରୁ ୧୦ କିଲୋମିଟର ଦୂରସ୍ଥ କରାଖଣ୍ଡି ଗ୍ରାମଟି 'ରଘୁନାଥ କୀର୍ତ୍ତନ'ର ପ୍ରଖ୍ୟାତ କବି ନରସିଂହ ଦାସ (୧୮୪୯-୧୯୧୯)ଙ୍କର ଜନ୍ମ ଓ କର୍ମଭୂମି । ହିଞ୍ଜିଳି ଓ ତଅର ମଝାମଝି ଖଣ୍ଡରା ଗ୍ରାମ ଦାସକାଠିଆ ଲୋକନାଟ୍ୟର ଗୁରୁ ଗାୟକରତ୍ନ କୃଷ୍ଣଚନ୍ଦ୍ର ସାହୁଙ୍କ ଗାଁ । ତଅରର ପଶ୍ଚିମ ସୀମାକୁ ଲାଗି, ଋଷିକୁଲ୍ୟାର ସେହି ଦକ୍ଷିଣ ତଟରେ ରହିଛି ସୁପ୍ରାଚୀନ ଗ୍ରାମ ପିତଳ, ଯାହାର ଉଲ୍ଲେଖ ଗଙ୍ଗବଂଶାନୁଚରିତମ୍‌ରେ ରହିଛି । ଋଷିକୁଲ୍ୟାର ଠିକ୍ ଆର ତଟରେ ରହିଛି ବ୍ରାହ୍ମଣଛାଇ, କବିଚନ୍ଦ୍ର ହନୁମାନ ରାୟଗୁରୁ (୧୮୨୭-୧୮୯୧) ଓ ତାଙ୍କର ସୁପୁତ୍ର କବି ଗୋବିନ୍ଦ ରାୟଗୁରୁ (୧୮୬୧-୧୯୦୧)ଙ୍କର ଗ୍ରାମ । ଗୌରାଙ୍ଗ ତାଙ୍କ ଦାମୋଦର ପୁରାଣରେ ତାଙ୍କ ଅଞ୍ଚଳକୁ 'ସାରସ୍ୱତ ଭୂମି' ଆଖ୍ୟାରେ ପରିଚିତ କରାଇଥିବାର ତାତ୍ପର୍ଯ୍ୟ ଏହି ଦୃଷ୍ଟିରୁ ଚିନ୍ତନୀୟ । ଏତାଦୃଶ ସାଂସ୍କୃତିକ ସ୍ମୃତିଜଡ଼ିତ ଅଞ୍ଚଳର ଅଗ୍ରଜ କବି ହେଉଛନ୍ତି ନୃସିଂହ ପୁରାଣକାର ପୀତାମ୍ବର ଦାସଙ୍କ ପୂର୍ବଜ କବି-ପଣ୍ଡିତ ବଂଶଧରମାନେ ।

**ଜନ୍ମ ସମୟ ଓ ଗ୍ରନ୍ଥରଚନା କାଳ**

କବି ପୀତାମ୍ବର ଦାସ ନୃସିଂହ-ପୁରାଣର ରଚନାକାଳ ଓ ସେତେବେଳକୁ ତାଙ୍କ ବୟସର ସୂଚନା ଦେଇଛନ୍ତି । ଏଥିରୁ ତାଙ୍କ ଜନ୍ମ ସମୟ ନିଃସନ୍ଦେହ ଭାବରେ ଗଣନା କରାଯାଇପାରୁଛି ।

ପୀତାମ୍ବର ବାଗ୍‌ଦେବୀ ଶାରଦାଙ୍କ ବରପ୍ରସାଦ ଲାଭକରି ନୃସିଂହ-ପୁରାଣ ରଚନା କରି ପାରିଥିବା କଥା ଜଣାଇଛନ୍ତି । ଏହି ବର ସେ ସ୍ୱପ୍ନରେ ଲାଭ କରିଥିବା ଓ ସେତେବେଳକୁ ବୀରକେଶରୀ ଦେବଙ୍କ ରାଜତ୍ୱ ଚାଲୁଥିବା ବିଷୟ ସେ ଜଣାଇଛନ୍ତି –

ବୀରକେଶରୀ ନୃପତି ରାଜୁତିର କାଳେ ।
ଶାରଦାଙ୍କୁ ପଠାଇଲେ ପ୍ରଭୁ ଆଦିମୂଳେ ।।
ବୋଇଲେକ ଋଷିକୁଲ୍ୟା ନଦୀ ତୀରେ ଯାଅ ।
ବିପ୍ର ପୀତାମ୍ବର ତହିଁ କରିଅଛି ଗୃହ ।।
ତାକୁ ତୁମ୍ଭେ ଶୀଘ୍ର ଯାଇ ବର ଦେଇ ଆସ ।
ନୃସିଂହ-ପୁରାଣ ସେହି କରିବ ପ୍ରକାଶ ।।
ଏହା ଶୁଣି ସରସ୍ୱତୀ ଆଜ୍ଞା ପରମାଣେ ।
ସ୍ୱପନରେ ଆସି ମୋତେ କହିଲେ ତକ୍ଷଣେ ।। (୭/୧୧୭)

ଏହି ସ୍ୱପ୍ନାଦେଶର ଦିନବାର ମଧ୍ୟ କବି ନିର୍ଦ୍ଦିଷ୍ଟ ଭାବରେ ଜଣାଇଛନ୍ତି । ତାହା ଥିଲା ବୀରକେଶରୀ ଦେବଙ୍କ ୩୨ ଅଙ୍କ ସିଂହ (ଭାଦ୍ରବ) ମାସ ଶୁକ୍ଲପକ୍ଷର ପଞ୍ଚମୀ ତିଥି, ସୋମବାର –

ଏମନ୍ତେ ଆକୁଳ ମନେ କରନ୍ତେ ମୁଁ ଧ୍ୟାନ ।
ରାତ୍ରେ ବାକ୍ୟ ଦେବୀ ମୋତେ ହୋଇଲେ ପ୍ରସନ୍ନ ।।
ବୀରକେଶରୀ ଦେବଙ୍କ ବତିଶ ଅଙ୍କରେ ।
ସିଂହ ମାସ ଶୁକ୍ଲପକ୍ଷ ପଞ୍ଚମୀ ତିଥିରେ ।।
ସୋମବାର ହୋଇଥିଲା ଆସିଣ ସେ ଦିନ ।
ମୋ ଆଗରେ ଉଭା ହୋଇ ବୋଇଲେ ଏସନ ।।
ନୃସିଂହ-ପୁରାଣ ଗ୍ରନ୍ଥ କର ତୁହି ଏବେ ।
ଶୁଣି ପଢ଼ି ସର୍ବଜନ ପାପୁଁ ମୁକ୍ତ ହେବେ ।। (୧/୩)

ଏହି ବୀରକେଶରୀ ଦେବ, ଯେ କି ବୀରକିଶୋର ଦେବ ନାମରେ ମଧ୍ୟ ପରିଚିତ, ଖୋରଧାର ରାଜା ପ୍ରଥମ ବୀରକେଶରୀ ଦେବଙ୍କୁ ହିଁ ବୁଝାଉଛି, କାରଣ ପରବର୍ତ୍ତୀ ବୀରକେଶରୀ ଦେବ ଦ୍ୱୟଙ୍କ ବତିଶ ଅଙ୍କ କଟା ହୋଇନାହିଁ । ଦ୍ୱିତୀୟ ବୀରକେଶରୀ ଦେବ ୧୮୫୫ରୁ ମାତ୍ର ଚାରି ବର୍ଷ ଓ ତୃତୀୟ ବୀରକେଶରୀ ଦେବ ୧୯୫୭ରୁ ମାତ୍ର ଚଉଦ ବର୍ଷ ରାଜଗାଦିରେ ଥିଲେ । ପ୍ରଥମ ବୀରକେଶରୀ ଦେବଙ୍କ ଅଙ୍କଗଣନା ୧୭୩୬ରୁ ଆରମ୍ଭ ହୋଇଛି । ଶ୍ରୀ କେଦାରନାଥ ମହାପାତ୍ର 'ଖୁରୁଧା ଇତିହାସ'ରେ ଗଣନା କରିଛନ୍ତି ଯେ ବୀରକେଶରୀ ଦେବଙ୍କ ୩୨ ଅଙ୍କ ୧୭୬୧ ମସିହା ସେପ୍ଟେମ୍ବର ୧୧ ତାରିଖ ସୁନିଆଁଠାରୁ ୧୭୬୨ ଅଗଷ୍ଟ ୩୦ ତାରିଖ ଭାଦ୍ରବ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ରହିଥିଲା । ଏହି ଅଙ୍କର ସିଂହ (ଭାଦ୍ରବ) ଶୁକ୍ଳ ପଞ୍ଚମୀ ୧୭୬୨ ମସିହା ଅଗଷ୍ଟ ୨୩ ତାରିଖ ଅପରାହ୍ଣରୁ ଆରମ୍ଭ ହୋଇଥିଲା । ସେହିଦିନଟି ଥିଲା ସୋମବାର । ତେଣୁ ନୃସିଂହ-ପୁରାଣ ରଚନା ୨୩.୮.୧୭୬୨ ତାରିଖ ରାତି ପରେ ପରେ ଆରମ୍ଭ ହୋଇଥିବା ଜଣାପଡୁଛି ।

ନୃସିଂହ-ପୁରାଣ ଲେଖିବା ଆରମ୍ଭ କରିବାବେଳକୁ କବିଙ୍କ ବୟସ ୨୭ବର୍ଷ ଥିବା କଥା ସେ ଜଣାଇଛନ୍ତି –

ସାଧୁଜନମାନେ ମୋର ନ ଘେନିବା ଦୋଷ ।
ଲେଖିବାବେଳେ ବୟସ ମୋର ସତାଇଶ ।। (୧/୧୪୯)

× × ×

ଜନ୍ମରୁ ବାଳୁତ ଭାବେ ବୁଦ୍ଧି ମୋର ଗଲା ।
ବୟସ ଲେଖନ୍ତେ ଦୁଇ ଅଙ୍କେ ସାତ ହେଲା ।। (୨/୪୩)

କବିଙ୍କର ବୟସ ତା୨୩.୮.୧୭୬୨ ବେଳକୁ ୨୭ ବର୍ଷ ହୋଇଥିବା ଯୋଗୁଁ ତାହାଙ୍କର ଜନ୍ମ ୧୭୩୫ରେ ହୋଇଥିବା ସମ୍ଭବ । ତାଙ୍କର ଜନ୍ମ ସମୟଟିକୁ ଅଧିକ ନିର୍ଦ୍ଦିଷ୍ଟ କରିବାପାଇଁ ପ୍ରମାଣ ମିଳୁନାହିଁ ।

ନୃସିଂହ ପୁରାଣ ଲେଖା ନିରବଚ୍ଛିନ୍ନ ଭାବରେ ହୋଇନାହିଁ । ପ୍ରଥମ ସାଗର ରଚନା ସରିବାବେଳକୁ ଶକାବ୍ଦ ୧୬୮୮ ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୧୭୬୬-୬୭ ହୋଇ ଯାଇଥିବା କଥା ଗୋଟିଏ ଅପ୍ରକାଶିତ ପୋଥିପାଠରୁ ଜଣାଯାଉଛି । ଓଡ଼ିଶା ରାଜ୍ୟ ମ୍ୟୁଜିଅମ୍‌ରେ ଥିବା ପୋଥିର ପ୍ରଥମ ରତ୍ନାକରର ଶେଷଆଡ଼କୁ ଲେଖାଅଛି –

ହେ ସୁଜ୍ଞଜନମାନେ ଏ ଗ୍ରନ୍ଥ ହେଲା ଯେଉଁଦିନ ।
ଷୋଳଶ ଅଠାଶୀ ଶକାବ୍ଦରେ ଏ ଗ୍ରନ୍ଥ ନିର୍ମାଣ ।।

ଏହା ପ୍ରଥମ ସାଗର ସରିବା ସମୟର ସୂଚନା । ପ୍ରଥମ ସାଗର ଲେଖା ଆରମ୍ଭ ହେବା ଓ ସରିବା ମଧ୍ୟରେ ପ୍ରାୟ ଚାରି ବର୍ଷର ବ୍ୟବଧାନ । ପ୍ରଥମ ସାଗର ଲେଖା ସରିବା ପରେ ଦ୍ୱିତୀୟ ସାଗର ରଚିତ ହେଲା । ସେତେବେଳକୁ ତାଙ୍କୁ ବୟସ ୩୨ ବର୍ଷ ହୋଇଥିବା କଥା ସେ ଜଣାଇଛନ୍ତି –

କି ରୂପରେ ପରକୃତ କରିବି ଲେଖନ ।
ଏହି କଥା ଭାଳୁଭାଳୁ ଗଲା ମୋର ଦିନ ।।
କହୁ କହୁ କାଳ ମୋର ହେଲା ଆସି ଶେଷ ।
ପୁରାଣ ବେଳକୁ ମୋତେ ବୟସ ବତିଶ ।। (୨/୧୬୨)

ସାତ ଖଣ୍ଡବିଶିଷ୍ଟ ନୃସିଂହ-ପୁରାଣର ଗୋଟିଏ ମାତ୍ର ଖଣ୍ଡ (ସାଗର) ସାରିବାକୁ କବିଙ୍କୁ ଦୀର୍ଘ ଚାରି ବର୍ଷ ଲାଗିଗଲା* । ଲେଖାର ଅଗ୍ରଗତି ମନ୍ଥର ହେବାର କାରଣ ଏହି ପୁରାଣର ମୌଳିକତା । ନୃସିଂହ-ପୁରାଣର ଚରିତ ଅନ୍ୟ କୌଣସି ପୁରାଣର ଅନୁସାରୀ ତ ନୁହେଁ ଅନେକ ସ୍ଥଳେ ପୂର୍ବେ ପ୍ରଚାରିତ ପୌରାଣିକ ଆଖ୍ୟାନର ବିରୁଦ୍ଧ ମଧ୍ୟ । ଧର୍ମବିଶ୍ୱାସ ସମ୍ପର୍କରେ ଏପରି ନୂତନ କଳ୍ପନା ଜଣେ ଧର୍ମପ୍ରାଣଙ୍କୁ ଶଙ୍କିତ କରାଇବା ସ୍ୱାଭାବିକ । ଏପରି ଶଙ୍କା ମନରେ ଉଦୟ ହୋଇଥିବାରୁ ସେ ଡରିଡ଼ରି ପୁରାଣ ଲେଖୁଥିବା କଥା, ମଝିରେ ମଝିରେ ଲେଖା ବନ୍ଦ କରୁଥିବା କଥା ଓ ରଚନା ଅଟକିଲେ ଦେବୀ ବାରମ୍ବାର ଦେଖାଦେଇ ତାଙ୍କୁ ପୁନର୍ବାର ପ୍ରଚୋଦିତ କରୁଥିବା କଥା ସେ ଅନେକତ୍ର ସୂଚାଇଛନ୍ତି । ପୀତାମ୍ବରଙ୍କର ନବସୃଷ୍ଟିଲିପ୍ସୁ କବି-ଚେତନା ହିଁ ବାକ୍‌ଦେବୀ ରୂପେ ତାଙ୍କୁ ବାରମ୍ବାର ପ୍ରେରଣା ଦେଉଥିବା କଥା ତାଙ୍କର ନିମ୍ନଲିଖିତ ବକ୍ତବ୍ୟସମୂହରୁ ଅନୁମାନ କରାଯାଇପାରେ –

ଡରିଣ ଓଁ ହରି ମୁହିଁ ବସନ୍ତେଣ ଲେଖି ।
ରାତ୍ରେ କହିଲେକ ମୋତେ ଶାରଦା ସୁମୁଖୀ ।।

* ଚତୁର୍ଥ ସାଗର (ପୃ. ୧୭୧)ରେ କବି "ପୁରାଣେ ଗଲା ମୋ ଦିନ ଚୌରାଶି ବତ୍ସର" ବୋଲି ଲେଖିଥିବା ପ୍ରକାଶିତ । 'ଚୌରାଶି'ର ପ୍ରକୃତ ପାଠ ଚୌରାଳ୍‌ଶି ହୋଇପାରେ । ତାହା ହେଲେ ସେତେବେଳକୁ କବିଙ୍କ ବୟସ ୪୪ ବର୍ଷ । ଅଥବା 'ଚୌରାଶି ବତ୍ସର' ପ୍ରକୃତ ପାଠ 'ଚୌଦସଂବତ୍ସର' ହୋଇପାରେ । ତାହା ହେଲେ ସେତେବେଳକୁ କବିଙ୍କ ବୟସ ୪୧ ବର୍ଷ ହେବ ।

ବୋଇଲେ କାହିଁକି ରହିଲୁରେ ତୁନି ହୋଇ ।
ନିନ୍ଦା କରିବେ ବୋଲିକି ଡରୁଛୁରେ ତୁହି ।।
ଏଥକୁ ଭୟ କିଛି ନକର ତୋର ମନେ ।
ଲେଖ ଏ ଗ୍ରନ୍ଥଯାକ ମୋ ଆଜ୍ଞା ପରମାଣେ ।। (୩/୫୨)
ତଥାପି ଡରିଣ ମୁହିଁ ପୁରାଣ ଲେଖନ୍ତେ ।
ସ୍ୱପନେ ଚାପୋଡେ ମାରି ଉଠାଇଲେ ମୋତେ ।।
ବୋଇଲେ ଆଜ୍ଞା ମୋହର ଲେଖ ତୁହି ବେଗେ ।
ନୋହିଲେଟି ପରାଭବ ଦେବି ତୋର ଅଙ୍ଗେ ।। (୧/୧୮୯)

× × ×

ଅଲୌକିକ ଗ୍ରନ୍ଥ ଏହି ନୃସିଂହ-ପୁରାଣ ।
କୃପା କରି ଲେଖାନ୍ତି ତ ମୋତେ ନାରାୟଣ ।।
ନ ଲେଖନ୍ତେ ସେ ବୋଲନ୍ତି ଲେଖ ହେ ବହନ ।।
ସାନକୁ ଯେ ବଡ଼ କରେ ବଡ଼କୁ ଯେ ସାନ ।।
ମୁହିଁ ଯେ ଅନ୍ଧକୁ ପାରେ ଚକ୍ଷୁଦାନ ଦେଇ ।
ଜଡ଼ଲୋକ ମୁଖେ ବାକ୍ୟ ପାରଇ କୁହାଇ ।।
ବଧିରକୁ କର୍ଣ୍ଣଦାନ ଦେଇପାରେ ଏକା ।
ତୁହି କିମ୍ପା ଲେଖିବାକୁ କରୁଅଛୁ ଶଙ୍କା ।। (୩/୧୫୮)

× × ×

ଭୋ ସୁଜ୍ଞଜନେ ମୋହର ଅଟେ ବୁଦ୍ଧି ତୁଚ୍ଛ ।
ଭୟରେ ଲେଖିଛି ମୁହିଁ ବୋଲିବ ବା ମିଛ ।।(୭/୨୨୮)

| | |

ଭାରତୀମାତା ସୁଦୟା କଲେ ମୋତେ ଦେଖ ।
ବୋଲିଲେ ଗ୍ରନ୍ଥକୁ ପୁରା କରି ବେଗେ ଲେଖ ।। (୭/୨୨୮)

ଲୋକଙ୍କର ଚିରପୋଷିତ ଦୃଢ଼ ବିଶ୍ୱାସକୁ ଦୋହଲାଇ ନୂତନ ବିଶ୍ୱାସ ଚଳାଇବା ପାଇଁ ଚେଷ୍ଟା କରୁଥିବାରୁ ମନରେ ନିରନ୍ତର ଭୟ ଓ ଦୋଦୋପାଞ୍ଚ ଜାତ ହେବା ଯୋଗୁ ପୁରାଣ ରଚନା ସାରିବାକୁ କବିଙ୍କୁ ଅନ୍ଦାଜ ୨୦ ବର୍ଷ ଲାଗିଥାଇପାରେ । ପୁରାଣ ଲେଖିସାରି କବି ତାହାର ପୁନର୍ଲେଖନ କରିଥିବା ଅନୁମିତ ହୁଏ । ଏପରି ପୁନର୍ଲେଖନ ଅବସରରେ କବି ଆତ୍ମପରିଚୟ ଦେଇ କିଛି କିଛି ଅଧିକ ପଦ ଯୋଗ କରିଥିଲେ ଓ ନୃସିଂହ-ପୁରାଣର ଖଣ୍ଡଗୁଡ଼ିକର ସାଗର ନାମ ବଦଳାଇ ରତ୍ନାକର ନାମ ଚଳାଇଥିଲେ । ରାଜ୍ୟ ମ୍ୟୁଜିୟମ୍‌ରେ ସଞ୍ଚିତ ପୋଥିରେ କିଛି ଅଧିକ ଆତ୍ମପରିଚୟାତ୍ମକ ବିବରଣ ଲେଖା ରହିଥିବାରୁ ସ୍ୱୟଂ କବି ପୁନର୍ଲେଖନ ବେଳେ ଯୋଗବିଯୋଗ କରିଛନ୍ତି ବୋଲି ଅନୁମିତ ହେଉଛି ।

●

*ଦ୍ବିତୀୟ ଅଧ୍ୟାୟ*

# ବଂଶ ପରିଚୟ

**ବଂଶ ଲତା :**

ପୀତାମ୍ବର ଦାସ ତଅରର ଏକ ବୈଷ୍ଣବ ପଣ୍ଡିତ କୁଳରେ ଜନ୍ମଗ୍ରହଣ କରିଥିଲେ । କୁଳପରମ୍ପରାଗତ ବ୍ରାହ୍ମଣନିଷ୍ଠା, ଶାସ୍ତ୍ରଦର୍ଶିତା ଓ ବିଷ୍ଣୁଭକ୍ତିର ବେଷ୍ଟନ ଭିତରେ ସେ ବଢ଼ିଥିଲେ । ତାଙ୍କର ଗୋତ୍ର କୌଣ୍ଡିନ୍ୟ ଓ ବେଦ ଯଜୁର୍ବେଦର କାଣ୍ୱଶାଖା ବୋଲି ସେ ଜଣାଇଛନ୍ତି । କାଣ୍ୱଶାଖା ଶୁକ୍ଳ ଯଜୁର୍ବେଦ ନାମରେ ମଧ୍ୟ ପରିଚିତ । କୌଣ୍ଡିନ୍ୟ ଗୋତ୍ରର ପ୍ରବର ତ୍ରୟ ହେଲେ ବାସିଷ୍ଠ, ମୈତ୍ରାବରୁଣ ଓ କୌଣ୍ଡିନ୍ୟ । ପୀତାମ୍ବର ନୃସିଂହ-ପୁରାଣର ଆରମ୍ଭରେ ନିଜର ବଂଶ ପରିଚୟ ଦେଇ ଲେଖିଛନ୍ତି —

ମୋର ପିତାମହ ଥିଲେ ଲକ୍ଷ୍ମୀଧର ଦାସ
ବିଷ୍ଣୁଙ୍କର ପଦାମ୍ବୁଜେ ବହୁତ ବିଶ୍ୱାସ ।।
କୌଣ୍ଡିନ୍ୟସ ଗୋତ୍ରେ ସେହୁ ହୋଇଲେ ସଂଭୂତ ।
ଜାଣନ୍ତି ସଦ୍‌ଗୁରୁପାଦ ସେବି ବେଦତତ୍ତ୍ୱ ।।
ସର୍ବଶାସ୍ତ୍ର ପରିପୂର୍ଣ୍ଣ ସେହି ଯଜୁର୍ବେଦୀ ।
କହିଲଇଁ କାଣ୍ୱଶାଖା ଶାଖା ଯଥାବିଧି ।।
ପରମହଂସ ଦୀକ୍ଷା ଯେ ତାଙ୍କର ପ୍ରଚାର ।
ବ୍ରହ୍ମରେ ନିପୁଣ ଗଲେ ବଇକୁଣ୍ଠପୁର ।।
ବାଲୁକେଶ୍ୱର ନାମରେ ତାଙ୍କ ଜ୍ୟେଷ୍ଠସୁତ ।
ଜାଣନ୍ତି ସଦ୍‌ଗୁରୁ ପାଦ ସେବି ବେଦତତ୍ତ୍ୱ ।।
ସେହି ପୁଣି ବିଷ୍ଣୁଙ୍କର ଅତ୍ୟନ୍ତ ଭକତ ।
ପ୍ରଭୁଙ୍କ ପାଦରେ ସେହୁ ଦେଇଥାନ୍ତି ଚିତ୍ତ ।।
ବେଦଶାସ୍ତ୍ର ପୁରାଣରେ ବହୁ ଶ୍ରମ କରି ।
ଦିନ କାଳ କାଟିଲେ ଯେ ବିଷ୍ଣୁ ନାମ ସ୍ମରି ।।
ସେ ମୋହର ପିଅର ମୁଁ ତାଙ୍କର ଆତ୍ମଜ ।
ମୋହର ନାମ ଅଟଇ ପୀତାମ୍ବର ଦ୍ୱିଜ ।। (୧/୨)

ପୀତାମ୍ବର ନୃସିଂହ-ପୁରାଣର ବିଭିନ୍ନ ସ୍ଥାନରେ ନିଜର ପରିଚୟ 'ଲକ୍ଷ୍ମୀଧର ନାତି', 'ବାଲୁକେଶ୍ୱର ପୁତ୍ର' ବୋଲି ଦେଇ ବଡ଼ ଗୌରବବୋଧର ସହିତ ସ୍ୱପିତାମହ ଓ ପିତାଙ୍କ ନାମୋଲ୍ଲେଖ କରିଛନ୍ତି । ସେ ତାଙ୍କ ପ୍ରପିତାମହଙ୍କ ନାମ ନୀଳାମ୍ବର ବୋଲି ଠାଏଁ ଜଣାଇଛନ୍ତି –

ମୋ ପ୍ରପିତାମହ ବିପ୍ର ନୀଳାମ୍ବର ଦାସ ।
ମୋର ପିତାମହ ବିପ୍ର ଲକ୍ଷ୍ମୀଧର ଦାସ ।।
ବାଲୁକେଶ୍ୱର ତାହାଙ୍କ ଜ୍ୟେଷ୍ଠପୁତ୍ର ଖ୍ୟାତ ।
ସେ ମୋର ପିଅର ମୁହିଁ ଅଟେ ତାଙ୍କ ପୁତ୍ର ।। (୭/୩୬)


କିନ୍ତୁ ଓଡ଼ିଶା ମ୍ୟୁଜିଅମ୍‌ରେ ଥିବା ନୃସିଂହ-ପୁରାଣର ଷଷ୍ଠ ରତ୍ନାକରର ୨୦୬ ସଂଖ୍ୟକ ପତ୍ରରେ ଲକ୍ଷ୍ମୀଧର ଦାସଙ୍କ ପିତାଙ୍କ ନାମ ମୁକୁନ୍ଦ ବୋଲି ଲେଖାଅଛି । ସେ ପିତାମହଙ୍କ ପିତା ବୋଲି ବର୍ଣ୍ଣିତ ହେଲେ ହେଁ ତାଙ୍କୁ ପ୍ରପିତାମହ ବୋଲି ନ କହି ବୃଦ୍ଧ-ପ୍ରପିତାମହ ବୋଲି କୁହାଯାଇଛି –

ବୃଦ୍ଧ-ପ୍ରପିତାମହ ମୁକୁନ୍ଦ ନାମ ମୋର ।
| | |
ଲକ୍ଷ୍ମୀଧର ଦାସ ପୁଣି ତାହାଙ୍କ ବାଳକ ।।

ତେଣୁ କବିଙ୍କ ପ୍ରପିତାମହଙ୍କ ନାମଟି ନୀଳାମ୍ବର ନା ମୁକୁନ୍ଦ ଏ ବିଷୟରେ ସନ୍ଦେହ ଜନ୍ମୁଛି । ପୀତାମ୍ବରଙ୍କ ପୌତ୍ର ଗୌରାଙ୍ଗ ଦାସ ମଧ୍ୟ ଜଣେ ପୁରାଣକାର କବି ଥିଲେ । ଗୌରାଙ୍ଗ ତାଙ୍କ ଦ୍ୱାରା ପ୍ରଣୀତ 'ଦାମୋଦର ପୁରାଣ'ର ଚତୁର୍ଥ ଖଣ୍ଡ ଶେଷରେ ସ୍ୱୀୟ ପୂର୍ବପୁରୁଷମାନଙ୍କର ପରିଚୟ ଦେଇଛନ୍ତି । ଗୌରାଙ୍ଗଙ୍କ ପୂର୍ବ ସାତପୁରୁଷଙ୍କ ନାମ ହେଲା –

ଶତେ ପୁରୁଷ ଦେଖିଲେ ଗହଳ ସିନା ହେବ ।
ସାତ ପୁରୁଷ ନାମ କହୁଛି ଶୁଣ ଏବ ।।
ମହାପରମ ପିତା ନାମଟି ଉଦ୍ଧବ ।
ତାହାଙ୍କ ପୁତ୍ର ନାମ ଅଟଇ ମାଧବ ।।
ମୁକୁନ୍ଦ ନାମ ଅଟେ ପରମପିତା ମର ।
ତାହାଙ୍କ ପୁତ୍ର ନାମ ଅଟଇ ଲକ୍ଷ୍ମୀଧର ।।
| | |
ତାହାଙ୍କର ଜ୍ୟେଷ୍ଠପୁତ୍ର ବାଲୁଙ୍କେଶ୍ୱର ଦାସ
| | |
ତାହାଙ୍କର ଜ୍ୟେଷ୍ଠ ସୁତ ନାମ ପୀତାମ୍ବର ।
ମୋହର ପିତାଙ୍କ ସେହୁ ଅଟନ୍ତି ପିଅର ।।

ଏଥିରୁ ଲକ୍ଷ୍ମୀଧରଙ୍କ ପିତାଙ୍କ ନାମ ମୁକୁନ୍ଦ ଥିବା ପ୍ରକାଶ ପାଉଛି । ତେବେ ପୀତାମ୍ବର ଠାଏଁ ନୀଳାମ୍ବର ନାମ ଲେଖିଥିବା ରହସ୍ୟମୟ ମନେହୁଏ । ପ୍ରପିତାମହଙ୍କ ନାମ ପ୍ରାୟ ସବୁ ଶ୍ରାଦ୍ଧ ପାଇଁ ଆବଶ୍ୟକ ହୋଇଥିବାରୁ ତାହା ପୀତାମ୍ବର ଠିକ୍ ଭାବରେ ଜାଣି ନଥିବାରୁ ଭୁଲ ରହିଥାଇପାରେ ବୋଲି ଅନୁମାନ କରି ହେଉନାହିଁ । ଏ ସମସ୍ୟାର ସମାଧାନ ନିମ୍ନଲିଖିତ ପ୍ରକାରେ ହୋଇଥାଇପାରେ । ବୋଧହୁଏ, ଲକ୍ଷ୍ମୀଧର ନୀଳାମ୍ବରଙ୍କର ଔରସ ସନ୍ତାନ କିନ୍ତୁ ନୀଳାମ୍ବରଙ୍କ ଭାଇ ମୁକୁନ୍ଦ ଅପୁତ୍ରିକ ହୋଇଥିବାରୁ ତାଙ୍କୁ ଦତ୍ତ ହୋଇଥିଲେ । ଔରସ ସନ୍ତାନ ନଥିଲେ ସାଧାରଣତଃ ଭାଇର ପୁଅକୁ (ବିଶେଷତଃ ଦ୍ୱିତୀୟ ପୁଅକୁ) ଦତ୍ତକ ଗ୍ରହଣ କରାଯାଇଥାଏ । ପୀତାମ୍ବରଙ୍କ ବଂଶଲତା ନିମ୍ନଲିଖିତ ପ୍ରକାରେ ହୋଇପାରେ ।




---

* ପୀତାମ୍ବରଙ୍କର ବଂଶଲତା ପ୍ରସ୍ତୁତି ସମ୍ପର୍କରେ ଲେଖକ ଛତ୍ରପୁରର ଶ୍ରୀ କୃପାସିନ୍ଧୁ ପଣ୍ଡା ଓ କବିଙ୍କ ବଂଶଧର ଶ୍ରୀ ସୁଦର୍ଶନ ଦାଶଙ୍କ ସାହାଯ୍ୟ କୃତଜ୍ଞତାର ସହିତ ଉଲ୍ଲେଖ କରୁଛି । ଅଧିକନ୍ତୁ, ଶ୍ରୀ ପଣ୍ଡା ତଅରରେ ପ୍ରଚଳିତ ପୀତାମ୍ବରଙ୍କ ସମ୍ପର୍କିତ କେତେକ କିମ୍ବଦନ୍ତୀ ଓ ଶ୍ରୀ ଦାଶ ନିଜେ ଉତାରିଥିବା 'ଦାମୋଦର ପୁରାଣ'ର ପାଣ୍ଡୁଲେଖ ଲେଖକକୁ ଯୋଗାଇଛନ୍ତି ।

**ପୀତାମ୍ବରଙ୍କ ପୂର୍ବପୁରୁଷ :**

**୧ । ଉଦ୍ଧବ** – ଗୋତ୍ର କୌଶିନ୍ୟ, ଯଜୁର୍ବେଦର କାଣ୍ୱଶାଖା ।

**୨ । ମାଧବ** – ଉଦ୍ଧବଙ୍କ ପୁତ୍ର ।

**୩ । ମୁକୁନ୍ଦ** – ଆନୁମାନିକ ସପ୍ତଦଶ ଶତାବ୍ଦୀର ମୁକୁନ୍ଦ ଦାସ ନାମଧେୟ ଜଣେ ବ୍ରାହ୍ମଣ କୁଳୋଦ୍ଭବ କବି ସଂସ୍କୃତ ବେତାଳ ପଞ୍ଚବିଂଶତିକୁ ଓଡ଼ିଆ କାବ୍ୟରୂପ ଦେଇଛନ୍ତି । ସେ ହିଁ 'ପାଞ୍ଚପୋଇ'ର କବି ମୁକୁନ୍ଦ ଦାସ ହୋଇପାରନ୍ତି । ଓଡ଼ିଆର ଏହି କ୍ଷୁଦ୍ରତମ ପୋଇରେ ଜଗନ୍ନାଥଙ୍କ ସ୍ତବ ଅତି ସାବଲୀଳ ମଧୁର ଭାଷାରେ ପ୍ରକାଶ ପାଇଛି । ମୁକୁନ୍ଦ ଦାସଙ୍କ ରଚିତ 'କମଳମୁଖୀ ଚଉତିଶା' ମଧ୍ୟ ମିଳେ । କବି ମୁକୁନ୍ଦ ଦାସ ଓ ପୀତାମ୍ବରଙ୍କ ପୂର୍ବପୁରୁଷ ମାଧବଙ୍କ ପୁତ୍ର ମୁକୁନ୍ଦ ଦାସ ଏକା ବ୍ୟକ୍ତି ବୋଲି ସ୍ଥିର କରିବାପାଇଁ କୌଣସି ପ୍ରମାଣ ମିଳିନାହିଁ ।

***୪ । ଲକ୍ଷ୍ମୀଧର ଦାସ*** *– ମୁକୁନ୍ଦଙ୍କ ଦତ୍ତକ ପୁତ୍ର । ପୀତାମ୍ବରଙ୍କ ପିତାମହ ।* ଲକ୍ଷ୍ମୀଧର ଜଣେ ନିଷ୍ପାପର ବୈଷ୍ଣବ ଥିଲେ ଓ ବିଭିନ୍ନ ଶାସ୍ତ୍ରପୁରାଣ ପାଠ କରି ପାଣ୍ଡିତ୍ୟ ଅର୍ଜନ କରିଥିଲେ (୧/୨) । ସେ କୌଣସି ଜଣେ ଖ୍ୟାତନାମା ଗୁରୁ (ସଦ୍‌ଗୁରୁ)ଙ୍କ ଦ୍ୱାରା ମନ୍ତ୍ର-ଦୀକ୍ଷିତ ହୋଇ ବ୍ରହ୍ମଜ୍ଞାନର ପ୍ରଚାର କରୁଥିଲେ । ପୀତାମ୍ବର ଜଣାଇଛନ୍ତି ଯେ ତାଙ୍କ ପିତାମହ ଲକ୍ଷ୍ମୀଧର ମଧ୍ୱାଚାର୍ଯ୍ୟ (ଆନନ୍ଦତୀର୍ଥ) ପ୍ରବର୍ତ୍ତିତ ବ୍ରହ୍ମସମ୍ପ୍ରଦାୟଭୁକ୍ତ ଥିଲେ ଓ ତାଙ୍କର ତିଳକ ଥିଲା ହରିମନ୍ଦିର (୬/୩) । ସେ ବ୍ରହ୍ମଜ୍ଞାନରେ ନିପୁଣ ଥିଲେ ଓ ଲୋକଙ୍କୁ ପରମ-ହଂସ ଦୀକ୍ଷା ଦେଉଥିଲେ ବୋଲି ପୀତାମ୍ବର ଜଣାଇଛନ୍ତି (୧/୨) ।

ପୀତାମ୍ବର ଯେଉଁ ଗୃହୀ ବୈଷ୍ଣବ ମଠର ଅଧିକାରୀ ଥିଲେ ତାହା, ବୋଧହୁଏ, ଲକ୍ଷ୍ମୀଧରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଲକ୍ଷ୍ମୀଧର ସଂସ୍କୃତରେ 'ପ୍ରଣବବ୍ୟାହୃତି ଗୀତା' ଓ ଓଡ଼ିଆରେ ସହସ୍ରନାମ ରଚନା କରିଥିଲେ । ପୀତାମ୍ବର ତାଙ୍କ ବିଷୟରେ ଲେଖିଛନ୍ତି -

ଲକ୍ଷ୍ମୀଧର ଦାସ ପୁଣି ତାହାଙ୍କ ବାଳକ ।
ସେ କରିଛନ୍ତି ତିନିଶ ବୟାଳିଶ ଶ୍ଳୋକ ॥
ପ୍ରଣବବ୍ୟାହୃତି ଗୀତା ବୋଲି ସେ ନାମ ଦେଲେ ।
ସହସ୍ର ନାମକୁ ପୁଣି ପରାକୃତ କଲେ ॥

(ମ୍ୟୁଜିଅମ୍ ପୋଥିର ପାଠ)

ପୀତାମ୍ବରଙ୍କ ପୌତ୍ର ଗୌରାଙ୍ଗ 'ଦାମୋଦର-ପୁରାଣ'ରେ ଲକ୍ଷ୍ମୀଧର ଦାସଙ୍କ ବିଷୟରେ ଲେଖିଛନ୍ତି –

ତାଙ୍କର ପୁତ୍ର ନାମ ଅଟଇ ଲକ୍ଷ୍ମୀଧର ॥
ସେହି ଲେଖିଲେ ପ୍ରାକୃତେ ସହସ୍ରନାମ ଗୀତ ।
ନବ ଅକ୍ଷରେ ନାମ ହୋଇଛି ବିଦିତ ॥

ଦଶ ଶତକୁ ଦଶ ଅର୍ଚ୍ଚନ ଭାଷା ହୋଇ ।
ଭାଗବତ ବାଣୀ ଜାଣି ସେ ପଦ କୁହାଇ ।।
ପ୍ରଣବବ୍ୟାହୃତି ଗୀତା ସଂସ୍କୃତ ପଦ୍ଧତିରେ ।
କରିଛନ୍ତି ବାର ଅଧ୍ୟା ଷୋଡ଼ଶ ଅକ୍ଷରେ ।।

ଲକ୍ଷ୍ମୀଧର ଦାସଙ୍କ ଦ୍ୱାରା ବିରଚିତ କୌଣସି ରଚନା ଅଦ୍ୟାବଧି ମିଳିନାହିଁ । ସହସ୍ରନାମଟି ବ୍ୟାସୋକ୍ତ ମହାଭାରତଭୁକ୍ତ ବିଷ୍ଣୁସହସ୍ର ନାମର (ଅନୁ ୧୪୯ ଅଧ୍ୟାୟ) ଓଡ଼ିଆ ନବାକ୍ଷରୀ ବୃତ୍ତ ଭାଗବତ ବାଣୀରେ ରୂପାନ୍ତର । ଏହା ଅର୍ଚ୍ଚନ ନାମଧେୟ ଦଶଗୋଟି ଅଧ୍ୟାୟରେ ସମ୍ପୂର୍ଣ୍ଣ ଓ ପ୍ରତ୍ୟେକ ଅଧ୍ୟାୟରେ ବିଷ୍ଣୁଙ୍କର ଏକ ଶହ ନାମ ଗ୍ରଥିତ । ଲକ୍ଷ୍ମୀଧରଙ୍କ ଅନ୍ୟତର ରଚନା 'ପ୍ରଣବବ୍ୟାହୃତି ଗୀତା' ଅନୁଷ୍ଟୁଭ ଛନ୍ଦରେ ରଚିତ ମୋଟ ୧୨ଟି ଅଧ୍ୟାୟରେ ବିଭକ୍ତ ୩୪୨ ଶ୍ଲୋକାତ୍ମକ ଏକ ସଂସ୍କୃତ ରଚନା ।

ଖଣ୍ଡିଏ 'ପ୍ରଣବବ୍ୟାହୃତି ଗୀତା' ନାମକ ଅନୁଷ୍ଟୁଭ ଶ୍ଲୋକରେ ରଚିତ ସଂସ୍କୃତ ଗ୍ରନ୍ଥ ପ୍ରତ୍ୟେକ ଶ୍ଲୋକର ଓଡ଼ିଆ ଗଦ୍ୟାନୁବାଦ-ଯୁକ୍ତ ହୋଇ ଓଡ଼ିଶାରେ ପ୍ରକାଶ ପାଇଛି । ଏହାର ପ୍ରଣେତା ଭକ୍ତ ଯମେଶ୍ୱର ଦାସ, ଯେ କି ନିଜକୁ ମହାନ୍ତ ମଧ ବୋଲାଇଛନ୍ତି । ଏହି ପ୍ରଣବବ୍ୟାହୃତି ଗୀତାରେ ମୋଟ ୩୫୭ ଶ୍ଲୋକ (ମୋଠାରେ ଥିବା ପ୍ରତିଲିପିରେ ୩୫୫ ଶ୍ଲୋକ) ଓ ୧୧ଟି ଅଧ୍ୟାୟ ଥିବା ଯୋଗୁଁ ଏହା ଲକ୍ଷ୍ମୀଧରଙ୍କ ରଚନାଠାରୁ ଭିନ୍ନ । ଏହାର ପ୍ରତ୍ୟେକ ଶ୍ଲୋକ ପରେ ତାହାର ଅର୍ଥ ଅର୍ଥାତ୍ ଓଡ଼ିଆ ଗଦ୍ୟରେ ଅନୁବାଦ ଦିଆଯାଇଛି । ଲକ୍ଷ୍ମୀଧର ଓଡ଼ିଆ ଗଦ୍ୟାନୁବାଦ କରିଥିଲେ ତାଙ୍କ ବଂଶଧରମାନେ ସେ କଥା ଜାଣିଥାନ୍ତେ ଓ ଜଣାଇଥାନ୍ତେ । ଯମେଶ୍ୱରଙ୍କ ପ୍ରଣବବ୍ୟାହୃତି ଗୀତାର ରଚନା ଆରମ୍ଭ ଯୁଗାବ୍ଦ ୪୭୪୭ ଶକାବ୍ଦ ୧୫୬୮ (ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୧୬୪୬-୪୭) ମୁକୁନ୍ଦଦେବଙ୍କ ୨୪ ଅଙ୍କ ତୁଳ ଶୁକ୍ଳ ଦଶମୀରେ ହେବା କଥା ସେଥିରେ ଲେଖାଅଛି । ପ୍ରକୃତରେ ପ୍ରଥମ ମୁକୁନ୍ଦଦେବଙ୍କ ରାଜତ୍ୱ ୧୬୫୭ରେ ଆରମ୍ଭ ହୋଇଥିବାରୁ ତାଙ୍କର ୨୪ ଅଙ୍କ ପଡ଼ିଥିଲା ୧୬୭୬-୭୭ରେ । ତେଣୁ ତାହାର ରଚନା ସମୟ ନିରୂପଣ କରାଯାଇ ପାରୁନାହିଁ । ଯମେଶ୍ୱରଙ୍କ 'ପ୍ରଣବବ୍ୟାହୃତି ଗୀତା'ର ଶେଷ ପୁଷ୍ପିକାରୁ ଜଣାଯାଏ ଯେ ତାହା ନୃସିଂହ-ପୁରାଣରେ କଥିତ ବିଷୟ–

> "ଇତି ଶ୍ରୀ ନୃସିଂହ-ପୁରାଣୋକ୍ତଂ ପ୍ରଣବବ୍ୟାହୃତି ଗୀତାନାଂ ବ୍ରହ୍ମା-ନୃସିଂହ ସମ୍ବାଦେ ପରମହଂସ, ପ୍ରବଣ, ଓଁକାର, ଗାୟତ୍ରୀ, ବିରାଟ ଆତ୍ମା, ଓଁକାର ମହାମନ୍ତ୍ର ନିର୍ଣ୍ଣୟଃ ଶ୍ରୀ ନୃସିଂହ ଅନ୍ତର୍ଦ୍ଧାନେ ବ୍ରହ୍ମାଦି ଦେବ ସହିତେ ସ୍ୱର୍ଗାଦି (ସ୍ଥାନ) ଗମନେ ଭକ୍ତ ମହାନ୍ତ ଯମେଶ୍ୱର ଦାସ ବିରଚିତ ଏକାଦଶୋଽଧ୍ୟାୟଃ ।"

ପ୍ରକାଶିତ ୬୮ ଅଧ୍ୟାୟବିଶିଷ୍ଟ ସଂସ୍କୃତ ନରସିଂହ ପୁରାଣ ('କଲ୍ୟାଣ'ର ୪୫ତମ ବର୍ଷ, ସଂଖ୍ୟା ଓ ପରବର୍ତ୍ତୀ ସଂଖ୍ୟା) ମଧ୍ୟରେ ପ୍ରଣବ-ବ୍ୟାହୃତି ବିଷୟ ନାହିଁ । ପୀତାମ୍ବରଙ୍କ ନୃସିଂହ-ପୁରାଣରେ ମଧ ଏ ବିଷୟରେ ଚର୍ଚ୍ଚା ସ୍ଥାନ ପାଇନାହିଁ । ସଂସ୍କୃତରେ ଅନ୍ୟ କୌଣସି ନୃସିଂହ-ପୁରାଣ ଥାଇପାରେ ଓ ପ୍ରଣବବ୍ୟାହୃତି ଗୀତା ସେଥିରେ ସ୍ଥାନ ପାଇଥିବା ସମ୍ଭବ ।

ଉପଲବ୍ଧ ପ୍ରଣବବ୍ୟାହୃତି ଗୀତାର ବିଷୟବସ୍ତୁ । ଲକ୍ଷ୍ମୀଧର ପ୍ରଣୀତ ଗୀତାର ବିଷୟବସ୍ତୁ ସହିତ ସମାନ ହୋଇ ଥାଇପାରେ କିନ୍ତୁ ଲକ୍ଷ୍ମୀଧରଙ୍କ ଲେଖାଟି ଯମେଶ୍ୱରଙ୍କ ଲେଖାର ପରକାଳୀନ ସୃଷ୍ଟି ହେବା ସମ୍ଭବ ।

ଶୁଣାଯାଏ ଯେ ଲକ୍ଷ୍ମୀଧର ପାରଳାଖେମୁଣ୍ଡି ଆଦି ଦୂର ଅଞ୍ଚଳରେ ଧର୍ମପ୍ରଚାର କରି ଅନେକ ଶିଷ୍ୟ ସଂଗ୍ରହ କରିପାରିଥିଲେ । ଜନଶ୍ରୁତି ଅନୁସାରେ ଲକ୍ଷ୍ମୀଧରଙ୍କ ଜଣେ ପୁତ୍ରଙ୍କ ନାମ ଚତୁର୍ଭୁଜ ଓ ତାଙ୍କର କନିଷ୍ଠ ପୁତ୍ର ଥିଲେ ରାଜୀବଲୋଚନ ।

**୫ । ବାଲୁକେଶ୍ୱର ଦାସ** – ନାମଟି ବାଲୁକେଶ୍ୱର ଓ ବାଲୁଙ୍କେଶ ଭାବରେ ମଧ୍ୟ ଲେଖାହୁଏ । ଲକ୍ଷ୍ମୀଧରଙ୍କ ବଡ଼ ପୁଅ । ଏହାଙ୍କର ବଡ଼ପୁଅ ପୀତାମ୍ବର, ଅନ୍ୟାନ୍ୟ ପୁଅଙ୍କ ବିଷୟରେ କିଛି ଜଣାନାହିଁ ।

ବାଲୁକେଶ୍ୱର ତାଙ୍କ ପିତାଙ୍କ ପରି 'ସଦ୍‌ଗୁରୁ'ଙ୍କ ଠାରୁ ଦୀକ୍ଷା ନେଇଥିଲେ ଓ ବେଦଶାସ୍ତ୍ରପୁରାଣ ଅଧ୍ୟୟନ କରି ପାଣ୍ଡିତ୍ୟ ଅର୍ଜିଥିଲେ (୧/୨) । ପୀତାମ୍ବର ଆଉ ମଧ୍ୟ ଜଣାଇଛନ୍ତି–''ଜନ୍ମକାଳୁଁ ପିତା ମୋର ବିଷ୍ଣୁର ଭକତ'' (୬/୮୦) । ପୀତାମ୍ବରଙ୍କ ପୌତ୍ର ଗୌରାଙ୍ଗ 'ଦାମୋଦର ପୁରାଣ'ରେ ବାଲୁକେଶ୍ୱରଙ୍କ ଇଷ୍ଟମନ୍ତ୍ର 'ଦାମୋଦର ମନ୍ତ୍ର' ବୋଲି ସୂଚାଇଛନ୍ତି । ଲକ୍ଷ୍ମୀଧରଙ୍କ ପରି ବାଲୁକେଶ୍ୱର ମଧ୍ୟ ଜଣେ ଗୃହୀ ବୈଷ୍ଣବ ଭାବରେ କୌଳିକ ମଠ ଚଳାଉଥିଲେ । ଓଡ଼ିଶା ରାଜ୍ୟ ମ୍ୟୁଜିଅମ୍‌ରେ ଥିବା ନୃସିଂହ-ପୁରାଣ ପୋଥିର ଷଷ୍ଠ ରତ୍ନାକର (ପତ୍ର ୨୦୬) ପାଠ ଅନୁସାରେ ଲକ୍ଷ୍ମୀଧର ଜଣେ ଓଡ଼ିଆ କବି –

ତାହାଙ୍କର ପୁତ୍ର ପୁଣି ବାଲୁକେଶ୍ୱର ଦାସ ।
ତିନି ଗୋଟି ଗ୍ରନ୍ଥ କରି ଅଛନ୍ତି ହରିରସ ।।
ପ୍ରଥମ ଖଣ୍ଡ ନାମ ବସନ-ବୋଲି କହି ।
ଦୁଜେ ବସନ ଚୋରି ଅଛନ୍ତି ଜାଣ ଲିହି ।।
ତୃତୀୟ ଖଣ୍ଡି ଦୁତୀୟ ରମଣି ବାମ ।
ଏ ରୂପେ ମୋ ପିତାଙ୍କର ଅଟେ ପରିଶ୍ରମ ।।

ମୁଦ୍ରିତ ପୁସ୍ତକର ପାଠରେ ଏହା ଲେଖାନାହିଁ । ବୋଧହୁଏ ପୀତାମ୍ବର ଗ୍ରନ୍ଥର ପୁନର୍ଲେଖନବେଳେ ଏହାକୁ ଯୋଗ କରିଥିଲେ । ଏଥିରୁ ଜଣାଯାଏ ଯେ ବାଲୁକେଶ୍ୱର ଓଡ଼ିଆ ପଦ୍ୟରେ ତିନିଗୋଟି କୃଷ୍ଣଲୀଳା (ହରିରସ) ବିଷୟକ ପୁସ୍ତକ ଲେଖିଥିଲେ–(୧) ବସନ-ବୋଲି-ନାମାନ୍ତର ବସନବିକା, ଏଥିରେ କୃଷ୍ଣ ଛଦ୍ମବେଶରେ ଗୋପୀମାନଙ୍କୁ ଶାଢ଼ୀ ବିକିବା ବିଷୟ ଏକାଦଶାକ୍ଷରୀ (ଚକ୍ରକେଳି) ବୃତ୍ତରେ ବର୍ଣ୍ଣିତ; (୨) ବସନ ଚୋରି – ଗୋପଲୀଳାର ବସ୍ତ୍ରହରଣ ଆଖ୍ୟାନ ହୋଇଥିବା ସମ୍ଭବ; (୩) ଦୂତୀରମଣି – ସାରଳା ମହାଭାରତର ଖଲ୍ୟକାର ବୃତ୍ତାନ୍ତ – କୃଷ୍ଣ ରାଧା ବୋଲି ଭାବି ଗୋଟିଏ ଦୂତୀକୁ ରମଣ କରିଥିବା ବିଷୟ– ଏଥିରେ ବର୍ଣ୍ଣିତ ହୋଇଥାଇପାରେ । ଉପରେ ଉଦ୍ଧୃତ ଅଂଶରେ ଥିବା 'ଦୁତୀୟ ରମଣି ବାମ'ର ପ୍ରକୃତ ପାଠ 'ଦୂତୀରମଣି ନାମ' ହେବା ନିଶ୍ଚିତ । ଗୌରାଙ୍ଗ

ଦାସଙ୍କ ଦାମୋଦର ପୁରାଣର ଚତୁର୍ଥ ଖଣ୍ଡ ଶେଷରେ ଥିବା ବାଲୁକେଶ୍ୱରଙ୍କ ବିବରଣରୁ ଏହା ଜଣାଯାଏ ।

ତାହାଙ୍କର ଜ୍ୟେଷ୍ଠପୁତ୍ର ବାଲୁକେଶ୍ୱର ଦାସ ।
ସେହୁ ଶ୍ଳୋକେ ବର୍ଣ୍ଣିଛନ୍ତି ବିଷ୍ଣୁର ଲୀଳାରସ ।
ବସନ ବୋଲି ନାମ ଭାଷାରେ ପୟାର ।
ଚରଣକେ ଗଣିତ ଯେ ଅକ୍ଷର ଏଗାର ।।
ଗୋପୀମାନଙ୍କୁ ବସନ ବିକନ୍ତି ଭାବଗ୍ରାହୀ ।
ତେଣୁ ବସନ-ବିକା ପୁସ୍ତକ ନାମ ହୋଇ ।।
ଦୂତୀରମଣି ବୋଲି ଆବର ଖଣ୍ଡିଏ ।।
ସେହୁ ଲେଖିଛନ୍ତି ଗୀତେ ଶାରଦା ଆଜ୍ଞାୟେ ।

ଗୌରାଙ୍ଗ ଶ୍ଳୋକାତ୍ମକ (ସଂସ୍କୃତ) ବିଷ୍ଣୁଲୀଳା କଥା ଲେଖିଛନ୍ତି କିନ୍ତୁ ବସନ-ଚୋରି କଥା ଲେଖିନାହାନ୍ତି । ବାଲୁକେଶ୍ୱରଙ୍କ କୌଣସି ରଚନା ବର୍ତ୍ତମାନ ମିଳୁନାହିଁ ।

ଲକ୍ଷ୍ୟ କରିବାର କଥା, ପୀତାମ୍ବରଙ୍କ ସାଂସ୍କୃତିକ ଚେତନା, ଆଧ୍ୟାତ୍ମିକ ଦର୍ଶନ ଓ ଜୀବନାଦର୍ଶର ମୂଳଦୁଆ ତାହାଙ୍କର ପିତୃପିତାମହଙ୍କ ବେଳରୁ ପ୍ରସ୍ତୁତ ହୋଇ ଆସିଥିଲା । ବଂଶର ଉଚ୍ଚ ପରମ୍ପରା ଓ କୁଳର ଐତିହ୍ୟ ତାଙ୍କୁ ଅନେକାଂଶରେ ଗଢ଼ିଛି । ପିତାମହ ଓ ପିତା ନିରନ୍ତର ଶାସ୍ତ୍ରାଭ୍ୟାସ କରୁଥିବା ଦେଖି ଦେଖି ସେ ବଢ଼ିଛନ୍ତି । ତାହାହିଁ ହୋଇଛି ତାଙ୍କର ଆଦର୍ଶ । ଘରେ ଗୁଡ଼ିଏ ପୋଥିପତ୍ର ଅବଶ୍ୟ ରହିଥିବ । ଏ ପ୍ରକାର ସୁଯୋଗ ସମସ୍ତଙ୍କୁ ମିଳେ ନାହିଁ । ଚାଟ ଘର ପୁଅ ଚାଟ, ଭାଟ ଘର ପୁଅ ଭାଟ – ଏ ଲୋକୋକ୍ତି ପୀତାମ୍ବରଙ୍କ କ୍ଷେତ୍ରରେ ଷୋଳପଣ ସତ ।

**ପୀତାମ୍ବରଙ୍କ ଉତ୍ତରପୁରୁଷ :**

**୧ । ବଳଭଦ୍ର ଦାସ** :– ପୀତାମ୍ବରଙ୍କ ଜ୍ୟେଷ୍ଠପୁତ୍ର । ଏହାଙ୍କର ଜନ୍ମ ବିଷୟ ପୀତାମ୍ବର ନୃସିଂହ-ପୁରାଣରେ ଲେଖିଛନ୍ତି । ପୀତାମ୍ବରଙ୍କ ବୟସ ୨୭ବର୍ଷ ହେବା ସମୟରେ ବଳଭଦ୍ର ବଡ଼ ଠାକୁର ସ୍ୱପ୍ନରେ ଦର୍ଶନ ଦେଇ ପୀତାମ୍ବରଙ୍କୁ ତାଙ୍କ ପୂର୍ବଜନ୍ମ ବିଷୟ ଚେତାଇ ଦେଇ ଏ ଜନ୍ମରେ ନୃସିଂହ-ପୁରାଣ ଲେଖିବା ପାଇଁ କହିଥିଲେ । ପୀତାମ୍ବର ଭୂଲୋକରେ ନିଜର ସଙ୍କେତ ଛାଡ଼ିଯିବା ପାଇଁ ଅଭିଳାଷ କରି ପୁତ୍ରସନ୍ତାନ ହେବାପାଇଁ ବର ମାଗିଥିଲେ । ବର ଲାଭ କରିବା ପରେ ପୀତାମ୍ବରଙ୍କର ପୁତ୍ର ଜାତ ହେଲା ଓ ବଳଭଦ୍ରଙ୍କ ବର ଯୋଗୁଁ ପୁତ୍ର ଜାତ ହୋଇଥିବାରୁ ସେହି ପ୍ରଥମ ସନ୍ତାନର ନାମ ସେ ରଖିଲେ ବଳଭଦ୍ର –

ଶେଷ ଜନ୍ମ ବୋଲିଣ ଯେ ଆଜ୍ଞା ଦେଇ ମୋତେ ।
ପୁତ୍ର ଦାନ ଦେବା ମୋତେ ରହିବି ଜଗତେ ।।
ବଡ଼ ଠାକୁରେ ବୋଇଲେ ଶୁଣି ହେଉ ହେଉ ।
ପ୍ରଥମ ଗର୍ଭେ ବାଳକ ହୋଇ ତୋର ରହୁ ।।

ଆମ୍ବର ନାମଟି ଏକା ଦେବୁ ତାର ନାମ ।
ଏମନ୍ତ ବୋଲିଣ ଆଜ୍ଞା ଦେଲେ ବଳରାମ ।।
ଏ ରୂପେ ସେ ମହାପ୍ରଭୁ ଆଜ୍ଞା ଦେଲେ ମୋତେ ।
ପ୍ରତ୍ୟକ୍ଷେ ପୁତ୍ର ଜନମ ହୋଇଲା ଜଗତେ ।।
ସେ ପୁତ୍ରର ନାମ ଦେଲି ବଳଭଦ୍ର ବୋଲି ।
ପ୍ରଭୁ ଆଜ୍ଞା ପାଳି ଏହା ପୁରାଣେ କହିଲି ।। (୨/୪୩-୪୪)

ବଳଭଦ୍ରଙ୍କ ଜନ୍ମ ୧୭୬୩ରୁ ୧୭୬୬ ମଧ୍ୟରେ । ଏହାଙ୍କ ବିଷୟରେ ଅଧିକ କିଛି ଜଣାଯାଇନାହିଁ ।

**୨ । ଶ୍ରୀନିବାସ ଦାସ –** ପୀତାମ୍ବରଙ୍କ କନିଷ୍ଠ ପୁତ୍ର । ଶ୍ରୀନିବାସଙ୍କ କନିଷ୍ଠ ପୁତ୍ର ଗୌରାଙ୍ଗ ଦାସ ଦାମୋଦର-ପୁରାଣ ୪ର୍ଥ ଖଣ୍ଡରେ ଲେଖିଛନ୍ତି –

ତାଙ୍କର ଜ୍ୟେଷ୍ଠପୁତ୍ର ନାମ ପୀତାମ୍ବର ।
ମୋହର ପିତାଙ୍କ ସେହୁ ଅଟନ୍ତି ପିଅର ।।
| | |
ତାଙ୍କ ଠହୁଁ ତିନି ପୁତ୍ର ହୋଇଲେ ଜନମ । (*ପାଠାନ୍ତର :'ବେନି')
ଶ୍ରୀନିବାସ ବୋଲି ନାମ କନିଷ୍ଠ ନନ୍ଦନ ।।
ସେହି ମୋହର ପିତା ମୁହିଁ ତାହାଙ୍କ ସୁତ ।

ଏହାଙ୍କର ପୁତ୍ର ଗୌରାଙ୍ଗ ପୈତୃକ ଗୃହୀମଠର ଅଧିକାରୀ ହୋଇଥିବାରୁ ଅନୁମିତ ହୁଏ ଯେ କୌଣସି କାରଣରୁ –,ହୁଏତ ଜ୍ୟେଷ୍ଠପୁତ୍ରଦ୍ୱୟ ଉଦାସୀ ହୋଇ ବିବାହ ନ କରିବାରୁ ବା ଅକାଳ ମୃତ୍ୟୁମୁଖରେ ପଡ଼ିବାରୁ – ମଠଟି କନିଷ୍ଠ ପୁତ୍ର ଶ୍ରୀନିବାସଙ୍କ ଅଧୀନ ହୋଇଥିଲା ।

**୩ । ଗୌରାଙ୍ଗ ଦାସ –** ଶ୍ରୀନିବାସଙ୍କ କନିଷ୍ଠ ପୁତ୍ର ଗୌରାଙ୍ଗ, ଜ୍ୟେଷ୍ଠପୁତ୍ରଙ୍କ ନାମ ଜଣାଯାଇନାହିଁ । ଗୌରାଙ୍ଗ ପୈତୃକ ମଠର ଦାୟିତ୍ୱ ନେଇ *କେତେକ ଉନ୍ନତିମୂଳକ କାର୍ଯ୍ୟ କରାଇଥିବା ଜଣାଇଛନ୍ତି : ''ବିଜେ ପ୍ରତିମା ସ୍ଥାପି ବାନ୍ଧିଣ ଅଛି ମଠ'' । ଠାକୁରଙ୍କ ଯାତ୍ରା ଉତ୍ସବ ପାଇଁ ଚଳନ୍ତି ପ୍ରତିମା (ବିଜେ ପ୍ରତିମା) ଆବଶ୍ୟକ ହୁଏ । ବୋଧହୁଏ, ଗୌରାଙ୍ଗ ଯାତ୍ରା ଉତ୍ସବ ପ୍ରବର୍ତ୍ତନ କରିଥିବାରୁ ଠାକୁରଙ୍କ ଚଳନ୍ତି-ପ୍ରତିମା ବ୍ୟବସ୍ଥା ଆବଶ୍ୟକ ହେଲା । ପୂର୍ବେ ମଠର ଗୃହ ତୋଳିଥିଲେ ପୀତାମ୍ବର : ''ରହିଛି ମୁଁ ମଠ ବାନ୍ଧି ଋଷିକୁଲ୍ୟା ତୀରେ'' (୪/୧୬୦) । ବୋଧହୁଏ, ସେ ଗୃହ ଭାଙ୍ଗି ପଡ଼ିବାରୁ ଗୌରାଙ୍ଗ ପୁଣି ମଠ ଗୃହ ତୋଳିଥିଲେ । ମଠର କୌଣସି ଭୂସମ୍ପତ୍ତି ବା ଆୟର ଅନ୍ୟ ପନ୍ଥା ନଥିଲା, ତେଣୁ

* ସଂପ୍ରତି ପୀତାମ୍ବରଙ୍କ ବଂଶଧରମାନଙ୍କ ମଧ୍ୟରୁ ଅନେକେ ଲୋକଙ୍କୁ ଦୀକ୍ଷା ଦେଇ ଗୁରୁଗିରି କରୁଛନ୍ତି । ପୁରୋହିତଙ୍କ ଯଜମାନକୁ ତାଙ୍କ ପୁଅମାନେ ବାଣ୍ଟିବା ପରି ଏମାନେ ଭିନ୍ନ ଭିନ୍ନ 'ଗୃହୀମଠ' କରି ଶିଷ୍ୟ-ବାଣ୍ଟିବା ଅସମ୍ଭବ ନୁହେଁ । କିନ୍ତୁ ପୀତାମ୍ବର ଓ ଗୌରାଙ୍ଗ ଦକ୍ଷିଣା, ଦର୍ଶନୀ କଥା ନ କହି ଭିକ୍ଷା କଥାହିଁ କହୁଥିବାରୁ ଏପରି ସମ୍ଭାବନା କମ୍ ।

ଭିକ୍ଷା ହିଁ ଅବଲମ୍ବନ ଥିଲା । ଗୌରାଙ୍ଗ ସ୍ୱଭାବତଃ ଅନ୍ତର୍ମୁଖ (Introvert) ଥିଲେ ଓ ବାହାର ଜଗତ ସହିତ ମିଳାମିଶା କରିବାକୁ ଭଲ ପାଉନଥିଲେ । ତଥାପି ଭରଣପୋଷଣ ପାଇଁ ପିତୃପିତାମହଙ୍କ ପରି ଭିକ୍ଷା ମାଗି ବୁଲୁଥିଲେ । ସେ ନିଜ କଥା ଲେଖିଛନ୍ତି –

ଋଷିକୁଲ୍ୟା ନଦୀ ତଟେ ଦକ୍ଷିଣ ପାରୁଶେ ।
ଗୃହ ଖଣ୍ଡେ ବାନ୍ଧି ମାତ୍ର ରହିଛି ତୀର୍ଥ ଆସେ ।।
ମୋର ମନମତି ତହିଁ ନ ଯାଇ କାହିଁ ମେଳ ।
ଏଣୁ ଗୃହେ ବସି ରହିଥାଏ ସର୍ବକାଳ ।।
ପେଟ ପୋଷା ନିମନ୍ତେ ବୁଲଇ ଥୋକେ ଦିନ ।
ଦାତାଙ୍କୁ ମାଗି ଭିକ୍ଷା ଆଣଇ ତୋଷ ମନ ।।
ତାହା ଆଣି ଅନ୍ନ ରାନ୍ଧି ନୈବେଦ୍ୟ ବଢ଼ାଇ ।
ସେହି ବିଷ୍ଣୁ ଅବଶେଷ ଖାଇ ମୁଁ ବଞ୍ଚଇ ।।
ଦାତାଙ୍କ ସୁକଲ୍ୟାଣ ବାଞ୍ଛଇ ବିଷ୍ଣୁ ପାଶ ।
ପୁଣି ସରନ୍ତେ ଆଧାର ଚଳଇ ତାଙ୍କ ଦେଶ ।।
ପୁଣି ହିଁ ଆଣେ ମାଗି ପୁଣି ହିଁ ବଞ୍ଚେ ଦିନ ।
ଏ ରୂପେ ବିଷୟା ମୋତେ ଖଞ୍ଜିଛି ଭଗବାନ ।।

(ଦାମୋଦର-ପୁରାଣ, ତୃତୀୟ ଖଣ୍ଡ ଶେଷ)

ପାଣ୍ଡିତ୍ୟ, ପ୍ରତିଭା, ଚିନ୍ତା, ଜୀବିକା ଓ କର୍ମ ସବୁ ଦୃଷ୍ଟିରୁ ବିଚାର କଲେ ଗୌରାଙ୍ଗ ତାଙ୍କ ବିଖ୍ୟାତ ପିତାମହଙ୍କ ଯଥାର୍ଥ ଉତ୍ତରାଧିକାରୀ ଥିଲେ । ପୀତାମ୍ବରଙ୍କ ପରି ଗୌରାଙ୍ଗ ମଧ୍ୟ ଥିଲେ ଜଣେ ମୌଳିକ ଓଡ଼ିଆ ପୁରାଣକାର । ପୀତାମ୍ବର ଅନେକାନେକ ପୌରାଣିକ ଆଖ୍ୟାନର ପରିକଳ୍ପନା କରିବା ମଧ୍ୟରେ ବିଷ୍ଣୁ ପଞ୍ଚମ ଅବତାରରେ ଦାମୋଦର ରୂପରେ ଅବତୀର୍ଣ୍ଣ ହୋଇ ଜମ୍ଭଦୈତ୍ୟର ଦୁଇ ଦୁର୍ଦ୍ଦାନ୍ତ ପୁତ୍ର ଦନୁ ଓ ଦାନବଙ୍କୁ ମାରିଥିବା ବିଷୟ ମଧ୍ୟ ପରିକଳ୍ପନା କରିଥିଲେ । (୧/୧୫୮; ୫/୧୪) । କୃଷ୍ଣଙ୍କର ଦାମୋଦର ନାମ ମହାଭାରତ, ହରିବଂଶ ଆଦିରେ ସ୍ଥାନ ପାଇଛି ଓ ବିଷ୍ଣୁଙ୍କର ପ୍ରସିଦ୍ଧ ୨୪ ମୂର୍ତ୍ତି ମଧ୍ୟରୁ ଏକତମ ମୂର୍ତ୍ତି ଦାମୋଦର । ଏହି ନାମଟି ସମ୍ଭବତଃ ଯାମଳାର୍ଜ୍ଜୁନ-ଭଞ୍ଜନ ପୂର୍ବେ ଯଶୋଦା କୃଷ୍ଣଙ୍କ ପେଟ (ଉଦର)କୁ ରଜ୍ଜୁ (ଦାମନ୍)ରେ ବାନ୍ଧିବା ଚରିତରୁ ଜନ୍ମିଛି ଯଦିଚ ମହାଭାରତ (ଉଦ୍‌ଯୋଗ ୭୦/୮) ଏହାର ବ୍ୟୁତ୍ପତ୍ତି ଦମ ଶବ୍ଦରୁ କରିଛି । ଗୌରାଙ୍ଗ ଦାସ ବିଷ୍ଣୁଙ୍କ ଦାମୋଦର ଅବତାରର ଚରିତ ବର୍ଣ୍ଣନା କରି ପାଞ୍ଚ ଖଣ୍ଡରେ ବିଭକ୍ତ ଦାମୋଦର-ପୁରାଣ ରଚନା କରିଛନ୍ତି । ଦାମୋଦର-ପୁରାଣ ମଧ୍ୟ ନୃସିଂହ-ପୁରାଣ ପରି ପ୍ରାୟଶଃ ଚତୁର୍ଦ୍ଦଶାକ୍ଷରୀ ବୃତ୍ତରେ ରଚିତ କିନ୍ତୁ ଏହା ପ୍ରାୟ ଅଠର ହଜାର ପଦ ସମ୍ବଳିତ ହୋଇଥିବାରୁ ଆକାରରେ ନୃସିଂହ-ପୁରାଣଠାରୁ ଛୋଟ ।

ଦାମୋଦର-ପୁରାଣର ତୃତୀୟ ଖଣ୍ଡର ରଚନା ଶେଷ ହେବା ସମୟ ଶକାବ୍ଦ ୧୭୯୦ ଅର୍ଥାତ୍ ଖ୍ରୀ. ୧୮୬୮ ବୋଲି ଗୌରାଙ୍ଗ ଜଣାଇଛନ୍ତି ।

ଏ ପୁରାଣ ପ୍ରକାଶ ବେଳକୁ ଶକାବଦ ।
ସତରଶ ନଉ ଲେଖା ଅଟଇ ଅବଦ ॥

(ଦାମୋଦର-ପୁରାଣ, ତୃତୀୟ ଖଣ୍ଡ ଶେଷ)

ପୁରାଣର ଅବଶିଷ୍ଟ ଦୁଇଖଣ୍ଡ ଲେଖିବାକୁ ଗୌରାଙ୍ଗଙ୍କୁ ଆଉ ତିନି ବର୍ଷ ଲାଗିଥାଇପାରେ । ପୁରାଣ ଲେଖା ସରିବା ବେଳକୁ କବିଙ୍କୁ ବୟସ ହୋଇଥିଲା ୩୬ (''ତିନିରେ ଛଅ ଅଙ୍କ ବୟସ ମୋତେ ହୋଇ''– ଦାମୋଦର-ପୁରାଣ ଶେଷ) । ତେଣୁ ଗୌରାଙ୍ଗଙ୍କ ଜନ୍ମ ପ୍ରାୟ ୧୮୬୮+୩-୩୬=୧୮୩୫ ଖ୍ରୀଷ୍ଟାବ୍ଦରେ ବୋଲି ହିସାବ ହେଉଛି । ପିତାମହ ପୀତାମ୍ବରଙ୍କ ଜନ୍ମ ୧୭୩୫ରେ; ପୌତ୍ର ଗୌରାଙ୍ଗଙ୍କ ଜନ୍ମ ତାହାର ଏକ ଶହ ବର୍ଷ ପରେ । ଶ୍ରୀନିବାସ ପୀତାମ୍ବରଙ୍କ କନିଷ୍ଠ ପୁତ୍ର ଓ ଗୌରାଙ୍ଗ ମଧ ଶ୍ରୀନିବାସଙ୍କ କନିଷ୍ଠ ପୁତ୍ର ବୋଲି ଜଣାଅଛି । ହେଲେ ହେଁ ଦୁଇ ପୁରୁଷର ବ୍ୟବଧାନ ଏକ ଶହ ବର୍ଷ ହେବା ଖୁବ୍ ଅଧିକ ମନେ ହେଉଛି । 'ତିନିରେ ଛଅ' 'ଅଙ୍କାନାଂ ବାମତୋ ଗତିଃ' ନିୟମରେ ୬୩ ହୋଇପାରେ ବୋଲି ସନ୍ଦେହ ଜନ୍ମୁଛି ।

ଦାମୋଦର ପୁରାଣ ରଚନା ବେଳକୁ ଓଡ଼ିଶାକୁ ମୁଦ୍ରାଯନ୍ତ୍ର ଆସିଗଲାଣି ଓ ତାହା ସହିତ ଆଧୁନିକ ଚେତନା ପ୍ରବେଶ କରିସାରିଲାଣି । ଦକ୍ଷିଣ ଓଡ଼ିଶାରେ ସିଂହାଚଳର ବରାହ-ନୃସିଂହଙ୍କୁ କେନ୍ଦ୍ରକରି ନୃସିଂହ ଉପାସନା ଖୁବ୍ ବ୍ୟାପିଥିଲା । ନୃସିଂହଙ୍କଠାରେ ଭୟ ଓ ଭକ୍ତି ଲୋକଙ୍କ ମନରେ ପ୍ରବଳ ଥାଏ । କିନ୍ତୁ ଦାମୋଦର ଉପାସନାର ପ୍ରାଦୁର୍ଭାବ ନଥିଲା । ତେଣୁ ଦାମୋଦର-ପୁରାଣ ପୁରାଣ ଭାବରେ ଲୋକପ୍ରିୟତା ଅର୍ଜନ କରି ପାରିନାହିଁ । ଏହା ଅଦ୍ୟାବଧି ଅପ୍ରକାଶିତ ରହିଛି ।

ପୀତାମ୍ବରଙ୍କ ଅନ୍ୟାନ୍ୟ ବଂଶଜଙ୍କ ବିଷୟରେ ନିର୍ଦ୍ଦିଷ୍ଟ ଭାବରେ କିଛି ଜଣାଯାଇନାହିଁ । ଲୋକମୁଖରୁ ପ୍ରକାଶ ଯେ ଗୌରାଙ୍ଗଙ୍କ ତିନି ପୁଅ (୧) ଦାମୋଦର (୨) ବିଦ୍ୟାଧର ଓ (୩) ଲକ୍ଷ୍ମଣ । ଦାମୋଦରଙ୍କ ପୁଅ ଭରତ* ଓ ଭରତଙ୍କର ତିନି ପୁଅ – (୧) ଗଣପତି, (୨) ରାଧାମୋହନ ଓ (୩) ବାଞ୍ଛାନିଧି । ବିଦ୍ୟାଧରଙ୍କର ଦୁଇ ପୁଅ – (୧) କନ୍ଧ, ଓ (୨) ଦଣ୍ଡପାଣି । କନ୍ଧଙ୍କର ତିନି ପୁଅ – (୧) ସୀମାଞ୍ଚଳ, (୨) ଉପେନ୍ଦ୍ର ଓ (୩) ସୁବାସ । ଲକ୍ଷ୍ମଣଙ୍କର ପୁଅ ବସୁ ପୁତ୍ରହୀନ । ବସୁଙ୍କର ଏକମାତ୍ର କନ୍ୟା ନୟାଗଡ଼ କୁମଣ୍ଡ ନିକଟ କୁରାଳ ଗ୍ରାମର କବିଚନ୍ଦ୍ର ପାଢ଼ୀଙ୍କୁ ବିବାହ କରିଥିଲେ । କବିଚନ୍ଦ୍ର ଜଣେ ପ୍ରାଚୀନ ସାହିତ୍ୟପ୍ରେମୀ ।

ପୀତାମ୍ବରଙ୍କ ବଂଶଜମାନେ ତଅରରେ କ୍ରମାଗତ ଭାବରେ ନାନା ଦୁର୍ଯ୍ୟୋଗରେ ପଡ଼ି ପୈତୃକ ବାସସ୍ଥାନ ଛାଡ଼ି ହୁଗୁଲାପଟା, କାଚଖଣ୍ଡି, ଗୁଡ଼ିଆପଲ୍ଲୀ, କୃଷ୍ଣଛାଇ, ସାଆରୁ ଆଦି ଅନ୍ୟାନ୍ୟ ଗ୍ରାମକୁ ପଳାଇଥିବାର ଜଣାଯାଏ । ତଅରରେ ବର୍ତ୍ତମାନ ପୀତାମ୍ବରଙ୍କ ପିତୃବ୍ୟ ରାଜୀବଲୋଚନଙ୍କ ବଂଶଜମାନେ ହିଁ ଅଛନ୍ତି ।

ରାଜୀବଲୋଚନଙ୍କ ବଂଶଜ ନରସିଂହ (ଜନ୍ମ ପ୍ରାୟ ୧୯୨୦) ବର୍ତ୍ତମାନ ଜୀବିତ ଅଛନ୍ତି । ତାହାଙ୍କ କହିବା ଅନୁସାରେ ରାଜୀବଙ୍କ ପୁଅ ଭଗବାନ ଓ ଭଗବାନଙ୍କ ପୁଅ ମାଗୁଣି ।

* କେତେକ ବଂଶଜଙ୍କ ମତରେ ଭରତ ଗୌରାଙ୍ଗଙ୍କ ପୌତ୍ର ନ ହୋଇ ପୁତ୍ର ।

ମାଗୁଣିଙ୍କ ଦୁଇପୁଅ – (୧) ଗୋପାଳ, (୨) ବନମାଳି । ଗୋପାଳଙ୍କ ପୁଅ ମୋହନ ଓ ମୋହନଙ୍କ ତିନିପୁଅ – (୧) (ବଂଶ ବିବରଣ ପ୍ରଦାତା), (୨) ରାମଚନ୍ଦ୍ର ଓ (୩) ଉଦୟ । ବନମାଳିଙ୍କର ଚାରି ପୁଅ – (୧) ଖଲି, (୨) ହରି , (୩) ବାସୁଦେବ ଓ (୪) ବାଉରି । ଖଲିଙ୍କର ତିନି ପୁଅ – (୧) ରଘୁନାଥ, (୨) ରାଧାଶ୍ୟାମ ଓ (୩) (ନାମ ଅଜ୍ଞାତ) । ହରିଙ୍କ ପୁଅ ନରସିଂହ । ବାସୁଦେବଙ୍କର ଛଅ ପୁଅ । ବାଉରିଙ୍କର ତିନି ପୁଅ – (୧) ଉପେନ୍ଦ୍ର, (୨) ବିଜୟ ଓ (୩) ଶରତ ।

ଗଞ୍ଜାମରେ ବ୍ରାହ୍ମଣମାନଙ୍କ ମଧ୍ୟରେ ବିଭିନ୍ନ ଉପଜାତି ଅଛନ୍ତି । ପୀତାମ୍ବରଙ୍କ ଉପଜାତିର ନାମ ପାଢ଼ିଆ । ସାରୁଆ ଉପଜାତିର ବିବରଣାତ୍ମକ 'ଉତ୍କଳ ପୁରୁଷୋତ୍ତମପୁରୀୟ ସାରସ୍ୱତ ବ୍ରାହ୍ମଣ ସମାଜର ଇତିହାସ' (୧୯୯୦) ନାମକ ପୁସ୍ତକରେ ତାହାର ଲେଖକ ହରିହର ପଣ୍ଡା ପୀତାମ୍ବର ଦାସ ସାରୁଆ ବ୍ରାହ୍ମଣ ବୋଲି ଦାବି କରିଛନ୍ତି (ପୃ-୩୧) । କିନ୍ତୁ ତାହା ସତ୍ୟାଶ୍ରିତ ନୁହେଁ ।

●

*ତୃତୀୟ ଅଧ୍ୟାୟ*

# ଜାତିସ୍ମରତା ଓ ବର ଲାଭ

ଶୂଦ୍ରମୁନି ସାରଳାଦାସଙ୍କ ପରି ବିପ୍ର ପୀତାମ୍ବର ଦାସ ମଧ୍ୟ ଜଣେ ମୌଳିକ ଓଡ଼ିଆ ପୁରାଣକର୍ତ୍ତା । ଅନ୍ୟ ପକ୍ଷରେ, ଜଗନ୍ନାଥ ଦାସ, ବଳରାମ ଦାସ, ନୀଳାମ୍ବର ଦାସ ଆଦି ଓଡ଼ିଆ ପୁରାଣକର୍ତ୍ତାମାନେ ମୋଟାମୋଟି ଭାବରେ ବିଚାର କଲେ ସ୍ୱଭାବତଃ ଅନୁବାଦକ । ମୂଳ ପୁରାଣଗୁଡ଼ିକ ସଂସ୍କୃତ ଭାଷାରେ (ଅଷ୍ଟାଦଶ ପୁରାଣ ବା ବହୁତର ଉପପୁରାଣ ରୂପରେ), ଅଥବା, ଦୀନବନ୍ଧୁ ସୋମନିଶିଙ୍କ କ୍ଷେତ୍ରରେ, ତେଲୁଗୁ ଭାଷାରେ ଥିଲା, ସେମାନେ ତାହାର ଓଡ଼ିଆ ଭାଷାନ୍ତର କରିଯାଇଛନ୍ତି । ଜଣେ ମୌଳିକ ପୁରାଣକାର ପାଇଁ ସବୁଠାରୁ ବଡ଼ ସମସ୍ୟା ହେଉଛି ତା'ର ପରିକଳ୍ପିତ ପୁରାଣଟିକୁ ଲୋକରେ ଆଦୃତ କରାଇବା, ସମାଜର ଗ୍ରହଣୀୟ କରାଇବା । ପୁରାଣ ବୋଇଲେ ପୁରୁଣା କଥା, ପୁରାଣରେ ଅତୀତର କଥା ବର୍ଣ୍ଣିତ ହୋଇଛି ବୋଲି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ନ ପାରିଲେ ପୁରାଣ ଅକୃତକାର୍ଯ୍ୟ ହେବ, ସମାଜର ଗ୍ରହଣୀୟ ହେବନାହିଁ ଓ ଜନସମାଦର ପାଇପାରିବ ନାହିଁ । ଏପରି ସମସ୍ୟା ଅନୁବାଦକ ପାଇଁ ନଥାଏ, କାରଣ ସେ ଅନୁବାଦ କରୁଥିବା ପୁରାଣଟି ପୂର୍ବରୁ ଲୋକରେ ଗୃହୀତ ହୋଇ ସାରିଥାଏ, ପୁରାଣ କଥା ଭାବରେ ପ୍ରତିଷ୍ଠା ଆସିଯାଇଥାଏ, ଯଦିଚ ଭିନ୍ନ କୌଣସି ଭାଷାରେ । ଅନୁବାଦକ ସେହି ପ୍ରତିଷ୍ଠାକୁ ପୁଞ୍ଜି କରି ଅନୁବାଦିତ ପୁରାଣଟିକୁ ଲୋକରେ ପରିବେଷିତ କଲେ ଲୋକେ ତାକୁ ସହଜରେ ଗ୍ରହଣ କରି ନେଇଥାନ୍ତି । ଏ ସମସ୍ୟା ଜଣେ କାଳ୍ପନିକ କାବ୍ୟକର୍ତ୍ତା ପାଇଁ ମଧ୍ୟ ନଥାଏ, ଭାଷାର ଚମତ୍କାରିତା ମାଧ୍ୟମରେ ଲୋକଙ୍କୁ ସେ ତାର କଳ୍ପନାର ଝଲକ ଦେଖାଇ ପାରିଲେ ହେଲା । କିନ୍ତୁ ମୌଳିକ ପୁରାଣକାର – ଯେ ଅନୁବାଦକ ନୁହେଁ – ତାର ଉଦ୍‌ଭାବିତ ଅଭିନବ ଚରିତକୁ ଲୋକରେ ଗ୍ରହଣୀୟ କରାଇବ କିପରି ? କଳ୍ପନାକୁ ବାସ୍ତବ ବୋଲି ଚଳାଇବ କିପରି ? ପୁରାଣ ଯେତେ ଅଭିନବ ହେବ, ପାଠକ/ଶ୍ରୋତା ତାହାକୁ ଅମୂଳକ କପୋଳକଳ୍ପନା ବୋଲି ତେତେ ଅଗ୍ରାହ୍ୟ କରିବେ ନାହିଁ କି ? ମୌଳିକ ପୁରାଣକୁ ଲୋକରେ ଗ୍ରହଣୀୟ କରାଇନେବା ଲକ୍ଷ୍ୟରେ ସାରଳା ଦାସ ମହାଭାରତ ଓ ଚଣ୍ଡୀପୁରାଣରେ ଦ୍ୱିବିଧ କାବ୍ୟକୌଶଳ ଅବଲମ୍ବନ କରିଛନ୍ତି – ଗୋଟିଏ ଜାତିସ୍ମରତା ଓ ଅପରଟି ଦୈବୀପ୍ରସାଦ ଲାଭ । ପୀତାମ୍ବର ଦାସ ଅନୁରୂପ ଲକ୍ଷ୍ୟ ରଖି ସାରଳା ଦାସଙ୍କ ଦ୍ୱାରା ପୂର୍ବପରୀକ୍ଷିତ ଉଭୟବିଧ କୌଶଳକୁ ଆଶ୍ରୟ କରିଛନ୍ତି ।

**ଜାତିସ୍ମରତା :**

ପୀତାମ୍ବର ଦାସ ତାଙ୍କ ପୂର୍ବଜନ୍ମର କଥା କହି ତାହାକୁ ହସରେ ଉଡ଼ାଇ ନଦେବା ପାଇଁ ନିବେଦନ କରିଛନ୍ତି : ''ପୂର୍ବଜନ୍ମ ମୋର ଶୁଣ ହୋଇ ସାବଧାନେ, ଏ କଥା ହାସ ନ କର ଘେନ କିଛି ମନେ'' (୨/୪୨) । ତାଙ୍କ ପୂର୍ବଜନ୍ମର ବିବରଣ ସେ ନିମ୍ନଲିଖିତ ପ୍ରକାରେ ଦେଇଛନ୍ତି –

ଆଦି ସତ୍ୟଯୁଗରେ ଥରେ ମହର୍ଷି ମନୁ ବିଷ୍ଣୁଙ୍କ ଦର୍ଶନାଭିଳାଷୀ ହୋଇ ବୈକୁଣ୍ଠକୁ ଗଲେ । ବିଷ୍ଣୁଙ୍କ ଭବନର ସିଂହଦ୍ୱାରରେ ଦ୍ୱାରପାଳ ରୂପେ ଥିବା ଦୁଇ ଭାଇ ଜୟ ଓ ବିଜୟ ତାଙ୍କୁ ଚିହ୍ନି ନପାରି ଗଳଥା ଦେଇ ତଡ଼ିଲେ । ମନୁ ତଥାପି ପୁନର୍ବାର ପ୍ରବେଶ କରିବା ଉଦ୍ୟମ କରିବାରୁ ଜୟ-ବିଜୟ ତାଙ୍କୁ ପୁଣି ଗଳଥା ଦେଇ ଭୂଲୁଣ୍ଠିତ କଲେ । ଅପମାନରେ କ୍ରୋଧାନ୍ୱିତ ହୋଇ ମନୁ ଜୟବିଜୟଙ୍କୁ ଶାପ ଦେଲେ ଯେ ସେ ଦୁହେଁ ମର୍ତ୍ତ୍ୟରେ ଅସୁର ହୋଇ ଜନ୍ମଲାଭ କରିବେ । ମନୁଙ୍କ ପରିଚୟ ପାଇ ଓ ଶାପ ଶୁଣି ଜୟବିଜୟ ଶାପରୁ ଉଦ୍ଧାର ପାଇବା ଉପାୟ ବତାଇବାକୁ ମନୁଙ୍କୁ ଆକୁଳ ନିବେଦନ କଲେ । ମନୁ କହିଲେ, ''ତୁମେ ଦୁହେଁ ଚାରିଜନ୍ମ ଅସୁର ହେବ, ପ୍ରଥମ ଜନ୍ମରେ ସୁର ଓ ଦାରୁଣ ହେବ, ତାହା ପରେ ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷ ହେବ, ତାହା ପରେ ରାବଣ କୁମ୍ଭକର୍ଣ୍ଣ ହେବ ଓ ଶେଷରେ ହେବ ଶିଶୁପାଳ ଓ ଦନ୍ତବକ୍ତ୍ର । ତୁମକୁ ବିନାଶ କରିବା ପାଇଁ ସ୍ୱୟଂ ବିଷ୍ଣୁ ବିଭିନ୍ନ ଅବତାର ହେବେ । ଏହି ଚାରି ଜନ୍ମ ପରେ ତୁମେ ଶାପରୁ ନିସ୍ତାର ପାଇବ ।

ଯେତେବେଳେ ବିଷ୍ଣୁ ଜାଣିଲେ ଯେ ମନୁଙ୍କ ଶାପ ଫଳରେ ତାଙ୍କର ଦ୍ୱାରପାଳ ଦ୍ୱୟ ମର୍ତ୍ତ୍ୟରେ ଅସୁର ହେବେ ଓ ତାଙ୍କୁ ନିହତ କରିବାପାଇଁ ନିଜକୁ ଅବତୀର୍ଣ୍ଣ ହେବାକୁ ପଡ଼ିବ, ସେ ମନୁଙ୍କ ପ୍ରତି ରୁଷ୍ଟ ହୋଇ କହିଲେ–

ମୁଁ ଯେବେ ତାହାଙ୍କୁ ମାରି ଜନ୍ମିବି ସଂସାରେ ।
ତେବେ ତୁମ୍ଭେ ଯାଇ ପୂଜା କର ମଞ୍ଚପୁରେ ।।
ମୁଁ ତାହାଙ୍କୁ ଯେତେ ଥର ମାରୁଥିବି ଯାଇ ।
ତୁମ୍ଭେ ତାହା ଲେଖୁଥିବ ମହାକବି ହୋଇ ।।
ନର ରୂପେ ଅବତରି ବାନ୍ଧ ତାହା ଗ୍ରନ୍ଥ ।
ସେ ଗ୍ରନ୍ଥକୁ ଲୋକେ ଶୁଣି ହୁଅନ୍ତୁ କୃତାର୍ଥ ।।

। । ।

ମୁନି ଅଂଶ ନ ଥିଲେ ଯେ କବିତା ନ କରି ।
ବିଷ୍ଣୁର ଅଂଶ ନ ଥିଲେ ନୁହେଁ ଦଣ୍ଡଧାରୀ ।।
ଏ ଘେନି ବିଷ୍ଣୁ ଆଜ୍ଞାରେ ହେଲି ମୁଁ ମନୁଷ୍ୟ ।
ଆଦି ଜନ୍ମେ ବୋଲାଇଲି ନାମ କାଳିଦାସ ।।
ସେ ଜନ୍ମେ ପ୍ରସନ୍ନ ମୋତେ ହେଲେ ବାକ୍ୟଦେବୀ ।

ମହାକାବ୍ୟ ଲେଖି କରି ରଖିଗଲି ଭୁବି ।।
ଦ୍ୱିତୀୟ ଜନ୍ମେ ହୋଇଲି ଜଗନ୍ନାଥ ଦାସ
ଶ୍ରୀ ଭାଗବତ ଗ୍ରନ୍ଥ ମୁଁ କଲଇ ପ୍ରକାଶ ।।
ତୃତୀୟ ଜନ୍ମରେ ବଳରାମ ଦାସ ହେଲି ।
ରାମାୟଣ ଗ୍ରନ୍ଥ ମୋର ହୃଦୁ ପ୍ରକାଶିଲି ।।
ଚତୁର୍ଥ ଜନ୍ମରେ ହେଲି ନାରାୟଣ ଦାସ ।
ବାନ୍ଧିଲି ପୁରାଣ ହରିବଂଶ ଗୀତ ରସ ।।
ତହୁଁ ଉତ୍ତାରୁ ପଞ୍ଚମ ଜନ୍ମେ ଯାଇ ପୁଣ ।
ଶ୍ରୀ ସାରଳାଦାସ କବି ହେଲି ଜଗତେଣ ।।
ଶ୍ରୀ ମହାଭାରତ ଯାକ ବାନ୍ଧିଲି ପ୍ରାକୃତେ ।,
ଅଠର ଖଣ୍ଡ ହୋଇଣ ରହିଲା ଜଗତେ ।।
ତହିଁ ଉତ୍ତାରୁ ବାନ୍ଧିଲି ଚଣ୍ଡିକାପୁରାଣ ।
ତଦନ୍ତେ କଲି ବିଲଙ୍କା ନାମେ ରାମାୟଣ ।।
ଷଷ୍ଠ ଜନ୍ମେ ମହାଦେବ ଦାସ ହେଲି ମୁହିଁ ।
ବିଷ୍ଣୁକେଶରୀ ଯେ ବିଷ୍ଣୁ-ପୁରାଣକୁ ଲିହି ।।
ଏ ଅନ୍ତେ ପଦ୍ମପୁରାଣ କରିଣ ଲିହିଲି ।
ଶ୍ରୀ ଗୋବିନ୍ଦ କୃପାରୁ ମୁଁ ପଦ ନିଭା କଲି ।।
ସପ୍ତମ ଜନ୍ମ ଶୁଣିମା ମୋର ସାଧୁଜନେ ।
ଗୋବିନ୍ଦ ସଞ୍ଚିଲେ ଆଣି ମୋତେ ବଡ଼ ସ୍ଥାନେ ।।
ମନେ ନ ଥିଲା ଶାରଦା ଏହା ଦେଲେ କହି ।
ଶିଶୁ ଅଜ୍ଞାନ ବୁଦ୍ଧି ମୁଁ ବାଳକ ଅଟଇ ।।
ବିପ୍ରକୁଳେ ଜନ୍ମି ବୋଲାଇଲି ଯଜୁର୍ବେଦୀ ।
କଷ୍ଟେ ନୃସିଂହ-ପୁରାଣ କଲି ହଂସଭେଦୀ ।।(୨/୪୩)

ଧର୍ମଗ୍ରନ୍ଥ ଷ୍ଟୋର ପ୍ରକାଶିତ ନୃସିଂହ-ପୁରାଣର ଉପରିଉଦ୍ଧୃତ ଅଂଶ ସହିତ ରାଧାରମଣ ପୁସ୍ତକାଳୟ ପ୍ରକାଶିତ ପାଠ ସମାନ । କିନ୍ତୁ ତାଳପତ୍ର ପୋଥିରେ ଥିବା ପାଠରେ ଦୁଇଟି ସ୍ଥାନରେ ଅଲଗା ପାଠ ରହିଛି । ଏହି ପୋଥିପାଠର ଉଦ୍ଧୃତି ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମାଙ୍କ 'ଶ୍ରୀ ଭାରତ ଦର୍ପଣ'ର ପ. ୩୦୧ରେ ରହିଛି । ଉଦ୍ଧୃତାଂଶରେ 'ଚତୁର୍ଥ ଜନ୍ମରେ ହେଲି ନାରାୟଣ ଦାସ' ସ୍ଥାନରେ ପୋଥିପାଠ ହେଉଛି 'ଚତୁର୍ଥ ଜନ୍ମେଣ ହେଲି ମୁଁ ଅଚ୍ୟୁତ ଦାସ' ଓ ଉଦ୍ଧୃତାଂଶର 'ତଦନ୍ତେ କଲି ବିଲଙ୍କା ନାମେ ରାମାୟଣ' ସ୍ଥାନରେ ପୋଥିର ପାଠ ହେଉଛି 'ସାଧୁଙ୍କ କଲ୍ୟାଣୁ ମୁଁ ଅଟଇ ବଡ଼ ଜଣ' । ଜନୈକ କବି ବିପ୍ର ନାରାୟଣ ଦାସ ଖଣ୍ଡିକିଆ ହରିବଂଶ ଲେଖିଥିବା କଥା ଜଣାଅଛି । ନାରାୟଣ ଦାସ ନାମଧେୟ ଜଣେ କବି ପଞ୍ଚଶାୟକ, ବାଆ ଚଉତିଶା ଓ ପଞ୍ଚାମୃତ ସିନ୍ଧୁ ରଚନା କରିଥିଲେ ଓ କବିଶେଖର ଉପାଧିଧାରୀ ଥିଲେ । କବିଶେଖର ନାରାୟଣ

ଦାସ ଓ ବିପ୍ରନାରାୟଣ ଦାସ ଏକା ବ୍ୟକ୍ତି ହେବା ସମ୍ଭାବନା କମ୍ । ଓଡ଼ିଆରେ ବିପ୍ରନାରାୟଣ ଦାସଙ୍କର ଖଣ୍ଡିକିଆ ହରିବଂଶର ପ୍ରସାର ନାହିଁ । ହରିବଂଶର ଲେଖକ ଭାବରେ ଅଚ୍ୟୁତାନନ୍ଦ ଦାସ ହିଁ ପ୍ରସିଦ୍ଧ । ପୀତାମ୍ବର ପ୍ରସିଦ୍ଧ ଅଚ୍ୟୁତ ଦାସଙ୍କ ନାମ ଲେଖିଥିଲେ କିନ୍ତୁ ନୃସିଂହ-ପୁରାଣର ପ୍ରକାଶକ ଅନ୍ୟ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ ସାତଖଣ୍ଡିଆ ହରିବଂଶର ପ୍ରଚାରକୁ ଏଡ଼ିବା ଲକ୍ଷ୍ୟରେ ନାରାୟଣ ଦାସ ନାମ ତାଲିକାଭୁକ୍ତ କରିଥିବା ସମ୍ଭବ । ପୁଣି, ସାରଳାଦାସ ବିଲଙ୍କା ରାମାୟଣ ରଚନା କରିଥିବା ନେଇ ଯେଉଁ ବିଶ୍ୱାସ ସମ୍ପ୍ରତି ପ୍ରଚଳିତ ତାହା ଜମାରୁ ସତ୍ୟ ଉପରେ ପ୍ରତିଷ୍ଠିତ ନୁହେଁ । ଏହା ମୁଁ 'ଡଗର'ର ୧୯୭୪ ଜାନୁଆରୀ ସଂଖ୍ୟାରେ ପ୍ରକାଶିତ 'ସିଦ୍ଧେଶ୍ୱର ଦାସଙ୍କ ବିଚିତ୍ର ରାମାୟଣ' ଶୀର୍ଷକ ପ୍ରବନ୍ଧରେ ପ୍ରତିପାଦନ କରିଛି । ଏହି ଦୃଷ୍ଟିରୁ ପୋଥିପାଠ ହିଁ ପୀତାମ୍ବର ଦାସଙ୍କ ମୂଳ ଲେଖା ଅନୁସାରୀ ବୋଲି ଅନୁମିତ ହେଉଛି ।

ଦେବୀ ସରସ୍ୱତୀ ପୀତାମ୍ବର ଦାସଙ୍କୁ ତାହାଙ୍କର ପୂର୍ବଜନ୍ମଗୁଡ଼ିକର ଯେଉଁ ବିବରଣ ଦେଇଥିଲେ ତଦନୁସାରେ ସେ ଥିଲେ ବ୍ରହ୍ମାଙ୍କ ପୁତ୍ର ମହର୍ଷି ମନୁ । ମନୁ ବିଷ୍ଣୁଙ୍କ ଆଜ୍ଞା ଅନୁସାରେ ମାନବ ଜନ୍ମ ବାରମ୍ବାର ଲାଭ କରି ବିଷ୍ଣୁଙ୍କ ଲୀଳାଗର୍ଭକ ଗ୍ରନ୍ଥ ରଚନା କରିଥିଲେ । ପ୍ରଥମ ଜନ୍ମରେ ସେ ହେଲେ କାଳିଦାସ । କାଳିଦାସଙ୍କ ଦ୍ୱାରା ରଚିତ ଗ୍ରନ୍ଥର ନାମ ପୀତାମ୍ବର ଏଠାରେ ଲେଖିନାହାନ୍ତି, କେବଳ ଜଣାଇଛନ୍ତି ଯେ କାଳିଦାସ ମହାକାବ୍ୟ ଲେଖିଥିଲେ । ସେହି ମହାକାବ୍ୟଟିର ନାମ ରଘୁବଂଶ ବୋଲି କବି ଅନ୍ୟତ୍ର ଜଣାଇଛନ୍ତି (୪/୧୮୭) । ମନୁ ଦ୍ୱିତୀୟ ଜନ୍ମରେ ଜଗନ୍ନାଥ ଦାସ ହୋଇ ଭାଗବତ ଓ ତୃତୀୟ ଜନ୍ମରେ ବଳରାମ ଦାସ ହୋଇ ରାମାୟଣ ଲେଖିଲେ । ଚତୁର୍ଥ ଜନ୍ମରେ ସେ ହେଲେ ହରିବଂଶ ପ୍ରଣେତା ଅଚ୍ୟୁତାନନ୍ଦ ଦାସ । ପଞ୍ଚମ ଜନ୍ମରେ ମନୁ ସାରଳାଦାସ ହୋଇ ମହାଭାରତ ଓ ଚଣ୍ଡୀପୁରାଣ ଲେଖିଥିଲେ ଓ ଷଷ୍ଠ ଜନ୍ମରେ ମହାଦେବ ଦାସ ହୋଇ ବିଷ୍ଣୁକେଶରୀ ନାମକ ବିଷ୍ଣୁପୁରାଣ ଓ ପଦ୍ମପୁରାଣୋକ୍ତ କାର୍ତ୍ତିକ-ମାହାତ୍ମ୍ୟ ରଚନା କରିଥିଲେ । ମନୁ ସପ୍ତମ ଓ ଶେଷ ଜନ୍ମରେ ହେଲେ ପୀତାମ୍ବର ଦାସ ।

ପୀତାମ୍ବରଙ୍କ ଉଲ୍ଲିଖିତ ବର୍ଣ୍ଣନାର ଦୁଇଟି କଥା ସ୍ପଷ୍ଟ । ପ୍ରଥମ କଥା, ସେ ସଂସ୍କୃତ ଭାଷାରେ ପୁରାଣାଦି ରଚିତ ହୋଇଥିବା ବିଷୟକୁ ଗଣନା ନ କରି ମନୁ ମାନବ ହୋଇ ଓଡ଼ିଆରେ ହିଁ ମୌଳିକ ପୁରାଣ ଲେଖିଥିବା କଥା କହିଛନ୍ତି । ଏହାର ଏକମାତ୍ର ବ୍ୟତିକ୍ରମ କାଳିଦାସ, ଯେ କି ଓଡ଼ିଆ କବି ତ ନୁହନ୍ତି ପୁରାଣକାର ମଧ୍ୟ ନୁହନ୍ତି । ତାଙ୍କୁ ଏ କ୍ରମ ମଧ୍ୟରେ ଭରିବାର କାରଣ ପରେ ଆଲୋଚିତ ହେବ । ଦ୍ୱିତୀୟ କଥା, ମନୁଙ୍କ ଅବତାରଗୁଡ଼ିକରେ ଐତିହାସିକ କ୍ରମ ବିପର୍ଯ୍ୟସ୍ତ ହୋଇଛି । ଇତିହାସ ଦୃଷ୍ଟିରୁ କାଳିଦାସଙ୍କ ପରେ ସାରଳାଦାସଙ୍କ ସମୟ ଓ ଜଗନ୍ନାଥ ଦାସ ବଳରାମ ଦାସଙ୍କ ପରେ ଉଲ୍ଲିଖିତ ହେବା କଥା । ପୀତାମ୍ବର ଓଡ଼ିଆ କବିମାନଙ୍କର ଆବିର୍ଭାବ କାଳ ବିଷୟରେ ପ୍ରକୃତ କଥା ଜାଣିନଥିବାରୁ ଏପରି ଭ୍ରମ ଘଟିଛି । ଏକଥା ମଧ୍ୟ ଦେଖାଇ ଦେଉଛି ଦେବୀ ସରସ୍ୱତୀ ତାଙ୍କୁ ସବୁ କଥା ସ୍ୱପ୍ନରେ ଜଣାଇଥିବା ଦାବିକୁ ଇତିହାସ କିପରି ଚୁରମାର୍ କରିପାରେ ।

ମହର୍ଷି ମନୁ ବିଷ୍ଣୁଙ୍କ ଆଜ୍ଞାନୁସାରେ ମାନବ ଜନ୍ମ ଲଭି ବିଷ୍ଣୁଲୀଳାଗ୍ରନ୍ଥ ରଚନା କରିବା ଆଖ୍ୟାନଟିର ଉଦ୍‌ଭାବକ ସାରଳାଦାସ । ଏହି ଉଭାବନ ସେ ଓଡ଼ିଆ ଭାଷାର ପ୍ରଥମ ମୌଳିକ

ପୁରାଣ 'ଚଣ୍ଡୀପୁରାଣ'ର ପରିକଳ୍ପନା ବେଳେ ହିଁ କରିଥିଲେ । ପୂର୍ବରୁ ମହାଭାରତ ଲେଖିଥିବା ବେଳେ ସେ ନିଜକୁ ମୂଳରେ କୈଳାସର ଦ୍ୱାରପାଳ ନନ୍ଦୀ ବୋଲି ପ୍ରକାଶ କରିଥିଲେ । ମହାଭାରତ ଅନୁସାରେ ନନ୍ଦୀ ଶିବ ପାର୍ବତୀଙ୍କୁ ତାନ୍ତ୍ରିକ (ଆଗମ) ମାର୍ଗରେ ଚିନ୍ତା କରିବାରୁ ଗଣେଶ ରୁଷ୍ଟ ହୋଇ ତାଙ୍କୁ ମାନବ ଦେହଧାରୀ ହେବାକୁ ଶାପ ଦେଇଥିଲେ –

କୋପ କରି ଗଜାନନ ଦିଲେକ ମୋତେ ଶାପ ।
ସେ ଦୋଷରୁ ହୋଇଲି ମୁଁ ମାନୁଷ ସରୂପ ॥
ପ୍ରଥମ ଜନ୍ମରେ ମୁଁ ହୋଇଲି କାଳିଦାସ ।
ମହାକାଳିକା ବିଜୟ ନାମେ ଅଂଶ ॥
ତୃତୀୟ ଜନ୍ମରେ ମୁଁ ସାରୋଳଦାସ କବି ।
ଆର ଜନ୍ମରେ ପୁଣି ମୃତ୍ୟୁମଣ୍ଡଳେ ଜନ୍ମିବି ॥

(ସାଂସ୍କୃତିକ ବ୍ୟାପାର ବିଭାଗ ପ୍ରକାଶିତ ମହାଭାରତ, ସ୍ୱର୍ଗାରୋହଣ, ପୃ.୨୨)

ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ ଏହି ପାଠରେ 'ମହାକାଳିକା ବିଜୟ ନାମେ ଅଂଶ' ନିରର୍ଥକ । ଅନ୍ୟ ମୁଦ୍ରିତ ପୁସ୍ତକରେ ଏହାର ପାଠାନ୍ତର ରହିଛି :'ଦ୍ୱିତୀୟ ଜନ୍ମରେ ମୁଁ ମହାକାଳ ଧ୍ୱଂସ ।' ପାଠାନ୍ତରର ଅର୍ଥ ମଧ୍ୟ ଅସ୍ପଷ୍ଟ । ମହାଭାରତ ଲେଖିସାରି ସାରଳାଦାସ ଚଣ୍ଡୀପୁରାଣ ଲେଖିଲେ ଓ ସେଠାରେ ନିଜକୁ ମୂଳତଃ କୈଳାସର ଦ୍ୱାରପାଳ ନନ୍ଦୀ ବୋଲି ପ୍ରକାଶ ନ କରି ବ୍ରହ୍ମାଙ୍କ ପୁତ୍ର ମହର୍ଷି ମନୁ ବୋଲି କହିଥିଲେ । ଚଣ୍ଡୀପୁରାଣର ବର୍ଣ୍ଣନା ଅନୁସାରେ ମହର୍ଷି ମନୁ ବିଷ୍ଣୁଙ୍କ ନିକଟକୁ ଯିବାବେଳେ ବିଷ୍ଣୁଙ୍କ ଦ୍ୱାରପାଳ ଜୟ ଓ ବିଜୟ ତାଙ୍କୁ ଚିହ୍ନି ନ ପାରି ବାଧା ଦେଇଥିଲେ । ଏଥିରେ କ୍ରୋଧାନ୍ୱିତ ହୋଇ ମନୁ ସେ ଦୁହେଁ ଅସୁର ଜନ୍ମ ଲଭିବେ ବୋଲି ଶାପ ଦେଲେ । ମନୁଙ୍କ ପରିଚୟ ପାଇ ଜୟ ବିଜୟ ଅନୁନୟପୂର୍ବକ ଶାପ ଖଣ୍ଡନ ହେବାର ଉପାୟ ଜିଜ୍ଞାସା କଲେ । ମନୁ କହିଲେ ଯେ ସେମାନେ ପ୍ରଥମ ଜନ୍ମରେ ହିରଣ୍ୟକଶିପୁ-ହିରଣ୍ୟାକ୍ଷ, ଦ୍ୱିତୀୟ ଜନ୍ମରେ ରାବଣ-କୁମ୍ଭକର୍ଣ୍ଣ ଓ ତୃତୀୟ (ଶେଷ)ଜନ୍ମରେ ଦନ୍ତବକ୍ତ୍ର-ଶିଶୁପାଳ ହେବେ ଓ ବିଷ୍ଣୁ ଅବତୀର୍ଣ୍ଣ ହୋଇ ତାଙ୍କୁ ନିହତ କଲେ ସେମାନେ ଶାପରୁ ମୁକ୍ତି ପାଇବେ । ମନୁ ତାଙ୍କ ଦ୍ୱାରପାଳ ଦ୍ୱୟଙ୍କୁ ଶାପ ଦେବାରୁ ବିଷ୍ଣୁ ମନୁଙ୍କ ଉପରେ ରାଗିଲେ ଓ ଜୟ-ବିଜୟ ତ୍ରିବାର ଅସୁର ହେବା ପରି ମନୁ ମର୍ତ୍ତ୍ୟରେ ନରରୂପରେ ତ୍ରିବାର ଜନ୍ମଲାଭ କରିବେ ବୋଲି ଶାପ ଦେଇଥିଲେ –

ଦ୍ୱାର ଶୂନ୍ୟ ହେଲା ଯହୁଁ ବୈକୁଣ୍ଠପୁରର ।
ବିଷ୍ଣୁ କୋପ କଲେ ବ୍ରହ୍ମାତନୟ ଉପର ॥
ଆରେ ଅଳ୍ପ ଦୋଷେ ଦ୍ୱାରପାଳ ମୋ ନାଶିଲୁ ।
ଯାଇ ମର୍ତ୍ତ୍ୟ ପୁରେ ନର ହୁଅ ତୁ ରେ ଓଲୁ ॥
ମନୁ ମହରଷି ଶୁଣି ହୋଇଲେ ବିନୟୀ ।
ପିତାର ଆଜ୍ଞାରେ ଦେବ ଅଇଲି ଯେ ମୁହିଁ ॥
ତୁମ୍ଭ ଅଭିଶାପେ ମୁହିଁ ହୋଇବି ମନୁଷ୍ୟ ।

ମୁକତି ପଥକୁ ମୋତେ କହ ଜଗଦୀଶ ।।
ପ୍ରଭୁ ବୋଲନ୍ତି ମନୁଷ୍ୟ ହୋଇବୁ ନିଶ୍ଚୟ ।
ମମ ଲୀଳା କହି ପୁଣି ବୈକୁଣ୍ଠକୁ ପାଅ ।।
ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ ।
ସେ ଜନ୍ମରେ ବିଷ୍ଣୁଲୀଳା କଲି ପରକାଶ ।।
ଦ୍ୱିତୀୟ ଜନ୍ମରେ ମହାକାଳୀ ନାମେ କବି ।
ପଙ୍କଜବଦନୀ ସୁପ୍ରସନ୍ନା ବାକ୍ୟଦେବୀ ।।
ତୃତୀୟ ଜନ୍ମରେ ହେଲି ଶ୍ରୀ ସାରଳାଦାସ ।
ଶ୍ରୀ ବିଷ୍ଣୁଲୀଳାକୁ ମୁଖେ କରିଲି ଅଭ୍ୟାସ ।।
ପ୍ରଥମେ ଶ୍ରୀରାମାୟଣ ଦ୍ୱିତୀୟେ ଭାରତ ।
ତୃତୀୟେ ଲିଖନ କଲି ଶିରୀ ଭାଗବତ ।।

*(ଓଡ଼ିଶା ଜଗନ୍ନାଥ କମ୍ପାନି ପ୍ରକାଶିତ 'ଚଣ୍ଡୀପୁରାଣ, ୧୯୬୧,' ପୃ-୩୫)*

ସାରଳାଦାସ ଯେଉଁ ସମାଜର ଗ୍ରହଣୀୟ ହେବା ଲକ୍ଷ୍ୟ ରଖି ଗ୍ରନ୍ଥରଚନା କରୁଥିଲେ ତାହା ଥିଲା ଓଡ଼ିଶାର ଗ୍ରାମ୍ୟ ସମାଜ । ଗ୍ରାମାଞ୍ଚଳର ପ୍ରାୟଶଃ ଅଶିକ୍ଷିତ, ସଂସ୍କୃତ ଭାଷା ବୁଝୁ ନଥିବା ଲୋକଙ୍କ ପାଇଁ ସେ ପୁରାଣ ଲେଖୁଥିଲେ । ଗାଉଁଲି ଲୋକେ ଧର୍ମଭୀରୁ ଓ ସରଳବିଶ୍ୱାସୀ । ଏମାନେ ପରମ୍ପରାକ୍ରମେ ସଂସ୍କୃତ ଭାଷାରେ ରଚିତ ପୁରାଣଗୁଡ଼ିକର ଓ ରାମାୟଣ-ମହାଭାରତର କାହାଣୀ ସବୁ ଶୁଣି ଆସିଛନ୍ତି ଓ ତାହା ସବୁ ଧ୍ରୁବସତ୍ୟ ବୋଲି ଗ୍ରହଣ କରିଆସିଛନ୍ତି । ସେମାନଙ୍କ ମନରୁ ପୁରୁଣା କାହାଣୀକୁ ହଟାଇ ତା' ସ୍ଥାନରେ ନୂଆ କାହାଣୀକୁ ଭର୍ତ୍ତି କରିବା ଓ ନୂଆ କାହାଣୀକୁ ବିଶ୍ୱାସଯୋଗ୍ୟ କରାଇନେବା ସୁସାଧ୍ୟ ବ୍ୟାପାର ନୁହେଁ । ଏଥିପାଇଁ ମୌଳିକ ପୁରାଣକାରକୁ ନିଜ ସମ୍ପର୍କରେ ମଧ୍ୟ ପୁରାଣ କଥା (Myth) ସୃଷ୍ଟି କରିବାକୁ ପଡ଼ିଥାଏ ଓ ସେ ଦୈବୀପ୍ରସାଦ ଦାବି କରିଥାଏ । ସାରଳାଦାସ ମହାଭାରତରେ ନିଜେ ମୂଳତଃ ଶିବାନୁଚରା ନନ୍ଦୀ ଥିବା କଥା ପ୍ରକାଶ କରିଥିଲେ । ନିଜ ଭିତରେ ବୈଷ୍ଣବ, ଶାକ୍ତ ଓ ଶୈବ ତ୍ରିବିଧ ଧର୍ମଧାରାର ମିଶ୍ରଣ ଦେଖାଇବା ପାଇଁ ଏହା ଅଭିପ୍ରେତ ଥିବା ମନେହୁଏ । ଧର୍ମରାଜ୍ୟରେ ସାମ୍ପ୍ରଦାୟିକ ସମନ୍ୱୟ କଥାଟି ପୁରୀର ମନ୍ଦିରରେ ପୂର୍ବରୁ ଲାଳିତ ହେଉଥିଲା ରତ୍ନବେଦୀରେ ଜଗନ୍ନାଥ (ବୈଷ୍ଣବ), ଭଦ୍ରା (ଶାକ୍ତ) ଓ ବଳଭଦ୍ର (ଶୈବ) ତ୍ରିମୂର୍ତ୍ତିଙ୍କୁ ନେଇ । ସାରଳାଦାସ ସେହି କଥାଟିକୁ ନିଜ ଭିତରେ ଦେଖାଇଛନ୍ତି ନିଜକୁ ଶିବାନୁଚର ନନ୍ଦୀ (ଶୈବ), ସାରୋଳାଚଣ୍ଡୀ ଉପାସକ (ଶାକ୍ତ) ଓ ବିଷ୍ଣୁଙ୍କ ମହିମା ପ୍ରଖ୍ୟାପକ ମହାଭାରତ ରଚୟିତା କବି (ବୈଷ୍ଣବ) କରି । ଚଣ୍ଡୀପୁରାଣ ଲେଖିବାବେଳେ ମହାଭାରତ ପ୍ରଚାରିତ ଜାତିସ୍ମରିତାକୁ ବଦଳାଇବା ଆବଶ୍ୟକ ହେଲା, କାରଣ ମହାଭାରତର ସ୍ୱଭାବ ବୈଷ୍ଣବ ଥିବା ସ୍ଥଳେ ଚଣ୍ଡୀପୁରାଣର ସ୍ୱଭାବ ଶାକ୍ତ ଥିଲା । ନୂଆ ଜାତିସ୍ମରିତା ପାଇଁ ସାରଳାଦାସ ସଂସ୍କୃତ ଭାଗବତ ପୁରାଣର ସପ୍ତମ ସ୍କନ୍ଦ ପ୍ରଥମ ଅଧ୍ୟାୟରେ ବର୍ଣ୍ଣିତ ଜୟବିଜୟଙ୍କ ଶାପ ଆଖ୍ୟାନର ଆଶ୍ରୟ ନେଇଛନ୍ତି । ସମ୍ପୂର୍ଣ୍ଣ ଅଭିନବ ଆଖ୍ୟାନ ଅପେକ୍ଷା ସୁବିଦିତ ଆଖ୍ୟାନର ନବୀକରଣ ଅଧିକ ବିଶ୍ୱାସ୍ୟ ହେବା ଆଶାରେ ସେ

ମୁକତି ପଥକୁ ମୋତେ କହ ଜଗଦୀଶ ॥
ପ୍ରଭୁ ବୋଲନ୍ତି ମନୁଷ୍ୟ ହୋଇବୁ ନିଶ୍ଚୟ ।
ମମ ଲୀଳା କହି ପୁଣି ବୈକୁଣ୍ଠକୁ ପାଅ ॥
ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ ।
ସେ ଜନ୍ମରେ ବିଷ୍ଣୁଲୀଳା କଲି ପରକାଶ ॥
ଦ୍ୱିତୀୟ ଜନ୍ମରେ ମହାକାଳୀ ନାମେ କବି ।
ପଙ୍କଜବଦନୀ ସୁପ୍ରସନ୍ନା ବାକ୍ୟଦେବୀ ॥
ତୃତୀୟ ଜନ୍ମରେ ହେଲି ଶ୍ରୀ ସାରଳାଦାସ ।
ଶ୍ରୀ ବିଷ୍ଣୁଲୀଳାକୁ ମୁଖେ କରିଲି ଅଭ୍ୟାସ ॥
ପ୍ରଥମେ ଶ୍ରୀରାମାୟଣ ଦ୍ୱିତୀୟେ ଭାରତ ।
ତୃତୀୟେ ଲିଖନ କଲି ଶିରୀ ଭାଗବତ ॥

(ଓଡ଼ିଶା ଜଗନ୍ନାଥ କମ୍ପାନି ପ୍ରକାଶିତ 'ଚଣ୍ଡୀପୁରାଣ, ୧୯୬୧,' ପୃ-୩୫)

ସାରଳାଦାସ ଯେଉଁ ସମାଜର ଗ୍ରହଣୀୟ ହେବା ଲକ୍ଷ୍ୟ ରଖି ଗ୍ରନ୍ଥରଚନା କରୁଥିଲେ ତାହା ଥିଲା ଓଡ଼ିଶାର ଗ୍ରାମ୍ୟ ସମାଜ । ଗ୍ରାମାଞ୍ଚଳର ପ୍ରାୟଶଃ ଅଶିକ୍ଷିତ, ସଂସ୍କୃତ ଭାଷା ବୁଝୁ ନଥିବା ଲୋକଙ୍କ ପାଇଁ ସେ ପୁରାଣ ଲେଖୁଥିଲେ । ଗାଉଁଲି ଲୋକେ ଧର୍ମଭୀରୁ ଓ ସରଳବିଶ୍ୱାସୀ । ଏମାନେ ପରମ୍ପରାକ୍ରମେ ସଂସ୍କୃତ ଭାଷାରେ ରଚିତ ପୁରାଣଗୁଡ଼ିକର ଓ ରାମାୟଣ-ମହାଭାରତର କାହାଣୀ ସବୁ ଶୁଣି ଆସିଛନ୍ତି ଓ ତାହା ସବୁ ଧ୍ରୁବସତ୍ୟ ବୋଲି ଗ୍ରହଣ କରିଆସିଛନ୍ତି । ସେମାନଙ୍କ ମନରୁ ପୁରୁଣା କାହାଣୀକୁ ହଟାଇ ତା' ସ୍ଥାନରେ ନୂଆ କାହାଣୀକୁ ଭର୍ତ୍ତି କରିବା ଓ ନୂଆ କାହାଣୀକୁ ବିଶ୍ୱାସଯୋଗ୍ୟ କରାଇନେବା ସୁସାଧ ବ୍ୟାପାର ନୁହେଁ । ଏଥିପାଇଁ ମୌଳିକ ପୁରାଣକାରକୁ ନିଜ ସମ୍ପର୍କରେ ମଧ୍ୟ ପୁରାଣ କଥା (Myth) ସୃଷ୍ଟି କରିବାକୁ ପଡ଼ିଥାଏ ଓ ସେ ଦୈବୀପ୍ରସାଦ ଦାବି କରିଥାଏ । ସାରଳାଦାସ ମହାଭାରତରେ ନିଜେ ମୂଳତଃ ଶିବାନୁଚର ନନ୍ଦୀ ଥିବା କଥା ପ୍ରକାଶ କରିଥିଲେ । ନିଜ ଭିତରେ ବୈଷ୍ଣବ, ଶାକ୍ତ ଓ ଶୈବ ତ୍ରିବିଧ ଧର୍ମଧାରାର ମିଶ୍ରଣ ଦେଖାଇବା ପାଇଁ ଏହା ଅଭିପ୍ରେତ ଥିବା ମନେହୁଏ । ଧର୍ମରାଜ୍ୟରେ *ସାମ୍ପ୍ରଦାୟିକ ସମନ୍ୱୟ କଥାଟି ପୁରୀର ମନ୍ଦିରରେ ପୂର୍ବରୁ ଲାଳିତ ହେଉଥିଲା* ରତ୍ନବେଦୀରେ ଜଗନ୍ନାଥ (ବୈଷ୍ଣବ), ଭଦ୍ରା (ଶାକ୍ତ) ଓ ବଳଭଦ୍ର (ଶୈବ) ତ୍ରିମୂର୍ତ୍ତିଙ୍କୁ ନେଇ । ସାରଳାଦାସ ସେହି କଥାଟିକୁ ନିଜ ଭିତରେ ଦେଖାଇଛନ୍ତି ନିଜକୁ ଶିବାନୁଚର ନନ୍ଦୀ (ଶୈବ), ସାରୋଳାଚଣ୍ଡୀ ଉପାସକ (ଶାକ୍ତ) ଓ ବିଷ୍ଣୁଙ୍କ ମହିମା ପ୍ରଖ୍ୟାପକ ମହାଭାରତ ରଚୟିତା କବି (ବୈଷ୍ଣବ) କରି । ଚଣ୍ଡୀପୁରାଣ ଲେଖିବାବେଳେ ମହାଭାରତ ପ୍ରଚାରିତ ଜାତିସ୍ମରିତାକୁ ବଦଳାଇବା ଆବଶ୍ୟକ ହେଲା, କାରଣ ମହାଭାରତର ସ୍ୱଭାବ ବୈଷ୍ଣବ ଥିବା ସ୍ଥଳେ ଚଣ୍ଡୀପୁରାଣର ସ୍ୱଭାବ ଶାକ୍ତ ଥିଲା । ନୂଆ ଜାତିସ୍ମରିତା ପାଇଁ ସାରଳାଦାସ ସଂସ୍କୃତ ଭାଗବତ ପୁରାଣର ସପ୍ତମ ସ୍କନ୍ଧ ପ୍ରଥମ ଅଧ୍ୟାୟରେ ବର୍ଣ୍ଣିତ ଜୟବିଜୟଙ୍କ ଶାପ ଆଖ୍ୟାନର ଆଶ୍ରୟ ନେଇଛନ୍ତି । ସମ୍ପୂର୍ଣ୍ଣ ଅଭିନବ ଆଖ୍ୟାନ ଅପେକ୍ଷା ସୁବିଦିତ ଆଖ୍ୟାନର ନବୀକରଣ ଅଧିକ ବିଶ୍ୱାସ୍ୟ ହେବା ଆଶାରେ ସେ

ଏପରି କରିଥିବା ସମ୍ଭବ । ଭାଗବତର ବିବରଣ ଅନୁସାରେ ବୈକୁଣ୍ଠର ଜୟ ଓ ବିଜୟ ନାମଧେୟ ଦୁଇ ଦ୍ୱାରପାଳ ଚତୁଃସନଙ୍କୁ ଚିହ୍ନି ନ ପାରି ବିଷ୍ଣୁଙ୍କ ଦର୍ଶନକୁ ଛାଡ଼ି ନ ଥିଲେ । ସନକ, ସନନ୍ଦନ, ସନାତନ ଓ ସନତ୍‌କୁମାର ନାମଧେୟ ବ୍ରହ୍ମାଙ୍କର ଏହି ଚାରିଜଣ ପୁଅ ମରୀଚି ଆଦି ମହର୍ଷିଙ୍କଠାରୁ ମଧ୍ୟ ବୟୋଜ୍ୟେଷ୍ଠ ହେଲେ ହେଁ ଚିରକାଳ ପାଞ୍ଚ ଛ' ବର୍ଷୀୟ ବାଳକ ରୂପଧାରୀ ହେବାରୁ ଏପରି ଭ୍ରମ ହୋଇଥିଲା । ଏଥିରେ କ୍ରୁଦ୍ଧ ହୋଇ ଚତୁଃସନ ସେମାନଙ୍କୁ ଶାପ ଦେଲେ ଯେ ସେମାନେ ତିନି ଜନ୍ମ ଯାଏ ଅସୁର ହୋଇ ଜନ୍ମଲାଭ କରିବେ । ଶାପାନୁସାରେ ଜୟ-ବିଜୟ କ୍ରମାନ୍ୱୟରେ ହେଲେ ହିରଣ୍ୟକଶିପୁ-ହିରଣ୍ୟାକ୍ଷ (ସତ୍ୟ), ରାବଣ-କୁମ୍ଭକର୍ଣ୍ଣ (ତ୍ରେତା) ଓ ଶିଶୁପାଳ-ଦନ୍ତବକ୍ତ୍ର (ଦ୍ୱାପର) । ସାରଳାଦାସ ବ୍ରହ୍ମାତନୟ ଚତୁଃସନଙ୍କ ସ୍ଥାନରେ ବ୍ରହ୍ମାତନୟ ମନୁଙ୍କୁ ରଖି ଭାଗବତର ଆଖ୍ୟାନର ପରିବର୍ତ୍ତନ (ଚାରିଜଣ ଏକ ଅବତାର ହେବାର ଅସୁବିଧା ଯୋଗୁଁ ଜଣେ ଋଷିଙ୍କ ଆବଶ୍ୟକତା ଅନୁମେୟ) ଓ ନିଜକୁ ମନୁଙ୍କ ଅବତାର କରି ତାହାର ପରିବର୍ଦ୍ଧନ କଲେ । ଜୟ-ବିଜୟଙ୍କ ତିନି ଜନ୍ମ ସହିତ ସାମ୍ୟ ରଖି ମନୁ ମଧ୍ୟ ତିନି ଅବତାର ହେବା କଥା କୁହାଗଲା । ଅଥଚ ମହାଭାରତରେ ସାରଳାଦାସ ଚାରି ଅବତାର କଥା ଲେଖିଥିଲେ ହେଁ ଚତୁର୍ଥ ଅବତାର ଭବିଷ୍ୟତ୍‌ରେ ଘଟିବା ସୂଚନା ଦେଇଥିଲେ ।

ପୀତାମ୍ବର ଦାସ ଚଣ୍ଡୀପୁରାଣରେ ବର୍ଣ୍ଣିତ ସାରଳା ଦାସଙ୍କ ଜାତିସ୍ମରତାକୁ ପରିବର୍ତ୍ତିତ କରି ନିଜର ଜାତିସ୍ମରତାର ବିବରଣ ପ୍ରସ୍ତୁତ କରିଛନ୍ତି । ଏହି ଅବସ୍ଥାରେ ଓଡ଼ିଆ ଭାଷାର କବି ପରମ୍ପରାର ଆଦ୍ୟରେ ଜଣେ ସର୍ବଜନବିଦିତ ସଂସ୍କୃତ ଭାଷାର କବି କାଳିଦାସ ସ୍ଥାନ ପାଇ ଯାଇଛନ୍ତି । ପୀତାମ୍ବର ମହାକାଳିକା ବା ମହାକାଳ ଧ୍ୱଂସକୁ ତ୍ୟାଗ କରିଛନ୍ତି କାରଣ ସେହି ନାମର କୌଣସି କବି ପ୍ରସିଦ୍ଧ ନୁହନ୍ତି । ପୀତାମ୍ବରଙ୍କ ବର୍ଣ୍ଣନାରେ ତାଙ୍କ ପୂର୍ବ ଜନ୍ମଗୁଡ଼ିକ ଏହିପରି –

୧ମ ଜନ୍ମ : କାଳିଦାସ ସଂସ୍କୃତ ମହାକାବ୍ୟ (ରଘୁବଂଶର ପ୍ରଣେତା)
୨ୟ ଜନ୍ମ : ଜଗନ୍ନାଥ ଦାସ (ଓଡ଼ିଆ ଭାଗବତର ପ୍ରଣେତା)
୩ୟ ଜନ୍ମ : ବଳରାମ ଦାସ (ଓଡ଼ିଆ ରାମାୟଣର ପ୍ରଣେତା)
୪ର୍ଥ ଜନ୍ମ : ଅଚ୍ୟୁତାନନ୍ଦ ଦାସ (ଓଡ଼ିଆ ହରିବଂଶର ପ୍ରଣେତା)
୫ମ ଜନ୍ମ : ସାରଳାଦାସ (ଓଡ଼ିଆ ମହାଭାରତ ଓ ଚଣ୍ଡୀପୁରାଣର ପ୍ରଣେତା)
୬ଷ୍ଠ ଜନ୍ମ : ମହାଦେବ ଦାସ (ଓଡ଼ିଆ ବିଷ୍ଣୁକେଶରୀ ଓ କାର୍ତ୍ତିକ ମାହାତ୍ମ୍ୟର ପ୍ରଣେତା)
୭ମ ଜନ୍ମ : ପୀତାମ୍ବର ଦାସ (ଓଡ଼ିଆ ନୃସିଂହ-ପୁରାଣର ପ୍ରଣେତା)

ଏଥିରେ ଓଡ଼ିଆ କବିମାନଙ୍କର ଆବିର୍ଭାବର ଐତିହାସିକ କ୍ରମ ରକ୍ଷା କରାଯାଇନାହିଁ । ସଂସ୍କୃତ ଓ ସଂସ୍କୃତାନୁସାରୀ କବିମାନଙ୍କୁ ପୂର୍ବବର୍ତ୍ତୀ ଓ ଓଡ଼ିଆ ପୁରାଣକାରମାନଙ୍କୁ ପରବର୍ତ୍ତୀ କରାଯାଇଛି । ସଂସ୍କୃତ ପ୍ରାଚୀନ ଓ ପ୍ରାକୃତ (ଓଡ଼ିଆ) ଅର୍ବାଚୀନ; ଏହି ବିଚାର ନେଇ ସେ ଚଣ୍ଡୀପୁରାଣ ଓ ବିଷ୍ଣୁକେଶରୀ ନାମକ ମୌଳିକ ଓଡ଼ିଆ ପୁରାଣର କବିମାନଙ୍କୁ ଭାଗବତ, ରାମାୟଣ ଓ ହରିବଂଶର ଅନୁବାଦକ କବିମାନଙ୍କର ପରବର୍ତ୍ତୀ କରିଛନ୍ତି । ଅନୁବାଦକ କବିମାନଙ୍କ ମଧ୍ୟରେ ଯାହାର ଭାଷା ସଂସ୍କୃତ ପ୍ରାୟ ସେ (ଜଗନ୍ନାଥ ଦାସ) ହୋଇ ପଡ଼ିଛନ୍ତି

ପ୍ରାଚୀନତମ । ପୀତାମ୍ବର ଦାସଙ୍କର ପୂର୍ବ ଜନ୍ମଗୁଡ଼ିକର କ୍ରମର ଯଥାର୍ଥତା ଏହି ଦୃଷ୍ଟିରୁ ସମର୍ଥନୀୟ କିନ୍ତୁ ସେମାନଙ୍କର ଆବିର୍ଭାବ କାଳ ଦୃଷ୍ଟିରୁ ନୁହେଁ ।

ପୀତାମ୍ବର ନୃସିଂହ-ପୁରାଣର ୨ୟ ସାଗରରେ ନିଜକୁ ମନୁଙ୍କ ସପ୍ତମ ଅବତାର ବୋଲି ଲେଖିଛନ୍ତି କିନ୍ତୁ ଅନ୍ୟତ୍ର ନିଜକୁ ଷଷ୍ଠ ଅବତାର ରୂପେ ଆଖ୍ୟାତ କରାଇଛନ୍ତି –

ଆଜକୁ ଗଲାଣି ପାଞ୍ଚ ଜନ୍ମ ମୋର ପୁଣି ।
ସ୍ୱପନେ କହିଲେ ଏହା ମୋତେ ଗୋସାମଣୀ ।।
ଏ ଜନ୍ମ ମିଶି ମୋହର ଷଡ଼ ଜନ୍ମ ହେଲା ।
ଶାରଦା ଆଜ୍ଞାରୁ ମୁହିଁ ଲେଖେ ଏହା ଭଲା ।। (୩/୧୮୯)

ପୁଣି, ଦେବୀ ସରସ୍ୱତୀ କବିଙ୍କୁ କହିଥିବା କଥା ଲେଖାଅଛି –

ତୁହି ମୋହର ପ୍ରତ୍ୟକ୍ଷେ ପୁତ୍ର ଅଟୁ ଜାଣ ।
ଆଜକୁ ହେଲାଣି ଷଷ୍ଠ ଜନ୍ମ ତୋର ପୁଣ ।।
ଜନ୍ମକେ ପୁରାଣେ ଯାଉଅଛୁ ଜାଣ ଲେଖି ।
ଏଥିକୁ ନ କର ହେଉଅଛୁ ଆମ୍ଭେ ସାକ୍ଷୀ ।। (୪/୧୮୭)

ଏଥିରୁ ଅନୁମିତ ହୋଇପାରେ ଯେ ପୀତାମ୍ବର କାଳିଦାସଙ୍କୁ ଛାଡ଼ି ଅନ୍ୟ ଛଅ ଜନ୍ମକୁ ଗଣିଛନ୍ତି । କାଳିଦାସ ଚ୍ୟୁତ ହେବାର କାରଣ ଦ୍ୱିବିଧ, ପ୍ରଥମତଃ କାଳିଦାସ ଓଡ଼ିଆ କବି ନୁହନ୍ତି, ଦ୍ୱିତୀୟତଃ କାଳିଦାସ ପୁରାଣକାର ନୁହନ୍ତି ଅଥଚ ଅନ୍ୟମାନେ ସମସ୍ତେ ଓଡ଼ିଆ ପୁରାଣକାର । 'ଜନ୍ମକେ ପୁରାଣେ' ଲେଖିବା ମଧ୍ୟରେ ପୀତାମ୍ବର ପୂର୍ବ ପାଞ୍ଚ ଜନ୍ମରେ ପାଞ୍ଚଟି ପୁରାଣ ଲେଖିଥିବା କଥା କହିଛନ୍ତି । ପୀତାମ୍ବରଙ୍କ ପୂର୍ବଜନ୍ମ ନିର୍ଦ୍ଧାରଣ ସହିତ 'ପଞ୍ଚପୁରାଣ'ର ସମ୍ପର୍କ ରହିଛି ।

**ପଞ୍ଚପୁରାଣ :**

ପୀତାମ୍ବର ଦାସଙ୍କ ଅନେକାନେକ ମୌଳିକ କଳ୍ପନା ମଧ୍ୟରେ 'ପଞ୍ଚପୁରାଣ' ଗୋଟିଏ । ସଂସ୍କୃତ ପରମ୍ପରାର ଅଷ୍ଟାଦଶ ପୁରାଣ ଓ ଉପପୁରାଣ କଥା ସୁବିଦିତ । ପୀତାମ୍ବର ପୁରାଣର ସଂଖ୍ୟା ୧୮ ବୋଲି ମାନିଛନ୍ତି କିନ୍ତୁ ସଂସ୍କୃତର ୧୮ ପୁରାଣର ଅନ୍ତର୍ଗତ ଅନେକ ପୁରାଣର ନାମକୁ ଛାଡ଼ି ସେ ନୂଆ ନାମ ଯୋଗ କରିଛନ୍ତି । ସେ ଅଷ୍ଟାଦଶ ପୁରାଣ ମଧ୍ୟରେ (୧) ନୃସିଂହ, (୨) ବ୍ରହ୍ମ, (୩) ମାର୍କଣ୍ଡ, (୪) ବସିଷ୍ଠ, (୫) ମତ୍ସ୍ୟ, (୬) କୂର୍ମ, (୭) ବରାହ, (୮) ବାମନ, (୯) ବାଗ୍‌ଦେବୀ, (୧୦) ଲକ୍ଷ୍ମୀ, (୧୧) ପଦ୍ମ ଓ (୧୨) ବ୍ରହ୍ମାଣ୍ଡ ପୁରାଣର ନାମୋଲ୍ଲେଖ କରି ନୃସିଂହ-ପୁରାଣର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି–

ବେଦବ୍ୟାସ-କୃତ ଏହି ସବୁ ଶାସ୍ତ୍ର ଜାଣ ।
ଅଷ୍ଟାଦଶ ପୁରାଣ ଯେ ବାନ୍ଧିଲେକ ପୁଣ ।।
ନୃସିଂହ-ପୁରାଣ କଲେ ତାଙ୍କ ମଧ୍ୟେ ରାଜା ।
ତହିଁକି ବ୍ରହ୍ମପୁରାଣ ପାତ୍ର ପଣେ ଖଞ୍ଜା ।।
ମନ୍ତ୍ରୀପଣରେ ଖଟିଲେ ମାର୍କଣ୍ଡ ପୁରାଣ ।

ବସିଷ୍ଠ ପୁରାଣ କଲେ ପ୍ରୋହିତ ବରଣ ।।
ମତ୍ସ୍ୟ ପୁରାଣ ବେହେରା ମହାପାତ୍ର ହେଲେ ।
ସୈନ୍ୟବଳ ଛତ୍ର କୂର୍ମପୁରାଣକୁ କଲେ ।।
ବରାହ ପୁରାଣ ହେଲେ ସର୍ବ ଅଧିକାରୀ ।
ପରୀଛା କଲେ ବାମନ ପୁରାଣ ବିଚାରି ।।
ବୀଣା ବଜାଇ ରହିଲେ ବାଗ୍‌ଦେବୀ ପୁରାଣ ।
ଲକ୍ଷ୍ମୀ ପୁରାଣ ସେବିଲେ ପ୍ରିୟା ହୋଇ ଜାଣ ।।
ପଦ୍ମପୁରାଣ ନିଯୋଗ ହେଲେ ସେବାକାରୀ ।
ବ୍ରହ୍ମାଣ୍ଡ ପୁରାଣ ହେଲେ ସଭା-ପଡ଼ିହାରୀ ।।
ଏହା ଉତ୍ତାରୁ ଆବର ଯେତେକ ପୁରାଣ ।
ପରିଚାର ହେଲେ ରାଜା ପାଦରେ ରହିଣ ।। (୧/୪୯)

ଏଥିରେ ଉଲ୍ଲିଖିତ ବାଗ୍‌ଦେବୀ ପୁରାଣ ଓ ଲକ୍ଷ୍ମୀପୁରାଣ ସଂସ୍କୃତ ପରମ୍ପରାର ପୁରାଣ ନୁହଁନ୍ତି । ସଂସ୍କୃତ ପରମ୍ପରାରେ ବସିଷ୍ଠ ଏକ ଉପପୁରାଣ ଓ ଅଧିକାଂଶ ମତରେ ନୃସିଂହ-ପୁରାଣ ମଧ୍ୟ ଏକ ଉପପୁରାଣ । ଭାଗବତ ପରି ସୁବିଦିତ ପୁରାଣ ଏଠାରେ ଅନୁକ୍ତ ରହିବାର କାରଣ ହେଲା କବି ଭାଗବତକୁ ଅଷ୍ଟାଦଶ ପୁରାଣ ମଧ୍ୟରେ ଗଣନା ନକରି ଅଷ୍ଟାଦଶ ପୁରାଣ ଅପେକ୍ଷା ମହତ୍ତର 'ପଞ୍ଚପୁରାଣ' ମଧ୍ୟରେ ଗଣିଛନ୍ତି । ଏକା ନୃସିଂହ-ପୁରାଣର ଶ୍ରବଣ ପଞ୍ଚପୁରାଣ ଶ୍ରବଣର ସମ୍ମିଳିତ ପୁଣ୍ୟଫଳ ଦେବାକୁ ସମର୍ଥ ବୋଲି ସେ ବହୁ ସ୍ଥାନରେ ସୂଚାଇଛନ୍ତି –

ନୃସିଂହ-ପୁରାଣକୁ ଯେ ଯେତେ ପ୍ରାଣୀ ଶୁଣି ।
ଲଭିବେ ପଞ୍ଚପୁରାଣ ପୁଣ୍ୟକୁ ସେ ପୁଣି ।। (୭/୧୧୮)
ପଞ୍ଚ ପୁରାଣ ପୁଣ୍ୟ ଏ ଗ୍ରନ୍ଥ ଶୁଣି ଲଭେ ।। (୭/୧୪୬)
ଏ ଗ୍ରନ୍ଥେ ପଞ୍ଚପୁରାଣ ଫଳ ପ୍ରାଣୀ ଲଭେ । (୭/୧୫୪)
ପାଞ୍ଚ ପୁରାଣର ଫଳ ଏଥୁଁ ଜାଣ ମିଳେ । (୭/୧୫୮)
ପଞ୍ଚ ପୁରାଣ ଫଳ ଏ ଗ୍ରନ୍ଥେ ଅଛି ଭରି । (୭/୧୬୫)
ପଞ୍ଚ ପୁରାଣ ଶୁଣିମା ପୁଣ୍ୟ ଏଥି ପାଇ । (୭/୧୮୧)
ଶୁଣିଶ ପଞ୍ଚପୁରାଣ ଫଳକୁ ସେ ଲଭେ । (୭/୧୮୫)

ପୀତାମ୍ବର ପଞ୍ଚପୁରାଣର ଅନ୍ତର୍ଭୁକ୍ତ ପାଞ୍ଚୋଟିଯାକ ପୁରାଣର ସୂଚନା ଦେଇଛନ୍ତି ଯଦିଚ ସ୍ପଷ୍ଟଭାବରେ ନୁହେଁ । ତାଙ୍କ ପୌତ୍ର ଗୌରାଙ୍ଗ ଦାମୋଦର ପୁରାଣ ପ୍ରଥମ ଖଣ୍ଡରେ ତାହା ପ୍ରାଞ୍ଜଳ କରି ଦେଇଛନ୍ତି । ଗୌରାଙ୍ଗଙ୍କ ବର୍ଣ୍ଣନା ଅନୁସାରେ ଅଷ୍ଟାଦଶ ପୁରାଣ ହେଲା – (୧) ବ୍ରହ୍ମାଣ୍ଡ, (୨) ପଦ୍ମ, (୩) ବିଷ୍ଣୁ, (୪) ଶିବ, (୫) ନାରଦ, (୬) ମାର୍କଣ୍ଡ, (୭) ଅଗ୍ନି, (୮) ଭବିଷ୍ୟ, (୯) ବ୍ରହ୍ମବୈବର୍ତ୍ତ, (୧୦) ଲିଙ୍ଗ, (୧୧) ବରାହ, (୧୨) ସ୍କନ୍ଦ, (୧୩) ବାମନ, (୧୪) କୂର୍ମ, (୧୫) ମତ୍ସ୍ୟ, (୧୬) ଗରୁଡ଼, (୧୭) ବ୍ରହ୍ମାଣ୍ଡ ଓ

ପ୍ରାଚୀନତମ । ପୀତାମ୍ବର ଦାସଙ୍କର ପୂର୍ବ ଜନ୍ମଗୁଡ଼ିକର କ୍ରମର ଯଥାର୍ଥତା ଏହି ଦୃଷ୍ଟି ସମର୍ଥନୀୟ କିନ୍ତୁ ସେମାନଙ୍କର ଆବିର୍ଭାବ କାଳ ଦୃଷ୍ଟିରୁ ନୁହେଁ ।

ପୀତାମ୍ବର ନୃସିଂହ-ପୁରାଣର ୨ୟ ସାଗରରେ ନିଜକୁ ମନୁଙ୍କ ସପ୍ତମ ଅବତାର ବୋ ଲେଖିଛନ୍ତି କିନ୍ତୁ ଅନ୍ୟତ୍ର ନିଜକୁ ଷଷ୍ଠ ଅବତାର ରୂପେ ଆଖ୍ୟାତ କରାଇଛନ୍ତି –

ଆଜକୁ ଗଲାଣି ପାଞ୍ଚ ଜନ୍ମ ମୋର ପୁଣି ।
ସ୍ୱପନେ କହିଲେ ଏହା ମୋତେ ଗୋସାମଣୀ ॥
ଏ ଜନ୍ମ ମିଶି ମୋହର ଷଡ଼ ଜନ୍ମ ହେଲା ।
ଶାରଦା ଆଜ୍ଞାରୁ ମୁହିଁ ଲେଖେ ଏହା ଭଲା ॥ (୩/୧୮୯)

ପୁଣି, ଦେବୀ ସରସ୍ୱତୀ କବିଙ୍କୁ କହିଥିବା କଥା ଲେଖାଅଛି –

ତୁହି ମୋହର ପ୍ରତ୍ୟକ୍ଷେ ପୁତ୍ର ଅଟୁ ଜାଣ ।
ଆଜକୁ ହେଲାଣି ଷଷ୍ଠ ଜନ୍ମ ତୋର ପୁଣ ॥
ଜନ୍ମକେ ପୁରାଣେ ଯାଉଅଛୁ ଜାଣ ଲେଖି ।
ଏଥିକୁ ନ କର ହେଉଅଛୁ ଆମ୍ଭେ ସାକ୍ଷୀ ॥ (୪/୧୮୭)

ଏଥିରୁ ଅନୁମିତ ହୋଇପାରେ ଯେ ପୀତାମ୍ବର କାଳିଦାସଙ୍କୁ ଛାଡ଼ି ଅନ୍ୟ ଛଅ ଜନ୍ମ ଗଣିଛନ୍ତି । କାଳିଦାସ ଚ୍ୟୁତ ହେବାର କାରଣ ଦ୍ୱିବିଧ, ପ୍ରଥମତଃ କାଳିଦାସ ଓଡ଼ିଆ କବି ନୁହନ୍ତି ଦ୍ୱିତୀୟତଃ କାଳିଦାସ ପୁରାଣକାର ନୁହନ୍ତି ଅଥଚ ଅନ୍ୟମାନେ ସମସ୍ତେ ଓଡ଼ିଆ ପୁରାଣକାର 'ଜନ୍ମକେ ପୁରାଣେ' ଲେଖିବା ମଧ୍ୟରେ ପୀତାମ୍ବର ପୂର୍ବ ପାଞ୍ଚ ଜନ୍ମରେ ପାଞ୍ଚଟି ପୁରା ଲେଖିଥିବା କଥା କହିଛନ୍ତି । ପୀତାମ୍ବରଙ୍କ ପୂର୍ବଜନ୍ମ ନିର୍ଦ୍ଧାରଣ ସହିତ 'ପଞ୍ଚପୁରାଣ'ର ସମ୍ପର୍କ ରହିଛି ।

**ପଞ୍ଚପୁରାଣ :**

ପୀତାମ୍ବର ଦାସଙ୍କ ଅନେକାନେକ ମୌଳିକ କଳ୍ପନା ମଧ୍ୟରେ 'ପଞ୍ଚପୁରାଣ' ଗୋଟିଏ । ସଂସ୍କୃତ ପରମ୍ପରାର ଅଷ୍ଟାଦଶ ପୁରାଣ ଓ ଉପପୁରାଣ କଥା ସୁବିଦିତ । ପୀତାମ୍ବର ପୁରାଣର ସଂଖ୍ୟା ୧୮ ବୋଲି ମାନିଛନ୍ତି କିନ୍ତୁ ସଂସ୍କୃତର ୧୮ ପୁରାଣର ଅନ୍ତର୍ଗତ ଅନେକ ପୁରାଣର ନାମକୁ ଛାଡ଼ି ସେ ନୂଆ ନାମ ଯୋଗ କରିଛନ୍ତି । ସେ ଅଷ୍ଟାଦଶ ପୁରାଣ ମଧ୍ୟରେ (୧) ନୃସିଂହ, (୨) ବ୍ରହ୍ମ, (୩) ମାର୍କଣ୍ଡ, (୪) ବସିଷ୍ଠ, (୫) ମତ୍ସ୍ୟ, (୬) କୂର୍ମ, (୭) ବରାହ, (୮) ବାମନ, (୯) ବାଗ୍‌ଦେବୀ, (୧୦) ଲକ୍ଷ୍ମୀ, (୧୧) ପଦ୍ମ ଓ (୧୨) ବ୍ରହ୍ମାଣ୍ଡ ପୁରାଣର ନାମୋଲ୍ଲେଖ କରି ନୃସିଂହ-ପୁରାଣର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି–

ବେଦବ୍ୟାସ-କୃତ ଏହି ସବୁ ଶାସ୍ତ୍ର ଜାଣ ।
ଅଷ୍ଟାଦଶ ପୁରାଣ ଯେ ବାନ୍ଧିଲେକ ପୁଣ ॥
ନୃସିଂହ-ପୁରାଣ କଲେ ତାଙ୍କ ମଧ୍ୟେ ରାଜା ।
ତହିଁକି ବ୍ରହ୍ମପୁରାଣ ପାତ୍ର ପଣେ ଖଞ୍ଜା ॥
ମନ୍ତ୍ରୀପଣରେ ଖଟିଲେ ମାର୍କଣ୍ଡ ପୁରାଣ ।

ବସିଷ୍ଠ ପୁରାଣ କଲେ ପ୍ରୋହିତ ବରଣ ॥
ମତ୍ସ୍ୟ ପୁରାଣ ବେହେରା ମହାପାତ୍ର ହେଲେ ।
ସୈନ୍ୟବଳ ଛତ୍ର କୂର୍ମପୁରାଣକୁ କଲେ ॥
ବରାହ ପୁରାଣ ହେଲେ ସର୍ବ ଅଧିକାରୀ ।
ପରୀଛା କଲେ ବାମନ ପୁରାଣ ବିଚାରି ॥
ବୀଣା ବଜାଇ ରହିଲେ ବାଗ୍‌ଦେବୀ ପୁରାଣ ।
ଲକ୍ଷ୍ମୀ ପୁରାଣ ସେବିଲେ ପ୍ରିୟା ହୋଇ ଜାଣ ॥
ପଦ୍ମପୁରାଣ ନିଯୋଗ ହେଲେ ସେବାକାରୀ ।
ବ୍ରହ୍ମାଣ୍ଡ ପୁରାଣ ହେଲେ ସଭା-ପଡ଼ିହାରୀ ॥
ଏହା ଉତ୍ତାରୁ ଆବର ଯେତେକ ପୁରାଣ ।
ପରିଚାର ହେଲେ ରାଜା ପାଦରେ ରହିଣ ॥ (୧/୪୯)

ଏଥିରେ ଉଲ୍ଲିଖିତ ବାଗ୍‌ଦେବୀ ପୁରାଣ ଓ ଲକ୍ଷ୍ମୀପୁରାଣ ସଂସ୍କୃତ ପରମ୍ପରାର ପୁରାଣ ନୁହଁନ୍ତି । ସଂସ୍କୃତ ପରମ୍ପରାରେ ବସିଷ୍ଠ ଏକ ଉପପୁରାଣ ଓ ଅଧିକାଂଶ ମତରେ ନୃସିଂହ-ପୁରାଣ ମଧ୍ୟ ଏକ ଉପପୁରାଣ । ଭାଗବତ ପରି ସୁବିଦିତ ପୁରାଣ ଏଠାରେ ଅନୁକ୍ତ ରହିବାର କାରଣ ହେଲା କବି ଭାଗବତକୁ ଅଷ୍ଟାଦଶ ପୁରାଣ ମଧ୍ୟରେ ଗଣନା ନକରି ଅଷ୍ଟାଦଶ ପୁରାଣ ଅପେକ୍ଷା ମହତ୍ତର 'ପଞ୍ଚପୁରାଣ' ମଧ୍ୟରେ ଗଣିଛନ୍ତି । ଏକା ନୃସିଂହ-ପୁରାଣର ଶ୍ରବଣ ପଞ୍ଚପୁରାଣ ଶ୍ରବଣର ସମ୍ମିଳିତ ପୁଣ୍ୟଫଳ ଦେବାକୁ ସମର୍ଥ ବୋଲି ସେ ବହୁ ସ୍ଥାନରେ ସୂଚାଇଛନ୍ତି –

ନୃସିଂହ-ପୁରାଣକୁ ଯେ ଯେତେ ପ୍ରାଣୀ ଶୁଣି ।
ଲଭିବେ ପଞ୍ଚପୁରାଣ ପୁଣ୍ୟକୁ ସେ ପୁଣି ॥ (୭/୧୧୮)
ପଞ୍ଚ ପୁରାଣ ପୁଣ୍ୟ ଏ ଗ୍ରନ୍ଥ ଶୁଣି ଲଭେ ॥ (୭/୧୪୬)
ଏ ଗ୍ରନ୍ଥେ ପଞ୍ଚପୁରାଣ ଫଳ ପ୍ରାଣୀ ଲଭେ । (୭/୧୫୪)
ପାଞ୍ଚ ପୁରାଣର ଫଳ ଏଥୁଁ ଜାଣ ମିଳେ । (୭/୧୫୮)
ପଞ୍ଚ ପୁରାଣ ଫଳ ଏ ଗ୍ରନ୍ଥେ ଅଛି ଭରି । (୭/୧୬୫)
ପଞ୍ଚ ପୁରାଣ ଶୁଣିମା ପୁଣ୍ୟ ଏଥି ପାଇ । (୭/୧୮୧)
ଶୁଣିଣ ପଞ୍ଚପୁରାଣ ଫଳକୁ ସେ ଲଭେ । (୭/୧୮୫)

ପୀତାମ୍ବର ପଞ୍ଚପୁରାଣର ଅନ୍ତର୍ଭୁକ୍ତ ପାଞ୍ଚୋଟିଯାକ ପୁରାଣର ସୂଚନା ଦେଇଛନ୍ତି ଯଦିଚ ସ୍ପଷ୍ଟଭାବରେ ନୁହେଁ । ତାଙ୍କ ପୌତ୍ର ଗୌରାଙ୍ଗ ଦାମୋଦର ପୁରାଣ ପ୍ରଥମ ଖଣ୍ଡରେ ତାହା ପ୍ରାଞ୍ଜଳ କରି ଦେଇଛନ୍ତି । ଗୌରାଙ୍ଗଙ୍କ ବର୍ଣ୍ଣନା ଅନୁସାରେ ଅଷ୍ଟାଦଶ ପୁରାଣ ହେଲା – (୧) ବ୍ରହ୍ମାଣ୍ଡ, (୨) ପଦ୍ମ, (୩) ବିଷ୍ଣୁ, (୪) ଶିବ, (୫) ନାରଦ, (୬) ମାର୍କଣ୍ଡ, (୭) ଅଗ୍ନି, (୮) ଭବିଷ୍ୟ, (୯) ବ୍ରହ୍ମବୈବର୍ତ୍ତ, (୧୦) ଲିଙ୍ଗ, (୧୧) ବରାହ, (୧୨) ସ୍କନ୍ଦ, (୧୩) ବାମନ, (୧୪) କୂର୍ମ, (୧୫) ମତ୍ସ୍ୟ, (୧୬) ଗରୁଡ଼, (୧୭) ବ୍ରହ୍ମାଣ୍ଡ ଓ

(୧୮) ଧର୍ମ । ସଂସ୍କୃତର ସୁବିଦିତ ଅଷ୍ଟାଦଶ ପୁରାଣ ତାଲିକା ମଧ୍ୟରେ ଭାଗବତ ପୁରାଣ ବଦଳେ ଏଠାରେ ଧର୍ମପୁରାଣ ସ୍ଥାନ ପାଇଛି । ସଂସ୍କୃତରେ ଶିବଧର୍ମ ପୁରାଣ ନାମରେ ଏକ ଉପପୁରାଣ ରହିଛି କିନ୍ତୁ ଧର୍ମପୁରାଣ ନାମରେ କୌଣସି ପୁରାଣ ନାହିଁ । ସଂସ୍କୃତ ପୁରାଣ ମଧ୍ୟରେ ଭାଗବତର ସ୍ଥାନ ବିଷୟରେ (ତାହା ବୈଷ୍ଣବ ଶ୍ରୀମଦ୍‌ଭାଗବତ ହେଉ କିମ୍ବା ଶାକ୍ତ ଦେବୀ ଭାବବତ ହେଉ) ସନ୍ଦେହ ନାହିଁ । କିନ୍ତୁ ଦାମୋଦର ପୁରାଣ ଅନୁସାରେ ଭାଗବତ 'ପଞ୍ଚପୁରାଣ' ନାମରେ ଅଭିହିତ ମହାଶୟ (ଅର୍ଥାତ୍ ବିଶାଳ ଆଧାରବିଶିଷ୍ଟ) ପୁରାଣର ଅନ୍ତର୍ଭୁକ୍ତ ।

ଏ ରୂପେ ଅଷ୍ଟାଦଶ ପୁରାଣ ନିର୍ଣ୍ଣୟ ।
ଏ ତହୁଁ ଉପୁଜିଲା ପୁରାଣ ମହାଶୟ ॥
ପଞ୍ଚୁପୁରାଣ ନାମ ଯାହାକୁଟି କହି ।
ନୃସିଂହ-ପୁରାଣ ରାମାୟଣ ଯେ ଅଟଇ ॥
ଶ୍ରୀ ମହାଭାରତ ଭାଗବତ ହରିବଂଶ ।
ଏ ରୂପେ ପଞ୍ଚୁପୁରାଣ ହୋଇଲା ପ୍ରକାଶ ।

(ଦାମୋଦର ପୁରାଣ, ପ୍ରଥମ ଖଣ୍ଡ)

ପଞ୍ଚପୁରାଣର ନାମ – (୧) ନୃସିଂହ-ପୁରାଣ, (୨) ରାମାୟଣ, (୩) ମହାଭାରତ, (୪) ଭାଗବତ ଓ (୫) ହରିବଂଶ । ପୀତାମ୍ବର ପଞ୍ଚପୁରାଣର ସମ୍ମିଳିତ ପୁଣ୍ୟଫଳ ଏକା ନୃସିଂହ-ପୁରାଣରୁ ଲଭ୍ୟ ବୋଲି କହୁଥିବାରୁ ପଞ୍ଚପୁରାଣଭୁକ୍ତ ନୃସିଂହ-ପୁରାଣ ପୀତାମ୍ବର ଲେଖୁଥିବା ନୃସିଂହ-ପୁରାଣଠାରୁ ଭିନ୍ନ ଥିବା ସୂଚିତ ହେଉଛି । ପୀତାମ୍ବର ଲେଖୁଥିବା ନୃସିଂହ-ପୁରାଣ ଅଷ୍ଟାଦଶ ପୁରାଣ ଅନ୍ତର୍ଭୁକ୍ତ ବୋଲି ସେ ଜଣାଇଛନ୍ତି : 'ଅଷ୍ଟାଦଶ ପୁରାଣେ ଏ ଗ୍ରନ୍ଥ ଅଟେ ଉକ୍ତ' (୧।୧୬୪) । ତାହା ଅଷ୍ଟାଦଶ-ପୁରାଣ ମଧ୍ୟରେ ରାଜା ବୋଲି ମଧ୍ୟ ସେ ଲେଖିଛନ୍ତି (୧/୪୯) । ପଞ୍ଚପୁରାଣ ଅନ୍ତର୍ଗତ ନୃସିଂହ-ପୁରାଣ ପ୍ରଥମ ନୃସିଂହ ଗ୍ରନ୍ଥ ଓ ପୀତାମ୍ବରଙ୍କ ନୃସିଂହ-ପୁରାଣ ଦ୍ୱିତୀୟ ନୃସିଂହ-ଗ୍ରନ୍ଥ : ''ଦ୍ୱିତୀୟ ନୃସିଂହ-ଗ୍ରନ୍ଥ ଲେଖିଲି ସଂସାରେ'' (୫/୨୩) ।

ଏହି ପଞ୍ଚପୁରାଣର ଓଡ଼ିଆ କବି ପଞ୍ଚକଙ୍କୁ ପୀତାମ୍ବର ନିଜର ପୂର୍ବଜନ୍ମ ରୂପେ ସ୍ୱୀକୃତି ଦେଇଛନ୍ତି । ପୀତାମ୍ବର ନିଜେ ବିଭିନ୍ନ ଜନ୍ମରେ ଏହି ପାଞ୍ଚଟି 'ପୁରାଣ' ଲେଖିଥିବା କଥା କହିଛନ୍ତି –

ଶୁଣ ସାଧୁଜନମାନେ ନ ଥିଲା ମୋ ଏହା ।
ପୁରାଣ କଲେ ଶ୍ରୀ ବାକ୍ୟଦେବୀ ମାତ ଯାହା ॥
ହରିବଂଶ ରାମାୟଣ ଆଉ ଶ୍ରୀ ଭାରତ ।
ଦ୍ୱାଦଶ ଖଣ୍ଡ ଅଟଇ ଜାଣ ଭାଗବତ ॥
ଏହାଙ୍କ ସଙ୍ଗତେ ସରି ନୃସିଂହ-ପୁରାଣ ।
ଜନ୍ମେ ଜନ୍ମେ ଏ ପୁରାଣ କରିଲି ବଖାଣ ॥ (୨/୪୪)

ଅତଏବ ପୀତାମ୍ବରଙ୍କ ପୂର୍ବଜନ୍ମ ମଧ୍ୟରେ କାଳିଦାସଙ୍କ ସ୍ଥାନ ରହୁନାହିଁ । ପୀତାମ୍ବର ତାଙ୍କ ନୃସିଂହ-ପୁରାଣ ମଧ୍ୟରେ ମୁର ଦୈତ୍ୟର ବିନାଶକ ନୃସିଂହଙ୍କ ଚରିତ୍ରର ବିସ୍ତାରିତ ବିବରଣ ଦେବା ସଙ୍ଗେ ସଙ୍ଗେ ଦ୍ୱାଦଶ ସ୍କନ୍ଧାତ୍ମକ ଭାଗବତ ପୁରାଣର ସଂକ୍ଷେପସାର ଦେଇଛନ୍ତି, ସଂକ୍ଷେପରେ ରାମାୟଣ ଚରିତକୁ ଆମୂଳଚୂଳ ବର୍ଣ୍ଣନା କରିଛନ୍ତି, ହରିବଂଶ ବର୍ଣ୍ଣିତ କୃଷ୍ଣଲୀଳାର ସାରାଂଶ ଲେଖିଛନ୍ତି, ସଂକ୍ଷିପ୍ତ ଆକାରରେ ଶ୍ରୀମଦ୍‌ଭଗବଦ୍ ଗୀତା ସମେତ ମହାଭାରତ ଚରିତ କହିଛନ୍ତି ଓ ହିରଣ୍ୟକଶିପୁ ବିଦାରକ ନୃସିଂହ ଓ ତାଙ୍କ ଭକ୍ତ ପ୍ରହ୍ଲାଦ ଚରିତ ମଧ୍ୟ ବର୍ଣ୍ଣନା କରିଛନ୍ତି । ଏହି ଦୃଷ୍ଟିରୁ ପୀତାମ୍ବରଙ୍କ ନୃସିଂହ-ପୁରାଣ ପଞ୍ଚପୁରାଣର ସମଷ୍ଟିଭୂତ ଗୁଣାତ୍ମକ । ଭାଗବତକାର ଜଗନ୍ନାଥ ଦାସ, ରାମାୟଣକାର ବଳରାମ ଦାସ, ହରିବଂଶ (ସାତଖଣ୍ଡିଆ) ଲେଖକ ଅଚ୍ୟୁତାନନ୍ଦ ଦାସ, ମହାଭାରତକାର ସାରଳା ଦାସ ଓ 'ବିଷ୍ଣୁକେଶରୀ' ନାମକ ନୃସିଂହ-ପୁରାଣର ଲେଖକ ମହାଦେବ ଦାସ ପୀତାମ୍ବରଙ୍କ ପୂର୍ବ ଜନ୍ମ ଭାବରେ ସ୍ୱୀକୃତି ପାଇବାର ରହସ୍ୟ ଏହି 'ପଞ୍ଚପୁରାଣ' କଳ୍ପନା । ତେଣୁ ପଞ୍ଚପୁରାଣର ସମଷ୍ଟିଭୂତ ନୃସିଂହପୁରାଣର କବି ପୀତାମ୍ବର ଦାସ ମହର୍ଷି ମନୁଙ୍କର ଷଷ୍ଠ ଜନ୍ମ ହିଁ ହୋଇଛନ୍ତି ।

ଗ୍ରନ୍ଥକାରଙ୍କର ପ୍ରତିଷ୍ଠା ଓ ଦୈବୀସମର୍ଥନ ଉଭୟ ଦାବି ଗ୍ରନ୍ଥକୁ ସରଳବିଶ୍ୱାସୀ ସମାଜର ଗ୍ରହଣୀୟ କରାଇବାରେ ସାହାଯ୍ୟ କରିଥାଏ । ଶୂଦ୍ରମୁନି ସାରଳାଦାସ ଲେଖିଛନ୍ତି : "ମୁନି ଅଂଶେ ଜାତ ହେଲେ କାବ୍ୟ ପାରଇ କହି" (ସାରଳା ମହାଭାରତ, ବନ ପର୍ବ, ଦ୍ୱିତୀୟ ଖଣ୍ଡ, ପୃ-୧୯୧) । ପୀତାମ୍ବର ମଧ୍ୟ ସେହି କଥା ହିଁ ଲେଖିଛନ୍ତି : "ମୁନି ଅଂଶେ ଜନମିଲେ ପାରେ ଶାସ୍ତ୍ର ବାନ୍ଧି" (୧/୧୯୧) । ଏହି ମୁନି ମହର୍ଷି ମନୁ ବୋଲି ସାରଳାଦାସ ସ୍ଥିର କରିଥିଲେ । ପୀତାମ୍ବର ଦାସ ତାହାକୁ ସ୍ୱୀକୃତି ଦେଇ ସାରଳାଦାସଙ୍କ ପରିକଳ୍ପନାକୁ ସଂପ୍ରସାରିତ କରିଛନ୍ତି ।

### ବରପ୍ରସାଦ ଲାଭ

ଅନ୍ୟାନ୍ୟ ବହୁ ପ୍ରାଚୀନ କବିଙ୍କ ପରି ପୀତାମ୍ବର ଦାସ ଦୈବୀପ୍ରସାଦ ଲାଭ କରିଥିବାରୁ ହିଁ ଗ୍ରନ୍ଥ ରଚନା କରି ପାରିଥିବା କଥା କହିଛନ୍ତି ।

ପୀତାମ୍ବର ଏକ ନିଷ୍ଠାପର ବୈଷ୍ଣବ ପରିବାରର ସନ୍ତାନ ଓ ଆଜନ୍ମ ବିଷ୍ଣୁ ଭକ୍ତ । ତାଙ୍କ ବିବେଚନାରେ ଯେ ବିଷ୍ଣୁ ସେ ହିଁ ନୃସିଂହ (ହରି), ସେ ହିଁ ରାମ ଓ କୃଷ୍ଣ । ସେ ଭକ୍ତିମାର୍ଗରେ କାଳାତିପାତ କରୁଥିଲେ ଓ ଜ୍ଞାନ ଆହରଣ କରିବାରେ ନିଯୁକ୍ତ ରହୁଥିଲେ –

ଦେହ ବହିଲାଠାରୁ ମୁଁ କରେ ବିଷ୍ଣୁପୂଜା ।
ସାହୁର ଖାତକ ନୁହେଁ ରାଜାର ମୁଁ ପ୍ରଜା ।।
ହରିବାଣୀ ବ୍ୟତୀତ ନ ଜାଣେ ଆନ ମୁହିଁ ।
ଜ୍ଞାନ ଅମୃତକୁ ଭୁଞ୍ଜି ଗୃହେ ବସି ଥାଇ ।।
ହରିଙ୍କୁ ମୁଁ ଦୃଷ୍ଟି ଅଗ୍ରେ ଦେଖେ ଅବିକ୍ଷଣେ ।
ଦେଖନ୍ତି ସକଳେ ତାଙ୍କୁ ଚିହ୍ନେ ନାହିଁ ଜଣେ ।। (୪/୧୭୧)

କବିଙ୍କ ୨୭ ବର୍ଷ ବୟସ ହୋଇଥିବାବେଳେ ସେ ନୃସିଂହଙ୍କ ନିକଟରେ ଗୁହାରିଆ ହେଲେ । ଦୀର୍ଘ ଅଢ଼େଇ ମାସ ଗୁହାରିଆ ହେବା ପରେ ନୃସିଂହ ତାଙ୍କ ପ୍ରତି ପ୍ରସନ୍ନ ହେଲେ ।

ତାଙ୍କୁ ବର ଦେବା ନୃସିଂହ ଭଗବାନ ହିରଣ୍ୟକଶିପୁ ବିଦାରକ ଭୟଙ୍କର ରୂପଧାରୀ ନୁହନ୍ତି । ସେ ଗରୁଡ଼ଧ୍ୱଜ ଓ ତାଙ୍କର ପଦ୍ମମୁଖର ପ୍ରଭା ଶୁକ୍ଳ ଓ ମନୋହର –

ଶୁକ୍ଳରୂପ ଶୁଦ୍ଧବର୍ଣ୍ଣ ଅତି ଶୋଭାମୂର୍ତ୍ତି ।
ବ୍ରହ୍ମସ୍ୱରୂପ ଶତେକ ଆଦିତ୍ୟର ଜ୍ୟୋତି ।। ୩/୮୧)

ନୃସିଂହ ପ୍ରସନ୍ନ ହେବା କାଳ ଭାଦ୍ରବ ଶୁକ୍ଳ ପଞ୍ଚମୀ (୧୭୬୨ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୨୩ ତାରିଖ ରାତି) ଥିବା ସେ ଜଣାଇଛନ୍ତି ତେଣୁ ତାହାର ପୂର୍ବବର୍ତ୍ତୀ ଆଷାଢ଼ କୃଷ୍ଣ ପଞ୍ଚମୀ (୧୭୬୨ ଜୁନ୍ ୧୦ ତାରିଖ) ତିଥିରୁ ସେ ଗୁହାରିଆ ପଡ଼ିଥିଲେ ବୋଲି ନିରୂପଣ କରାଯାଇପାରେ ।

ବର୍ଣ୍ଣରେ ବ୍ରାହ୍ମଣ ମୁହିଁ ଅଟେ ସଦା ମୂର୍ଖ ।
ଜଣାଇଲି ନୃସିଂହଙ୍କୁ ବସି ପଞ୍ଚ ପକ୍ଷ ।।
ଭଜିଲି ଅହୋରାତ୍ରରେ ନିମିଷେ ନ ଛାଡ଼ି ।
ବହଇ ଯେତେ ନିଃଶ୍ୱାସ ତେତେ ମନ୍ତ୍ର ପଢ଼ି ।। (୬/୨୪)

ଏଥିରେ ଯେଉଁ ମନ୍ତ୍ର କଥା କୁହାଯାଇଛି ତାହା ପ୍ରତ୍ୟେକ ଜୀବର ନିଃଶ୍ୱାସପ୍ରଶ୍ୱାସ ରୂପ ମନ୍ତ୍ର, ଦିନକେ ୨୧,୬୦୦ ବୋଲି ବିଶ୍ୱାସ କରାଯାଏ (ଏଥିରେ ମିନିଟକେ ନିଃଶ୍ୱାସ ସଂଖ୍ୟା ୧୫ ଧରାଯାଇଛି କିନ୍ତୁ ଆଧୁନିକ ବିଜ୍ଞାନ ମତରେ ଏ ସଂଖ୍ୟା ୧୬ କି ୧୭ ହୋଇପାରେ) । ନିଃଶ୍ୱାସ-ପ୍ରଶ୍ୱାସର ଧ୍ୱନି ଅହଂ-ସଃ ଜୀବାତ୍ମା-ପରମାତ୍ମାର ଅବଚ୍ଛିନ୍ନତାର ବୋଧକ । ଅହଂ ଜୀବାତ୍ମା, ସଃ ପରମାତ୍ମା । ଅହଂ- ସଃ ଭଜନ ସ୍ୱୟଂଚାଳିତ । ଏହା ହଂସଭଜନ ନାମରେ ମଧ କଥିତ । ବିଷ୍ଣୁ ପୀତାମ୍ବରଙ୍କ ପ୍ରତି ପ୍ରସନ୍ନ ହୋଇ ଦେବୀ ଶାରଦାଙ୍କୁ (ଅର୍ଥାତ୍ ବିଷ୍ଣୁପତ୍ନୀ ସରସ୍ୱତୀଙ୍କୁ) ଆଜ୍ଞା ଦେଲେ ପୀତାମ୍ବରଙ୍କ କଣ୍ଠରେ ବସି ତାଙ୍କୁ ନୃସିଂହ-ପୁରାଣ ରଚନା କରିପାରିବା ଲାଗି ସମର୍ଥ କରାଇବା ପାଇଁ ।

ତାଙ୍କ (ବିଷ୍ଣୁଙ୍କ) ନାମ ଘୋଷୁଘୋଷୁ ସେ ହେଲେ ପ୍ରସନ୍ନ ।
ଶାରଦାଙ୍କୁ ଆଜ୍ଞା ଦେଲେ ଯାଅ ଗୋ ବହନ ।।
ବିପ୍ର ପୀତାମ୍ବର ଜଣେ ହୋଇଲେ ପ୍ରସନ୍ନ ।
ମୋ ନାମ-ଗୁଣାନୁବାଦ କରୁଥିବ ଗାନ ।।
ଯାହା ମନେ ବିଚାରିବ ହେବ ତାର ବଶ ।
ନ ଆସିବା ଠାରେ ପଦ କରିବାର ଦୃଶ୍ୟ ।।
ଏମନ୍ତ ହୋଇ ସେ ଜନମନକୁ ହରିବ ।
ନୃସିଂହ-ପୁରାଣ ନାମ ବ୍ୟାଖ୍ୟାନ କରିବ ।।
ଅନେକ ଅନେକ ଶାସ୍ତ୍ର ଆଉ ବିଦ୍ୟା ଯେତେ ।
ନାଟ ଗୀତ-ରଙ୍ଗ ଆଉ ଚୌପଦୀ ସହିତେ ।।
ସକଳ ହୋଇବ ଦୃଶ୍ୟ କଣ୍ଠେ ଦେବୁ କହି ।
ମୋଠାରେ ଅହଂଗୁଣ କାଳେ ହିଁ ନ ବହି ।। (୫/୯୩)

ପୀତାମ୍ବରଙ୍କ ବିଚାରରେ ସେ ନିମିତ୍ତ ମାତ୍ର । ମହାପ୍ରଭୁଙ୍କ ଆଜ୍ଞା ଅନୁସାରେ ବାଗ୍‌ଦେବୀ ଶାରଦା ତାଙ୍କ ପ୍ରତି ସଦୟ ହେଲେ । ଏଥିରେ ତାଙ୍କର କୃତିତ୍ୱ କିଛି ନାହିଁ । ମହାପ୍ରଭୁ ହିଁ ତାଙ୍କ ହାତରେ ଏହା ଲେଖାଉଛନ୍ତି –

ପ୍ରାଣୀଙ୍କି ମାୟା ବହୁତ ଯହୁଁ କଟାଳିଲା ।
ତେଣୁ କରି ମହାପ୍ରଭୁଙ୍କର ଆଜ୍ଞା ହେଲା ॥
ବୋଇଲେ ତୁ ବେଗେ କର ନୃସିଂହ-ପୁରାଣ ।
ଶୁଅନ୍ତୁ ଲୋକେ ଶୁଣିଣ ଭବୁ ପାର ପୁଣ ॥
ଏ ରୂପେ ଆଜ୍ଞାରୁ ଲେଖୁଅଛି ମୁହିଁ ପଦ ।
ନ ପଢ଼ିଣ ପଣ୍ଡିତ ଯେ ହେଉଛି ମୋ ହୃଦ ॥
ତଥାପି ମୁହିଁ ଲେଖି ନ ପାରେ ମୋର ମତେ ।
ଆପଣେ ସେ ପ୍ରଭୁ କହି ଲେଖାନ୍ତି ମୋ ହସ୍ତେ ॥ (୫/୨୩)

× × ×

ଜାତିରେ ବ୍ରାହ୍ମଣ ମୁହିଁ ଅଟେ ସଦା ମୂର୍ଖ ।
ବଳେ ମୋ ହସ୍ତେ ଲେଖାନ୍ତି ଏହା ପଦ୍ମମୁଖ ॥ (୩।୮୧)

× × ×

ପନ୍ଦର ସହସ୍ର ଶ୍ଳୋକ ନୃସିଂହ-ପୁରାଣ ।
ମୋହର ହସ୍ତେ ଲେଖାନ୍ତି ପ୍ରଭୁ ନାରାୟଣ ॥ (୩/୮୭)

ବିଶ୍ୱବ୍ରହ୍ମାଣ୍ଡରେ ଯାହା ସବୁ ଘଟୁଛି ତାହାର କର୍ତ୍ତା ଏକମାତ୍ର ଭଗବାନ । ବାଗ୍‌ଦେବୀ ତାହାଙ୍କର ଶକ୍ତି ଓ ତାହାଙ୍କର ଆଦେଶରେ ମାନବକୁ କବିତ୍ୱ ଶକ୍ତି ଦେଇଥାନ୍ତି । ଭଗବାନଙ୍କୁ ସର୍ବକାରଣ କାରଣ ବୋଲି ମାନୁଥିବା କବିଙ୍କ ଚେତନାରେ କବି ଲେଖୁନାହାନ୍ତି, ତାହାଙ୍କ ଦ୍ୱାରା ଭଗବାନ ଲେଖାଉଛନ୍ତି, କବି ନିମିତ୍ତ ମାତ୍ର । ଭଗବାନଙ୍କ ଆଦେଶରେ ବାଗ୍‌ଦେବୀ ତାଙ୍କ କଣ୍ଠରେ ବସି ତାଙ୍କୁ ପଦମାନ କହିଦିଅନ୍ତି । ବାଗ୍‌ଦେବୀ କବିଙ୍କୁ ରାତିରେ କହନ୍ତି ସ୍ୱପ୍ନରେ ଓ ସେ ତାହାକୁ ଦିନରେ ଲେଖନ୍ତି (୨/୧୪,୪୧) । ପୀତାମ୍ବର ନୃସିଂହ-ପୁରାଣର କେତେକ ସ୍ଥାନରେ ଭଗବାନ ବିଷ୍ଣୁ ସ୍ୱୟଂ ତାଙ୍କ ହୃଦୟରେ ଅବସ୍ଥାନ କରି ତାଙ୍କୁ ପଦମାନ କହି ଦେଉଥିବା କଥା ମଧ୍ୟ ଲେଖୁଛନ୍ତ (୩/୧୮୯) । "ଜଗନ୍ନାଥଙ୍କ ଶ୍ରୀମୁଖୁ ହେଲା ଏ ପ୍ରକାଶ" (୭/୧୯୨) । କୌଣସି କାରଣରୁ ପୀତାମ୍ବର ପୁରାଣ ଲେଖା ବନ୍ଦ ରଖିଲେ ଭଗବାନ ପୁରାଣ ଲେଖା ଶୀଘ୍ର ସାରିବାକୁ ତାଙ୍କୁ ସ୍ୱପ୍ନରେ ଆଜ୍ଞା ଦିଅନ୍ତି (୩/୧୫୮;୭/୩୩) ।

ଦୈବୀପ୍ରସାଦ ଲାଭ ଦାବି ବିଷୟରେ ପୀତାମ୍ବର ସାରଳା ଦାସଙ୍କ ଅନୁକାରୀ । ସାରଳାଦାସଙ୍କ ପରି ପୀତାମ୍ବର ମଧ୍ୟ ନିଜକୁ ଦେବୀ ଶାରଦାଙ୍କ ପୁତ୍ର ବୋଲି ଆଖ୍ୟାନ କରିଛନ୍ତି –

ଲେଖେ ମୁଁ ଶାରଦା ପୁତ୍ର ହୋଇଣ ଜନମ ।
ତେଣୁ ସେହି ମାତା ମୋତେ ହୋଇଲେ ପ୍ରସନ୍ନ ॥ (୭/୨୩୮)

ଦୈବୀପ୍ରସାଦ ଦାବି ଦ୍ୱାରା ଦ୍ୱିବିଧ ସିଦ୍ଧି ସୁଲଭ ହୁଏ । ରାଜଶେଖର ଆଦି ପ୍ରାଚୀନ ଆଳଂକାରିକମାନେ କବିମାନେ ତିନି ଶ୍ରେଣୀର ବୋଲି କହିଛନ୍ତି । ଉତ୍ତମ ଶ୍ରେଣୀର କବିମାନଙ୍କର କବିତ୍ୱ ନୈସର୍ଗିକ (ସହଜାତ), ଏମାନେ ସ୍ୱଭାବତଃ କବି ଭାବରେ ସିଦ୍ଧି ଅର୍ଜନ କରିଥାନ୍ତି । ମଧ୍ୟମ ଶ୍ରେଣୀର କବିମାନେ ଆହାର୍ଯ୍ୟବୁଦ୍ଧି, ଏମାନେ ବହୁ ଅଧ୍ୟବସାୟ ଦ୍ୱାରା ଓ ନିଜର ବିଚାର ଓ ଆଚାରକୁ, ଜୀବନ-ଧାରଣକୁ କବିତା ସୃଷ୍ଟିର ଅନୁକୂଳ କରାଇବା ଦ୍ୱାରା ହିଁ କବିତ୍ୱ ଅର୍ଜନ କରିଥାନ୍ତି । ଅଧମ ଶ୍ରେଣୀର କବିମାନେ ଦୈବୀପ୍ରସାଦ ଲବ୍ଧ । ଏମାନେ ସ୍ୱଭାବତଃ ଏଡ଼େ ମୂର୍ଖ ଯେ ଏମାନଙ୍କ ଦ୍ୱାରା କାବ୍ୟରଚନା କଦାପି ସମ୍ଭବ ହୁଅନ୍ତା ନାହିଁ । ଦେବଦେବୀଙ୍କ କରୁଣାରୁ ହିଁ ଏମାନେ କବି ହୋଇଯାଆନ୍ତି । ନିଜକୁ ଦୈବୀପ୍ରସାଦ ଲବ୍ଧ ବୋଲି କହିବା ଦ୍ୱାରା କବି ନିଜକୁ ଅଧମ ଶ୍ରେଣୀର ବୋଲି କହି ଅତି ବିନୟ ପ୍ରକାଶ କରିଥାନ୍ତି । ପୀତାମ୍ବର ନିଜକୁ ମୂର୍ଖ, ଅଜ୍ଞ ବୋଲି ଅତି ବିନୟ ପ୍ରକାଶ କରିଥାନ୍ତି । ପୀତାମ୍ବର ନିଜକୁ ମୁର୍ଖ, ଅଜ୍ଞ ବୋଲି ଅତି ବିନୟ ସହକାରେ ଆତ୍ମପରିଚୟ ଦେଇଛନ୍ତି । ଦୈବୀପ୍ରସାଦ ଲାଭ ଦାବି ସେହି ଆତ୍ମପରିଚୟର ପରିପୂରକ । ଏପରି ଦାବିର ଦ୍ୱିତୀୟ ସିଦ୍ଧି ହେଉଛି, ସରଳବିଶ୍ୱାସୀ ଧର୍ମପ୍ରାଣ ଶ୍ରୋତାମାନେ ଏହା ଫଳରେ କବି ଉପରେ ଅଧିକ ଆସ୍ଥାବାନ୍ ହୁଅନ୍ତି ଓ କବିର କଥାକୁ ବିଶ୍ୱାସଯୋଗ୍ୟ ବୋଲି ଗ୍ରହଣ କରିଥାନ୍ତି ।

ପଲ୍ଲୀବାସୀମାନେ ଆବେଶ ପ୍ରକ୍ରିୟା ଉପରେ ଖୁବ୍ ଆସ୍ଥା ରଖନ୍ତି । କାଳିସି ଲାଗିବା ଆଦି ଘଟନା ପଲ୍ଲୀରେ ପ୍ରାୟ ସବୁ ସମୟରେ ଘଟୁଥିଲା ଓ ସେହି ଅବସ୍ଥାରେ ଯାହା ଦେହରେ ଦେବୀ 'ଉଭା' ହୋଇଥାନ୍ତି ତାହାର ସବୁ କଥା ଦେବୀଙ୍କ ବଚନ ଭାବରେ ନିର୍ବିଚାରରେ ଗୃହୀତ ହୋଇଥାଏ । ଭୂତ ଲାଗିବା, ଭେଟଣା ଆଦିରେ ମଧ୍ୟ ପ୍ରାୟ ସେହି କଥା ଘଟିଥାଏ । ସାରଳାଦାସ ଓ ତାଙ୍କ ଅନୁଗାମୀ ପୀତାମ୍ବର ନିଶ୍ଚୟ ଜାଣିଥିବେ ଯେ ଲୋକଙ୍କ ବିଶ୍ୱାସଭାଜନ ହେବା ପାଇଁ ଦେବୀଙ୍କ ଆବେଶ ଦାବି ସହାୟକ ହେବ ।

●

*ଚତୁର୍ଥ ଅଧ୍ୟାୟ*

# ମୌଳିକ ଓଡ଼ିଆ ପୁରାଣ

ପରମ୍ପରାକ୍ରମେ ଗୃହୀତ ସାଧାରଣ ମତ ହେଲା ସଂସ୍କୃତରେ ଅଠରଟି ମହାପୁରାଣ ଓ ଅଠରଟି ଉପପୁରାଣ ରହିଛି । ପ୍ରାୟ ସବୁଗୁଡ଼ିକ ମହାପୁରାଣ ଓ ଉପପୁରାଣ ପୁରାଣ ନାମରେ ହିଁ ଆଖ୍ୟାନ ହୁଅନ୍ତି । ଅନେକ ପୁରାଣରେ ଅଷ୍ଟାଦଶ (ମହାପୁରାଣର) ନାମ ଓ ତାହାର ଶ୍ଳୋକ ସଂଖ୍ୟାର ସୂଚନା ଥାଏ । ସାଧାରଣତଃ ଅଷ୍ଟାଦଶ ପୁରାଣ ମଧ୍ୟରେ (୧) ବ୍ରହ୍ମ, (୨) ପଦ୍ମ, (୩) ବିଷ୍ଣୁ, (୪) ବାୟୁ, (୫) ଭାଗବତ, (୬) ନାରଦୀୟ, (୭) ମାର୍କଣ୍ଡେୟ, (୮) ଅଗ୍ନି, (୯) ଭବିଷ୍ୟ, (୧୦) ବ୍ରହ୍ମବୈବର୍ତ୍ତ, (୧୧) ବରାହ, (୧୨)ଲିଙ୍ଗ, (୧୩) ସ୍କନ୍ଦ, (୧୪) ବାମନ, (୧୫) କୂର୍ମ, (୧୬) ମତ୍ସ୍ୟ, (୧୭) ଗରୁଡ଼ ଓ (୧୮) ବ୍ରହ୍ମାଣ୍ଡ ନାମଧେୟ ପୁରାଣଗୁଡ଼ିକୁ ଗଣନା କରାଯାଇଥାଏ । ଦେବୀ ଭାଗବତ (୧-୩)ରେ ୧୮ଟି ପୁରାଣର ନାମର ଆଦ୍ୟାକ୍ଷରକୁ ଗୋଟିଏ ଶ୍ଳୋକରେ ଦର୍ଶାଯାଇଛି –

ମ ଦ୍ୱୟଂ ଭ ଦ୍ୱୟଂ ଚୈବ ବ୍ରତ୍ରୟଂ ବ ଚତୁଷ୍ଟୟମ୍ ।
ନାଲିଂପାଗ୍ନି ପୁରାଣାନି କୂସ୍କଂ ଗାରୁଡ଼ମେବ ଚ ॥

ଅର୍ଥାତ୍ ଦୁଇ ମ (ମାର୍କଣ୍ଡେୟ, ମତ୍ସ୍ୟ), ଦୁଇ ଭ (ଭାଗବତ, ଭବିଷ୍ୟ), ତିନି ବ୍ର ବ୍ରହ୍ମ, ବ୍ରହ୍ମବୈବର୍ତ୍ତ, ବ୍ରହ୍ମାଣ୍ଡ), ଚାରି ବ(ବିଷ୍ଣୁ, ବାୟୁ, ବରାହ, ବାମନ), ନା (ନାରଦୀୟ), ଲିଂ (ଲିଙ୍ଗ), ପ (ପଦ୍ମ),ଅଗ୍ନି, କୂ(କୂର୍ମ), ସ୍କ (ସ୍କନ୍ଦ) ଓ ଗରୁଡ଼ । କେତେକ ତାଲିକାରେ ବାୟୁ ବଦଳେ ଶିବ ଓ ଭାଗବତ (ବୈଷ୍ଣବ) ବଦଳେ ଦେବୀ ଭାଗବତର ନାମୋଲ୍ଲେଖ ମିଳେ ।

ଉପପୁରାଣଗୁଡ଼ିକର ମଧ୍ୟ ଅନେକ ତାଲିକା ବିଭିନ୍ନ ପୁରାଣରୁ ମିଳେ । ପ୍ରତ୍ୟେକ ତାଲିକାରେ ଉପପୁରାଣଗୁଡ଼ିକର ସଂଖ୍ୟା ୧୮ ବୋଲି ଉଲ୍ଲେଖ କରାଯାଉଥିଲେ ହେଁ ନିର୍ଦ୍ଦିଷ୍ଟ ନାମ ବିଷୟରେ ତାଲିକା ତାଲିକା ମଧ୍ୟରେ ଅମେଳ ବହୁତ । ତନ୍ମଧ୍ୟରୁ ଅଧିକ ସଂଖ୍ୟକ ତାଲିକାରେ ସ୍ୱୀକୃତି ପାଇଥିବା ଉପପୁରାଣଗୁଡ଼ିକର ନାମ ହେଲା – ସନତ୍‌କୁମାର (ଆଦି), ନରସିଂହ, ଶିବଧର୍ମ (ନନ୍ଦୀ), ଆଶ୍ଚର୍ଯ୍ୟ (ଦୁର୍ବାସା), କପିଳ, ମାନବ (ଉଶନା), ବରୁଣ, କଳ୍‌କି, ମହେଶ୍ୱର, ସାମ୍ବ, ସୌର, ପରାଶର, ମରୀଚି, ଭାର୍ଗବ, କାର୍ତ୍ତିକେୟ, କାଳିକା, ନାରଦ, ବସିଷ୍ଠ । ଉପପୁରାଣଗୁଡ଼ିକୁ ଚିହ୍ନଟ କରିବା ଦୁରୁହ । ପଣ୍ଡିତମାନେ ଶତାଧିକ

ଉପପୁରାଣର ନାମ ଦେଇଛନ୍ତି । ତନ୍ମଧ୍ୟରୁ ମାତ୍ର ୧୫ଟି ମୁଦ୍ରିତ ହୋଇଥିବାରୁ ଓ ତୁଳନାତ୍ମକ ଅଧ୍ୟୟନ ପାଇଁ ଗୋଟିଏ ସ୍ଥାନରେ ସବୁଗୁଡ଼ିକ ମିଳୁ ନଥିବାରୁ ଗୋଟିଏ ଉପପୁରାଣ ଏକାଧିକ ନାମରେ ତାଲିକାଭୁକ୍ତ ହେବା ସମ୍ଭାବନାକୁ ଅସ୍ୱୀକାର କରି ହେଉନାହିଁ ।

ସାଧାରଣତଃ ନରସିଂହ ପୁରାଣକୁ ପ୍ରମୁଖ ଉପପୁରାଣ ଭାବରେ ଗଣନା କରାଯାଏ – ''ଆଦ୍ୟଂ ସନତ୍‌କୁମାରୋକ୍ତଂ ନରସିଂହମତଃପରମ୍'' (କୂର୍ମ-ପୁରାଣ) । କେବଳମାତ୍ର ଭବିଷ୍ୟ ପୁରାଣ (ପ୍ରତିସର୍ଗ ପର୍ବ, ତୃତୀୟ ଖଣ୍ଡ, ୨୮ ଅଧ୍ୟାୟ, ଶ୍ଳୋକ ୧୦-୧୫) ନୃସିଂହ-ପୁରାଣକୁ ଅଷ୍ଟାଦଶ ମହାପୁରାଣର ଅନ୍ୟତମ ଭାବରେ ଗଣନା କରେ –

ପରାଶରେଣ ରଚିତଂ ପୁରାଣଂ ବିଷ୍ଣୁଦୈବତମ୍ ।
ଶିବେନ୍ ରଚିତଂ ସ୍କାନ୍ଦଂ ପାଦ୍ମଂ ବ୍ରହ୍ମମୁଖୋଦ୍‌ଭବମ୍ ।। ୧୦ ।।
ଶୁକ୍ର ପ୍ରୋକ୍ତଂ ଭାଗବତଂ ବ୍ରାହ୍ମଂ ବୈବ୍ରହ୍ମଣାକୃତମ୍ ।
ଗାରୁଡ଼ଂ ହରିଣା ପ୍ରୋକ୍ତଂ ଷଡ଼୍‌ବୈ ସାତ୍ତ୍ୱିକ ସଂଭବାଃ ।। ୧୧ ।।
ମତ୍ସ୍ୟ କୂର୍ମୌ ନୃସିଂହଶ୍ଚ ବାମନଃ ଶିବ ଏବ ଚ ।
ବାୟୁରେତଦ୍ ପୁରାଣାନି ବ୍ୟାସେନ ରଚିତାନି ବୈ ।। ୧୨ ।।
ରାଜସା ଷଟ୍‌ସ୍ମୃତା ବାର କର୍ମକାଣ୍ଡମୟ ଭୁବି ।
ମାର୍କଣ୍ଡେୟଂ ଚ ବାରାହଂ ମାର୍କଣ୍ଡେୟନ ନିର୍ମିତମ୍ ।। ୧୩ ।।
ଆଗ୍ନେୟମଙ୍ଗିରା ଶ୍ଚୈବ ଜନୟାମାସ ଚୋତ୍ତମମ୍ ।
ଲିଙ୍ଗ ବ୍ରହ୍ମାଣ୍ଡକେ ଚାପି ତଣ୍ଡିନା ରଚିତେ ଶୁଭେ ।। ୧୪ ।।
ମହାଦେବନ ଲୋକାର୍ଥେ ଭବିଷ୍ୟଂ ରଚିତଂ ଶୁଭମ୍ ।
ତାମସା ଷଟ୍‌ସ୍ମୃତାଃ ପ୍ରାଜ୍ଞୈ ଶକ୍ତିଧର୍ମପରାୟଣା ।। ୧୫ ।।

ଏଥିରେ ନାରଦୀୟ ଓ ବ୍ରହ୍ମବୈବର୍ତ୍ତ ବଦଳେ ନୃସିଂହ ଓ ଶିବପୁରାଣ ସ୍ଥାନ ପାଇଛି । ଭବିଷ୍ୟର ବର୍ଗୀକରଣ ଅନୁସାରେ ସାତ୍ତ୍ୱିକ ପୁରାଣ ଛଅଗୋଟି – (୧) ବିଷ୍ଣୁ (ପରାଶର), (୨) ସ୍କନ୍ଦ (ଶିବ), (୩) ପଦ୍ମ (ବ୍ରହ୍ମା), (୪) ଭାଗବତ (ଶୁକ୍ର), (୫) ବ୍ରହ୍ମ (ବ୍ରହ୍ମା) ଓ (୬) ଗରୁଡ଼ (ହରି) । ରାଜସିକ ପୁରାଣ ମଧ୍ୟ ଛଅ ଗୋଟି – (୧) ମତ୍ସ୍ୟ (ବ୍ୟାସ), (୨) କୂର୍ମ (ବ୍ୟାସ), (୩) ନୃସିଂହ (ବ୍ୟାସ), (୪) ବାମନ (ବ୍ୟାସ), (୫) ଶିବ (ବ୍ୟାସ) ଓ (୬) ବାୟୁ (ବ୍ୟାସ) । ତାମସିକ ପୁରାଣ ଛଅଟି ହେଲା – (୧) ମାର୍କଣ୍ଡେୟ (ମାର୍କଣ୍ଡେୟ), (୨) ବରାହ (ମାର୍କଣ୍ଡେୟ), (୩) ଅଗ୍ନି (ଅଙ୍ଗିରା), (୪) ଲିଙ୍ଗ (ତଣ୍ଡି) (୫) ବ୍ରହ୍ମାଣ୍ଡ (ତଣ୍ଡି) ଓ (୬) ଭବିଷ୍ୟ (ମହାଦେବ) । ବନ୍ଧନୀ ମଧ୍ୟରେ ପ୍ରତ୍ୟେକ ପୁରାଣର ରଚୟିତାଙ୍କ ନାମ ଦତ୍ତ ।

ଲକ୍ଷ୍ୟ କରାଯାଇପାରେ ଅନେକତ୍ର ଉପପୁରାଣ ଭାବରେ 'ନରସିଂହ ପୁରାଣ' ନାମର ଉଲ୍ଲେଖ ଅଛି କିନ୍ତୁ ମତ୍ସ୍ୟପୁରାଣ ଉପପୁରାଣ ମଧ୍ୟରେ 'ନୃସିଂହ ପୁରାଣ'ର ନାମ

ସ୍ଥାନ ପାଇଛି । ଅଥଚ ଭବିଷ୍ୟପୁରାଣ 'ନୃସିଂହପୁରାଣ'କୁ ମହାପୁରାଣ ଭାବରେ ଗଣନା କରୁଛି । ମତ୍ସ୍ୟପୁରାଣ ଅନ୍ୟତ୍ର ୧୮ ହଜାର ଶ୍ଳୋକାତ୍ମକ "ନରସିଂହ-ପୁରାଣ" କଥା କହୁଛି : ତଚ୍ଚାଷ୍ଟାଦଶ ସାହସ୍ରଂ ନାରସିଂହ-ମେହୋଚ୍ୟତେ । ଏହି ଅବସ୍ଥାରେ ନରସିଂହ ପୁରାଣ ଓ ନୃସିଂହ ପୁରାଣ ଦୁଇଟି ଭିନ୍ନ ଭିନ୍ନ ପୁରାଣ ହେବା ସମ୍ଭାବନାକୁ ଏଡ଼ି ହେଉନାହିଁ । ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇପାରେ ଯେ ପୀତାମ୍ବର ଦାସ ମଧ ମହାପୁରାଣ ମଧରେ ଗୋଟିଏ ନୃସିଂହ-ପୁରାଣକୁ ଗଣି, ପଞ୍ଚପୁରାଣ ମଧରେ ଆଉ ଏକ ନୃସିଂହ ପୁରାଣକୁ ଗଣିଛନ୍ତି ।

**ନରସିଂହ ପୁରାଣ :**

ସଂସ୍କୃତରେ ନୃସିଂହ-ପୁରାଣ ନାମରେ କିଛି ପ୍ରକାଶ ପାଇନାହିଁ କିନ୍ତୁ ନରସିଂହ ପୁରାଣ ପ୍ରକାଶ ପାଇଛି । 'କଲ୍ୟାଣ' ପତ୍ରିକାର ୧୯୭୧ ଜାନୁଆରୀ ୪୫ତମ ବାର୍ଷିକ ସଂଖ୍ୟାରେ ନରସିଂହ ପୁରାଣର ଆରମ୍ଭରୁ ୫୨ତମ ଅଧ୍ୟାୟ ପର୍ଯ୍ୟନ୍ତ ଓ ପରବର୍ତ୍ତୀ ମାସିକ ସଂଖ୍ୟାରେ ତାହାର ଅବଶିଷ୍ଟ ୧୬ଟି ଅଧ୍ୟାୟ ମୁଦ୍ରିତ ହୋଇଛି । ପ୍ରକାଶିତ ନରସିଂହ-ପୁରାଣ ସହିତ ପୀତାମ୍ବର ଦାସଙ୍କର ନୃସିଂହପୁରାଣର ଯେ କୌଣସି ସାମଞ୍ଜସ୍ୟ ନାହିଁ ଏହା ନରସିଂହ-ପୁରାଣରେ ବିଭିନ୍ନ ଅଧ୍ୟାୟରେ ବର୍ଣ୍ଣିତ ବିଷୟ ସୂଚୀରୁ ସ୍ପଷ୍ଟ ହୁଏ । ଅଧ୍ୟାୟକ୍ରମରେ ନରସିଂହ ପୁରାଣର ଆଲୋଚିତ ବିଷୟଗୁଡ଼ିକ ହେଲା –

୧ ଓ ୨ – ପ୍ରୟାଗରେ ସୂତଙ୍କ ଦ୍ୱାରା ପୁରାଣ କଥନ – ସୃଷ୍ଟିକ୍ରମ – କାଳପରିମାଣ ।

୩ ରୁ ୫ – ସର୍ଗ, ଅନୁସର୍ଗ – ଦକ୍ଷକନ୍ୟାମାନଙ୍କର ସନ୍ତାନସନ୍ତତି ।

୬ ଓ ୭ – ଅଗସ୍ତ୍ୟ, ବସିଷ୍ଠ ଓ ମାର୍କଣ୍ଡେୟ ପ୍ରସଙ୍ଗ ।

୮ ଓ ୯ – ଯମଙ୍କ ଦ୍ୱାରା ବୈଷ୍ଣବ ଦଣ୍ଡନୀୟ ନ ହେବା ପ୍ରସଙ୍ଗ – ଯମାଷ୍ଟକ ।

୧୦ ଓ ୧୧ – ମାର୍କଣ୍ଡେୟଙ୍କ ତପସ୍ୟା – ବିଷ୍ଣୁସ୍ତବ ।

୧୨ ଓ ୧୩ – ଯମଯମୀ ଆଖ୍ୟାନ – ପାତିବ୍ରତ୍ୟ ପ୍ରଶଂସା ।

୧୪ ରୁ ୧୭ – ତୀର୍ଥଧର୍ମ–ଆଶ୍ରମଧର୍ମ–ଜ୍ଞାନ ଓ ଧାନ ମହିମା–ଅଷ୍ଟାକ୍ଷର ମନ୍ତ୍ର ।

୧୮ ରୁ ୧୯ – ସୂର୍ଯ୍ୟଙ୍କ ପରିବାର –ସୂର୍ଯ୍ୟସ୍ତବ ।

୨୦ ରୁ ୨୩ – ମାରୁତ ଜନ୍ମ – ସୂର୍ଯ୍ୟ ବଂଶ ଓ ଚନ୍ଦ୍ର ବଂଶ ।

୨୪ ରୁ ୨୬ – ଇକ୍ଷ୍ୱାକୁ ଓ ତାଙ୍କ ବଂଶଧରଙ୍କ ଚରିତ ।

୨୭ ରୁ ୨୯ – ଶାନ୍ତନୁ ଓ ତାଙ୍କ ବଂଶଧରଙ୍କ ଚରିତ ।

୩୦ ଓ ୩୧ – ଭୂଗୋଳ ଓ ସ୍ୱର୍ଲୋକ ବର୍ଣ୍ଣନ – ଧ୍ରୁବ ଚରିତ – ନକ୍ଷତ୍ର ଲୋକ ଓ ପାତାଳଲୋକ ଦର୍ଶନ ।

୩୨ ଓ ୩୩ – ସହସ୍ରାନିକ ଚରିତ –ନୃସିଂହପୂଜା ମାହାତ୍ମ୍ୟ – ଜୟଧ୍ୱଜ-ଚରିତ ।

୩୪ ଓ ୩୫ – ବିଷ୍ଣୁ ପୂଜା – ଲକ୍ଷ ହୋମ, କୋଟିହୋମ ବିଧି ।

୩୬ ରୁ ୩୯ – ଅବତାର ତତ୍ତ୍ୱ – ମତ୍ସ୍ୟ, କୂର୍ମ ଓ ବରାହ ଅବତାର ଚରିତ ।
୪୦ ରୁ ୪୪ – ହିରଣ୍ୟକଶିପୁ ଚରିତ – ନୃସିଂହାବତାର – ପ୍ରହ୍ଲାଦ ଚରିତ ।
୪୫ ରୁ ୫୨ – ବାମନ, ପରଶୁରାମ ଓ ରାମ ଅବତାର ଚରିତ ।
୫୩ ଓ ୫୪ – କୃଷ୍ଣ-ବଳରାମ ଚରିତ –ବୁଦ୍ଧ ଓ କଳ୍କି ଅବତାର ଚରିତ ।
୫୫ – ଶୁକ୍ରଙ୍କ ବର ପ୍ରସଙ୍ଗ ।
୫୬ ରୁ ୬୦ – ପ୍ରତିଷ୍ଠା ବିଧି–ଗୃହସ୍ଥ ଧର୍ମ, ବାନପ୍ରସ୍ଥ ଧର୍ମ ଓ ଯତି ଧର୍ମ ।
୬୧– ଯୋଗ ।
୬୨ – ବିଷ୍ଣୁ ଅର୍ଚ୍ଚନ ବିଧି, ଆଶ୍ରମ ଧର୍ମ, ବର୍ଣ୍ଣ ଧର୍ମ ।
୬୩ ରୁ ୬୫ – ସହସ୍ରାନିକ, ପୁଣ୍ଡରୀକ ଓ ବିଷ୍ଣୁବଲ୍ଲଭ ଚରିତ ।
୬୬ ଓ ୬୭ – ତୀର୍ଥ ପ୍ରଶଂସା – ମାନସତୀର୍ଥ ବ୍ରତ ।
୬୮ – ପୁରାଣ ମାହାତ୍ମ୍ୟ – ଫଳଶ୍ରୁତି ।

ନରସିଂହ-ପୁରାଣର ମୋଟ ଶ୍ଳୋକ ସଂଖ୍ୟା ୧୮,୦୦୦ ବୋଲି କୁହାଯାଉଥିଲେ ହେଁ ପ୍ରକାଶିତ ନରସିଂହ-ପୁରାଣରେ ମାତ୍ର ସାଢ଼େ ତିନି ହଜାର ଶ୍ଳୋକ ରହିଛି ।

**ନୃସିଂହ-ପୁରାଣର ବିଷୟ ସୂଚୀ :**

ପୀତାମ୍ବରଙ୍କ ନୃସିଂହ-ପୁରାଣର ବିଷୟବସ୍ତୁ ଓ ଚରିତକ୍ରମ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର । ଏହାର ସାତ ସାଗର (ରତ୍ନାକର)ର ବିଷୟ ଏହିପରି –

ପ୍ରଥମ ସାଗର – ରାଜା ପରୀକ୍ଷିତଙ୍କ ବ୍ରହ୍ମଶାପ (ଭାଗବତ ଅନୁସାରେ) – ଶାପମୋକ୍ଷଣ ନିମନ୍ତେ ହରିଚରିତ-ଶ୍ରବଣ ଆୟୋଜନ–ଶୁକମୁନିଙ୍କ ପୂର୍ବଜନ୍ମ ବୃତ୍ତାନ୍ତ – ଶୁକଙ୍କଠାରୁ ପରୀକ୍ଷିତଙ୍କ ପୁରାଣ ଶ୍ରବଣ – ବ୍ରହ୍ମଜ୍ଞାନ ଚର୍ଚ୍ଚା – ପ୍ରଳୟ ବର୍ଣ୍ଣନା – ସୃଷ୍ଟିପ୍ରକ୍ରିୟା – ଶଚୀଙ୍କ ଜନ୍ମ ଓ ବିବାହ – ଲକ୍ଷ୍ମୀଙ୍କ ଚରିତ – କୌସ୍ତୁଭମଣି ବୃତ୍ତାନ୍ତ – ଚାରି ବୈଷ୍ଣବ –ସମ୍ପ୍ରଦାୟର ବିବରଣ – ପାର୍ବତୀ ବିବାହ – ଧନୁ ଓ ବଂଶୀର ବୃତ୍ତାନ୍ତ – କନ୍ଦର୍ପ ବିବାହ – ବ୍ରହ୍ମାଙ୍କ ବୀର୍ଯ୍ୟରେ ଉର୍ବଶୀ ଗର୍ଭରୁ ମୁର ଓ ଦାରୁଣ ନାମକ ଦୁଇ ଦୈତ୍ୟଙ୍କ ଜନ୍ମ ବୃତ୍ତାନ୍ତ ।

ଦ୍ୱିତୀୟ ସାଗର – ଜୟବିଜୟଙ୍କ ପ୍ରତି ଶାପର ବିବରଣ – ମନୁ ନାମକ ସାଧୁତର ଚରିତ – ବିଷ୍ଣୁକର୍ତ୍ତୃକ ଦୁର୍ବାସାଙ୍କ କ୍ରୋଧ ଶାନ୍ତି – ମୁର ଦାରୁଣଙ୍କ ବାଳଲୀଳା – ପୀତାମ୍ବର ଦାସଙ୍କ ପୂର୍ବଜନ୍ମ ବିବରଣ – ମୁର ଓ ଦାରୁଣଙ୍କ ତପସ୍ୟା – ଭୂମିକମ୍ପର କାରଣ – ମୁର ଦାରୁଣଙ୍କ ଦିଗ୍‌ବିଜୟ – ମୁରର ମଦନାବତୀ ସହ ବିବାହ – ସୂର୍ଯ୍ୟାବର୍ତ୍ତକ ମଣି ବୃତ୍ତାନ୍ତ – ମୁରର ବିଭିନ୍ନ ଦ୍ୱୀପ ବିଜୟ ପରେ ସ୍ୱର୍ଗବିଜୟ – ଦେବଗଣଙ୍କର ମୁରବଧ ପାଇଁ ବିଷ୍ଣୁଙ୍କ ନିକଟରେ ପ୍ରାର୍ଥନା ।

ତୃତୀୟ ସାଗର – ଭଗବତୀ ଜନ୍ମ – ବଦରିକାପୁରୀର ବ୍ରାହ୍ମଣ-ରାଜା କୃଷ୍ଣବଲ୍ଲଭଙ୍କ

ସହିତ ଭଗବତୀଙ୍କ ବିବାହ – ଭଗବତୀଙ୍କ ଗର୍ଭରୁ ଶେଷ ଓ ନୃସିଂହଙ୍କ ଜନ୍ମ – ଶେଷ ନୃସିଂହଙ୍କ ବାଳଲୀଳା – ନୃସିଂହଙ୍କ ରାସଲୀଳା (କୃଷ୍ଣଙ୍କ ରାସଲୀଳା ଅନୁରୂପେ) –ଗୁରୁସେବା ମାହାତ୍ମ୍ୟ – କୃପାଳୁ ଶିଅଳ କଥା – ଶେଷ ନୃସିଂହଙ୍କ ବ୍ରତୋପନୟନ – ଶେଷ ନୃସିଂହଙ୍କର ବ୍ରହ୍ମାଙ୍କଠାରୁ ବିଦ୍ୟା ଶିକ୍ଷା – ନୃସିଂହଙ୍କ ଯୌବରାଜ୍ୟାଭିଷେକ – ଶ୍ରୀବତ୍ସ ବିପ୍ର ଚରିତ – ନୃସିଂହଙ୍କର ଲକ୍ଷ୍ମୀଙ୍କ ସହିତ ଓ ଶେଷଙ୍କର ଇଳା ସହିତ ବିବାହ ।

ଚତୁର୍ଥ ସାଗର – ଅଲକ୍ଷ୍ମୀ ବିବାହ – ନାରଦଙ୍କଠାରୁ ଶେଷ ନୃସିଂହଙ୍କ ଜନ୍ମବୃତ୍ତାନ୍ତ ଶୁଣି ମୁରର ଚିନ୍ତା – ମୁରର ପୁଅନାତିଙ୍କୁ ବିଦ୍ୟାଶିକ୍ଷା ଦେବା ବାହାନାରେ ମୁରର ଶେଷ ନୃସିଂହଙ୍କୁ ଡକରା – ଶେଷ ନୃସିଂହଙ୍କୁ ଗୋପନରେ ମାରି ଦେବାପାଇଁ ମୁରର ଆୟୋଜନ – ଗରୁଡ଼ ଦ୍ୱାରା ମୁରର ପୁତ୍ର ନାତିଙ୍କ ବଧ – ମୁରର ବିଭିନ୍ନ ସେନାପତି ନୃସିଂହ ସଙ୍ଗେ ଯୁଦ୍ଧ କରିବାକୁ ଯାଇ ମୃତ – ବାଲିବାମନ ଆଖ୍ୟାନ – ଶେଷ କର୍ତ୍ତୃକ ଦାରୁଣ ବଧ – ଚନ୍ଦ୍ରକଳାର ସ୍ଥାନ ନିର୍ଣ୍ଣୟ ଓ ସ୍ତ୍ରୀ ପୁରୁଷ ଲକ୍ଷଣ ବିଚାର ।

ପଞ୍ଚମ ସାଗର – ଭକ୍ତ ମାହାତ୍ମ୍ୟ ଓ ଲକ୍ଷ୍ମୀଙ୍କ ଗର୍ବଗଞ୍ଜନ – ମୁରାସୁରର ଯୁଦ୍ଧ ଯାତ୍ରା – ବଦରିକାପୁରୀର ଆନନ୍ଦବନକୁ ମୁରର ଫୋପଡ଼ା – ଜୀବପରମ ବିଚାର – ଶ୍ୱେତରାଜାଙ୍କ ଯଜ୍ଞ ଓ ଅଗ୍ନିଙ୍କ ଲୁଡୁବୁଡୁ ବ୍ୟାଧି – ଧନ୍ୱନ୍ତରୀ ଜନ୍ମ ।

ଷଷ୍ଠ ସାଗର – ମୁର ନୃସିଂହ ଯୁଦ୍ଧ – ମୁର ବଧ ।

ସପ୍ତମ ସାଗର – (ପୂର୍ବଖଣ୍ଡ) ନୀଳଗିରି ମାହାତ୍ମ୍ୟ – ଲକ୍ଷ୍ମୀଙ୍କ ଚାରି ପୁତ୍ର ପ୍ରସଙ୍ଗ – ନୃସିଂହଙ୍କ ଇହଲୀଳା ସମାପନ – ପ୍ରହ୍ଲାଦ ଚରିତ ଓ ହିରଣ୍ୟକଶିପୁ ବଧ – ରାମ ଚରିତ – ବଂଶାନୁଚରିତ – ଶ୍ରୀକୃଷ୍ଣଲୀଳା – ପରୀକ୍ଷିତ ଓ ଜନ୍ମେଜୟ ଚରିତ – (ଉତ୍ତର ଖଣ୍ଡ) ଶ୍ରୀମଦ୍ଭଗବଦ୍‌ଗୀତା ସମେତ ସଂକ୍ଷିପ୍ତ ମହାଭାରତ ଚରିତ – ନୃସିଂହ-ପୁରାଣ ମାହାତ୍ମ୍ୟ ଓ ଫଳଶ୍ରୁତି ।

ପୀତାମ୍ବରଙ୍କ ନୃସିଂହ-ପୁରାଣର ଚରିତ ନରସିଂହ-ପୁରାଣର ଚରିତଠାରୁ ଭିନ୍ନ । ନୃସିଂହ-ପୁରାଣର ନୃସିଂହ, ଯାହାଙ୍କ ଚରିତଚର୍ଚ୍ଚା ଏହି ପୁରାଣର ମୁଖ୍ୟ ପ୍ରସଙ୍ଗ, ଜଣେ ବ୍ରାହ୍ମଣ-ରାଜାର ପୁତ୍ର ଓ ସେ ମାରିଛନ୍ତି ବ୍ରହ୍ମାଙ୍କ ପୁତ୍ର ମୁର ନାମକ ଦୈତ୍ୟକୁ । ନରସିଂହ-ପୁରାଣ ସମେତ ଅନ୍ୟାନ୍ୟ ପୁରାଣରେ ଯେଉଁ ନୃସିଂହଙ୍କ ଚରିତ ରହିଛି, ସେ ହିରଣ୍ୟକଶିପୁଙ୍କୁ ବଧ କରିବା ନିମନ୍ତେ ସ୍ତମ୍ଭରୁ ଆବିର୍ଭୂତ ହୋଇଥିଲେ ।

ସଂସ୍କୃତ ଭାଷାରେ ଅନ୍ୟ ଏକ ନୃସିଂହ-ପୁରାଣର ସୂଚନା ମିଳେ । ଯମେଶ୍ୱର ଦାସ ଏହି ନୃସିଂହ ପୁରାଣୋକ୍ତ ପ୍ରଣବବ୍ୟାହୃତି ଗୀତାକୁ ସଟୀକ ପ୍ରଣୟନ କରିଥିବା କଥା ପୀତାମ୍ବରଙ୍କ ପିତାମହ ଲକ୍ଷ୍ମୀଧର ଦାସଙ୍କ ପ୍ରସଙ୍ଗରେ ଆଲୋଚିତ ହୋଇଛି । ପୀତାମ୍ବରଙ୍କ ନୃସିଂହ ପୁରାଣରେ ପ୍ରଣବବ୍ୟାହୃତି ସ୍ଥାନ ପାଇ ନଥିବା ହେତୁରୁ ଜଣାଯାଏ ଯମେଶ୍ୱର ଉଲ୍ଲେଖ କରିଥିବା ନୃସିଂହ ପୁରାଣ ସହିତ ମଧ ପୀତାମ୍ବରଙ୍କ ନୃସିଂହ-ପୁରାଣର କୌଣସି ସମ୍ପର୍କ ନାହିଁ ।

ଏଣୁ, ପୀତାମ୍ବରଙ୍କ ନୃସିଂହ-ପୁରାଣ କୌଣସି ସଂସ୍କୃତ ପୁରାଣର ଭାଷାନ୍ତର ହେବା ଜଣାଯାଉନାହିଁ । ଏ ବିଷୟରେ ସ୍ୱୟଂ କବିଙ୍କ ବକ୍ତବ୍ୟ ଆଲୋଚ୍ୟ ।

**ମୌଳିକ ପୁରାଣ :**

ପୀତାମ୍ବର ନୃସିଂହ-ପୁରାଣ ପ୍ରଥମେ କିପରି ସୃଷ୍ଟି ହେଲା ତାହା ପ୍ରକାଶ କରିଛନ୍ତି । ତାଙ୍କ ବର୍ଣ୍ଣନା ଅନୁସାରେ ବେଦବ୍ୟାସ ମୂଳରେ ୬୦ ଲକ୍ଷ ଶ୍ଳୋକାତ୍ମକ ନୃସିଂହ-ପୁରାଣ ଲେଖିଥିଲେ । ଏହାର ଏକ-ତୃତୀୟାଂଶ ସ୍ୱର୍ଗର ଦେବତାମାନଙ୍କୁ ଓ ଆଉ ଏକ-ତୃତୀୟାଂଶ ପାତାଳର ନାଗମାନଙ୍କୁ ଦେଇ ଅବଶିଷ୍ଟ ୨୦ ଲକ୍ଷ ଶ୍ଳୋକ ମର୍ତ୍ତ୍ୟରେ ମାନବମାନଙ୍କ ପାଇଁ ରଖିଲେ । ମର୍ତ୍ତ୍ୟର ୨୦ ଲକ୍ଷ ଶ୍ଳୋକରୁ ସାରାଂଶ ନେଇ ବ୍ୟାସଦେବ ମହାଭାରତ ଓ ଭାଗବତ ରଚନା କଲେ ଓ ବାଲ୍ମୀକି ରାମାୟଣ ଲେଖିଲେ । ଏହି ପ୍ରକାରେ ୧୧ ହଜାର ଶ୍ଳୋକରେ ମହାଭାରତ, ୫ ହଜାର ଶ୍ଳୋକରେ ରାମାୟଣ, ୧୮ ହଜାର (ଶ୍ଳୋକ)ରେ ଭାଗବତ ଓ ୧୫ ହଜାର ଶ୍ଳୋକରେ ନୃସିଂହ-ପୁରାଣ ରଚିତ ହେଲା । ଏହି ପ୍ରକାରେ ବେଦବ୍ୟାସ ହିଁ ୬୦ ଲକ୍ଷ ଶ୍ଳୋକାତ୍ମକ ନୃସିଂହ-ପୁରାଣ ଲେଖି ୧୫ ହଜାର ଶ୍ଳୋକାତ୍ମକ ସଂକ୍ଷିପ୍ତ ନୃସିଂହ-ପୁରାଣ ଲେଖିଥିବା କଥା ସେ କହିଛନ୍ତି –

ଯେବଣ କାଳେ ହେଲେ ଏ ପୁରାଣ ପ୍ରକାଶ ।
କହିଯାନ୍ତି ବେଦବ୍ୟାସ ଲେଖନ୍ତି ଗଣେଶ ।।
ନୃସିଂହ-ପୁରାଣ କଲେ ଷାଠି ଲକ୍ଷ ଗ୍ରନ୍ଥ ।
ତହୁଁ ବିଂଶ ଲକ୍ଷ ନେଇ ଦେଲେ ଦେବତାନ୍ତ ।।
ଆବର କୋଡ଼ିଏ ଲକ୍ଷ ଦେଲେ ନାଗପୁରେ ।
ରଖିଲେ କୋଡ଼ିଏ ଲକ୍ଷ ମର୍ତ୍ତ୍ୟମଣ୍ଡଳରେ ।।
ସେହି କୋଡ଼ିଏ ଲକ୍ଷରୁ ବାଛି ସାର ପୁର ।
କଲେ ସେ ପୁଣି ଭାରତ ଭାଗବତ ଜାଣ ।।
ବାଲ୍ମୀକି ମୁନି ତହିଁରୁ କିଞ୍ଚିତ ନେଇଣ ।
ରାମାୟଣ ଗ୍ରନ୍ଥ କଲେ ଆହେ ନରରାଣ ।।

| | |

ଏଗାର ସହସ୍ରେ ମହାଭାରତ ଲେଖନ ।
ପଞ୍ଚ ସହସ୍ର ଶ୍ଳୋକରେ କଲେ ରାମାୟଣ ।।
ଅଷ୍ଟାଦଶ ଶ୍ଳୋକେ (ସସ୍ରେ ?) କଲେ ଭାଗବତ ପୁଣ ।
ପନ୍ଦର ସହସ୍ର ଶ୍ଳୋକେ ନୃସିଂହ ପୁରାଣ ।। (୧/୪୯)

× × ×

ବ୍ୟାସକୃତ ଏ ପନ୍ଦର ସହସ୍ର ଯେ ଗ୍ରନ୍ଥ । (୩/୧୦୧)

ମୂଳରେ ଗ୍ରନ୍ଥଟି ଅତି ପୃଥୁଳ ଥିଲା କିନ୍ତୁ କ୍ଷୀଣାୟୁ କଳିଯୁଗର ମନୁଷ୍ୟମାନେ ତାହା ପାଠ କରିବା ପାଇଁ ସମୟର ଅଭାବ ଅନୁଭବ କରିବେ ବୋଲି ତାହାର ସାରାଂଶକୁ ନେଇ ସେହି ଗ୍ରନ୍ଥଟି କ୍ଷୁଦ୍ରାକାରରେ ରଚିତ ହେଲା, ଏପରି କଥା ବହୁ ପ୍ରାଚୀନ ଆଗମ ଶାସ୍ତ୍ରରେ (ଯଥା – ଅହିର୍ବୁଧ୍ନ୍ୟ ସଂହିତା ଓ ପଦ୍ମସଂହିତାରେ) ଓ ମହାଭାରତର କେତେକ ପାଠରେ ଲେଖାଅଛି । ମହାଭାରତର କେତେକ ସଂସ୍କରଣରେ ବର୍ଣ୍ଣିତ ଅଛି ଯେ ବ୍ୟାସ ୬୦ ଲକ୍ଷ ଶ୍ଳୋକବିଶିଷ୍ଟ ମହାଭାରତ ଲେଖିଥିଲେ, ସେଥିରୁ ୩୦ ଲକ୍ଷ ଶ୍ଳୋକ ଦେବତାଙ୍କୁ, ୧୫ ଲକ୍ଷ ପିତୃଙ୍କୁ ଓ ୧୪ ଲକ୍ଷ ଗନ୍ଧର୍ବଙ୍କୁ ଦେଇ ଏକ ଲକ୍ଷ ଶ୍ଳୋକ ନରଲୋକ ପାଇଁ ରଖିଲେ । ଗ୍ରନ୍ଥଟି ଅତି ପ୍ରାଚୀନ ହୋଇଥିବା ଓ ତାହା ସାରଭୂତ ହୋଇଥିବା ଏହି ଉଭୟ ଦାବି ଗ୍ରନ୍ଥଟିକୁ ଲୋକରେ ପ୍ରତିଷ୍ଠା ଦେବାରେ ସାହାଯ୍ୟ କରେ । ପୀତାମ୍ବର ଏହି ପ୍ରାଚୀନ କୌଶଳ ଅବଲମ୍ବନ କରି ବ୍ୟାସରଚିତ ସାରଭୂତ ପୁରାଣକୁ ଓଡ଼ିଆ (ପ୍ରାକୃତ) କରିଥିବା କଥା ବାରମ୍ବାର ଲେଖିଛନ୍ତି ।

ପନ୍ଦର ସହସ୍ର ଶ୍ଳୋକ ନୃସିଂହ-ପୁରାଣ ।
ବ୍ୟାସଙ୍କ ମୁଖରେ ହୋଇଅଛି ଉଚ୍ଚାରଣ ।।
ଶାରଦାଙ୍କ ଆଜ୍ଞାରେ ମୁଁ କରେ ପରାକୃତ । (୧/୧୬୦)

ବ୍ୟାସରଚିତ ନୃସିଂହ-ପୁରାଣରେ ୧୫ ହଜାର ଶ୍ଳୋକ ଥିବା କଥା ପୀତାମ୍ବର ବହୁ ସ୍ଥାନରେ ଲେଖିଛନ୍ତି (ଯଥା – ୩/୮୭; ୪/୧୨୩; ୭/୧୨୫, ୧୮୫,୨୫୩) । ପୁରାଣର ଶ୍ଳୋକ ସଂଖ୍ୟା ପୀତାମ୍ବରଙ୍କ ଦ୍ୱାରା କଳ୍ପିତ ହୋଇଥିବା ହିଁ ସମ୍ଭବ । ମହାଭାରତର ଶ୍ଳୋକ ସଂଖ୍ୟା ୮୮ ହଜାର (ଓ ୧୨ ହଜାର ଶ୍ଳୋକାତ୍ମକ ଖିଳ ହରିବଂଶକୁ ମିଶାଇଲେ ଏକ ଲକ୍ଷ) ବୋଲି ସାଧାରଣତଃ ଗୃହୀତ ମତ । ଅଥଚ ପୀତାମ୍ବର ତାହା ମାତ୍ର ୧୧ ହଜାର ଶ୍ଳୋକାତ୍ମକ ବୋଲି ଲେଖିଛନ୍ତି । ସେହିପରି ରାମାୟଣର ଶ୍ଳୋକ ସଂଖ୍ୟା ପ୍ରାୟ ୨୪ ହଜାର ଅଥଚ ପୀତାମ୍ବର ତାହା ପାଞ୍ଚ ହଜାର ଶ୍ଳୋକାତ୍ମକ ବୋଲି କହିଛନ୍ତି । ନୃସିଂହ-ପୁରାଣର ଶ୍ଳୋକ ସଂଖ୍ୟା ଅନୁରୂପ ଭାବରେ କଳ୍ପିତ ହୋଇଥିବା ସମ୍ଭବ ।

କୌତୂହଳର ବିଷୟ, ପୀତାମ୍ବର ତାଙ୍କ ଓଡ଼ିଆ ନୃସିଂହ-ପୁରାଣର ପଦ ସଂଖ୍ୟା ମଧ୍ୟ ଠିକ୍ ଭାବରେ ଦେଇ ପାରିନାହାନ୍ତି । ସେ ତାଙ୍କ ନୃସିଂହ-ପୁରାଣରେ ୫୦ ହଜାର ପଦ ଥିବା କଥା ଜଣାଇଛନ୍ତି –

ଚାଳିଶ ସହସ୍ର ଏବେ ହେଲା ପଦ ବନ୍ଧ ।
ଆଉ ଦଶ ସହସ୍ରରେ ହେବ ମନ ବୋଧ ।। (୭/୪୧)

ନୃସିଂହ-ପୁରାଣର ବିଭିନ୍ନ ସାଗରର ପଦ ସଂଖ୍ୟା ଏହିପରି – (୧) ପ୍ରଥମ ସାଗର – ୬,୭୯୮ ପଦ; (୨) ଦ୍ୱିତୀୟ ସାଗର – ୫,୭୪୮ ପଦ; (୩) ତୃତୀୟ ସାଗର – ୭,୫୧୯ ପଦ; (୪) ଚତୁର୍ଥ ସାଗର – ୭,୫୫୪ ପଦ; (୫) ପଞ୍ଚମ ସାଗର –୩,୩୧୫ ପଦ; (୬) ଷଷ୍ଠ ସାଗର –୨,୮୩୪ ପଦ; (୭) ସପ୍ତମ ସାଗର –

୯,୦୫୨ (ପୂର୍ବଖଣ୍ଡ–୪,୧୩୮ ଓ ଉତ୍ତରଖଣ୍ଡ –୪,୯୧୪ ପଦ) । ମୋଟ ପଦ ସଂଖ୍ୟା –୪୨,୮୨୦, ପଚାଶ ହଜାର ନୁହେଁ । ପୀତାମ୍ବର 'ଚାଳିଶ ସହସ୍ର ଏବେ ହେଲା ପଦବନ୍ଧ' ବୋଲି ଲେଖିବା ବେଳକୁ ପ୍ରକୃତରେ ପଦସଂଖ୍ୟା ଥିଲା ୩୫,୨୦୬ ଓ ତାହା ପରେ ପଦସଂଖ୍ୟା ୭,୬୧୪ (ଦଶ ସହସ୍ର ନୁହେଁ) । ଗୋଟିଏ ଗୋଟିଏ ସଂସ୍କୃତ ଶ୍ଳୋକକୁ ଓଡ଼ିଆରେ ଚଉଦ ଅକ୍ଷରୀବୃତ୍ତରେ ଅନୁବାଦ କରିବାବେଳେ ଦୁଇ ପଦରୁ ଅଧିକ ହେବା ସମୀଚୀନ ବୋଧହୁଏ ନାହିଁ । ତେଣୁ ପନ୍ଦର ହଜାର ଶ୍ଳୋକର ଓଡ଼ିଆ ଭାଷାନ୍ତର ତିରିଶ ହଜାର ପଦରୁ ଅଧିକ ହେବା କଥା ନୁହେଁ ।

ପୀତାମ୍ବର ଅନ୍ୟ କୌଣସି ପୁରାଣର ଅନୁବାଦ, ଅନୁସରଣ ବା ଅନୁକରଣ କରିନଥିବା କଥା ଓ ବିଭିନ୍ନ ଗ୍ରନ୍ଥରୁ କିଛି କିଛି ତତ୍ତ୍ୱ ଚୟନ କରି ନୃସିଂହ-ପୁରାଣକୁ ସୃଷ୍ଟି କରିଥିବା କଥା ପ୍ରକାରାନ୍ତରେ ପ୍ରକାଶ କରିଛନ୍ତି । ତାଙ୍କର ନିମ୍ନଲିଖିତ ବକ୍ତବ୍ୟଗୁଡ଼ିକ ସଂସ୍କୃତ ବା ଅନ୍ୟ ଭାଷାରେ ନୃସିଂହ-ପୁରାଣର ଅବିଦ୍ୟମାନତାକୁ ସିଦ୍ଧ କରୁଛି ।

(୧) ପୀତାମ୍ବର ନୃସିଂହ-ପୁରାଣର ସୃଷ୍ଟି ସତ୍ୟଯୁଗରେ ହୋଇଥିବା କଥା ଅନେକ ସ୍ଥାନରେ ଜଣାଇଛନ୍ତି (୫/୩, ୭/୧୮୮) ଯଦିଚ ଏହି ପୁରାଣର ସ୍ରଷ୍ଟା ବେଦବ୍ୟାସ ହିଁ ବୋଲି କହିଛନ୍ତି : ''ସତ୍ୟଯୁଗର ଏ ଗ୍ରନ୍ଥ ବେଦବ୍ୟାସକୃତ । ଅଷ୍ଟାଦଶ ପୁରାଣେ ଏ ଗ୍ରନ୍ଥ ଅଟେ ଉକ୍ତ'' (୧/୧୬୪) । ବ୍ୟାସଙ୍କୁ ସତ୍ୟ ଯୁଗରେ ଥୋଇବା ଯୋଜନା ସ୍ୱକୃତ ପୁରାଣକୁ ଲୋକରେ ପ୍ରତିଷ୍ଠା ଦିଆଇବା ଯୋଜନାର ଉପସର୍ଗ । ଏତଦ୍ୱାରା ପୁରାଣଟି ଅନ୍ୟପୁରାଣ ଅପେକ୍ଷା ଅଧିକ ପୁରାଣ (ପୁରୁଣା) ବୋଲି କହିବା ସଙ୍ଗେ ସଙ୍ଗେ ବ୍ୟାସ ସବୁ ପୁରାଣର ସ୍ରଷ୍ଟା ହେବା ବିଶ୍ୱାସକୁ ମାନ୍ୟତା ଦିଆଯାଉଛି ।

(୨) ପୀତାମ୍ବର ଧର୍ମଶାସ୍ତ୍ର ଭାବରେ ସର୍ବାଧିକ ପ୍ରତିଷ୍ଠାବନ୍ତ ବେଦ (ବେଦୋଽଖିଲୋ ଧର୍ମମୂଳଂ – ମନୁ ୨/୬) ସହିତ ନୃସିଂହ-ପୁରାଣକୁ ସଂଶ୍ଳିଷ୍ଟ କରିଛନ୍ତି । ସେ କହିଛନ୍ତି : ''ସାମବେଦୁଁ ବ୍ୟାସ ଏହା କଲେଚି ସଂଭୁତ'' (୫/୩ ତଥା ୨/୭୫, ୩/୧୩, ୪/୧୮୭ ଓ ୭/୨୧୩) । ସାମବେଦ ଗାନୋପଯୋଗୀ ହେବାରୁ ଛନ୍ଦୋଗ ସଂହିତା ମଧ ବୋଲାଏ । ପୁରାଣ ରଚନାରେ ଛନ୍ଦର ଆଶ୍ରୟ ନିଆଯାଉଥିବାରୁ ଏପରି ଦାବିର ଯୁକ୍ତି ଦେଖିହୁଅନ୍ତା କିନ୍ତୁ ଅନ୍ୟତ୍ର କବି ନୃସିଂହଙ୍କୁ ପ୍ରାର୍ଥନା କରି କହୁଛନ୍ତି, 'ତୁମ୍ଭେ ବ୍ୟାସଙ୍କ ଦ୍ୱାରା ୬୦ ଲକ୍ଷ ଗ୍ରନ୍ଥ (ଶ୍ଳୋକ) ଲେଖାଇଛ, ମୋତେ ତହିଁରୁ କିଛି କହିଲେ ମୁଁ ଚାରିବେଦରୁ ତଥ୍ୟ ଖୋଜି ପ୍ରାକୃତରେ ନୃସିଂହ-ପୁରାଣ ଲେଖିବି' ।

ଯେଉଁ ନୃସିଂହ-ପୁରାଣ ପୁଣ୍ୟମୟ ବାଣୀ ।<br>
ତାହା ମୁଁ ଲେଖେ ଖୋଜିଣ ଚାରିବେଦୁଁ ଆଣି ॥<br>
ଅବ୍ୟୟ ନିରାକାର ହିଁ ଯେଉଁ ବ୍ରହ୍ମଦେହୀ ।<br>
ଅଛନ୍ତି ଷାଠିଏ ଲକ୍ଷ ଗ୍ରନ୍ଥ ବ୍ୟାସେ କହି ॥

ତହୁଁ ପୁରାଣ କହିବ ପ୍ରଭୁ କିଛି ମୋତେ ।
ପ୍ରାକୃତବନ୍ଧେ ଲେଖିବି ତାହା ଜନହିତେ ।। (୭/୧୮୮)

ଷାଠିଏ ଲକ୍ଷ ଶ୍ଳୋକାତ୍ମକ ଗ୍ରନ୍ଥରୁ ୧୫ ହଜାର ଶ୍ଳୋକାତ୍ମକ ସଂସ୍କୃତ ନୃସିଂହ-ପୁରାଣ ସୃଷ୍ଟି କଥା କବି ଅନ୍ୟତ୍ର ଲେଖିଥିଲେ କିନ୍ତୁ ଏଠାରେ ପ୍ରାକୃତ ନୃସିଂହ-ପୁରାଣ ସିଧାସଳଖ ୬୦ ଲକ୍ଷ ଶ୍ଳୋକାତ୍ମକ ଗ୍ରନ୍ଥରୁ ଓ ଚାରିବେଦରୁ (କେବଳ ସାମରୁ ନୁହେଁ) ସୃଷ୍ଟି ହେବା କଥା କହିଥିବାରୁ ସ୍ୱରଚିତ ପୁରାଣକୁ ପ୍ରତିଷ୍ଠା ଦେବା ନିମନ୍ତେ ହିଁ କବି ଏ ସବୁ କହୁଥିବା ଅନୁମିତ ହୁଏ ।

(୩) ନୃସିଂହ-ପୁରାଣ ଗ୍ରନ୍ଥଟି ସମସ୍ତଙ୍କର ଅଗୋଚର ଥିଲା ଓ ଲୋକରେ ନଥିଲା ବୋଲି ମଧ୍ୟ ପୀତାମ୍ବର ଅନେକତ୍ର କହିଛନ୍ତି । ତେଣୁ ନୃସିଂହ-ପୁରାଣ (ସଂସ୍କୃତରେ ବା ଅନ୍ୟ ଭାଷାରେ) ମୂର୍ତ୍ତ ଅବସ୍ଥାରେ ପୂର୍ବରୁ ନ ଥିବା ସ୍ୱୀକୃତ ହେଉଛି । ଠାଏ ପୀତାମ୍ବର ଏହାକୁ ଶୂନ୍ୟରୁ (ଅର୍ଥାତ୍ ରୂପହୀନ ଅବସ୍ଥାରୁ) ଆଣି ସ୍ଥୂଳ ରୂପ ଦେଇଥିବା କଥା ମାନିଛନ୍ତି ମଧ୍ୟ —

ଶ୍ରୀ ନୃସିଂହ-ପୁରାଣ ଏ ଅଟେ ଅଗୋଚର । (୨/୧୬୨ ଓ ୪/୬୦)
ଅଲୌକିକ ଗ୍ରନ୍ଥ ଏହି ନୃସିଂହ-ପୁରାଣ । (୩/୧୫୮ ଓ ୪/୮୩)
ବିପ୍ର ପୀତାମ୍ବର ଦାସ ବହୁ ଜନ୍ମ ପୁଣ୍ୟେ ।
ଆଲୋକିତ ଗ୍ରନ୍ଥ ଠୁଳ କରେ ଆସି ଶୂନ୍ୟେ ।।

| | |

ବାଲି ବିଦାରିଲେ ଯେହ୍ନେ ଉପୁଜଇ ଜଳ ।
ସେହି ମତି ପଦ ମୋର ହୃଦେ ହୁଏ ଠୁଳ ।
ଠୁଳ ହେଲେ ଗର୍ଭରେ (ହୃଦରେ ?) ନ ପାରେ ମୁହିଁ ରଖି
ପୁସ୍ତକରେ ଆଣି ତାହା ଦେଉଥାଏ ଲେଖି ।। (୫/୮୬)

(୪) କବି ନୃସିଂହଙ୍କ କରୁଣାରୁ ପୁରାଣଟିକୁ ନିଜେ ଲେଖୁଥିବା କଥା ଓ ତାଙ୍କୁ ପୁରାଣର ସବୁ କଥା ଦେଖାଯାଉଥିବା କଥା ଜଣାଇଛନ୍ତି । ପୀତାମ୍ବର ନୃସିଂହ ଓ ଲକ୍ଷ୍ମୀଙ୍କ ବିବାହ ଭୋଜିର ବର୍ଣ୍ଣନା କରି ଭୋଜିର ଭୁକ୍ତାବଶେଷ ଖାଇ ପାରିଥିବାରୁ ସେ ଜ୍ଞାନମତ୍ତ ହୋଇପାରିଲେ ଓ ନୃସିଂହ-ପୁରାଣ ଲେଖିପାରିଲେ ବୋଲି ମଧ୍ୟ କହିଛନ୍ତି—

ସେହି ଆଜ୍ଞାରୁ ପୁରାଣ ମୋତେ ହେଲା ଦୃଶ୍ୟ ।
ପଦବନ୍ଧରେ ବସାଇ କହେ ଗୀତରସ ।। (୩/୪୪)

× × ×

ଏମାନେ ଯେ ଭୁଞ୍ଜିବାରୁ ଉଚ୍ଛିଷ୍ଟ ଯେ ଥିଲା ।
ତାହା ପୀତାମ୍ବର ଦାସ ମାଗିଣ ଭୁଞ୍ଜିଲା ।।

ଭୁଞ୍ଜିବା ସକାଶୁ ହେଲା ଜ୍ଞାନରେ ସେ ମତ ।
ମତ ହେବାରୁ କଲା ଏ ପୁରାଣକୁ ଗୀତ ।। (୩/୧୨୩)

× × ×

ମୋର ମନ କଥା ଜାଣି ସେହୁ ଭଗବାନ ।
ହୃଦରେ ବସି କହନ୍ତି ମୋତେ ପଦମାନ ।।
ଶ୍ରୀ ନୃସିଂହ-କଟାକ୍ଷରୁ ଜଣାଯାଏ ମୋତେ ।
ତେଣୁ ଏହି ପୁରାଣକୁ ଲେଖୁଛି ପ୍ରାକୃତେ ।। (୩/୧୮୯)

(୫) ଲୋକେ ଏହି ପୁରାଣର ମୂଳ ନାହିଁ, ମନଗଢ଼ା ମିଛ କଥା ସବୁ ଏଥିରେ ରହିଛି ବୋଲି କହିବେ, ଏପରି ଆଶଙ୍କା କବିଙ୍କର ଥିଲା । ଏପରି ଆଶଙ୍କିତ ଆକ୍ଷେପର ଉତ୍ତର ଦେଇ ପୀତାମ୍ବର କହିଛନ୍ତି – ''ଈଶ୍ୱରେଚ୍ଛା ବ୍ୟତିରେକ କିଛି ହିଁ ଘଟେ ନାହିଁ, ସମ୍ଭବେ ନାହିଁ । ପୁରାଣର ବର୍ଣ୍ଣନା ସତ୍ୟ ହେଉ କି ଅସତ୍ୟ ହେଉ, ମୁଁ ପୁରାଣ ଲେଖିବା କଥା ତ ମିଛ ନୁହେଁ ଓ ଏହାଦ୍ୱାରା ପ୍ରଭୁଙ୍କ ଆଜ୍ଞା ହିଁ ପାଳିତ ହେଉଛି । ମୁଁ ନାନା ଗ୍ରନ୍ଥର ତଥ୍ୟ ସଂଗ୍ରହ କରି ଏହା ଲେଖିଛି, ଏହା ଶୁଦ୍ଧ କଳ୍ପନା ନୁହେଁ ।'' ଯେଉଁ ପ୍ରଭୁ ସର୍ବଗାମୀ ଓ ସର୍ବକାରଣ କାରଣ ନୃସିଂହ-ପୁରାଣ ତାଙ୍କର ପ୍ରକାଶ, ତେଣୁ ପୁରାଣ ବର୍ଣ୍ଣିତ ବିଷୟର ସତ୍ୟତା ସ୍ୱୟଂସିଦ୍ଧ ।

ଅସତ୍ୟ ବା ସତ୍ୟ ହେଉ ଲେଖିବା ମୋ ସତ୍ୟ ।
ଯହିଁରେ ବିଷ୍ଣୁଙ୍କ ଆଜ୍ଞା ହୋଇଛି ପ୍ରାପତ ।।

| | |

ଶ୍ରୀ ନୃସିଂହ ଜନ୍ମ ସତ୍ୟଯୁଗର ଏ ଗ୍ରନ୍ଥ ।
କୋଟିଏ ଗ୍ରନ୍ଥ ବାଛିଣ ଲେଖିଲି କିଞ୍ଚିତ ।। (୫/୩)

ଏହି ସବୁ ବିଚାରରୁ ପୀତାମ୍ବରଙ୍କ ପୁରାଣଟି ଅନୁବାଦ ନୁହେଁ ବୋଲି ଜାଣି ହେଉଛି ।

**ପୁରାଣ ଲକ୍ଷଣ :**

ସଂସ୍କୃତ ପୁରାଣର ବିଷୟବସ୍ତୁ ସମ୍ପର୍କରେ ଗୋଟିଏ ପାରମ୍ପରିକ ମତ 'ପୁରାଣଂ ପଞ୍ଚଲକ୍ଷଣଂ' (ଅମରକୋଶ) ଅନେକ ପୁରାଣରେ ସ୍ଥାନ ପାଇଛି –

ସର୍ଗଶ୍ଚ ପ୍ରତସର୍ଗଶ୍ଚ ବଂଶୋ ମନ୍ୱନ୍ତରାଣି ଚ ।
ବଂଶାନୁଚରିତଂ ଚୈବ ପୁରାଣଂ ପଞ୍ଚଲକ୍ଷଣମ୍ ।।

ଅର୍ଥାତ୍, ସର୍ଗ (ସୃଷ୍ଟି), ପ୍ରତିସର୍ଗ (ଲୟ), ବଂଶ (ଦେବ, ଦାନବ, ନର, ଋଷି ଆଦିଙ୍କ ବଂଶ), ମନ୍ୱନ୍ତର (ବିଭିନ୍ନ ଯୁଗ) ଓ ବଂଶାନୁଚରିତ (ବିଭିନ୍ନ ବଂଶର ଇତିହାସ) ଏହି ପାଞ୍ଚୋଟି ଲକ୍ଷଣ ପୁରାଣରେ ରହିବ । ପୁରାଣର ଏପରି ପରିଭାଷା ପର୍ଯ୍ୟାପ୍ତ ଅର୍ଥାତ୍ ସର୍ବାତ୍ମକ ବୋଲି ଦାବି କରାଯାଉ ନାହିଁ; ଏ ପାଞ୍ଚୋଟି କଥା ଥାଇ ଅନ୍ୟାନ୍ୟ କଥା ରହିଲେ

ବି ତାହା ପୁରାଣ ହୋଇପାରେ । ବାସ୍ତବରେ, ଏହି ପଞ୍ଚବିଧ ବିଷୟର ବର୍ଣ୍ଣନା ଅଧିକାଂଶ ପୁରାଣର ଶତକଡ଼ା ପାଞ୍ଚଭାଗ ହୁଏ କି ନ ହୁଏ । ଅବଶିଷ୍ଟ ୯୫ ଭାଗରେ ବିଭିନ୍ନ ଧର୍ମଶିକ୍ଷା (ବର୍ଣ୍ଣଧର୍ମ, ଆଶ୍ରମ ଧର୍ମ, ରାଜଧର୍ମ, ଦାନଧର୍ମ, ତୀର୍ଥଧର୍ମ, ବ୍ରତ, ଭକ୍ତି ଆଦି), ବିଭିନ୍ନ ବୈଷୟିକ ବିଦ୍ୟା, କର୍ମକାଣ୍ଡ, ଶ୍ରାଦ୍ଧ, ସଦାଚାର, ଦର୍ଶନ, ଭୂଗୋଳ, ଇତିହାସ ଆଦି ସର୍ବବିଧ ବିଶ୍ୱାସ, ନୀତି ଓ ଜ୍ଞାନ ଆଲୋଚିତ ହୋଇଥାଏ । ଏହି ସଂକୀର୍ଣ୍ଣ ପରିଭାଷାକୁ ଅଧିକ ପ୍ରସାରିତ କରିବାପାଇଁ ପରବର୍ତ୍ତୀ କାଳରେ ମହାପୁରାଣରେ ଦଶ ଲକ୍ଷଣ ରହିବ କିନ୍ତୁ ଉପପୁରାଣରେ ପଞ୍ଚଲକ୍ଷଣ ରହିବ ବୋଲି କୁହାଗଲା–

ସର୍ଗୋଽସ୍ୟାଥ ବିସର୍ଗଶ୍ଚ ବୃତ୍ତୀ ରକ୍ଷାନ୍ତରାଣି ଚ ।
ବଂଶୋ ବଂଶାନୁଚରିତଂ ସଂସ୍ଥା ହେତୁରପାଶ୍ରୟଃ ।।
ଦଶଭିର୍ଲକ୍ଷଣୈର୍ଯୁକ୍ତଂ ପୁରାଣଂ ତଦ୍‌ବିଦୋବିଦୁଃ ।
କେଚିତ୍‌ପଞ୍ଚବିଧଂ ବ୍ରହ୍ମନ୍ ମହଦଳ୍ପ ବ୍ୟବସ୍ଥୟୀ ।।

(ଭାଗବତ ୧୨/୭/୯-୧୦)

ଅଧିକ ପାଞ୍ଚଲକ୍ଷଣ ହେଲା : (୧) ବୃତ୍ତି (ଜୀବିକା କର୍ମ), (୨) ରକ୍ଷା (ସଂସାରର ପାଳନ), (୩) ସଂସ୍ଥା (ମୁକ୍ତି), (୪) ହେତୁ (କର୍ମଫଳ) ଓ (୫) ଅପାଶ୍ରୟ (ବ୍ରହ୍ମ) । ଏ ପରିଭାଷା ମଧ୍ୟ ସର୍ବାତ୍ମକ ନୁହେଁ । ଏପରିକି ଏହି ପରିଭାଷା ଦେଇଥିବା ଭାଗବତ ପୁରାଣ ମଧ୍ୟ ଅନ୍ୟତ୍ର ସେହି ପୁରାଣଭୁକ୍ତ ଦଶବିଧ ବିଷୟରେ ଭିନ୍ନ ତାଲିକା ଦେଇଛି –

ଅତ୍ର ସର୍ଗୋ ବିସର୍ଗଶ୍ଚ ସ୍ଥାନଂ ପୋଷଣମୂତୟଃ ।
ମନ୍ୱନ୍ତରେଶାନୁକଥା ନିରୋଧୋ ମୁକ୍ତିରାଶ୍ରୟଃ । (ଭାଗବତ ୨/୧୦/୧)

ପୁରାଣର ଏତାଦୃଶ ଦଶଲକ୍ଷଣାତ୍ମକ ପରିଭାଷାରେ ସନ୍ତୁଷ୍ଟ ନ ହୋଇ ମତ୍ସ୍ୟ ପୁରାଣ (୫୩/୬୬-୬୭) କହେ ଯେ ପୁରାଣରେ ଏ ସବୁ ବାହାରେ ବ୍ରହ୍ମା, ବିଷ୍ଣୁ, ସୂର୍ଯ୍ୟ ଓ ରୁଦ୍ରଙ୍କର ମାହାତ୍ମ୍ୟ ଓ ପୁରୁଷାର୍ଥ (କାମ, ଅର୍ଥ, ଧର୍ମ, ମୋକ୍ଷ) ବିଷୟ ଥାଏ ।

ସଂସ୍କୃତ ପୁରାଣର ପରିଭାଷା ଓଡ଼ିଆ ମୌଳିକ ପୁରାଣ ପାଇଁ କେବଳ ପୋଥି ବାଇଗଣ । ଓଡ଼ିଆ ପୁରାଣର ଲକ୍ଷଣ ଚର୍ଚ୍ଚା ହୋଇନାହିଁ କିନ୍ତୁ ଓଡ଼ିଆ ପୁରାଣଗୁଡ଼ିକୁ ଅଧ୍ୟୟନ କଲେ ଜଣାଯିବ ଯେ ମୌଳିକ ଓଡ଼ିଆ ପୁରାଣର ଆଦିସ୍ରଷ୍ଟା ସାରଳାଦାସ ଓଡ଼ିଆ ପୁରାଣର ଲକ୍ଷଣକୁ ସୀମିତ କରିଯାଇଛନ୍ତି । ପ୍ରଥମ କଥା ହେଲା, ଓଡ଼ିଶାରେ ରାମାୟଣ, ମହାଭାରତ ଓ ହରିବଂଶ ଇତିହାସ ବା ମହାକାବ୍ୟ ଭାବରେ ଗୃହୀତ ନ ହୋଇ ପୁରାଣ ଭାବରେ ହିଁ ଗୃହୀତ ହୁଏ । ସଂସ୍କୃତରେ ଯଦିଚ ଏ ସବୁ ପୁରାଣ ନୁହେଁ । ଏ ସବୁ ଗ୍ରନ୍ଥର ଆଲୋଚନା (ପାଠ ଓ ବ୍ୟାଖ୍ୟା) ହେବା ସ୍ଥାନ ପୁରାଣସଭା । ପୁରାଣସଭାରେ ଯେଉଁ ପଣ୍ଡିତ (ପଣ୍ଡା) ରାମାୟଣାଦି ପାଠ କରେ ଓ ବୁଝାଏ ସେ ପୁରାଣପଣ୍ଡା ହିଁ ବୋଲାଏ । ତେଣୁ ପୀତାମ୍ବର ତାଙ୍କ 'ପଞ୍ଚପୁରାଣ' ମଧ୍ୟରେ ଏ ସବୁକୁ ମିଶାଇଛନ୍ତି । ଦ୍ୱିତୀୟ କଥା ହେଲା, ଓଡ଼ିଆ ପୁରାଣରେ କୌଣସି ଦେବ ବା ଦେବୀଙ୍କ ମାହାତ୍ମ୍ୟ ପ୍ରାଚୀନ କାଳରେ ଘଟିଥିବା ଆଖ୍ୟାନ

ରୂପରେ ରହେ । ଏହି ନିୟମ ଅନୁସାରେ ସାରଳାଦାସଙ୍କ ମହାଭାରତରେ କୃଷ୍ଣଙ୍କ ମାହାତ୍ମ୍ୟ ଓ ଚଣ୍ଡୀପୁରାଣରେ ଦେବୀଙ୍କ ମାହାତ୍ମ୍ୟ, ସିଦ୍ଧେଶ୍ୱର ଦାସଙ୍କ ବିଚିତ୍ର ରାମାୟଣ ଓ ବଳରାମ ଦାସଙ୍କ ଦାଣ୍ଡୀ ରାମାୟଣରେ ରାମଙ୍କ ମାହାତ୍ମ୍ୟ, ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣରେ ଲକ୍ଷ୍ମୀଙ୍କ ମାହାତ୍ମ୍ୟ, ଜଗନ୍ନାଥ ଦାସଙ୍କ ଭାଗବତରେ ବିଷ୍ଣୁଙ୍କ ମାହାତ୍ମ୍ୟ, ଅଚ୍ୟୁତାନନ୍ଦଙ୍କ ହରିବଂଶରେ କୃଷ୍ଣଙ୍କ ମାହାତ୍ମ୍ୟ, ମହାଦେବ ଦାସଙ୍କ ବିଷ୍ଣୁକେଶରୀରେ ହିରଣ୍ୟକଶିପୁ-ହନ୍ତା ନୃସିଂହଙ୍କ ମାହାତ୍ମ୍ୟ, ପୀତାମ୍ବର ଦାସଙ୍କ ନୃସିଂହ-ପୁରାଣରେ ମୁରହନ୍ତା ନୃସିଂହଙ୍କ ମାହାତ୍ମ୍ୟ, ଗୌରାଙ୍ଗ ଦାସଙ୍କ 'ଦାମୋଦର ପୁରାଣ'ରେ ଦାମୋଦର ଅବତାରଙ୍କ ମାହାତ୍ମ୍ୟ ଓ ଜଗନ୍ନାଥ ପୁରାଣରେ ଜଗନ୍ନାଥଙ୍କ ମାହାତ୍ମ୍ୟ କୀର୍ତ୍ତିତ ହୋଇଛି । ଓଡ଼ିଶାରେ ଏହି ନିୟମର ଅଳ୍ପ କେତୋଟି ବ୍ୟତିକ୍ରମ ଥିବା ପରି ଆପାତତଃ ଲାଗେ । ଆଧୁନିକ ଯୁଗରେ ପୁରାଣର ପ୍ୟାରୋଡ଼ି ଭାବରେ ଠକଙ୍କ ମାହାତ୍ମ୍ୟ ଚର୍ଚ୍ଚା କରୁଥିବା 'ଠକ ପୁରାଣ' ଓ ଲୁଚ୍ଚର ମାହାତ୍ମ୍ୟ ଚର୍ଚ୍ଚା କରୁଥିବା ଲୁଚ୍ ପୁରାଣ ପ୍ରକାଶ ପାଇଛି । ଏକାମ୍ର କ୍ଷେତ୍ରର ମାହାତ୍ମ୍ୟ ଚର୍ଚ୍ଚା କରୁଥିବା 'ଏକାମ୍ର ପୁରାଣ' ଓଡ଼ିଶାରେ ରଚିତ ହେଲେ ହେଁ ସଂସ୍କୃତ ଭାଷାର ଗ୍ରନ୍ଥ । ନିୟମର, ବୋଧହୁଏ, ଏକମାତ୍ର ବ୍ୟତିକ୍ରମ ବାସୁଦେବ ସୋମନିଶିଙ୍କ 'ପତିଭକ୍ତା ପୁରାଣ', ଯେଉଁଠାରେ ପତିଭକ୍ତିର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି । ଏହା ତେଲୁଗୁ ଭାଷାର 'ଚିତ୍ରାଙ୍ଗଦ ପୁରାଣ'ର ଓଡ଼ିଆ ଭାଷାନ୍ତର ହୋଇଥିବାରୁ ପୁରାଣ ନାମଟି ତେଲୁଗୁ ପରମ୍ପରାରୁ ଆସିଯାଇଛି ।

ବାସ୍ତବରେ ପୁରାଣ ଶବ୍ଦଟି ପୁରୁଣା ଅର୍ଥବୋଧକ । ବାୟୁ ପୁରାଣ (୧/୨୦୦୩) ନିର୍ଣ୍ଣୟ କରେ ଯେ ଯାହା ପୂର୍ବକାଳରୁ ଚଳିଆସୁଛି ତାହା ପୁରାଣ : ''ଯସ୍ମାତ୍ ପୁରା ହ୍ୟନତୀଦଂ ପୁରାଣଂ ତେନ ହି ସ୍ମୃତମ୍'' । ମତ୍ସ୍ୟପୁରାଣ (୫୩/୬୩) କହେ ପୂର୍ବ କଥା ସବୁ ପୁରାଣ ''ପୁରାତନସ୍ୟ କଳ୍ପସ୍ୟ ପୁରାଣାନି ବିଦୁର୍ବୁଧାଃ'' ।

ଓଡ଼ିଶାରେ ଦେବଦେବୀଙ୍କ ମାହାତ୍ମ୍ୟ ହେଉଛି ପୁରାଣର ବିଶେଷତ୍ୱ ।

●

*ପଞ୍ଚମ ଅଧ୍ୟାୟ*

# ପୂର୍ବସୂରୀଙ୍କ ପ୍ରଭାବ

ପୀତାମ୍ବର ଦେବୀ ସରସ୍ୱତୀ ତାଙ୍କୁ ସ୍ୱପ୍ନରେ ଚେତାଇ ଦେଇ ସେହିଁ ଗତ ଜନ୍ମଗୁଡ଼ିକରେ ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ସାରଳାଦାସ ଓ ମହାଦେବ ଦାସ ଥିଲେ ବୋଲି ଜଣାଇଥିବା କଥା ଲେଖିଛନ୍ତି (୩/୧୮୯) । ଏ ସମସ୍ତେ ପୀତାମ୍ବରଙ୍କ ପୂର୍ବସୂରୀ, ଓଡ଼ିଆ ଭାଷାର ଖ୍ୟାତିମନ୍ତ ପୁରାଣକର୍ତ୍ତା । ଏ ପ୍ରକାର ଚେତନା ପଛରେ ଗୋଟିଏ ପ୍ରଚ୍ଛନ୍ନ ସ୍ୱୀକୃତି ରହିଛି ଯେ ପୀତାମ୍ବର ଓଡ଼ିଆ ପୁରାଣକାର ପରମ୍ପରାରୁ ଭିନ୍ନ ନୁହନ୍ତି – ସେହି ଏହା ଚେତନା, ଏକା ଆତ୍ମା ତାଙ୍କ ଭିତରେ ବି ରହିଛି । ଏହି ପଞ୍ଚପୁରାଣକାରଙ୍କ ମଧ୍ୟରୁ ସାରଳାଦାସଙ୍କ କବିଚରିତ୍ର ପୀତାମ୍ବରଙ୍କୁ ଅଧିକ ପ୍ରଭାବିତ କରିଛି । ଏ ଦୁହିଁଙ୍କ ମଧ୍ୟରେ ଦୀର୍ଘ ତିନି ଶହ ବର୍ଷର ବ୍ୟବଧାନ, ତଥାପି ଉଭୟଙ୍କ କବିଚରିତ୍ର ମଧ୍ୟରେ ଅଦ୍ଭୁତ ସାମଞ୍ଜସ୍ୟ । ପୂର୍ବରୁ ଆଲୋଚିତ ହୋଇସାରିଛି ପୀତାମ୍ବର କିପରି ସାରଳାଦାସଙ୍କ ଠାରୁ ଏହି ଜାତିସ୍ମରତାକୁ ମଧ୍ୟ ନେଇଛନ୍ତି । ସେ ସାରଳାଦାସଙ୍କ ଠାରୁ ଆଉ ମଧ୍ୟ ନେଇଛନ୍ତି ଦୈବୀପ୍ରସାଦ-ପ୍ରାପ୍ତି । ସାରଳାଦାସ କହିଛନ୍ତି ଯେ ଦେବୀ ଶାରଳା ତାଙ୍କୁ ରାତିରେ ମହାଭାରତ ଡାକି ଦିଅନ୍ତି ଓ ସେ ତାହା ମନେରଖି ଦିନବେଳେ ଲେଖି ପକାଉଥାନ୍ତି । ରାତିରେ ପୃଥିବୀ ଶାନ୍ତ ଓ ସୁପ୍ତ ଥିବାବେଳେ କବିର କାବ୍ୟସୃଷ୍ଟିଶୀଳା ଧିଷଣା ଆଗାମୀ କାଲିର ସୃଷ୍ଟି ପାଇଁ ଉଦ୍‌ଭାବନ କରୁଥାଏ । ଏହି ଧିଷଣା ହିଁ ବାଗ୍‌ଦେବୀରୂପା, ସାରଳାଦାସଙ୍କ ଶାରଳା ଓ ପୀତାମ୍ବର ଦାସଙ୍କ ଶାରଦା । ପୀତାମ୍ବର ଦାସ ମଧ୍ୟ ଏକା ପ୍ରକାରର ଅନୁଭବ ପ୍ରକାଶ କରିଛନ୍ତି ଯେ ରାତିରେ ଶାରଦା ତାଙ୍କୁ ପୁରାଣର ପଦମାନ ଡାକି ଦେଇଥାନ୍ତି –

ଆହେ ସାଧୁଜନେ ଜାଣ ମୋର ଶକ୍ତି ନାହିଁ ।
ଶାରଦା ଆସିଣ ମୋତେ ରାତ୍ରେ ଗଲେ କହି ॥ (୨/୧୪)

× × ×

ନିଶିରେ ଶାରଦା ମୋତେ ହୋଇଲେ ପ୍ରସନ୍ନ ।
ତେଣୁ ଏ ନୃସିଂହ-ଗ୍ରନ୍ଥ କରଇ ଲେଖନ ॥ (୨/୪୧)

× × ×

ଶାରଳା ରାତ୍ରରେ ମୋତେ ହୋଇଲେ ପ୍ରସନ୍ନ । (୪/୧୮୭)

ସାରଳାଦାସ ନିଜକୁ ଦେବୀ ଶାରଳାଙ୍କର ପୁତ୍ର ବୋଲି ଚିହ୍ନାଇଛନ୍ତି । ସବୁ କବି, ସବୁ ଭାଷାର କବି, ଭାଷା-ଗର୍ଭର ସନ୍ତାନ ଓ ଯେ ଭାଷା ସେ ସରସ୍ୱତୀ : ''ବ୍ରାହ୍ମୀ ତୁ ଭାରତୀ ଭାଷା ଗୀର୍ବାଣ୍‌ବାଣୀ ସରସ୍ୱତୀ'' (ଅମରକୋଶଃ) ତେଣୁ କବିମାନେ ରାଧାନାଥଙ୍କ ଭାଷାରେ 'ବାଣୀଙ୍କ କୁମର' । ପୀତାମ୍ବର ଏଭଳି ଚେତନାର ପ୍ରଚୋଦନାରେ ନିଜର ଆତ୍ମପରିଚୟ 'ଶାରଦା-ପୁତ୍ର' ବୋଲି ଦେଇଛନ୍ତି –

ଲେଖେ ମୁଁ ଶାରଦା ପୁତ୍ର ହୋଇଣ ଜନମ ।
ତେଣୁ ସେହି ମାତା ମୋତେ ହୋଇଲେ ପ୍ରସନ୍ନ ॥ (୭/୨୩୮)

ଜନନୀତ୍ୱର ସ୍ୱୀକୃତି ଶାରଦାଙ୍କ ମୁଖରେ ପ୍ରକାଶ କରିଛନ୍ତି : 'ତୁହି ମୋହର ପ୍ରତ୍ୟକ୍ଷେ ପୁତ୍ର ଅଟୁ ଜାଣ' (୪/୧୮୭) । ଦେବଦେବୀଙ୍କ ସନ୍ତାନ ହେବା ଦାବିର ପ୍ରୟୋଜନ ଦିଗଟି ମଧ୍ୟ ଚିନ୍ତନୀୟ । ଧର୍ମଭୀରୁ ଜନତା ମଧ୍ୟରେ ଲୋକପ୍ରିୟତା ସୃଷ୍ଟିପାଇଁ ଏହା ଅବଶ୍ୟ ସହାୟକ । ରାଜାମାନେ ସବୁ ଦେଶରେ ସବୁକାଳେ ଏହା କରିଆସିଛନ୍ତି ସରଳବିଶ୍ୱାସୀ ପ୍ରଜାମାନଙ୍କଠାରୁ ଅଧିକ ଆନୁଗତ୍ୟ ସଂଗ୍ରହ କରିବାପାଇଁ । ଚୋଡ଼ଗଙ୍ଗ ଦେବ ଗୋକର୍ଣ୍ଣେଶ୍ୱର ଶିବଙ୍କ ପୁତ୍ର ଓ ପ୍ରତାପରୁଦ୍ର ଦେବ ମହାଦେବଙ୍କ ପୁତ୍ର ହେବା ଦାବି ମାଦଳାପାଞ୍ଜିରେ ଯାହା ସ୍ଥାନ ପାଇଛି ତାହାର ତାତ୍ପର୍ଯ୍ୟ ଏହି ଦୃଷ୍ଟିରୁ ବିଚାର୍ଯ୍ୟ । କବି ଦେବୀ ସରସ୍ୱତୀଙ୍କ ପୁତ୍ର ହେବା ବିଶ୍ୱାସ ଜନ୍ମିଲେ ତାହା କାବ୍ୟର ଅଧିକ ପ୍ରସାରର ସହାୟକ ହେବା ନିଶ୍ଚିତ ।

**ଅତିଶୟ ବିନୟ :**

ସାରଳାଦାସଙ୍କ ପରି ପୀତାମ୍ବର ମଧ୍ୟ ନୃସିଂହ-ପୁରାଣର ପ୍ରାୟ ସବୁଠାରେ ମାତ୍ରାତିରେକ ବିନୟଭାବ ପ୍ରକାଶ କରି ନିଜେ ନିରକ୍ଷର, ମହାମୂର୍ଖ, ଅପଣ୍ଡିତ, ଶାସ୍ତ୍ରଜ୍ଞାନହୀନ, ନରାଧମ, ହୁଣ୍ଡା, ସାଧୁସଙ୍ଗବର୍ଜିତ ଓ ଅଧାର୍ମିକ ବୋଲି ଆତ୍ମପରିଚୟ ଦେଇଛନ୍ତି । ଦୃଷ୍ଟାନ୍ତ ରୂପେ ତାଙ୍କର ଅଳ୍ପକେତୋଟି ବକ୍ତବ୍ୟ ପ୍ରକାଶ କଲେ ଯଥେଷ୍ଟ ହେବ :

ନ ଜାଣଇ ଜନ୍ମକାଳୁ ଅକ୍ଷର ଯେ ଲେଖି । (୪/୧୮୭)
ଜନ୍ମରୁ ମୁର୍ଖ ମୁହିଁ ନ ଜାଣଇ ଅକ୍ଷର । (୭/୧୭୫)
ଜାତିରେ ବ୍ରାହ୍ମଣ ମୁହିଁ ଅଟେ ମହାମୂର୍ଖ ।
(୧/୧୯୦ ତଥା ୩/୮୧; ୪/୬୮; ୫/୪୬)
ମୁହିଁ ଶିଶୁବୁଦ୍ଧି ପୁଣି ଅଟେ ଅପଣ୍ଡିତ । (୨/୧୪)
ବାଳୁତ ପିଲାଙ୍କ ପ୍ରାୟେ ଚଞ୍ଚଳ ମୋ ମତି ।
ନ ଜାଣେ ପାଠଶାଠ ନ ଜାଣେ ଶାସ୍ତ୍ରବୃତ୍ତି ॥(୨/୨୧ ତଥା ୨/୧)

ମୁହିଁ ବିପ୍ର ପୀତାମ୍ବର ଅଟେ ନରାଧମ । (୪/୧୬୦)
ଅଥର୍ପା ପୁରୁଷ ପ୍ରାୟ ଅଟେ ମୋର ବୁଦ୍ଧି ।
ପାଦେ କରୁ କରୁ ଆର ପାଦ ନୋହେ ସିଦ୍ଧି ।। (୭/୪୧)
ଶାସ୍ତ୍ର ମୁଁ ଶୁଣି ନାହିଁ ଧର୍ମ କରି ନାହିଁ ।
ବିନା ତପେ ଶ୍ରୀ ଗୋବିନ୍ଦ କରିବେ ବା ତ୍ରାହି ।।
ଦେବତା ବ୍ରାହ୍ମଣଙ୍କୁ ମୁଁ ନାହିଁ ଦିନେ ସେବି ।
ସୁଜ୍ଞାନୀ ବ୍ରହ୍ମଦୀକ୍ଷା ମୁଁ କାହୁଁ ପ୍ରକାଶିବି ।।
ସୁଜନ ସାଧୁଙ୍କ ସଙ୍ଗେ ନାହିଁ ଦିନେ ବସି ।
ବିଦ୍ୟା ପଢ଼ି ନାହିଁ ମୁହିଁ ନୁହେଁ ତୀର୍ଥବାସୀ ।। (୫।୪୬)
ମୁହିଁ ମୂର୍ଖ ଅପଣ୍ଡିତ ଅଟଇ ଅଜ୍ଞାନ ।
ଶାରଦା ରାତ୍ରରେ ମୋତେ ହୋଇଲେ ପ୍ରସନ୍ନ ।।
ବୋଇଲେକ ଆରେ ପୁତ୍ର ଉଠ ତୁହି ବେଗେ ।
ନୃସିଂହ-ପୁରାଣ ଅର୍ଥ ଲେଖ ଶାସ୍ତ୍ରମାର୍ଗେ ।।
ବୋଇଲି ମାତା ମୋହର ନାହିଁ ଗ୍ରନ୍ଥ ପଢ଼ା ।
ପ୍ରଥମେ ସିଦ୍ଧିରସ୍ତୁ ନ ଜାଣେ ଲେଖି ବେଢ଼ା ।। (୪/୧୮୭)

ଏପରି ଆତ୍ମଧିକ୍କାର ପୀତାମ୍ବର ବହୁସ୍ଥାନରେ ବାରମ୍ବାର କରିଛନ୍ତି । କବିର ସୃଷ୍ଟି ପାଇଁ ସାମାଜିକ ସ୍ୱୀକୃତି ଯୋଗାଡ଼ିବାରେ ଦୈବୀପ୍ରସାଦ ଦାବି କିପରି ସହାୟକ ତାହା ଇତିପୂର୍ବେ ଆଲୋଚିତ ହୋଇଛି ଓ ଅତି ବିନୟ ସହକାରେ ଆତ୍ମପରିଚୟ ପ୍ରଦାନ ଦୈବୀପ୍ରସାଦ ଦାବିର ପରିପୂରକ ବୋଲି ଦର୍ଶାଯାଇଛି । ବିନୟ ପ୍ରକାଶ ପାଇଁ ଆତ୍ମଧିକ୍କାର ଯେଉଁ ପରିମାଣରେ ଆବଶ୍ୟକ, କବିଙ୍କ ସମ୍ପର୍କରେ ସତ୍ୟ ଅନୁସନ୍ଧାନ ପଥରେ ତାହା ସେହି ପରିମାଣରେ ପ୍ରତିବନ୍ଧକ । ଏତାଦୃଶ ଅତିବିନୟ ଯେ କବିଙ୍କର ଶିକ୍ଷାଦୀକ୍ଷା ଆଦିର ପ୍ରକୃତ ସୂଚକ ନୁହେଁ, ତାହା ତାଙ୍କର ଅନ୍ୟାନ୍ୟ ସ୍ୱୀକୃତିରୁ ତଥା ତାଙ୍କଦ୍ୱାରା ରଚିତ ଗ୍ରନ୍ଥର କୋଟୀରୁ ସ୍ପଷ୍ଟ ହେଉଛି । ସେ କଥା କବିଙ୍କ ଜୀବନବୃତ୍ତାନ୍ତ ଚର୍ଚ୍ଚା ଅବସରରେ ଆଲୋଚିତ ହେବ । ନୃସିଂହ-ପୁରାଣ ପରି ବିରାଟ ଗ୍ରନ୍ଥ ଓ ସେଥିରେ ଗଭିତ ଅଲୌକିକ ପୌରାଣିକ ଆଖ୍ୟାନମାନ (Myths) ଯେଉଁ ଲୋକ ସୃଷ୍ଟି କରିପାରେ, ଜ୍ଞାନବିଜ୍ଞାନ ଧର୍ମଦର୍ଶନ ଆଦି ନାନାବିଧ ଜ୍ଞାତବ୍ୟ ବିଷୟରେ ଯେ ଚର୍ଚ୍ଚା କରିପାରେ ସେ ନିଜକୁ ଯେତେ ନିରକ୍ଷର-ମହାମୂର୍ଖ ବୋଲି ଯେତେବାର ଅଭିହିତ କଲେ ହେଁ ତାହା ସତ୍ୟାନୁସନ୍ଧିତ୍ସୁ ପାଠକ/ଶ୍ରୋତାଙ୍କର ବିଶ୍ୱାସଯୋଗ୍ୟ ହୋଇପାରିବ ନାହିଁ । ତାଙ୍କର ଜୀବନବୃତ୍ତାନ୍ତ, ସାଧନା ଓ ସିଦ୍ଧି ସମ୍ପର୍କରେ ପ୍ରକୃତ କଥା ଭବିଷ୍ୟତ ଜାଣୁ, ଏପରି ଅହଂଭଦ୍ରଂମନ୍ୟତାଜଡ଼ିତ ଭାବନା ବହୁପ୍ରାଚୀନ କବିଙ୍କର ନଥିଲା, ପୀତାମ୍ବର ଦାସଙ୍କର ମଧ୍ୟ ।

*ସାରଳା ଦାସଙ୍କ ପଦାନୁଗ*

**(କ) ପୌରାଣିକ ଆଖ୍ୟାନ କଳ୍ପନା :**

ଗୋଟିଏ ପୁରାଣରେ କୌଣସି ପୌରାଣିକ ଆଖ୍ୟାନ ଯେଉଁ ରୂପରେ ବର୍ଣ୍ଣିତ ହୋଇଥାଏ ଅନ୍ୟ ଏକ ପୁରାଣରେ ସେହି ଆଖ୍ୟାନଟି ଠିକ୍ ସେହି ରୂପରେ ନଥାଏ । ଏକାଧିକ ପୁରାଣର ଅଧ୍ୟେତା ମାତ୍ରେ ଜାଣନ୍ତି ଯେ ଭିନ୍ନ ଭିନ୍ନ ପୁରାଣରେ ପୌରାଣିକ ଆଖ୍ୟାନଗୁଡ଼ିକର ଘଟଣା ବର୍ଣ୍ଣନାରେ ଯେପରି ବହୁତ ଗୁରୁତର ତାରତମ୍ୟ ଥାଏ, ସେହିପରି ତାରତମ୍ୟ ପୌରାଣିକ ଚରିତ୍ରଗୁଡ଼ିକର ସ୍ୱଭାବ ଚିତ୍ରଣରେ ମଧ୍ୟ ଥାଏ । ସଂସ୍କୃତ ପୁରାଣଗୁଡ଼ିକର ରଚୟିତୃତ୍ୱ ସାଧାରଣତଃ କୃଷ୍ଣ ଦ୍ୱୈପାୟନ ବ୍ୟାସଦେବଙ୍କଠାରେ (ବା ଅନ୍ୟ କତିପୟ କାଳ୍ପନିକ ପୁରାଣକର୍ତ୍ତାଙ୍କ ଠାରେ) ଅଧ୍ୟାସ କରାଯାଉଥିଲେ ହେଁ ଏଗୁଡ଼ିକର ପ୍ରକୃତ ପ୍ରଣେତା ବହୁ ପରକାଳୀନ ବ୍ୟକ୍ତି ଯେଉଁମାନେ ଲୋକରେ ସ୍ୱରଚିତ ଗ୍ରନ୍ଥର ପ୍ରସାର ଓ ଆଦର କାମନା କରି ତାହାର ପିତୃତ୍ୱକୁ ବ୍ୟାସଦେବ (ବା ଅନୁରୂପ ଖ୍ୟାତିବନ୍ତ)ଙ୍କ ଠାରେ ଆରୋପ କରିଛନ୍ତି । ସଂସ୍କୃତ ପୁରାଣକର୍ତ୍ତାମାନଙ୍କର ପୌରାଣିକ ଅଖ୍ୟାନ ପରିବେଷଣ କ୍ଷେତ୍ରରେ ଏତାଦୃଶ ସ୍ୱଚ୍ଛନ୍ଦତାକୁ ଓଡ଼ିଆ ପୁରାଣ କ୍ଷେତ୍ରକୁ ଆଣିଲେ ସାରଳା ଦାସ – ସିଦ୍ଧେଶ୍ୱର ଦାସ ନାମ ନେଇ ସେ ରଚନା କରିଥିବା ପ୍ରାଥମିକ ସୃଷ୍ଟି ''ବିଚିତ୍ର ରାମାୟଣ''ରେ ତଥା ସାରଳା ଦାସ ନାମ ନେଇ ଲେଖୁଥିବା ମହାଭାରତ ଓ ଚଣ୍ଡୀପୁରାଣରେ । ପୀତାମ୍ବର ଦାସ ପୌରାଣିକ ଆଖ୍ୟାନ ପରିକଳ୍ପନା ବିଷୟରେ ମଧ୍ୟ ସାରଳା ଦାସଙ୍କର ପଦାଙ୍କ ଅନୁସରଣ କରିଛନ୍ତି । ସେ ନୃସିଂହ-ପୁରାଣରେ ପୌରାଣିକ ଆଖ୍ୟାନ ବର୍ଣ୍ଣନାରେ ତ୍ରିବିଧ ଅଭିନବତା ପ୍ରକାଶ କରିଛନ୍ତି –

(୧) ସଂସ୍କୃତ ପୁରାଣରେ ବର୍ଣ୍ଣିତ ଆଖ୍ୟାନର କେତେକ ଘଟନାକୁ ଲୋପ କରି ବା ବଦଳାଇ ଭିନ୍ନ ଭାବରେ ଉପସ୍ଥାପନ କରିବା ଦ୍ୱାରା କିମ୍ବା ସେଥିରେ ବର୍ଣ୍ଣିତ ହୋଇ ନଥିବା ଘଟନାକୁ ବର୍ଣ୍ଣନା କରିବା ଦ୍ୱାରା ସଂସ୍କୃତ ପୁରାଣର ଆଖ୍ୟାନକୁ ପରିବର୍ତ୍ତନ କରିଛନ୍ତି; ଯଥା – ସତ୍ୟଯୁଗରେ ନୃସିଂହ ଛ' ବର୍ଷର ବାଳକ ହୋଇଥିବାବେଳେ ବଦରିଠାରେ ୬୪ ସହସ୍ର ବ୍ରାହ୍ମଣ କନ୍ୟାଙ୍କ ସହ ରାସକ୍ରୀଡ଼ା କରିଥିଲେ; ତ୍ରେତାଯୁଗରେ ରାମ ୩୨ ସହସ୍ର କନ୍ୟାଙ୍କୁ ନେଇ ସରଯୁ ନଦୀତଟରେ ରାସକ୍ରୀଡ଼ା କଲେ; ଦ୍ୱାପର ଯୁଗରେ କୃଷ୍ଣ ୧୬ ସହସ୍ର ଗୋପାଳୁଣୀଙ୍କୁ ନେଇ ଯମୁନା ନଦୀତଟରେ ରାସକ୍ରୀଡ଼ା କଲେ ଓ କଳିଯୁଗରେ ଜଗନ୍ନାଥ ୮ ହଜାର କନ୍ୟାଙ୍କୁ ନେଇ ନୀଳାଚଳରେ ରାସକ୍ରୀଡ଼ା କରୁଛନ୍ତି । କଳିଯୁଗର କନ୍ୟାମାନେ ହେଲେ ପଣ୍ଡା, ପଢ଼ିଆରୀ, ପଶୁପାଳକ, ଦଇତାପତି, ଚାଙ୍ଗଡ଼ା ମେକାପ ଆଦି (୩/ ୩୭) ।

(୨) ପୌରାଣିକ ଚରିତ୍ରମାନଙ୍କୁ ନେଇ ସମ୍ପୂର୍ଣ୍ଣ ଅଭିନବ ଆଖ୍ୟାନ ପରିକଳ୍ପନା କରିଛନ୍ତି ଓ ପୌରାଣିକ ଚରିତ୍ରମାନଙ୍କ ମଧ୍ୟରେ ପୂର୍ବ ପ୍ରଚାରିତ ପାରସ୍ପରିକ ସମ୍ପର୍କକୁ ବଦଳାଇ ଦେଇଛନ୍ତି; ଯଥା – ମୁର ଦୈତ୍ୟର ଆବିର୍ଭାବ ଓ ତାର ବିନାଶ ପାଇଁ ନୃସିଂହ ଅବତାରର ପରିକଳ୍ପନା ।

(୩) ପୁରାଣ ସହିତ ସମ୍ପର୍କଶୂନ୍ୟ କାହାଣୀକୁ ପୁରାଣ ମଧ୍ୟରେ ଇତିହାସ ରୂପରେ ବର୍ଣ୍ଣନା କରିଛନ୍ତି, ଯଥା : ମନୁ ମହାଜନ କଥା (୨/୮)

ପୀତାମ୍ବର ସାଧାରଣ ଭାବରେ ସଂସ୍କୃତ ପୁରାଣାଦିର ଆଖ୍ୟାନ/ଚରିତକୁ ଆଡ଼େଇ ଦେଇ ସାରଳାଦାସ ଉଦ୍ଭାବନ କରିଥିବା ବିଭିନ୍ନ ପୌରାଣିକ ଆଖ୍ୟାନ / ଚରିତକୁ ଗ୍ରହଣ କରି ନେଇଛନ୍ତି । ଏହା ସାରଳାଦାସଙ୍କ ସୃଷ୍ଟି ସହିତ ତାଙ୍କ ଘନିଷ୍ଠତାର ସଂକେତ । ବ୍ରହ୍ମା ହିଁ କଳିଯୁଗରେ ଜଗନ୍ନାଥ ବଳଭଦ୍ର ମଧ୍ୟରେ ରହି ନାରୀ ରୂପରେ ପୂଜା ପାଇବା କଥା (୨/୩୮); ଦେବୀ ଦୁର୍ଗା ସତ୍ୟଯୁଗରେ ମହିଷାସୁର ଦୈତ୍ୟ ସହିତ ଶୁମ୍ଭ-ନିଶୁମ୍ଭ ଓ ଚଣ୍ଡମୁଣ୍ଡକୁ ବଧ କରିବା କଥା (୨/୧୫୮); ମହିଷାସୁର ଦୁର୍ଗାଙ୍କର 'ସ୍ତନଯୋନି' ଦେଖି ଆୟୁଷ ହରାଇ ମରିବା କଥା (୫/୩୦); ଗାନ୍ଧାରୀଙ୍କର ବୈଧବ୍ୟ ଦୋଷ କଟାଇବା ପାଇଁ ତାଙ୍କୁ ପ୍ରଥମେ ଏକ ଶାହାଡ଼ା ଗଛ ସହିତ ବିଭା କରାଇ ପରେ ଧୃତରାଷ୍ଟ୍ରଙ୍କ ସହିତ ବିଭା କରାଯାଇଥିବା କଥା (୬/୧୪୩); ଅର୍ଜୁନ ଦ୍ରୌପଦୀ ସ୍ୱୟଂବରରେ 'ରାଧାଚକ୍ର'କୁ ଭେଦିବା କଥା (୭/୧୩୩); ପାଣ୍ଡବମାନେ ଜତୁଗୃହରୁ ଖସିଯିବେ ବୋଲି ବିଦୁର ଖଲ୍ୟକାର ଦ୍ୱାରା ଏକ ସୁଡ଼ଙ୍ଗ ଖୋଳାଇଥିବା କଥା (୭/୧୩୩); ସତ୍ୟଯୁଗର ଶ୍ୱେତରାଜ ଦ୍ୱାପରରେ ବିରାଟ ରୂପେ ଜାତ ହେବା କଥା (୫/୬୭) ଆଦି ଅନେକାନେକ ପୌରାଣିକ ଚରିତ ପାଇଁ ପୀତାମ୍ବର 'ଗଳ୍ପକଳ୍ପକଳ୍ପତରୁ' ସାରଳାଦାସଙ୍କ ନିକଟରେ ଋଣୀ । ସାରଳାଦାସ ସବୁ ନାରୀ ମଧ୍ୟରେ ଏକମାତ୍ର ଦେବୀଙ୍କ ସତ୍ତା ଦେଖିଛନ୍ତି : "ଜନ୍ମକାଳେ ଜନନୀ, ବନିତା ରତିକାଳେ, ଅନ୍ତକାଳେ କାଳିକା ଦହନ ହିଙ୍ଗୁଳେ" ' – ଆଦିପର୍ବ (ପୋଥି) । ପୀତାମ୍ବର ଏହି ଦର୍ଶନକୁ ଦୋହରାଇଛନ୍ତି ।

ପ୍ରଥମେ ଜନ୍ମ କରିଣ ବୋଲାନ୍ତି ଯେ ମାତା ।
ଯୁବା କାଳକୁ ସେ ପୁଣି ବୋଲାଏ ବନିତା ।।
ନାନା କଉତୁକେ ସ୍ୱାମୀ ମନ ନିଏ ମୋହି ।
ଅନ୍ତଃକାଳକୁ କାଳିକା ରୂପ ହୁଏ ସେହି ।।
ଭକ୍ଷଇ ଦହନ ବେଳେ ହିଙ୍ଗୁଳା ସ୍ୱରୂପେ ।
ଏହି ରୂପେ ପୁରୁଷକୁ ନାଶେ ନାରୀ ଆପେ ।। (୧/୨୪)

× × ×

ସବୁ ଜନମକୁ ମୁଁ ଅଟଇରେ ମାତା ।
ରତିକାଳକୁ ମୁଁ ପୁଣି ଅଟଇ ବନିତା ॥ (୨/୩୭)

ସାମ୍ପ୍ରଦାୟିକ ମତ ଦୃଷ୍ଟିରୁ ଦେଖିଲେ ସାରଳାଦାସଙ୍କ ମତ ଓ ପୀତାମ୍ବରଙ୍କ ମତ ମଧ୍ୟରେ ପାର୍ଥକ୍ୟ ରହିଛି । ସାରଳା ଦାସ ବୈଷ୍ଣବ ହେଲେ ହେଁ ଅଧିକ ଭାବରେ ବୈଷ୍ଣବ-ଶୈବ-ଶାକ୍ତ ଆଦି ବିଭିନ୍ନ ସାମ୍ପ୍ରଦାୟିକ ମତର ସମନ୍ୱୟବାଦୀ କିନ୍ତୁ ପୀତାମ୍ବର ଅଧିକ ଭାବରେ ସାଂପ୍ରଦାୟିକ ମାଧ୍ୱମତାବଲମ୍ବୀ ବୈଷ୍ଣବ । ଏହି ତାରତମ୍ୟ ହେତୁରୁ ପୀତାମ୍ବର କେତେକ ସ୍ଥାନରେ ସାରଳାଦାସଙ୍କର ବୈଷ୍ଣବ ପ୍ରତିକୂଳ ଆଖ୍ୟାନକୁ ଅଗ୍ରାହ୍ୟ କରି ନୂଆ ଆଖ୍ୟାନ ଗଢ଼ିଛନ୍ତି । ତନ୍ମଧ୍ୟରୁ, ଦୃଷ୍ଟାନ୍ତସ୍ୱରୂପ, ଦୁଇଟି ଆଖ୍ୟାନ ଦିଆଯାଉଛି –

ସାରଳା ଦାସ ଲକ୍ଷ୍ମୀଙ୍କଠାରୁ ପାର୍ବତୀଙ୍କ ଶ୍ରେଷ୍ଠତ୍ୱ ଲକ୍ଷ୍ମୀପତି ବିଷ୍ଣୁଙ୍କ ମୁଖରେ ଘୋଷଣା କରିଛନ୍ତି ଓ ଲକ୍ଷ୍ମୀ-ପାର୍ବତୀଙ୍କ ମଧ୍ୟରେ ହେବା ଉଘାଣ-ବୋଲା ବୋଲିଲେ ଲକ୍ଷ୍ମୀ ହାର ମାନି ପାର୍ବତୀଙ୍କ ଗୋଡ଼ତଳେ ପଡ଼ିଥିବା ଚରିତର ବର୍ଣ୍ଣନା କରିଛନ୍ତି (ସାରଳା-ମହାଭାରତ, ମଧ୍ୟପର୍ବ) । ପୀତାମ୍ବର ମଧ୍ୟ ଲକ୍ଷ୍ମୀଙ୍କର ଅଭିମାନକୁ ବିଷ୍ଣୁଙ୍କ ଦ୍ୱାରା ବିନଷ୍ଟ କରିଛନ୍ତି କିନ୍ତୁ ବିବାଦଟିକୁ ଲକ୍ଷ୍ମୀ ପାର୍ବତୀଙ୍କ ମଧ୍ୟରେ ନ ଘଟାଇ ଦୁଇ ବିଷ୍ଣୁପ୍ରିୟା ଲକ୍ଷ୍ମୀ ଓ ସରସ୍ୱତୀଙ୍କ ମଧ୍ୟରେ ଘଟାଇଛନ୍ତି ଓ ଉଘାଣ ବୋଲାବୋଲିରେ ଲକ୍ଷ୍ମୀ ସରସ୍ୱତୀଙ୍କ ନିକଟରେ ହାର ମାନିଛନ୍ତି (୨/୫) । ଅନୁମାନ କରାଯାଇପାରେ ଯେ ପୀତାମ୍ବର ଶିବଶକ୍ତିଙ୍କ ମହତ୍ତ୍ୱ ପ୍ରତିପାଦନକୁ ସ୍ୱୀକାର ନ କରିବାପାଇଁ ପାର୍ବତୀଙ୍କ ସ୍ଥାନରେ ଅନ୍ୟତର ବିଷ୍ଣୁଶକ୍ତି ସରସ୍ୱତୀଙ୍କୁ ଉପସ୍ଥାପନ କରିଛନ୍ତି ।

ସାରଳାଦାସ ସିନ୍ଧିଖୋଳା-ଚୋରିବିଦ୍ୟାର ପ୍ରବର୍ତ୍ତକ ରୂପେ ଖଲ୍ୟକାର ନାମକ ଏକ ଅଦ୍ଭୁତ ଚରିତ୍ର କଳ୍ପନା କରି ସେ କୃଷ୍ଣଙ୍କ ବୀର୍ଯ୍ୟରୁ ଏକ ବୁଢ଼ୀ ଦୂତୀ ଗର୍ଭଜାତ ସନ୍ତାନ ହେବା ଚରିତର ବିଶଦ ବର୍ଣ୍ଣନା ଦେଇଛନ୍ତି (ସାରଳା ମହାଭାରତ, ଆଦିପର୍ବ) । ସ୍ୱୟଂ ଶ୍ରୀକୃଷ୍ଣ ଖଲ୍ୟକାରକୁ ସିନ୍ଧିଖୋଳା ଚୋରିବିଦ୍ୟା ଶିଖାଇଥିବା କଥା ମଧ୍ୟ ସାରଳାଦାସ ଲେଖିଛନ୍ତି (ତତ୍ରତ୍ୟ) । କୃଷ୍ଣ ନିରତିଶୟ କାମାର୍ତ୍ତ ହୋଇ, ଅନ୍ଧାରରେ ବାରି ନପାରି, ଜଣେ କାଳୀ, ଅସୁନ୍ଦରୀ, ବୁଢ଼ୀ ଦୂତୀକୁ ରାଧା ବୋଲି ଭାବି ରମଣ କରିଥିବା ଓ ସେହି ଦୂତୀ ଗର୍ଭରୁ ଜାତ ଖଲ୍ୟକାରକୁ କୃଷ୍ଣ ସିନ୍ଧିଖୋଳା-ଚୋରିବିଦ୍ୟା ଶିଖାଇଥିବା ବର୍ଣ୍ଣନା କୃଷ୍ଣଭକ୍ତ ପୀତାମ୍ବରଙ୍କ ପଲକକୁ ଆସିନଥିବା ସ୍ୱାଭାବିକ । ପୀତାମ୍ବର ଖଲ୍ୟକାର ଚରିତ୍ରଟିକୁ ସ୍ୱୀକାର କରିଛନ୍ତି କିନ୍ତୁ କୃଷ୍ଣଙ୍କ ସନ୍ତାନ ଭାବରେ ନୁହେଁ । ପୀତାମ୍ବର ଖଲ୍ୟକାରର ଜନ୍ମବୃତ୍ତାନ୍ତକୁ ବଦଳାଇ ଦେଇ ଲେଖିଛନ୍ତି ଯେ ବ୍ରହ୍ମା ସୃଷ୍ଟି କରିବା ସମୟରେ ନିଜ ଚକ୍ଷୁରୁ ବିଶ୍ୱକର୍ମାଙ୍କୁ ଓ ନିଜର ଦକ୍ଷିଣ ହସ୍ତରୁ ଖଲ୍ୟକାରକୁ ଜାତ କରିଥିଲେ । ଏହି ଉଭୟ ପୁତ୍ରଙ୍କୁ ବ୍ରହ୍ମା ହିଁ ବିଦ୍ୟା ପଢ଼ାଇଥିଲେ । ବିଶ୍ୱକର୍ମା ସର୍ବବିଧ ବିଦ୍ୟା ଆୟତ୍ତ କଲେ କିନ୍ତୁ ଖଲ୍ୟକାର ଶିଖିଲେ ଏକମାତ୍ର ଚୌର୍ଯ୍ୟବିଦ୍ୟା (୨/୧୩୬)

**(ଖ) ପଞ୍ଚାଙ୍ଗ ବିବରଣ ପ୍ରଦାନ :**

ସ୍ଥାନ, କାଳ ଓ ପାତ୍ର ଏହି ତିନୋଟି ବିଷୟ ସବୁ ଘଟନାର ମୁଖ୍ୟ ଜ୍ଞାତବ୍ୟ । ଘଟନାର ବିବରଣୀ ମଧ୍ୟରେ ସ୍ଥାନ ଓ ପାତ୍ର ସ୍ୱତଃ ବର୍ଣ୍ଣିତ ହୋଇଯାଆନ୍ତି । ସାରଳାଦାସ ପ୍ରାୟ ସବୁ ମୁଖ୍ୟ ଘଟନା ବର୍ଣ୍ଣନା କରିବାବେଳେ ସେହି ସମୟରେ ପଞ୍ଚାଙ୍ଗ (ତିଥି, ବାର, ନକ୍ଷତ୍ର, ଯୋଗ ଓ କରଣ) ଦେଇଥାନ୍ତି । ବର୍ଣ୍ଣନାର ଏହି ରୀତିଟିକୁ ଗ୍ରହଣ କରି ପୀତାମ୍ବର ଦାସ ନୃସିଂହ-ପୁରାଣ ବର୍ଣ୍ଣିତ ବିଶେଷ ଘଟନାର ପଞ୍ଚାଙ୍ଗ ଲେଖିଯାଇଛନ୍ତି । କିନ୍ତୁ ଫଳିତ-ଜ୍ୟୋତିଷର କାର୍ଯ୍ୟକାରିତା ବିଷୟରେ ତାଙ୍କର ମତ ସାରଳାଦାସଙ୍କଠାରୁ ଭିନ୍ନ । ଏ ବିଷୟ ପରେ ଆଲୋଚିତ ହେବ ।

**(ଗ) ଭାଷା :**

ସାରଳାଦାସଙ୍କ ପଦାନୁଗ ପୀତାମ୍ବର ଦାସ ତତ୍‌କାଳୀନ ଲୌକିକ ଭାଷାରେ, ଆଳଂକାରିକ ଛଟା ଓ ଶବ୍ଦାଡ଼ମ୍ବରର ଆଶ୍ରୟ ନ ନେଇ,. ନୃସିଂହ-ପୁରାଣ ଲେଖିଛନ୍ତି । ପୁରାଣପଣ୍ଡା ପୁରାଣ ବୋଲିବ ଓ ସଭାସ୍ଥ ଗାଉଁଲି ଲୋକେ ତାହାର ମର୍ମ ସଙ୍ଗେ ସଙ୍ଗେ ବୁଝିପାରିବେ, ଏହା ଥିଲା ଲକ୍ଷ୍ୟ । ତେଣୁ ପ୍ରକାଶ ଶୈଳୀଟି ସାଧାରଣ ଭାବରେ ଅବିଦ୍ୟଜନୋଚିତ । ଲୋକେ କଥିତ ଭାଷାରେ ତୁଚ୍ଛ ବିଷୟ ଅର୍ଥରେ ଲେମ୍ବୁ ଓ ଅବଜ୍ଞାରେ ବଢ଼ିଆ ବିଷୟ ଅର୍ଥରେ 'ଛେନାଗୁଡ଼' ଶବ୍ଦ ବ୍ୟବହାର କରିଥାନ୍ତି । ପୀତାମ୍ବର ଏ ଶ୍ରେଣୀୟ ଶବ୍ଦଗୁଡ଼ିକୁ ଲୋକମୁଖରୁ ନେଇ ସାହିତ୍ୟିକ ମର୍ଯ୍ୟାଦା ଦେଇଛନ୍ତି –

ଜ୍ଞାନ ନ ପାଇଲ ଲେମ୍ବୁରସ ପାଇଲଟି । (୧/୩୬)
ଲାଗିଲା କି ତୁମ୍ଭଙ୍କୁ ତା ଦେବ ଛେନାଗୁଡ଼ । (୧/୧୪୪)

ଏହି ହେତୁରୁ ନୃସିଂହ-ପୁରାଣରେ ଅନେକ ଦେଶୀ ଗ୍ରାମ୍ୟ ଓ ଆଞ୍ଚଳିକ ଶବ୍ଦର ବହୁଳ ବ୍ୟବହାର ଥିବା ଦେଖାଯାଏ । ଏହି ସବୁ ଗାଉଁଲି ଶବ୍ଦ ମଧ୍ୟରୁ ଗୁଡ଼ିଏ ଶବ୍ଦ ଆଞ୍ଚଳିକ ଶବ୍ଦ ଭାବରେ ଗଞ୍ଜାମ ଅଞ୍ଚଳରେ ଅଦ୍ୟାବଧି ଚଳୁଛି । ତନ୍ମଧ୍ୟରୁ କେତେକ ଶବ୍ଦ ନିମ୍ନରେ ଦିଆଯାଉଛି (ଆବଶ୍ୟକ ସ୍ଥଳେ ବନ୍ଧନୀ ମଧ୍ୟରେ ଅର୍ଥ ସହିତ)–

ଅଖଡ଼, ଅଥର୍ପା, ଅଧିକି, ଅପାରୁକ, ଅପ୍ରକାର (ଅଡୁଆ), ଅବଢ଼ା, ଅଯୋନିକା, ଅର୍ଥ (ଭାବ, ଚରିତ), ଉପନ (ନୈବେଦ୍ୟ ଉପଚାର), ଓକାଳ/ଓକାଳୁ (ପରିତ୍ୟକ୍ତ), କଢ଼ିଆଳି, କାଢୁ (ସାମର୍ଥ୍ୟ), କାଳିଞ୍ଜା କାର୍ଯ୍ୟୀ, କିନ୍ତୁ (ସନ୍ଦେହ), କେବୁ (କେବହୁଁ), କୋଦଣ୍ଡା ବୁଝାମଣା, କୋହ (କ୍ରୋଧ), ଖଗ (ପକ୍ଷୀର ପଂଝା), ଖରଡ଼, ଖୁଲଣା (ଖୁସି), ଗଡ଼ଆ, ଗାଧୋଇବା (ଋତୁସ୍ନାନ), ଗାଲୁପେଲିବା, ଗିରା (ଗାର), ଚଳାଇବା (ରଗାଇବା), ଚଳିବା (ରାଗିବା), ଚିକିଟା (ବିରକ୍ତି), ଚିଟକୁଣୀ, ଚିଟାହେବା (ବିରକ୍ତି), ଚିରିକିବା (ଚିତ୍କାରିବା), ଛେଚିବା (କଚାଡ଼ିବା), ଛେନାଗୁଡ଼, ଜଟିବା (ଠକିବା), ଜାଗ୍ରତ କରିବା, ଝଗଡ଼ା, ଝରା, ଠକାର, ଡିହା, ତର୍ଚ୍ଚ, ତିହଡ଼ା, ଦୋଗଧା, ଧାପେ, ନିଶାଣି,

ପହିଜ, ପଟୁଆରି, ପାଣିଦ୍ରବ୍ୟ, ପାଞ୍ଜୁଣି/ପାଞ୍ଚେଣି, ପେଣ୍ଟ,ଫାଉଦିଆ, ଫେରିବା, ବାରୁଆଳି, ବାହୁକ, ବିଟାଳ, ବିତପନ (ନିର୍ମଳ), ବୁକୁ (ହୃଦୟ), ଭଡ଼ା (ଥର),ଉକ୍ତଭିକ୍ଷା (ଭବତି ଭିକ୍ଷାଂ), ଭାରିବା (ବାହାରିବା),ମଙ୍ଗାଳ, ମୁକାମୁକା, ମୁଚୁଳା (ତକିଆ), ଯୋବରା, ଲଗାହାରି (ଜାମିନ୍), ଲଟକାଳି/ଲଟଗାଳି, ଲଦିବା, ଲାଛିବା, ଲାଣ୍ଡୁ (ନିଶ୍ଚିହ୍ନ), ଲୁଙ୍ଗା (ବାଲୁଙ୍ଗା), ଲେମ୍ବୁରସ, ସଇନ୍ଦୁ (ସଦ୍ୟ), ସମାସ୍ୟା, ସିରୀହଂସ (ରାଣୀହଂସପୁର), ହେଉଣ୍ଡି/ହେଣ୍ଡା (ହେଣ୍ଡି), ହେମାଳିଆ, ହେଲେ (ମଧ) ।

ଜଣାଯାଉଛି, ପୀତାମ୍ବରଙ୍କ ସମୟକୁ ଗ୍ରାମ୍ୟ ଓଡ଼ିଆ ଭାଷାରେ ମଧ ଅନେକଗୁଡ଼ିଏ ଯାବନିକ ଶବ୍ଦ ମିଶି ଯାଇ ସାରିଥିଲାଣି । ନୃସିଂହ-ପୁରାଣରେ କରଜ, କରାମତ/କରାମତି, କାରବାର, ଖବର, ଖୋରାକ, ଗଞ୍ଜାପା, ଗୋଲାପ, ଚାବି, ଜବାବ, ଜାଗା, ତବଲା, ତମ୍ବୁ, ତରାଜୁ, ତାରିଫ୍, ନଜର, ପଖାଉଜ, ଫରମାଣ, ବକରି, ବଜାର, ସିତାର, ହଜାର ଭଳି ବହୁ ଯାବନିକ ଶବ୍ଦର ବ୍ୟବହାର ରହିଛି ।

ସାରଳାଦାସ ତାହାଙ୍କ ଭାଷାକୁ ପ୍ରାକୃତ ନାମରେ ଅଭିହିତ କରିଛନ୍ତି ଓ ତାହା କେତେକ ମାତ୍ରାରେ ପ୍ରାଚୀନ ପ୍ରାକୃତ ଭାଷାର ନିକଟତର । ପୀତାମ୍ବର ମଧ ତାଙ୍କ ଭାଷା ପ୍ରାକୃତ ବୋଲି କହିଛନ୍ତି କିନ୍ତୁ ତାହା ପ୍ରାଚୀନ ପ୍ରାକୃତଠାରୁ ଦୂରେଇ ଯାଇଛି ।

### (ଘ) ଶୈଳୀ :

ଓଡ଼ିଆ ପୁରାଣ ରଚନାର ପଦ୍ୟରୀତି ମୂଳରେ ଥିଲା 'ଦାଣ୍ଡି' । ସାରଳାଦାସ 'ଦାଣ୍ଡି' ରୀତିରେ ହିଁ ଲେଖିଛନ୍ତି । ଦାଣ୍ଡିରେ ପୁରାଣପାଠ ଦୀର୍ଘକାଳ ଚଳିବା ପରେ ଅନୁଭୂତ ହେଲା ଯେ ପଦ୍ୟରୀତି ବର୍ଣ୍ଣବୃତ୍ତ ହେଲେ ଗାଇବା ଯେପରି ସୁବିଧାଜନକ, ଶୁଣିବା ସେହିପରି ସୁଖକର । ଦାଣ୍ଡିରେ ଠାଏଁ ଠାଏଁ ତ୍ୱରିତ ଗତିରେ ପଢ଼ିବାକୁ ପଡୁଥିବାରୁ ତାହା ଅର୍ଥ ବୁଝିବାରେ ମଧ ବାଧକ ହୁଏ । ଜଗନ୍ନାଥ ଦାସ ନବାକ୍ଷରୀ (କହ୍ଲାର) ବୃତ୍ତରେ ଭାଗବତ ଲେଖିଲେ ଓ ଦାଣ୍ଡି କ୍ରମଶଃ ଚତୁର୍ଦ୍ଦଶାକ୍ଷରୀ (ଆଶାବରୀ) ବୃତ୍ତରେ ରୂପାନ୍ତରିତ ହେଲା । ପୀତାମ୍ବର ନୃସିଂହ-ପୁରାଣ ରଚନା ପାଇଁ ଦାଣ୍ଡିର ନିକଟତମ ଚତୁର୍ଦ୍ଦଶାକ୍ଷରୀ ବୃତ୍ତକୁ ବାଛି ନେଲେ । ସେ ସାରଳାଦାସଙ୍କ ଦ୍ୱାରା କିପରି ପ୍ରଭାବିତ ଓ କେତେ ଦୂର ସ୍ୱଚ୍ଛନ୍ଦ ତାହା ନିମ୍ନ ଉଦ୍ଧୃତିରୁ ସ୍ପଷ୍ଟ ହେବ –

ସେ ଉତ୍ପତ୍ତି ଅଂଶ କାହୁଁ ଶୁଣ ଏକେ ଏକେ ।
ପୁରାଣରେ ଯାହା ଲେଖିଛନ୍ତି ମୁନି ବାକ୍ୟେ ।।
କନ୍ଦର୍ପ ଅଂଶେ ଜନ୍ମିଲେ ଦିଶଇ ସୁନ୍ଦର ।
ଗନ୍ଧର୍ବ ଅଂଶେ ଜନ୍ମିଲେ ସୁଖୀ ହୁଏ ନର ।।
ଅସୁର ଅଂଶେ ଜନ୍ମିଲେ ହୁଏ ଅସନ୍ତୋଷୀ ।
ପର୍ଶୁରାମ ଅଂଶ ହେଲେ କ୍ଷତ୍ରୀ ବିଦ୍ୟା ଦିଶି ।।

ଗଣେଶ ଅଂଶୀ ହୋଇଲେ କୋଟିବିଦ୍ୟା ପାଇ ।
କୁବେର ଅଂଶ ହୋଇଲେ ବହୁ ଲକ୍ଷ୍ମୀ ହୋଇ ॥
ମୁନି ଅଂଶେ ଜନମିଲେ ପାରେ ଶାସ୍ତ୍ର ବାନ୍ଧି ।
ହନୁ ଅଂଶେ ଜନମିଲେ ହୁଏ ମହାଯୋଧୀ ॥
ବୃହସ୍ପତି ଅଂଶୀ ହେଲେ ସବୁ ବୁଦ୍ଧି ଦିଶେ ।
ପ୍ରହଲାଦ ଅଂଶୀ ହେଲେ ଦାନ ପରକାଶେ ॥
ନାରଦ ଅଂଶୀ ହୋଇଲେ ହୁଏ ଜ୍ଞାନଭୋଗୀ ।
ଗୋରେଖ ଅଂଶୁ ଜନ୍ମିଲେ ହୁଏ ମହାଯୋଗୀ ॥
ବିଷ୍ଣୁ ଅଂଶେ ଜନମିଲେ ହୁଏ ନୃପନିଧି ।
ରାହୁ ଅଂଶେ ଜନମିଲେ ହୁଏ ମହାକ୍ରୋଧୀ ॥ (୧/୧୯୧)

ଉଦ୍ଧୃତିର ପ୍ରଥମ ପଦରେ ଯେଉଁ ମୁନିଙ୍କ ବାକ୍ୟର ଉଲ୍ଲେଖ ପୀତାମ୍ବର କରିଛନ୍ତି ସେ ହେଉଛନ୍ତି ଶୁଦ୍ରମୁନି ସାରଳାଦାସ ଓ ପୁରାଣଟି ହେଉଛି ସାରଳା ମହାଭାରତ (ପଞ୍ଚପୁରାଣର ଏକତମ) । ସାରଳା ମହାଭାରତର ସମ୍ପୃକ୍ତ ଅଂଶ (ସାଂସ୍କୃତିକ ବିଭାଗ ଦ୍ୱାରା ପ୍ରକାଶିତ ପାଠ) ହେଲା –

ବିଷ୍ଣୁ ଅଂଶେ ଜାତ ହୋଇଲେ (ହୋଅଇ) ନୃପତି ।
ମହେଶ୍ୱର ଅଂଶେ ଜାତ ହୋଇଲେ ହୋଅଇ ଧନପତି ॥
ଗନ୍ଧର୍ବ ଅଂଶେ ଜାତ ହୋଇଲେ ହୋଅଇ ନାନା ବାଦ୍ୟ ଗୀତ ପ୍ରାପତ ॥
ବିଶ୍ୱକର୍ମା ଅଂଶେ ଜାତ ହୋଇଲେ ଘଟଣ ବିଦ୍ୟା ଉପଗତ ।
ଅଶ୍ୱିନୀ ଅଂଶେ ଜାତ ହୋଇଲେ ଧାତୁବିଦ୍ୟା ଗାରୁଡ଼ି ହୋଅଇ ସାଧି ।
ଭୋଜ ଅଂଶେ ଜାତ ହୋଇଲେ ହଟଚମଣ୍ଡ ବିଦ୍ୟା ସାଧି ॥
ବିଦ୍ୟାଧର ଅଂଶେ ଜାତ ହୋଇଲେ ତାଣ୍ଡେବ ଭରହ ଭାଷି ।
ଅସୁର ଅଂଶେ ଜାତ ହୋଇଲେ ହୋଅଇ ଭୋଜନେ ଅସନ୍ତୋଷୀ ॥
ବିନାୟେକ ଅଂଶେ ଜାତ ହୋଇଲେ ଦିଶଇ ଗଜମର୍ମ ।
କୁବେର ଅଂଶେ ଜାତ ହୋଇଲେ ପ୍ରାପତ ହୋଅଇ ଧନ ॥
ବୃହସ୍ପତି ଅଂଶେ ଜାତ ହୋଇଲେ ସପ୍ତାଙ୍ଗ ପାରଇ ସାଧି ।
ସହଦେବ ଅଂଶେ ଜାତ ହୋଇଲେ ଦିଶଇ ସର୍ବବୁଦ୍ଧି ॥

| | |

ବାସବ ଅଂଶେ ଜାତ ହୋଇଲେ କରଇ (?) ମହାଭୋଗୀ ।
ଗୋରେଖ ଅଂଶେ ଜାତ ହୋଇଲେ ହୁଅଇ ପରମଯୋଗୀ ।

| | |

ପ୍ରହ୍ଲାଦ ଅଂଶେ ଜାତ ହୋଇଲେ ବଇଷ୍ଣବ ହୁଯେ ।।
ମୁନି ଅଂଶେ ଜନମିଲେ ଶାସ୍ତ୍ର ପାରଇ କହି ।

(ବନ ପର୍ବ, ୨ୟ ଖଣ୍ଡ, ପୃ.୧୯୧-୧୯୨)

ଦୁଇ ଉଦ୍ଧୃତିର ତୁଳନାରୁ ଜଣାଯାଏ ଯେ ପୀତାମ୍ବର ସାରଳାଦାସଙ୍କର ଭାବପ୍ରକାଶ ଭଙ୍ଗୀଟିକୁ ନେଇଛନ୍ତି । ଅସୁର, କୁବେର, ମୁନି, ଗୋରଖ ଓ ବିଷ୍ଣୁ ଅଂଶର ସ୍ୱଭାବ ବିଷୟରେ ସାରଳାଦାସଙ୍କ ସହିତ ଏକମତ ହୋଇଛନ୍ତି । ଗନ୍ଧର୍ବ, ଗଣେଶ, ବୃହସ୍ପତି ଓ ପ୍ରହ୍ଲାଦ ଅଂଶର ସ୍ୱଭାବ ବିଷୟରେ ସାରଳାଦାସଙ୍କ ମତକୁ ଗ୍ରହଣ କରିନାହାନ୍ତି ଓ କନ୍ଦର୍ପ, ପରଶୁରାମ, ହନୁ, ନାରଦ ଓ ରାହୁ ଅଂଶ ବିଷୟ ନିଜେ ଯୋଗ କରିଛନ୍ତି । ଏଥିରୁ ଦେଖାଯାଉଛି ପୀତାମ୍ବର ଅନୁକରଣ ତ କରିଛନ୍ତି, ତାହା ସହିତ ଅପୂର୍ବତା ସୃଷ୍ଟି କରିବାକୁ ପଛେଇ ନାହାନ୍ତି । ସେ ସାରଳାଦାସଙ୍କର ଭାବପ୍ରକାଶର ଢ଼ଙ୍ଗଟିକୁ ନେଇଥିଲେ ହେଁ ନିଜସ୍ୱ ଭାଷାରେ ନିଜସ୍ୱ ଭାବ ମିଶାଇ ମୂଳକୁ ଯଥେଚ୍ଛା ବଦଳାଇ ଦେଇଛନ୍ତି ।

**ଅନ୍ୟାନ୍ୟ ପ୍ରଭାବ :**

ପୀତାମ୍ବରଙ୍କ ପିତୃପିତାମହ ପୁରଣାଦି ଧର୍ମଶାସ୍ତ୍ର ଅଧ୍ୟୟନ କରି କାଳାତିପାତ କରୁଥିଲେ । ଘରେ ସଞ୍ଚିତ ନାନା ଧର୍ମଗ୍ରନ୍ଥ ପୀତାମ୍ବର ଅବଶ୍ୟ ପଢ଼ିଥିବେ । ଏକଥା ପୀତାମ୍ବର ପ୍ରକାରାନ୍ତରେ ସୂଚାଇଛନ୍ତି । ପୀତାମ୍ବର ଯେପରି ବିଭିନ୍ନ ଶାସ୍ତ୍ର ଆୟତ୍ତ କରିପାରିବେ, ନାନା ବିଦ୍ୟା ହାସଲ କରିପାରିବେ ଓ ନୃତ୍ୟ, ଗୀତରେ ନିପୁଣ ହୋଇପାରିବେ ସେପରି ତାଙ୍କ ପ୍ରତି ପ୍ରସନ୍ନ ହେବା ପାଇଁ ବିଷ୍ଣୁ ସରସ୍ୱତୀକୁ ଆଦେଶ ଦେବା କଥା ସେ ଲେଖିଛନ୍ତି –

ଅନେକ ଅନେକ ଶାସ୍ତ୍ର ଆଉ ବିଦ୍ୟା ଯେତେ
ନାଚ ଗୀତରଙ୍ଗ ଆଉ ଚୌପଦୀ ସହିତେ ।।
ସକଳ ହୋଇବ ଦୃଶ୍ୟ କଣ୍ଠେ ଦେବୁ କହି ।
ମୋହଠାରେ ଅହଂଗୁଣ କାଳେ ହିଁ ନ ବହି ।। (୫/୯୩)

ପୀତାମ୍ବର ବିବିଧ ଧର୍ମପୁସ୍ତକରୁ ଭକ୍ତି ଓ ଜ୍ଞାନ ବିଷୟକ ବିଷୟମାନ ଚୟନ କରି, ତତ୍ତ୍ୱଜ୍ଞମାନଙ୍କଠାରୁ, ସାଧୁସନ୍ଥମାନଙ୍କଠାରୁ କିଛି କିଛି ସଂଗ୍ରହ କରି ଓ ନିଜ ବୁଦ୍ଧି ବଳରେ କିଛି ଉଦ୍ଭାବନ କରି ତାଙ୍କର ପୁରାଣଟିକୁ ଗଢ଼ିଛନ୍ତି । ଚୋର ପରି ଅନ୍ୟର ଗ୍ରନ୍ଥରୁ ବିଷୟ ନେଇଥିବା କଥା ସେ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି –

ଶ୍ରୀକୃଷ୍ଣ-ଭକ୍ତି କଥାକୁ ଚୋରରୁ ଅଧିକେ ।
ସଂସାର ତରିବେ ବୋଲି ଲେଖେ ଗ୍ରନ୍ଥବାକ୍ୟେ ।। (୭/୪୨)

ପୀତାମ୍ବର 'ଜନ୍ମରୁ ମୋ ଦିନ ବିଷ୍ଣୁପୁରାଣରେ ଗଲା' (୫/୮୬) ବୋଲି ଜଣାଇଛନ୍ତି । କଥିତ ବିଷ୍ଣୁପୁରାଣ ତନ୍ନାମକ ପୁରାଣ ବିଶେଷକୁହିଁ ନ ବୁଝାଇ ବିଭିନ୍ନ ବୈଷ୍ଣବ

ପୁରାଣକୁ ବୁଝାଇବା ସମ୍ଭବ । ସପ୍ତମ ସାଗରର ପୂର୍ବଖଣ୍ଡରେ ସେ ଭାଗବତର ଯେଉଁ ସଂକ୍ଷିପ୍ତସାର ଦେଇଛନ୍ତି ସେଥିରୁ ଜଣାପଡୁଛି ଯେ ସେ ସଂସ୍କୃତ ଭାଗବତ ଓ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଉଭୟ ପ୍ରତି ଲକ୍ଷ୍ୟ ରଖିଥିଲେ । ସେ ପ୍ରାୟଶଃ ସଂସ୍କୃତ ଭାଗବତକୁ ଅନୁସରଣ କରିଛନ୍ତି ଓ ଠାଏଁ (୭/୫୫) ତାହାର ଶ୍ଳୋକକୁ ଉଦ୍ଧାର କରିଛନ୍ତି ମଧ୍ୟ । ଭାଗବତର ଦଶମ ସ୍କନ୍ଦରେ ୯୦ ଅଧ୍ୟାୟ ଓ ଏକାଦଶ ସ୍କନ୍ଦରେ ୩୨ ଅଧ୍ୟାୟ ଥିବା କଥା ସେ ଲେଖିଛନ୍ତି (୭/୧୦୪,୧୦୭) । ପ୍ରକୃତରେ ସଂସ୍କୃତ ଭାଗବତର ଦଶମ ସ୍କନ୍ଦର ଅଧ୍ୟାୟ ସଂଖ୍ୟା ୯୦ । ଜଗନ୍ନାଥ ଦାସ କୌଣସି 'ସାଧୁ ଗୋସାଇଁ'ଙ୍କ ମୁଖରୁ ଭାଗବତ ବ୍ୟାଖ୍ୟାନ ଶୁଣି ପଦେ ପଦେ ବୁଝି ତାହାର ସାରକଥା ଲେଖିଥିବା ବିଷୟ ଜଣାଇଛନ୍ତି (୭/୪୨,୧୦୪,୧୮୮) । କଥିତ ବ୍ୟାଖ୍ୟାନ ସଂସ୍କୃତ ଭାଗବତର ହିଁ ହୋଇପାରେ । ପୀତାମ୍ବର ନିଜେ ସଂସ୍କୃତ ଭାଷା ଶିଖି ନଥିବା କଥା ପ୍ରକାଶ କରିଛନ୍ତି (୧/୧୫୯,୧୭୩; ୩/୧୫) । ସେ ସପ୍ତମ ସାଗରର ଉତ୍ତର ଖଣ୍ଡରେ ମହାଭାରତର ସଂକ୍ଷିପ୍ତସାର ଦେଇଛନ୍ତି କିନ୍ତୁ ସେଠାରେ ଭଗବଦ୍ ଗୀତା ଅଂଶକୁ ଛାଡ଼ିଲେ ସାରଳା ଦାସ କୃତ ମହାଭାରତ ଉପରେ ନିର୍ଭର କରିଛନ୍ତି । ସଂସ୍କୃତ ମହାଭାରତ ସହିତ ତାଙ୍କର ପରିଚିତ ଥିବା ଜଣାଯାଉନାହିଁ । ଭଗବଦ୍‌ଗୀତାର ବ୍ୟାଖ୍ୟାନ ସେ 'ସାଧୁ ଗୋସାଇଁ'ଙ୍କଠାରୁ ଶୁଣିଥାଇ ପାରନ୍ତି । ତାଙ୍କ ସମୟରେ ମଠମାନଙ୍କରେ ସଂସ୍କୃତ ଭାଗବତ ଓ ଭଗବଦ୍‌ଗୀତାର ପାରାୟଣ ଓ ବ୍ୟାଖ୍ୟାନ ହେଉଥିଲା । ପୀତାମ୍ବର ତାହାର ସୁଯୋଗ ନେଉଥିବା ସମ୍ଭବ ।

ପୀତାମ୍ବର ତାଙ୍କର ପୂର୍ବଜନ୍ମରୂପେ କଥିତ ଓଡ଼ିଆ କବିମାନଙ୍କୁ ଅଧ୍ୟୟନ କରିଥିଲେ । ସେ ସପ୍ତଦଶ ଶତାବ୍ଦୀରେ ପ୍ରସିଦ୍ଧ ପୁରାଣକାର ମହାଦେବ ଦାସଙ୍କର ବିଷ୍ଣୁକେଶରୀ ପୁରାଣ ଓ କାର୍ତ୍ତିକ ମାହାତ୍ମ୍ୟ ପାଠ କରିଥିଲେ ବୋଲି ଜଣାଯାଉଛି । ଭାଗବତର ସଂକ୍ଷିପ୍ତସାର ଦେବା ମଧ୍ୟରେ ସେ ପ୍ରହ୍ଲାଦ ଚରିତ୍ରଟିକୁ ବିଷ୍ଣୁକେଶରୀ ଅନୁସାରେ ଅଧିକ ବିସ୍ତାରିତ ଭାବରେ ପ୍ରକାଶ କରିଛନ୍ତି । ମହାଦେବ ଦାସଙ୍କ କାର୍ତ୍ତିକ ମାହାତ୍ମ୍ୟର ଅଲକ୍ଷ୍ମୀ ବିବାହ ବର୍ଣ୍ଣନାର ବହୁ ପଦକୁ ସେ ପ୍ରାୟ ଉତାରିଛନ୍ତି । ଲକ୍ଷ୍ମୀଙ୍କ ବଡ଼ଭଉଣୀ ଅଲକ୍ଷ୍ମୀ ତାଙ୍କୁ କେଉଁ କେଉଁ ପରିସ୍ଥିତି ସୁଖକର ଲାଗେ ତାହା ତାଙ୍କ ସ୍ୱାମୀଙ୍କୁ ଜଣାଇଛନ୍ତି । ପୀତାମ୍ବରଙ୍କ ଭାଷାରେ–

ଯେବଣ ଗୃହେ ଉପୁଜେ ନିତ୍ୟ ଜାଣ କଳି ।<br>
ଝିଙ୍କାଝିଙ୍କି ହୋଇ ଲାଗିଥାନ୍ତି ବାରୁଆଳି ।।<br>
ମନ୍ଦିରଟି ଅସଂସ୍କାର ଦେଖେ ଯାର ଘର ।<br>
ସେ ସ୍ଥାନଟି ମୋତେ ସୁଖ ଲାଗେ ମୁନିବର ।।<br>
ପତି ପୁତ୍ର ଭାରିଯା ଯେ ଦାସଦାସୀ ବହୁ ।<br>
କଳି ଦ୍ୱନ୍ଦ୍ୱ ଲାଗୁଥିଲେ ମୋତେ ସୁଖ ସେହୁ ।।

ଶକଟା ପଶା ଜୁଆ ଯେ ମିଥ୍ୟା କଥା ଯହିଁ ।
ସେ ସ୍ଥାନ ଅମୃତ ପ୍ରାୟ ମୋତେ ଯେ ଲାଗଇ ॥
ସୁଜନ ସାଧୁଙ୍କୁ ଯେହୁ ଅନୁକ୍ଷଣ ନିନ୍ଦେ ।
ଆପେ ଆପେ ପ୍ରଶଂସିଣ ଆପେ ଆପେ ବନ୍ଦେ ॥
ସମସ୍ତ ଜୀବଙ୍କୁ ପୁଣି କରଇ ଯେ ହିଂସା ।
ଏମନ୍ତ ସ୍ଥାନମାନଙ୍କେ ଅଟଇ ମୋ ବସା ॥(୪/୭)

ଏହା ମହାଦେବ ଦାସଙ୍କର କାର୍ତ୍ତିକ ମାହାତ୍ମ୍ୟ ୨୯ ଅଧ୍ୟାୟର ଅଲକ୍ଷ୍ମୀ ଆଖ୍ୟାନକୁ ପଦେ ପଦେ ଅନୁସରଣ କରିଲାଗିଛି । ମହାଦେବ ଦାସଙ୍କର ସମ୍ପୃକ୍ତ ପଦଗୁଡ଼ିକ –

ଯେବଣ ଗୃହେ ନିତ୍ୟ କଳି । ଏକ ଆରକେ ବାରୁଆଳି ॥
ମନ୍ଦିର ସଂସାର ନ କରି । ପଦାର୍ଥ କରୁଥିବେ ଚୋରି ॥
ପୁତ୍ର ଭାରିଯା ଦାସଦାସୀ । ପ୍ରଭୁଙ୍କୁ ନିନ୍ଦୁଥିବେ ବସି ॥
ଯହିଁ ଶକଟା ଦ୍ୟୁତ ଖେଳ । ମିଥ୍ୟା କପଟ ମାଡ଼ଗୋଳ ॥
ପରକୁ କହୁଥିବେ ନିନ୍ଦି । ଆପଣା ଗୁଣକ୍ରିୟା ବନ୍ଦି ॥
ଜୀବକୁ କରୁଥିବେ ହିଂସା । ଏମନ୍ତ ସ୍ଥାନେ ମୋର ବସା ॥

ପୀତାମ୍ବର ନାନା ଗ୍ରନ୍ଥରୁ ବିଷୟ ଚୟନ କରିଥିବା ନେଇ ଅତିଶୟୋକ୍ତି କରି କହିଛନ୍ତି : ''କୋଟିଏ ଗ୍ରନ୍ଥ ବାଛିଣ ଲେଖିଲି କିଞ୍ଚିତ'' (୫/୩) । ତନ୍ମଧ୍ୟରୁ ଅଳ୍ପ କେତୋଟି ସ୍ଥଳେ ମୂଳଗ୍ରନ୍ଥର ନାମୋଲ୍ଲେଖ କରିଛନ୍ତି । ରାମ ସରଯୁ ନଦୀତଟରେ ୩୨ ସହସ୍ର କନ୍ୟାଙ୍କ ସହିତ ରାସକ୍ରୀଡ଼ା କରିଥିବା କଥା ସେ ବହୁବାର ଲେଖିଛନ୍ତି । ଏହାକୁ ସେ ଅଧ୍ୟାତ୍ମରୁ ଅର୍ଥାତ୍ ଅଧ୍ୟାତ୍ମ ରାମାୟଣରୁ ନେଇଥିବା କଥା ପ୍ରକାଶ କରିଛନ୍ତି –

ଶ୍ରୀ ରାମ ରାସ କରିବେ ସରଯୂର ତୀରେ ।
ଅଧ୍ୟାତ୍ମରେ ଲେଖାଅଛି, ନାହିଁ ପୁରାଣରେ ॥ (୪/୬୪)

ରାମରାସ ସଂସ୍କୃତ ଅଧ୍ୟାତ୍ମ ରାମାୟଣର ଚରିତ ନୁହେଁ, ଏହାର ମୂଳ ମୁଖ୍ୟ । କିନ୍ତୁ ଓଡ଼ିଆରେ କୃଷ୍ଣରାସର ପ୍ରତିସ୍ପର୍ଦ୍ଧାରେ ରାମରାସ ବର୍ଣ୍ଣନା ଥିବା କେତେକ ରଚନା ରହିଛି । ପୀତାମ୍ବର ତାହାକୁ ଗ୍ରହଣ କରିଛନ୍ତି । ଉଦ୍ଧୃତିରୁ ଆଉ ମଧ ଜଣାପଡୁଛି କବି ବାଲ୍ମୀକି ରାମାୟଣକୁ ପୁରାଣ ଭାବରେ (ପଞ୍ଚପୁରାଣର ଏକତମ) ଗଣନା କରୁଛନ୍ତି ଅଥଚ ଜାଣନ୍ତି ନାହିଁ ଯେ ଅଧ୍ୟାତ୍ମ ରାମାୟଣ ଗୋଟିଏ ପୁରାଣର (ବ୍ରହ୍ମାଣ୍ଡ ପୁରାଣର) ଅଂଶଭାବରେ ରଚିତ । ଏହା ସୂଚାଉଛି ଯେ ପୀତାମ୍ବରଙ୍କର ସଂସ୍କୃତଚର୍ଚ୍ଚା ନଥିବାରୁ ପୁରୁଣାଦି ମଧ୍ୟକୁ ପ୍ରବେଶ ଅଗଭୀର ଥିଲା ।

ପୀତାମ୍ବର ମଧ୍ୱାଚାର୍ଯ୍ୟଙ୍କ ଶ୍ରଦ୍ଧାଭକ୍ତି ପନ୍ଥାରେ ଦୀକ୍ଷିତ ହୋଇଥିଲେ ହେଁ ସଂପ୍ରତି 'ଓଡ଼ିଶୀ ବୈଷ୍ଣବ ଧର୍ମ' ବୋଲାଉଥିବା ଜ୍ଞାନମିଶ୍ରା ଭକ୍ତିବାଦର ସମର୍ଥକ ଥିଲେ । ନୃସିଂହ

ପୁରାଣର ଠାଏଁ ଠାଏଁ ଏହି ବାଦର ଅନୁଶୀଳନ ରହିଛି । ପୀତାମ୍ବର ତାଙ୍କ ପୂର୍ବସୂରୀ ଓଡ଼ିଆ କବି ଦ୍ୱାରକା ଦାସ (ଜନ୍ମ ୧୬୬୧) ଓ କୃଷ୍ଣ ଦାସ (ପିତା ମଧୁସୂଦନ) ଆଦିଙ୍କୁ ଅଧ୍ୟୟନ କରିଥିବା ଅନୁମିତ ହୁଏ । କୃଷ୍ଣ ଦାସଙ୍କ ସୁପ୍ରଚାରିତ ରଚନା 'ନାମରତ୍ନ ଗୀତା'* (୧୭୦୨ରେ ରଚିତ) ମଧ୍ୟରେ ବର୍ଣ୍ଣିତ ପଞ୍ଚମହାଭୂତ ସହିତ ସଂଶ୍ଳିଷ୍ଟ ପଞ୍ଚପଞ୍ଚାତ୍ମକ ପଚିଶ ପ୍ରକୃତିର ନିରୂପଣକୁ ପୀତାମ୍ବର ନୃସିଂହ ପୁରାଣରେ ଅଳ୍ପ କିଛି ପରିବର୍ତ୍ତନ ସହିତ ଗ୍ରହଣ କରି ନେଇଛନ୍ତି (୩/୧୭) ଓ ତାହାକୁ ଦେହର ପାଞ୍ଚୋଟି କର୍ମେନ୍ଦ୍ରିୟ ସହିତ ସମ୍ପୃକ୍ତ କରାଇଛନ୍ତି ।

---

* ନାମରତ୍ନ ଗୀତାର ଦ୍ୱିବିଧ ସଂସ୍କରଣ ପ୍ରକାଶ ପାଇଛି । କଟକର ଚନ୍ଦ୍ରୋଦୟ ପ୍ରେସ୍‌ରୁ ୧୯୨୭ରେ 'ନାମରତ୍ନ ଗୀତା' ତିନି ଭାଗରେ ପ୍ରକାଶ ପାଇଥିଲା । ଏହାର ପ୍ରଥମ ଭାଗରେ ୨୫ ଅଧ୍ୟାୟ, ଦ୍ୱିତୀୟ ଭାଗରେ ୨୬ରୁ ୬୨ ଅଧ୍ୟାୟ ଓ ତୃତୀୟ ଭାଗରେ ୬୩ରୁ ୭୦ ଅଧ୍ୟାୟ ମୁଦ୍ରିତ । ଅନ୍ୟତର ସଂସ୍କରଣଟି 'ବୃହଦ୍ ନାମରତ୍ନ ଗୀତା' ନାମରେ ପ୍ରକାଶ ପାଇଛି । ଏଥିରେ ୩୫ଟି ଅଧ୍ୟାୟ ରହିଛି । ନାମରତ୍ନ ଗୀତାର ପ୍ରଥମ ୬୨ଅଧ୍ୟାୟର ବିଷୟ ବୃହଦ୍ ରାମରତ୍ନ ଗୀତାର ପ୍ରଥମ ୩୦ ଅଧ୍ୟାୟ ମଧ୍ୟରେ ରହିଛି । ବୃହଦ୍ ନାମରତ୍ନ ଗୀତାର ଶେଷ ୫ଟି ଅଧ୍ୟାୟ ଓ ନାମରତ୍ନ ଗୀତାର ଶେଷ ୮ଟି ଅଧ୍ୟାୟ ମଧ୍ୟରେ କୌଣସି ସାମଞ୍ଜସ୍ୟ ନାହିଁ । ବୃହଦ୍ ନାମରତ୍ନ ଗୀତାର ପ୍ରଥମ ୩୦ ଅଧ୍ୟାୟର ମୋଟ ପଦସଂଖ୍ୟା ୪,୪୦୦ (ଶେଷ ପାଞ୍ଚ ଅଧ୍ୟାୟର ପଦସଂଖ୍ୟା ପ୍ରାୟ ୮୦୦); କିନ୍ତୁ ନାମରତ୍ନଗୀତାର ପ୍ରଥମ ୬୨ ଅଧ୍ୟାୟର ପଦସଂଖ୍ୟା ପ୍ରାୟ ୩୦୦୦ ମାତ୍ର (ଶେଷ ଆଠଟି ଅଧ୍ୟାୟର ପଦସଂଖ୍ୟା ପ୍ରାୟ ସାଢ଼େ ଛ'ଶହ) । ନିଜେ କୃଷ୍ଣ ଦାସ 'ରସବିନୋଦ'ରେ ନାମରତ୍ନଗୀତାର ମୋଟ ପଦସଂଖ୍ୟା 'ଦୁଇ ସହସ୍ର, ପାଞ୍ଚଶତ' ବୋଲି ଜଣାଇଛନ୍ତି । ତେଣୁ ଜଣାଯାଉଛି, କବି ୨୫୦୦ ପଦବିଶିଷ୍ଟ ଯେଉଁ କ୍ଷୁଦ୍ରକାୟ ନାମରତ୍ନଗୀତାକୁ ପ୍ରଥମେ ଲେଖିଥିଲେ ତାହା ପ୍ରକାଶ ପାଇନାହିଁ । ପରେ ତାହାକୁ ସମ୍ଭବତଃ କବି ନିଜେ କିଛି ସଂପ୍ରସାରିତ କରି ୬୨ ଅଧ୍ୟାୟ ବିଶିଷ୍ଟ ନାମରତ୍ନଗୀତା ଲେଖିଥିଲେ । ଏହା ଚନ୍ଦ୍ରୋଦୟ ପ୍ରେସ୍‌ରୁ ପ୍ରଥମ ଦୁଇ ଭାଗରେ ପ୍ରକାଶିତ । ବୃହଦ୍ ନାମରତ୍ନଗୀତା ଏହାର ପରିବର୍ଦ୍ଧିତ ରୂପ । ନାମରତ୍ନଗୀତାର ୩ୟ ଭାଗର ୮ଟି ଅଧ୍ୟାୟକୁ ଅନ୍ୟ କୌଣସି ବ୍ୟକ୍ତି ପୀତାମ୍ବରଙ୍କ ନୃସିଂହ ପୁରାଣରୁ ପଦଗୁଡ଼ିକୁ ଅବିକଳ ଉଠାଇ ନେଇ ପ୍ରସ୍ତୁତ କରିଛି । ଏହାର ୬୭ ଅଧ୍ୟାୟରେ ନୃସିଂହ ପୁରାଣୋକ୍ତ ମୁରଦାରୁଣ ବଧ ଚରିତର ସୂଚନା ମଧ୍ୟ ରହିଛି ।

ବୃହଦ୍ ନାମରତ୍ନଗୀତାର ଷଷ୍ଠ ଅଧ୍ୟାୟ ବର୍ଣ୍ଣିତ ପଞ୍ଚପଞ୍ଚାତ୍ମକ ପଚିଶ ପ୍ରକୃତିର ନିରୂପଣକୁ ପୀତାମ୍ବର ନୃସିଂହ-ପୁରାଣରେ ଅନୁସରଣ କରିଛନ୍ତି ।

•

*ଷଷ୍ଠ ଅଧ୍ୟାୟ*

# ନୃସିଂହ-ପୁରାଣର ବୈଶିଷ୍ଟ୍ୟ

ଥରେ ବିଖ୍ୟାତ ତେଲୁଗୁ ସାହିତ୍ୟିକ ସ୍ୱର୍ଗତ ପୁରିପଣ୍ଡା ଅପ୍ପଲସ୍ୱାମୀ ଅଭିଯୋଗ କଲା ପରି ଏହି ଲେଖକକୁ କହିଥିଲେ ଯେ ଓଡ଼ିଆ ଲୋକଙ୍କ ସହିତ ଅନ୍ୟ ଭାଷାଭାଷୀମାନେ ମହାଭାରତ, ପୁରାଣାଦି ଚର୍ଚ୍ଚା କରିବା ଦୁଷ୍କର । କାରଣଟି ହେଲା, ଓଡ଼ିଆମାନେ ସାରଳାଦସଙ୍କ ମହାଭାରତ ଆଦି ଗ୍ରନ୍ଥରେ ବର୍ଣ୍ଣିତ ଚରିତ ହିଁ ଜାଣନ୍ତି ଓ ସଂସ୍କୃତ ଗ୍ରନ୍ଥରେ ବର୍ଣ୍ଣିତ, ଭାରତରେ ସର୍ବତ୍ର ପ୍ରଚାରିତ, ଚରିତ ସହିତ ତାହାର ମେଳ ଅପେକ୍ଷା ଅମେଳ ଅଧିକ । ଅଭିଯୋଗଟି ନିରାଧାର ନୁହେଁ । ସ୍ପଷ୍ଟ ମନେହେବ, ସାମାଜିକ ଇତିହ ବା ମିଥ୍ myth) କ୍ଷେତ୍ରରେ ଭାରତୀୟ ଐକ୍ୟଭାବର ଓ ତଜ୍ଜନିତ ଭାରତୀୟ ଜାତୀୟତା ଭାବର – ପୋଷକତା ସଂସ୍କୃତ ଭାଷାର ପୁରାଣାଦି କରି ଆସୁଥିବାବେଳେ, ସାରଳାଦାସ ଉତ୍କଳୀୟ ସ୍ୱତନ୍ତ୍ରତାଭାବକୁ ପ୍ରୋତ୍ସାହ ଦେବା ଭଳି ଉତ୍କଳ ପାଇଁ ସ୍ୱତନ୍ତ୍ର ଇତିହ ଉପୁଜାଇଲେ । ପୀତାମ୍ବର ଦାସଙ୍କ ନୃସିଂହ-ପୁରାଣ ଏ ପ୍ରକାର ସ୍ୱତନ୍ତ୍ର ଇତିହରେ ପୁଷ୍କଳ । ସୃଷ୍ଟି ମାତ୍ରେ – ତାହା ଭୂତାତ୍ମକ ହେଉ କି ଭାବନାତ୍ମକ ହେଉ – 'ଅପୂର୍ବତା' ଗୁଣ ଯୋଗୁଁ ସାର୍ଥକ ହୁଅନ୍ତି । ସାହିତ୍ୟ ପାଇଁ ତ ଅପୂର୍ବତା – ନୀଳକଣ୍ଠଙ୍କ ଭାଷାରେ 'ଚମକ' – ଅପରିହାର୍ଯ୍ୟ । ନୃସିଂହ-ପୁରାଣାଦି ଓଡ଼ିଆ ସାହିତ୍ୟିକ ସୃଷ୍ଟିର ମୂଲ୍ୟାଙ୍କନ ଜାତୀୟତାଭାବ ଦିଗରୁ ତ ହେବା ଉଚିତ, ଅପୂର୍ବତା ଦିଗରୁ ମଧ । ଅନ୍ୟ ପୁରାଣ ସହିତ ତାହାର ମେଳ ନ ଥିବାରୁ ତାହା ମୂଲ୍ୟହୀନ ବୋଲି ବିଚାରିବା ଅନୁଚିତ ।

**ଫଳଶ୍ରୁତି :**

ସୃଷ୍ଟିର ମୂଲ୍ୟାଙ୍କନ ତାହାର ସଂରଚନା (structure) ଓ ପ୍ରୟୋଜନୀୟତା (function) ଏହି ଦ୍ୱିବିଧ ବିଚାରରୁ ହୁଏ । ସାହିତ୍ୟିକ ସୃଷ୍ଟିର ସଂରଚନା ଭିତରେ ତାହାର ରୂପ, ଭାଷା, ଶୈଳୀ, ଭାବବିନ୍ୟାସ, ଅଳଂକାର ଆଦି ଗଣ୍ୟ । ଏ ସବୁ ସୃଷ୍ଟିର ଅନ୍ତର୍ଭୂତ, ଅନ୍ତରଙ୍ଗ । ପ୍ରୟୋଜନୀୟତା ହେଲା ସୃଷ୍ଟିର ସାମାଜିକ ଉପଯୋଗିତା । ବାହାର ଉପରେ ସୃଷ୍ଟିର ପ୍ରଭାବ ଆଦି । ଏ ସବୁ କଥା ବାହାର ସହିତ ସୃଷ୍ଟିର ସମ୍ପର୍କ ବିଷୟକ, ବହିଃରଙ୍ଗ । ପ୍ରୟୋଜନ ସବୁ ଭଲ କଥାର ତ ଥାଏ, ମନ୍ଦ କଥାର ବି ଥାଏ : ପ୍ରୟୋଜନମନୁଦ୍ଦିଶ୍ୟ ନ ମନ୍ଦୋଽପି ପ୍ରବର୍ତ୍ତତେ । ନୃସିଂହ-ପୁରାଣର ପ୍ରୟୋଜନୀୟତା ବିଷୟ ତାହାର ଫଳଶ୍ରୁତି ଅଂଶରେ ଅନେକ ସ୍ଥାନରେ ଉକ୍ତ ହୋଇଛି । ସବୁ ପୁରାଣ ପରି ଏଥିରେ ମଧ ପୁରାଣର ପାରାୟଣ/ଶ୍ରବଣର

ଫଳ ଲେଖାଅଛି । ପ୍ରତିଶ୍ରୁତ ଫଳ ତ୍ରିବିଧ, ଏଥିରେ ନୂତନତା କିଛି ନାହିଁ – (୧) ମନସ୍କାମନା ପୂରଣ (ସନ୍ତାନ ପ୍ରାପ୍ତି, ରୋଗମୁକ୍ତି, ବିବାଦରେ ଜୟ, ଅର୍ଥାର୍ଜନ, ସମ୍ମାନ ଲାଭ ସମେତ); (୨) ପାପଖଣ୍ଡନ ଓ ପୁଣ୍ୟସଞ୍ଚୟ (ତୀର୍ଥସେବନ-ଫଳପ୍ରାପ୍ତି, ଯଜ୍ଞଫଳ ପ୍ରାପ୍ତି, ଦାନଫଳ ପ୍ରାପ୍ତି, ଯମ ଦଣ୍ଡରୁ ନିସ୍ତାର ସମେତ) ଓ (୩) ମୋକ୍ଷ (ଜୀବର ଜନ୍ମମରଣ-ଚକ୍ରରୁ ମୁକ୍ତି) । ପାପପୁଣ୍ୟ-ସଚେତନ ସରଳ ବିଶ୍ୱାସୀ ଗ୍ରାମ୍ୟ-ସମାଜରେ ଏ ପ୍ରକାର ଫଳ ପ୍ରାପ୍ତିର ପ୍ରତିଶ୍ରୁତି ଯୋଗେ ଯେ ପୁରାଣ ସମାଦର ଲାଭ କରିଥାଏ, ଏହା ନିଃସନ୍ଦେହ । କିନ୍ତୁ ପୁରାଣର ପ୍ରୟୋଜନୀୟତା ପ୍ରତିଶ୍ରୁତିରେ ହିଁ ସୀମାବଦ୍ଧ ନୁହେଁ । ପ୍ରତ୍ୟହ ସନ୍ଧ୍ୟା ଗଡ଼ିଲେ ସମସ୍ତଙ୍କ ପାଇଁ ଦିନର କର୍ମକ୍ଲାନ୍ତିର ଅପନୋଦନ ଆବଶ୍ୟକ, ଗ୍ରାମର ସଂକୀର୍ଣ୍ଣ ସମାଜର ଲୋକଙ୍କୁ ବିସ୍ତୀର୍ଣ୍ଣ ଜାତୀୟ ଇତିହ ସଙ୍ଗେ ପରିଚିତ କରାଇବା ଆବଶ୍ୟକ, ଲୋକଙ୍କୁ ଧର୍ମ ଓ ସଦାଚାରର ବିଧି-ନିଷେଧ ବିଷୟ ବୁଝାଇ ସମାଜକୁ ସୁନିୟନ୍ତ୍ରିତ ରଖିବା ଆବଶ୍ୟକ, ଲୋକଙ୍କୁ ବିଶ୍ୱର ସୃଷ୍ଟି-ସ୍ଥିତି-ଲୟର ଦର୍ଶନ ଚେତାଇବା ଆବଶ୍ୟକ, ବିଭିନ୍ନ ବିଷୟରେ ତଥ୍ୟ ଓ ଜ୍ଞାନ ଶିକ୍ଷା ଦେବା ଆବଶ୍ୟକ, ଗତାନୁଗତିକ ଜୀବନର ନୀରସତା ଦୂର କରି ସନ୍ତୋଷ ଦେବା ଆବଶ୍ୟକ, ମୂଢ଼ ମଣିଷକୁ ତାହାର ସ୍ଥିତିର ତାତ୍ପର୍ଯ୍ୟ ଓ ଲକ୍ଷ୍ୟ ବୁଝାଇବା ଆବଶ୍ୟକ । ଏହିପରି ଅନେକାନେକ ସାମାଜିକ ଆବଶ୍ୟକତାର ପୂରଣ ପୁରାଣରେ,ପୁରାଣକର୍ତ୍ତାଙ୍କ ଚେତନା ଅନୁରୂପେ, ରହିଥାଏ । ନୃସିଂହ-ପୁରାଣରେ ମଧ୍ୟ ତାହା ରହିଛି, ଯଦିଚ ଫଳଶ୍ରୁତି ଅଂଶରେ ତାହା ଘୋଷିତ ହୋଇନାହିଁ ।

**ଚରିତ ଆବିଷ୍କାର :**

ନୃସିଂହ-ପୁରାଣର ଚରିତର ଆବିଷ୍କର୍ତ୍ତା ପୀତାମ୍ବର ଦାସ । ସୁବିଦିତ ଦଶ ଅବତାରର ଅନ୍ତର୍ଗତ ନୃସିଂହ ପ୍ରହ୍ଲାଦ-ଉଦ୍ଧାରକ ଓ ହିରଣ୍ୟକଶିପୁ-ବିଦାରକ । ନୃସିଂହ-ପୁରାଣର ନୃସିଂହ ମୁର ନାମକ ଦୈତ୍ୟର ବିନାଶକ । ପୀତାମ୍ବରଙ୍କ ଅନୁସାରେ ମୁରହନ୍ତା ନୃସିଂହ ହିରଣ୍ୟକଶିପୁନାଶୀ ନୃସିଂହଙ୍କ ପୂର୍ବଜ । ଶାପଗ୍ରସ୍ତ ବିଷ୍ଣୁଙ୍କ ଦ୍ୱାରପାଳ ଜୟ ପ୍ରଥମେ ମୁର ଭାବରେ ଓ ପରେ ହିରଣ୍ୟକଶିପୁ ଭାବରେ ଜନ୍ମଲାଭ କରିଥିଲେ ।

ପୀତାମ୍ବର ନୃସିଂହ-ଚରିତକୁ 'ହରେ ରାମ କୃଷ୍ଣ' ମହାମନ୍ତ୍ରରୁ ଆବିଷ୍କାର କରିଛନ୍ତି (୧/୬) । ଚାରିଟି ଯାକ ବୈଷ୍ଣବ ସମ୍ପ୍ରଦାୟ (ଶ୍ରୀ-ବ୍ରହ୍ମା-ରୁଦ୍ର-ସନକ) ଏହି ମହାମନ୍ତ୍ରକୁ ମାନ୍ୟତା ଦିଅନ୍ତି । ମନ୍ତ୍ରଗର୍ଭିତ ତିନି ନାମ ମଧ୍ୟରୁ ରାମ ଓ କୃଷ୍ଣଙ୍କ ଚରିତ୍ର ନେଇ ପ୍ରଚୁର ଗ୍ରନ୍ଥ ରଚିତ ହୋଇଛି କିନ୍ତୁ ପ୍ରଥମ ନାମ ହରିଙ୍କ ବିଷୟରେ ସ୍ୱତନ୍ତ୍ର ଗ୍ରନ୍ଥ ନାହିଁ । ଭାଗବତରେ ହରି ନାମଟି ସୂର୍ଯ୍ୟଙ୍କ ଅବତାର ସହିତ ସମ୍ପୃକ୍ତ ହୋଇଛି (ଭା.୧/୭/୨) । ପୀତାମ୍ବର ତାହା ନରହରି ଅର୍ଥାତ୍ ନୃସିଂହଙ୍କର ନାମ ବୋଲି ଚିହ୍ନାଇଛନ୍ତି ।

ହରେ ରାମ କୃଷ୍ଣ ତିନି ମହାମନ୍ତ୍ର କରି ।<br>
ଶୁଣାନ୍ତି ଶ୍ରୀ ଗୁରୁଦେବ କର୍ଣ୍ଣେ ମନ୍ତ୍ର ଭରି ।।<br>
ଏଣୁ ହରି ନାମ ଶ୍ରୀ ନୃସିଂହେ ପ୍ରବର୍ତ୍ତଇ ।<br>
ଶ୍ରୀ ନୃସିଂହ ଉପାସକ ତେଣୁ ଅଟେ ମୁହିଁ ।। (୩/୧୫୮)

ପୀତାମ୍ବର ମହାମନ୍ତ୍ରର ହରିଙ୍କୁ ପ୍ରହ୍ଲାଦାରାଧିତ ନୃସିଂହଙ୍କ ଠାରୁ ପୃଥକ୍ କରିବାର କାରଣ ଷଡ଼ଜୟନ୍ତୀ । ପୀତାମ୍ବର ଦର୍ଶାଇଛନ୍ତି ଯେ ଷଡ଼୍‌ଜୟନ୍ତୀ ମଧ୍ୟରେ ବିଷ୍ଣୁଙ୍କର ଚାରିଟି ଅବତାରର ଜନ୍ମଦିବସ ଅନ୍ତର୍ଭୁକ୍ତ ହୋଇଛି –

ନୃସିଂହ ବାମନ ରାମ କୃଷ୍ଣ ଏହି ଚାରି
ଷଡ଼୍‌ଜୟନ୍ତୀରେ ଏ ଚାରି ଜନ୍ମ ଲେଖା କରି । (୫/୧୬)

ପୀତାମ୍ବରଙ୍କ ବିଚାରରେ ଏ ଚାରିହେଁ ମାତୃଗର୍ଭରୁ ଜାତ ହୋଇଥିବାରୁ ହିଁ ଏମାନଙ୍କର ଜୟନ୍ତୀ ପାଳିତ ହେଉଛି । 'ଜୟନ୍ତୀ' ଶବ୍ଦ ବ୍ୟୁତ୍ପତ୍ତି ବିଚାରରୁ 'ଜୀ' ଧାତୁଜ 'ଜୟ' ଶବ୍ଦ ସହିତ ସମ୍ପୃକ୍ତ । ଜନ୍ମ ଶବ୍ଦ ଉଦ୍ଭବ ଅର୍ଥବୋଧକ 'ଜନ୍' ଧାତୁଜ । କିନ୍ତୁ ଅନେକଙ୍କ ପରି ପୀତାମ୍ବର ମଧ୍ୟ ଜୟନ୍ତୀ ଶବ୍ଦ ଜନ୍ମ ସହିତ ସମ୍ପୃକ୍ତ ବୋଲି ଗ୍ରହଣ କରିଛନ୍ତି । ପ୍ରହ୍ଲାଦ ଆରାଧିତ ନୃସିଂହ ଅଯୋନି ଜନ୍ମା ହେବାରୁ ସେ ଯୋନିଜନ୍ମା ନୃସିଂହଙ୍କ ଚରିତ ଆବିଷ୍କାର କଲେ । ତାଙ୍କ ପୂର୍ବରୁ କବି କୃଷ୍ଣଦାସ 'ନାମରତ୍ନଗୀତା'ରେ ହିରଣ୍ୟ-କଶିପୁନିହନ୍ତା ନୃସିଂହ ଯୋନିଜନ୍ମା ବୋଲି ବର୍ଣ୍ଣନା କରିଥିଲେ । ସ୍ୱୟଂ ବିଷ୍ଣୁଙ୍କ ବଚନ ହେଲା –

ଚତୁର୍ଥାବତାରେ ନରସିଂହ ରୂପ ଧରି ।
ମାତାଙ୍କର ନାମ ଆମ୍ଭ ଚନ୍ଦ୍ରାବତୀ ନାରୀ ।।
ପିତାଙ୍କର ନାମ ଯେ ଅଟଇ ଦକ୍ଷରାଜ ।
ଗୁରୁଙ୍କର ନାମ ଯେ ଅଟଇ ଦିବ୍ୟତେଜ ।।
କ୍ଷେତ୍ର ଅଧିପତି, ପାର୍ଥ ମଣିପୁର ହୋଇ ।
ଦାନବର ନାମ ଯେ ହିରଣ୍ୟ ବୋଲି କହି ।।

(ବୃହତ୍ ନାମରତ୍ନ ଗୀତା, ୧୫ ଅଧ୍ୟାୟ)

ନୃସିଂହ ସ୍ତମ୍ଭରୁ ବାହାରି ହିରଣ୍ୟକଶିପୁଙ୍କୁ ମାରିଥିବା ଚରିତ ଲୋକଙ୍କ ମନରେ ବଦ୍ଧମୂଳ ଥିବାରୁ ଯୋନିଜନ୍ମା ପୃଥକ୍ ନୃସିଂହଙ୍କ ଚରିତର ଆବଶ୍ୟକତା ପୀତାମ୍ବର ଅନୁଭବ କରିଥିବା ସମ୍ଭବ ।

ବିଷ୍ଣୁଙ୍କର ମୁରାରି ନାମଟି ସୁପ୍ରସିଦ୍ଧ । ବିଭିନ୍ନ ପୁରାଣ, ହରିବଂଶ ଗୀତଗୋବିନ୍ଦାଦି ବିଭିନ୍ନ କାବ୍ୟ ଓ କଥା ସରିତ୍‌ସାଗର ପ୍ରଭୃତି ଗ୍ରନ୍ଥରେ ମୁରାରି ଶବ୍ଦ ବିଷ୍ଣୁଙ୍କର ନାମାନ୍ତର ଭାବରେ ଉଲ୍ଲିଖିତ ହୋଇଛି । ହେଲେହେଁ, ନାମଟି ବିଶେଷ ପ୍ରାଚୀନ ନୁହେଁ । ମହାଭାରତର ଅନୁଶାସନ ପର୍ବର 'ବିଷ୍ଣୁସହସ୍ର ନାମ' ମଧ୍ୟରେ ମୁରାରି ନାମ ସ୍ଥାନ ପାଇନାହିଁ । ମାତ୍ର ମହାଭାରତର ସଭାପର୍ବର ଦାକ୍ଷିଣାତ୍ୟ ପାଠଭୁକ୍ତ ଏକ ପ୍ରକ୍ଷିପ୍ତାଂଶରେ ମୁର ନାମକ ଦୈତ୍ୟ ପ୍ରାଗ୍‌ଜ୍ୟୋତିଷପୁରର ରାଜାଙ୍କର ପ୍ରବଳ ପରାକ୍ରମୀ ସେନାପତି ଥିବା ଓ କୃଷ୍ଣ ମୁର ଓ ତାହାର ଏକ ହଜାର ପୁତ୍ରଙ୍କୁ ବଧ କରିଥିବା ଆଖ୍ୟାନ ସ୍ଥାନ ପାଇଛି । ଅମରକୋଶରେ ଦତ୍ତ ବିଷ୍ଣୁଙ୍କର ୩୯ଟି ନାମ ମଧ୍ୟରେ ମୁରାରି ନାମ ନାହିଁ (ହରି ନାମ ମଧ୍ୟ ନାହିଁ) । ମୁର

ଏକ ଦୈତ୍ୟ ବୋଲି ସ୍ୱୀକୃତ ହେଉଛି ମଧ୍ୟଯୁଗୀୟ ବିଭିନ୍ନ ଗ୍ରନ୍ଥରେ କିନ୍ତୁ ତାହାର ପରିଚୟ ବା ଚରିତ କେଉଁଠି ବର୍ଣ୍ଣିତ ହୋଇଥିବା ଜଣାଯାଉନାହିଁ । ଏହି ଅଭାବ ପୂରଣ ପୀତାମ୍ବରଙ୍କ ନୃସିଂହ ପୁରାଣରେ ହୋଇଛି ।

ପୀତାମ୍ବର ନୃସିଂହ ପୁରାଣ ପ୍ରଥମେ କିପରି ବ୍ୟକ୍ତ ହେଲା ତାହା ନେଇ ଯେଉଁ ପୃଷ୍ଠଭୂମିର ବର୍ଣ୍ଣନା ଦେଇଛନ୍ତି ତାହା ଭାଗବତର ପୃଷ୍ଠଭୂମି । ରାଜା ପରୀକ୍ଷିତ ସମାଧିସ୍ଥ ଶମୀ ଋଷିଙ୍କ ଗଳାରେ ଗୋଟିଏ ମଲା ସାପ ଗୁଡ଼ାଇ ଦେବାରୁ ଶମୀଙ୍କ ପୁତ୍ର ରାଜାଙ୍କୁ ଶାପ ଦେଲେ ଯେ ତାଙ୍କୁ ସାତ ଦିନ ମଧ୍ୟରେ ତକ୍ଷକ ଦଂଶିବ । ମୃତ୍ୟୁ ଆସନ୍ନ ହେବା ଜାଣି ପରୀକ୍ଷିତ ଗଙ୍ଗାତୀରରେ ଆସନ ପାତି ହରିନାମ ଭଜିବାକୁ ସ୍ଥିର କଲେ । ବସିଷ୍ଠାଦି ଋଷିଗଣ ସେଠାରେ ପହଞ୍ଚି ଶୁକମୁନିଙ୍କଠାରୁ ପୁରାଣ ଶୁଣିବାକୁ ରାଜାଙ୍କୁ ଉପଦେଶ ଦେଲେ (୧/୬) । ଶୁକମୁନି ପ୍ରଥମେ ମୁରାରି ନୃସିଂହଙ୍କ ଚରିତ କହି ତାହାପରେ ଭାଗବତାଦି ପଞ୍ଚପୁରାଣର ଚରିତ କହିଥିଲେ (୧/୪୬) ।

**ଆଖ୍ୟାନ ବୈଚିତ୍ର୍ୟ :**

ନୃସିଂହ-ପୁରାଣରେ ଅସଂଖ୍ୟ ଅଭିନବ ଆଖ୍ୟାନ ଖଞ୍ଜା ହୋଇଛି । ପଣ୍ଡିତ ଗୋପୀନାଥ ନନ୍ଦ ସାରଳା ଦାସ 'ଗଳ୍ପଜଳ୍ପକଳ୍ପତରୁ' ଓ 'କଳ୍ପନାପ୍ରିୟ' ବୋଲି ଅଭିହିତ କରିଛନ୍ତି । ଏ ସବୁ ଆଖ୍ୟା ପାଇବାପାଇଁ ଅର୍ହତା ପୀତାମ୍ବର ଦାସଙ୍କର କମ୍ ନୁହେଁ । ଏଠାରେ ତାଙ୍କ କଳ୍ପିତ ଆଖ୍ୟାନ କେତୋଟିର ସୂଚନା, ଭାତହାଣ୍ଡିରୁ ଗୋଟିଏ ନ୍ୟାୟରେ, ନମୁନା ଭାବରେ ଦିଆଯାଇପାରେ –

## ୧. ଲକ୍ଷ୍ମୀ

ଲକ୍ଷ୍ମୀ ଚିର ଅରଜା, ସେ ଋତୁମତୀ ହେଲେ ପ୍ରଳୟ ଘଟିବ । ସେ ଋତୁମତୀ ହୋଇ ନଥିବାରୁ ଗର୍ଭଧାରଣ କରି ନଥିଲେ । ସେ ଜନନୀ ହେବା ଲାଗି ତାଙ୍କର ମନୋବାଞ୍ଛା ବିଷ୍ଣୁଙ୍କ ଆଗରେ ପ୍ରକାଶ କଲେ । ବିଷ୍ଣୁ ତାଙ୍କର ମନୋବାଞ୍ଛା ପୂରଣ ନିମନ୍ତେ ଲକ୍ଷ୍ମୀଙ୍କର ମସ୍ତକର ଚାରି ଦ୍ୱାର [ଅର୍ଥାତ୍, କର୍ଣ୍ଣ, ଊର୍ମ), ନାସା (ଧୂର୍ମ), ନେତ୍ର (ଜ୍ୟୋତି) ଓ ମୁଖ (ଜ୍ୱାଳା)] ପଥରେ (ଯଥାକ୍ରମେ) ଧର୍ମ, ଜ୍ଞାନ, ଦୟା ଓ ସତ୍ୟ ନାମକ ଚାରୋଟି ପୁତ୍ରଙ୍କୁ ଜାତ କରାଇଲେ (୬/୧୧) । ବିଷ୍ଣୁ ଚାରି ଯୁଗରେ ନୃସିଂହ, ରାମ, କୃଷ୍ଣ ଓ ଜଗନ୍ନାଥ ରୂପରେ ଚାରିବାର ରାସକ୍ରୀଡ଼ା କରନ୍ତି କିନ୍ତୁ ଏ ସବୁ ରାସରେ ବିଷ୍ଣୁଙ୍କ ମାୟାରୂପ ହିଁ ଭାଗ ନେଇଥାଏ । ଏକମାତ୍ର ଲକ୍ଷ୍ମୀ ହିଁ ପ୍ରକୃତ ବିଷ୍ଣୁପ୍ରିୟା, ବିଷ୍ଣୁ ସର୍ବଦା ଲକ୍ଷ୍ମୀଙ୍କୁ କୋଳରେ ଧରିଥାନ୍ତି (୪/୧୫୯) ।

ଲକ୍ଷ୍ମୀ ବିନା ଆନ ସ୍ତ୍ରୀ ନ ଛୁଅନ୍ତି ଶ୍ରୀକାନ୍ତ ।
ଆନ ସ୍ତିରୀ କ୍ରୀଡ଼ାଭାବ ଅଟେ ମାୟାରସ ।। (୪/୬୮)

## ୨. ନୀଳାଚଳ

ପୀତାମ୍ବର ନୃସିଂହପୁରାଣରେ (ସପ୍ତମ ସାଗର ଆରମ୍ଭରେ ଓ ଅନ୍ୟତ୍ର) ନୀଳାଚଳର ମାହାତ୍ମ୍ୟ ଲେଖି କହିଛନ୍ତି : ଚଉଦ ଭୁବନର ଚଉଦଟି ବୈକୁଣ୍ଠ ମଧ୍ୟରେ ମର୍ତ୍ତ୍ୟବୈକୁଣ୍ଠ ନୀଳାଚଳ (ପୁରୁଷୋତ୍ତମ) ସର୍ବଶ୍ରେଷ୍ଠ । ସେ ନୀଳାଚଳର ପବିତ୍ରତାକୁ ନୃସିଂହ ଚରିତ ସହିତ ଯୋଡ଼ିଛନ୍ତି । ନୃସିଂହଙ୍କ ଲୀଳାକ୍ଷେତ୍ର ଥିଲା ବଦରିକା ନଗର ନିକଟ ଆନନ୍ଦବନ ଯହିଁରେ ଅନେକ ତୀର୍ଥ ସହ ଯଜ୍ଞବେଦୀ ଶୋଭା ପାଉଥିଲା । ମୁର ଦୈତ୍ୟ ନୃସିଂହଙ୍କୁ ମାରିବାପାଇଁ ଯାଇ ସମଗ୍ର ଆନନ୍ଦବନକୁ ଭୂମିରୁ ଉପାଡ଼ି ଖୁବ୍ ଦୂରକୁ ଫିଙ୍ଗିଦେଲା । ଆନନ୍ଦବନଟି ସ୍ୱର୍ଗରେ ପଡ଼ି ନନ୍ଦନକାନନ ହେଲା ଓ ଯଜ୍ଞବେଦୀ ଓ ତୀର୍ଥଗୁଡ଼ିକ ନୀଳାଚଳରେ ପଡ଼ିଲେ । ଯଜ୍ଞବେଦୀ ହେଲା ଗୁଣ୍ଡିଚାଭବନ ଓ ତୀର୍ଥଗୁଡ଼ିକ ପୁଷ୍କରିଣୀ ହେଲେ (୩/୫୩) । ପୀତାମ୍ବର ପୁରାଣ ଆରମ୍ଭରେ ଶୁକ-ଶିବ ବିବାଦ ବର୍ଣ୍ଣନ ମଧ୍ୟରେ ନୀଳାଚଳ ଓ କଳ୍ପବଟର ସୃଷ୍ଟି ନେଇ ଏକ ଅଭିନବ ଆଖ୍ୟାନ ଯୋଡ଼ିଛନ୍ତି (୧/୧୩) । ଅବନ୍ତୀର ହରିକୀର୍ତ୍ତନ ମିଶ୍ର ନାମକ ଭକ୍ତ ଜଗନ୍ନାଥଙ୍କ ପ୍ରସନ୍ନତା ଲାଭ କରି କିପରି ଦର୍ପଣ ହୋଇ ଶ୍ରୀମନ୍ଦିରରେ ରହିଲେ ସେ ଆଖ୍ୟାନ ମଧ୍ୟ ଅଭିନବ । (୭/୬) ।

## ୩. ଅବତାର

ବିଷ୍ଣୁଙ୍କ ଦଶାବତାର ସୁବିଦିତ । କିନ୍ତୁ, ଅବତାରର ସଂଖ୍ୟା ନାନା ଗ୍ରନ୍ଥରେ ନାନା ଭାବରେ ଦିଆଯାଇଛି । ପ୍ରସିଦ୍ଧ ବୈଷ୍ଣବ ପୁରାଣ ଭାଗବତ ଦୁଇ ସ୍ଥାନରେ (ଭା.୧/୩ ଓ ଭା. ୨/୭) ଦୁଇ ପ୍ରକାର ତାଲିକା ଦେଇ ଅବତାର ସଂଖ୍ୟା ୨୨ ବୋଲି ଲେଖିଛି । ପୀତାମ୍ବର ୨୭ଟି ଅବତାରର ତାଲିକା ଦେଇଛନ୍ତି ଓ ଅବତାର ମଧ୍ୟରେ ସାରଳା ଦାସଙ୍କ ଜଗନ୍ନାଥ (ବୌଦ୍ଧ) ଓ ଗୋମୁଖୀ-କେଶବ ସହିତ ବଜ୍ରପାଣି, ଚୂଡ଼ାମଣି, ଦାମୋଦର, ଚତୁର୍ଭୁଜ, ମଧୁସୂଦନ ଓ ଭଗବାନଙ୍କୁ ଗଣିଛନ୍ତି (୨/୩୮) । ଅବତାର ପରି ବିଷ୍ଣୁଙ୍କ ୨୪ ରୂପର ଉଲ୍ଲେଖ ଅସଂଖ୍ୟ ଶାସ୍ତ୍ରପୁରାଣରେ ସ୍ଥାନ ପାଇଛି । ପୀତାମ୍ବର ମଧ୍ୟ ୨୪ ରୂପର ତାଲିକା ଦେଇଛନ୍ତି (୧/୫୧) କିନ୍ତୁ, ତାଙ୍କ ତାଲିକା ପ୍ରସିଦ୍ଧ ୨୪ ରୂପର ତାଲିକା ସହିତ ମିଶୁନାହିଁ । ବରଂ ଏହା ତାଙ୍କର ଅବତାର ତାଲିକା ସହିତ ଅଧିକ ମିଶୁଛି । ସେ ଅବତାର ତାଲିକାର ଚୂଡ଼ାମଣି, ମୋହିନୀ, ପୃଥୁ, ନାରଦ, ଧନ୍ୱନ୍ତରୀ ଓ ଭଗବାନଙ୍କୁ ବାଦ୍ ଦେଇ ଓ କଳ୍ପଦ୍ରୁମ, ହୟଗ୍ରୀବ ଓ ମୁରାରିଙ୍କୁ ଯୋଗକରି ୨୪ ରୂପ ତାଲିକା କରିଛନ୍ତି । ପୀତାମ୍ବର କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଏପରି ପରିବର୍ତ୍ତନ ଆଣୁଥିଲେ ବୋଲି ମନେ ହେଉନାହିଁ । ବୋଧହୁଏ ପରିବର୍ତ୍ତନ ପାଇଁ ପରିବର୍ତ୍ତନ ଥିଲା ତାଙ୍କ ସ୍ୱଭାବର ବିଭାବ ।

**ଧର୍ମଶାସ୍ତ୍ର :**

ପୀତାମ୍ବର ତାଙ୍କ ରଚନାଟିକୁ ଧର୍ମଶାସ୍ତ୍ର ବୋଲି ଅଭିହିତ କରିଛନ୍ତି : ''ଶ୍ରୀ ନୃସିଂହ-ପୁରାଣ ଏ ଅଟେ ଧର୍ମଶାସ୍ତ୍ର'' (୧/୨୨)

ସଂପ୍ରଦାୟ ନିର୍ବିଶେଷରେ ସବୁ ମଣିଷଙ୍କର ସଦାଚାର ପାଳନୀୟ । ଧର୍ମଶାସ୍ତ୍ରରେ ଧର୍ମର ମୂଳ ଭାବରେ ସଦାଚାରକୁ ସ୍ୱୀକାର କରାଯାଇଛି (ମନୁ ୨/୬; ଯାଜ୍ଞବଲ୍କ୍ୟ (୧/୧/୭) । ପୀତାମ୍ବର ପୁରାଣର ବିଭିନ୍ନ ସ୍ଥାନରେ ସ୍ଥାନ-କାଳ-ପାତ୍ର ଭେଦରେ ପାଳନୀୟ ସଦାଚାରର ବିବରଣ ଦେଇଛନ୍ତି । ଉଦାହରଣ ସ୍ୱରୂପ, ବ୍ୟାସଙ୍କର ତାଙ୍କ ପତ୍ନୀଙ୍କ ପ୍ରତି ଉପଦେଶ ହେଲା –

୧ । ଏକା ତୁହି ପାଳୁଥିବୁ ମୋହର ଏ ବାକ୍ୟ ।
ନିଦ୍ରାଗଲେ ନ ଶୋଇବୁ ହୋଇ ଉର୍ଦ୍ଧ୍ୱମୁଖ ।।
୨ । ରବି ଉଦେ ନୋହୁଣୁ ତୁ ତେଜିବୁ ଯେ ଶଯ୍ୟା ।
ଏ ମାର୍ଗେ ନଥିଲେ ନିଶ୍ଚେ ହେବ ଗର୍ବଗଞ୍ଜା ।।
୩ । ଆବର କୁଜନ ସଙ୍ଗେ ସଙ୍ଗ ନ କରିବୁ ।
୪ । ଏକବସ୍ତ୍ରେ ଦେବାଳୟେ ସଦନୁ ନ ଯିବୁ ।।
୫ । ପର ଲୋକର ପ୍ରମାଦ କେବେ ନ ଚିନ୍ତିବୁ ।
୬ । ଭିକ୍ଷା ମାଗିଲେ ତୁ ଷଡ଼ନିଃଶ୍ୱାସରେ ଦେବୁ ।।
୭ । କୁସୁମ ଆପଣେ ଗୁନ୍ଥି ନୋହିବୁ ମଣ୍ଡଣି ।
୮ । ଗୋରସ ସଙ୍ଗେ ଆମିଷ ନ ଭକ୍ଷିବୁ ପୁଣି ।।
୯ । ଅଶୁଦ୍ଧ ଦ୍ରବ୍ୟକୁ ବାରେ ଗ୍ରାସ ନ କରିବୁ ।
୧୦ । ଭୁଞ୍ଜି ସାରି ଉଚ୍ଛିଷ୍ଟ ଯେ ଘରେ ନ ରଖିବୁ ।।
୧୧ । ଅନୁକ୍ଷଣେ ଭଜୁଥିବୁ ଗୋବିନ୍ଦର ନାମ ।
୧୨ । କେତେବେଳେ ନ ଛେଦିବୁ ଦେହୁ ନଖରୋମ ।।
୧୩ । ଗୃହସ୍ଥ ବିନା ଅନ୍ୟେ ନ ଦେବୁ କାହିଁ ଚିତ୍ତ ।
ଏ ମାର୍ଗେ ଥିଲେ ଅବଶ୍ୟ ଉପୁଜିବ ସୁତ । (୧/୧୬)

ପୀତାମ୍ବର ଏଠାରେ ଉଲ୍ଲେଖ କରିଥିବା ସଦାଚାର ମଧ୍ୟରେ ଅନ୍ୟ ଶାସ୍ତ୍ର ପୁରାଣରେ ଘୋଷିତ ସଦାଚାର ସହିତ ଅନେକ ଆଞ୍ଚଳିକ ଲୋକାଚାର (ସଂ୪,୭) ଓ କବି ନିଜେ ଚାହୁଁଥିବା ଶିଷ୍ଟାଚାର (ସଂ୬,୧୧) ଗୋଳିଆପୋଳିଆ ହୋଇ ରହିଛି । ଭାରତରେ ପରମ୍ପରା କ୍ରମେ ଗୃହୀତ ହୋଇ ଆସୁଥିବା ଅନେକ ବିଚାର (ଯଥା – ଧନସଞ୍ଚୟର ନିନ୍ଦା, ଲୋଭର ନିନ୍ଦା, ଦାନର ପ୍ରଶଂସା, ପରୋପକାର ପ୍ରଶଂସା) ନୃସିଂହ-ପୁରାଣରେ ସମର୍ଥିତ ହୋଇଛି ।

ଗୃହୀ-ବୈଷ୍ଣବ ପୀତାମ୍ବର ଗୃହସ୍ଥାଶ୍ରମର ପ୍ରଶଂସକ । ତାଙ୍କ ବିଚାରରେ ଯେଉଁମାନେ ''ଆତ୍ମାରୁ ଆତ୍ମା ସଂଚାରନ୍ତି'' ସେହିମାନେ ହିଁ ଯତି, ''ଭାରିଯା ଥିବା ଲୋକଙ୍କୁ ଯତି ବୋଲି ଜାଣ'' (୧/୯୦) । ତାଙ୍କର ଯୁକ୍ତି ହେଲା : ଅପୁତ୍ରିକମାନେ ମହାପାପୀ ତେଣୁ ମଣିଷ ବିବାହ କରିବା ଆବଶ୍ୟକ (୧/୯୯) । ତାଙ୍କ ମତରେ ଅବିବାହିତ ଓ ବିପତ୍ନୀକ ବ୍ରାହ୍ମଣ ଦେବପୂଜା କରିବାକୁ ଅଯୋଗ୍ୟ, ନମସ୍କାର ପାଇବାକୁ ଅଯୋଗ୍ୟ ଓ ରାଜସଭାରେ ସ୍ଥାନ ପାଇବାକୁ ଅଯୋଗ୍ୟ । (୪/୪) ।

ଗୃହସ୍ଥଧର୍ମ ସହିତ ଜାତିଭେଦ ଭାବ ତାଙ୍କର ସମର୍ଥନ ପାଇଛି । ବ୍ରାହ୍ମଣ ଜାତିର ବଡ଼ିମାକୁ ସେ ନାନା ସ୍ଥାନରେ ନାନା ଭାବରେ ବଖାଣିଛନ୍ତି । ଏହି କାରଣରୁ ନୃସିଂହ ବ୍ରାହ୍ମଣ କୂଳରେ ଜାତ ହୋଇଛନ୍ତି (୪/୧୬୧) । ଅନେକ ଗ୍ରନ୍ଥରେ ବ୍ରାହ୍ମଣର ଶ୍ରେଷ୍ଠତାର ଘୋଷଣା ରହିଛି କିନ୍ତୁ, ପୀତାମ୍ବର ବ୍ରାହ୍ମଣର (ସେ ବିଦ୍ୟାବର୍ଜିତ ହେଲେ ହେଁ) ଯେଉଁ ଭାଷାରେ ପ୍ରଶସ୍ତି ଗାଇଛନ୍ତି ତାହା ଅନ୍ୟତ୍ର ଦୁର୍ଲଭ । ଯଥା –

ବ୍ରାହ୍ମଣ ବୋଲି ଯେବଣ ତିନୋଟି ଅକ୍ଷର ।
ପ୍ରତ୍ୟକ୍ଷ ଅଟନ୍ତି ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ॥

| | |

ସହସ୍ରେକ ଶିବଲିଙ୍ଗ ପୂଜିଲେ ଯେ ଭକ୍ତି ।
ଏକା ବ୍ରାହ୍ମଣକୁ ପୂଜା କଲେ ତେତେ ମୁକ୍ତି ॥ (୧/୧୪୯)

× × ×

ବିଦ୍ୟ ବା ଅବିଦ୍ୟ ହେଉ ବ୍ରାହ୍ମଣକୁ ପୂଜା ।
ଏ ରୂପେ ଆଜ୍ଞା ଦେଲେକ ଶ୍ରୀ ନୃସିଂହ ରାଜା ॥ (୩/୧୨୦)

× × ×

ବିପ୍ରମାନେ ବିଷ୍ଣୁଠାରୁ ଅଟନ୍ତି ଯେ ବଡ଼ ।
ବ୍ରାହ୍ମଣ ଯେ ନ ମାନଇ ସେହି ଲୋକ ମୂଢ଼ ॥ (୪/୧୬୧)

ବ୍ରାହ୍ମଣ ଘରେ ଜନ୍ମ ହେଲେ ମଣିଷ ଶ୍ରେଷ୍ଠ ହୋଇଯାଇଥାଏ, ତା ପାଇଁ କବି ଜ୍ଞାନାର୍ଜନ, ସଦାଚାର, ବୈରାଗ୍ୟ ଆଦି ସଦ୍‌ଗୁଣର ବ୍ୟବସ୍ଥା କରି ନାହାନ୍ତି । ତେବେ ତାଙ୍କ ମତରେ ଶାସନୀ-ବ୍ରାହ୍ମଣମାନେ ନିନ୍ଦ୍ୟ (୩/୧୪୦) । କବି ନିଜେ ଶାସନୀ-ବ୍ରାହ୍ମଣ (ଦାନୁଆ) ହୋଇ ନଥିବାରୁ ଏପରି କହିଥିବା ଅନୁମେୟ ।

ଜାତିଭେଦ ସପକ୍ଷ ହୋଇ ସେ ବହୁ କଥା କହିଥିଲେ ହେଁ ଭେଦଭାବ ବିବେକବନ୍ତର ଭାବନା ନୁହେଁ ବୋଲି ମାନିଛନ୍ତି : ବୁଝିଲେ ସବୁରି ଆତ୍ମା ସଂସାରରେ ଏକ । ଏ କଥା ଭାବି ନ ପାରେ ଏକା ଅବିବେକ (୪/୯୨) । ଏହା ଅଦ୍ୱୈତଭାବର ଫଳ ।

ପୀତାମ୍ବର ବୈଷ୍ଣବତ୍ୱର ପ୍ରଶଂସା ପାଇଁ ମଧ୍ୟ ଶତଜିହ୍ୱ । ବିଷ୍ଣୁ ଭକ୍ତିର ଶ୍ରବଣାଦି ନବଧା କ୍ରିୟା, ମନ୍ତ୍ର ଗ୍ରହଣ, ନାମଜପ, ଧ୍ୟାନ, ଚିତା-ତିଳକ ଗ୍ରହଣ, ତୁଳସୀ-ନିର୍ମାଲ୍ୟାଦି

ସେବନ, ବୈଷ୍ଣବ ଶାଳଗ୍ରାମ ଓ ପ୍ରତିମା ପୂଜା, ଏକାଦଶୀ ଆଦି ବୈଷ୍ଣବ ବ୍ରତର ପାଳନକୁ ପୀତାମ୍ବର ସର୍ବୋତ୍ତମ ମାନବାଚାର ରୂପେ ନାନା ସ୍ଥାନରେ ପ୍ରତିପାଦନ କରିଛନ୍ତି । (୧/୧୫୩ ଓ ଅନ୍ୟତ୍ର) । ଜନ୍ମଲବ୍ଧ ବ୍ରାହ୍ମଣ ବ୍ରାହ୍ମଣତ୍ୱ ଓ ସ୍ୱମନୋନୀତ ବୈଷ୍ଣବତ୍ୱ ଉଭୟଙ୍କୁ ପ୍ରଶଂସା କଲେ ମୂଲ୍ୟବୋଧର ସଂକଟରେ ପଡ଼ିବା ସ୍ୱାଭାବିକ । ପୀତାମ୍ବର ଏହି ସଂକଟରେ ପଡ଼ି ଏଣେ ବ୍ରାହ୍ମଣ ବିଷ୍ଣୁଠାରୁ ବଡ଼ ବୋଲି ଘୋଷଣା କରି ତେଣେ ବିଷ୍ଣୁଙ୍କୁ ନ ଭଜିଲେ ସେ ଚଣ୍ଡାଳ ତୁଲ୍ୟ ହେବ ବୋଲି କହିଛନ୍ତି –

ବ୍ରାହ୍ମଣ ହୋଇଣ ଯେ ନ ଭଜେ ଚକ୍ରପାଣି ।
ଚଣ୍ଡାଳ ସଙ୍ଗରେ ଜାଣ ତାକୁ ନେଇ ଗଣି ।। (୭/୧୪୦)

× × ×

ଚଣ୍ଡାଳ ହୋଇଣ ଯେବେ କରେ ବିଷ୍ଣୁଭକ୍ତି ।
ତାହାଠାରୁ ପୁଣ୍ୟବନ୍ତ ନାହିଁ କେହି କ୍ଷିତି ।। (୭/୨୭)

ଉପାସ୍ୟ ଭାବରେ ବିଷ୍ଣୁ ସର୍ବଶ୍ରେଷ୍ଠ ବୋଲି କବି ଅନେକତ୍ର କହିଛନ୍ତି ଓ ଅନେକ ଆଖ୍ୟାନରେ ବିଷ୍ଣୁଙ୍କ ନିକଟରେ ଶିବଙ୍କ ନ୍ୟୂନତା ପ୍ରତିପାଦନ କରିଛନ୍ତି ମଧ (୧/୧୩, ୧/୧୨୬) । କବି ନିଜେ ପୁରାଣର ବିଭିନ୍ନ ସ୍ଥାନରେ ବିଷ୍ଣୁ (ଜଗନ୍ନାଥ, ନୃସିଂହ, ରାମ, କୃଷ୍ଣ ଆଦି ସମେତ), ସୂର୍ଯ୍ୟ, ଦୁର୍ଗା, ଗଣେଶ, ସରସ୍ୱତୀ, ବ୍ୟାସ, ଦେବର୍ଷି ନାରଦ ଆଦିଙ୍କ ସ୍ତବଗାନ କରିଛନ୍ତି କିନ୍ତୁ ଶ୍ରୀକୃଷ୍ଣଙ୍କ ମୁଖରେ ଅର୍ଜୁନଙ୍କୁ ଉପଦେଶ ଦିଆଇଛନ୍ତି ଯେ ଏକମାତ୍ର ବିଷ୍ଣୁ ହିଁ ସେବ୍ୟ –

ସର୍ବଦା ମୋତେ ଭଜନ ଯେବେ କରୁଥିବୁ ।
ଅନ୍ୟ ଦେବତା କେବେହେଁ ସେବା ନ କରିବୁ ।।
ଶ୍ରୀହରି ପାଦେ କରିବୁ ନିତି ନମସ୍କାର ।
ଆନ ଦେବଙ୍କୁ କେବେ ନ ନୁଆଁଇବୁ ଶିର ।। (୭/୨୩୬)

ପୀତାମ୍ବରଙ୍କ ମତରେ ବୈଷ୍ଣବଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ବୈଷ୍ଣବ କିଏ ନିକୃଷ୍ଟ ବୈଷ୍ଣବ, ଏପରି ବିଚାର ଭ୍ରାନ୍ତ । ସେ ସ୍ମାର୍ତ୍ତ ଓ ପରମାର୍ଥ ଦୁଇ ମତ ସମାନ ବୋଲି କହିଛନ୍ତି (୬/୬୮) । ନୃସିଂହ-ପୁରାଣରେ ଶ୍ରୀ-ବ୍ରହ୍ମା-ରୁଦ୍ର-ସନକ ଏହି ଚାରି ପ୍ରସିଦ୍ଧ ବୈଷ୍ଣବ ସମ୍ପ୍ରଦାୟର ଓ ସାମ୍ପ୍ରଦାୟିକ ଗୁରୁ-ପରମ୍ପରାର ସୁଦୀର୍ଘ ବିବରଣ ଦେଇ ଏହି ଚାରି ସଂପ୍ରଦାୟ ବିଷ୍ଣୁଙ୍କ ଚାରି ଭୁଜରୁ ଜାତ, ତେଣୁ ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ବିବାଦ ନିନ୍ଦନୀୟ ବୋଲି ସେ କହିଛନ୍ତି (୧/୧୩୬) । ତତ୍ତ୍ୱ ଓ ଇତିହାସ କୌଣସି ଦୃଷ୍ଟିରୁ ଏହି ବିବରଣ ପ୍ରାମାଣିକ ନ ହେଲେ ହେଁ ଏହାକୁ କିଏ ଜଣେ ଅନୁଲେଖକ କୃଷ୍ଣଦାସଙ୍କ 'ନାମରତ୍ନଗୀତା' ଶେଷରେ ଯୋଗ କରିଛି । କବିଙ୍କ ମତରେ ସବୁ ବୈଷ୍ଣବ ସମ୍ପ୍ରଦାୟ ବିଷ୍ଣୁଙ୍କ ଭକ୍ତିକୁ ମାନୁଥିବାରୁ କୌଣସି ସମ୍ପ୍ରଦାୟକୁ ନିନ୍ଦା କରିବା ଅବିବେକିତା (୧/୧୪୭) । ଏଣୁ ସେ ଗୌଡ଼ିଆମାନେ କୃଷ୍ଣଙ୍କୁ ଅନ୍ୟ ଅବତାରଠାରୁ ଶ୍ରେଷ୍ଠ ବୋଲି କରିବା ଦାବିର ପ୍ରତିବାଦ କରିଛନ୍ତି (୪/

୧୫୯,୭/୪) ଓ ବୋଧହୁଏ, ରହସ୍ୟବାଦୀ ଓଡ଼ିଶୀ ବୈଷ୍ଣବମାନଙ୍କୁ ଆକ୍ଷେପ କରି କହିଛନ୍ତି—

ମୂର୍ଖ ଚଣ୍ଡାଳ ଲୋକ ଯେ ନାମ ନ ମାନନ୍ତି ।
ଭୂଗୋଳ ଟୀକା ମୁଁ ପଢ଼ି ଜାଣେ ବୋଲୁଥାନ୍ତି । (୭/୨୩୩)

**ଜ୍ଞାନଗ୍ରନ୍ଥ :**

ପୀତାମ୍ବର ଥିଲେ ଜ୍ଞାନମିଶ୍ରା-ଭକ୍ତିପନ୍ଥାରେ ବିଶ୍ୱାସୀ । ନୃସିଂହ-ପୁରାଣଟିକୁ ସେ ଭକ୍ତିଗ୍ରନ୍ଥ ଭାବରେ ଗଢ଼ିବା ସଙ୍ଗେସଙ୍ଗେ ଜ୍ଞାନଗ୍ରନ୍ଥ ଭାବରେ ମଧ ଗଢ଼ିଛନ୍ତି —

ପଢ଼ ବା ଲୋକ ଜ୍ଞାନରେ ହେବ ଜାଣ ତୋଷ ।
ଶୁଣିଲା ଲୋକଙ୍କୁ ବଇକୁଣ୍ଠେ ହେବ ବାସ ॥ (୫/୨୩)

ପୁରାଣ ବର୍ଣ୍ଣିତ ଆଖ୍ୟାନ ଅନୁସାରେ ଲକ୍ଷ୍ମୀନୃସିଂହଙ୍କର ଚାରିପୁତ୍ର — (୧) ଧର୍ମ, (୨) ଜ୍ଞାନ, (୩) ଦୟା, (୪) ସତ୍ୟ । ଲୋକତାରଣ ନିମନ୍ତେ ନୃସିଂହ ଏହି ପୁତ୍ରମାନଙ୍କୁ ଜାତ କରାଇଲେ (୭/୧୧) । ପୀତାମ୍ବରଙ୍କ ବିଚାରରେ ପ୍ରାଣୀର ଜ୍ଞାନ ହିଁ ପ୍ରାଣ ତେଣୁ ଜ୍ଞାନର ପ୍ରଭବ ଦ୍ୱାର,ଲକ୍ଷ୍ମୀଙ୍କ ନାସା (ଧୂର୍ମ) । ସେ ଜ୍ଞାନକୁ ସମୁଚ୍ଚ ପ୍ରାଧାନ୍ୟ ଦେଇ ଜ୍ଞାନହୀନ ମଣିଷ ଶବତୁଲ୍ୟ ଓ ଜ୍ଞାନ ଭଗବତ୍-ସତ୍ତା ବୋଲି କହିଛନ୍ତି —

ଜ୍ଞାନୀ ଲୋକ ସାକ୍ଷାତରେ ଅଟେ ଭଗବାନ ।
ମୃତଶବ ତୁଲେ ଲେଖା ହୁଅଇ ଅଜ୍ଞାନ ॥ (୭/୧୨)

ବିତରଣ ନ କଲେ ଧନାର୍ଜନ ଯେପରି ବ୍ୟର୍ଥ, ଜ୍ଞାନାର୍ଜନ ସେହିପରି । ଜ୍ଞାନ ଗୋପନୀୟ ବୋଲି ପ୍ରଚାର କରାଯାଉଥିବା ଯୁଗରେ ପୀତାମ୍ବରଙ୍କ ଏତାଦୃଶ ଦୃଷ୍ଟିଭଙ୍ଗୀ ପ୍ରଶଂସ୍ୟ —

ବେଦ ପଢ଼ିଣ ଯେ ଜନ ନ ପଢ଼ାନ୍ତି ପରେ ।
ମଲେ ତ ବ୍ରହ୍ମରାକ୍ଷସ ହୁଅନ୍ତି ସେ ନରେ ॥
ଏଣୁ ବେଦପୁରାଣାଦି ପଢ଼ିବଟି ଯେତେ ।
ଲୋକେ ଗୁପତ ନ କରି କହିବ ଜଗତେ ॥ (୫/୭୫)

ଯାହାଠାରେ ଜ୍ଞାନ ଅଛି ସେ ଗୁରୁ ହେବାକୁ ଯୋଗ୍ୟ । ଜାତି, ବୟସ, ବୃତ୍ତି ଆଦିର ଉଚ୍ଚନୀଚ ବିଚାର ଗୁରୁଙ୍କ କ୍ଷେତ୍ରରେ ନାହିଁ । ନୀଚାତିନୀଚ ହେଲେ ହେଁ ଗୁରୁ ସମ୍ମାନନୀୟ, ଉପାସ୍ୟ । ଏହି ବିଚାର ପୀତାମ୍ବର କୃପାଳୁ-ଶିଅଳ କଥାରେ ପ୍ରକାଶ କରିଛନ୍ତି । (୩/୮୦/୮୬)—

ଖଜୁରୀମଦ ପ୍ରସ୍ତୁତକାରୀ ଅସ୍ପୃଶ୍ୟ ଜାତିର ନାମ ଶିଅଳ । କୃପାଳୁ ନାମକ ଜଣେ ଶିଅଳ ଏପରି ଏକ ମନ୍ତ୍ର ଜାଣିଥିଲେ ଯେ ମନ୍ତ୍ର ପଢ଼ିଲେ ଖଜୁରୀଗଛ ନଇଁ ପଡ଼ି ଭୂଇଁରେ ଲାଗୁଥିଲା (ଗୋବିନ୍ଦଚନ୍ଦ୍ର ଚରିତରେ ବାଡ଼ିତାଟି ଖଟୁଥିବା ହାଡ଼ିପା ଏହି ମନ୍ତ୍ର ଜାଣିଥିବା

କଥା ରହିଛି) । କୃପାଳୁ ଗଛ ତିଖରେ ବନ୍ଧା ହାଣ୍ଡିରୁ ଖଜୁରୀରସ କାଢ଼ି ନେବା ପରେ ଗଛ ପୁଣି ସିଧା ହୋଇଯାଉଥିଲା । ବ୍ୟାସ ଆଗମ-ନିଗମ ସକଳ ଶାସ୍ତ୍ରରେ ଧୂରୀଣ ହୋଇଥିଲେହେଁ ଏ ଅଦ୍ଭୁତ ମନ୍ତ୍ର ଜାଣିନଥିଲେ । ତେଣୁ ସେ ଶିଆଳକୁ ଗୁରୁ କରି ଏ ମନ୍ତ୍ର ଶିଖିବାକୁ ଚାହିଁଲେ । କୃପାଳୁ ଭାବିଲା ବ୍ୟାସ ବିଷ୍ଣୁ ରୂପ, ମହାପଣ୍ଡିତ । ଜଣେ ନୀଚାତିନୀଚ ଶିଅଳକୁ ଗୁରୁ ଭାବରେ ଉଚିତ ଭକ୍ତି କରିପାରିବେ ନାହିଁ ତେଣୁ ମନ୍ତ୍ର ବ୍ୟର୍ଥ ହୋଇଯିବ । କୃପାଳୁ ବ୍ୟାସଙ୍କୁ ସିଧା ମନା କରିନପାରି ବ୍ୟାସ ମନ୍ତ୍ର ନେବାକୁ ଆସିବା ବେଳେ ଲୁଚିଲା । କୃପାଳୁର ପୁଅ ଦକ୍ଷ ମଧ୍ୟ ଏ ମନ୍ତ୍ର ଜାଣିଥାଏ । ଛାର ମନ୍ତ୍ରଟିଏ ପାଇଁ ବ୍ୟାସ ଏତେ ଦୌଡୁଥିବା ଦେଖି ଦକ୍ଷ ଦୟାପରବଶ ହୋଇ କୃପାଳୁର ଅଜ୍ଞାତସାରରେ ବ୍ୟାସକୁ ମନ୍ତ୍ରଟିକୁ କହିଦେଲା । ବ୍ୟାସଙ୍କର ଗୁରୁଭକ୍ତି ଅଛି କି ନାହିଁ ଦେଖିବାପାଇଁ ଦକ୍ଷ ଦିନେ ବ୍ୟାସଙ୍କ ଆଶ୍ରମକୁ ଗଲା । ସେଠାରେ ବ୍ୟାସ ଋଷିମାନଙ୍କ ଗହଣରେ ଦକ୍ଷକୁ ଗୁରୁଯୋଗ୍ୟ ଆଦର-ଅଭ୍ୟର୍ଥନା ଓ ସେବାପୂଜା କଲେ । କଥାଟିର ତାତ୍ପର୍ଯ୍ୟ ସ୍ପଷ୍ଟ – (୧) ମହାପଣ୍ଡିତ ମଧ୍ୟ ଜ୍ଞାନାର୍ଜନ ପାଇଁ ନୀଚ ଲୋକଙ୍କୁ ଗୁରୁ କରିବା ଉଚିତ; (୨) ଯାହାଠାରୁ ଜ୍ଞାନମିଳେ ତାକୁ ଗୁରୁରୂପେ ସମ୍ମାନ ଦେବାକୁ କୁଣ୍ଠା କଲେ ଜ୍ଞାନ ବ୍ୟର୍ଥ ହୁଏ ।

ପୀତାମ୍ବର ନୃସିଂହ-ପୁରାଣରେ ବହୁବିଧ ଜ୍ଞାତବ୍ୟ ବିଷୟର ଚର୍ଚ୍ଚା କରିଛନ୍ତି, ଯଦିଚ ସେ ପରିବେଷଣ କରିଥିବା ସୂଚନାମାନ ଅନ୍ୟସୂତ୍ରରୁ ପ୍ରାପ୍ତ ସୂଚନାଠାରୁ ବେଳେବେଳେ ଭିନ୍ନ । ହେଲେ ହେଁ କବିଙ୍କର ଚର୍ଚ୍ଚାର ପରିସର ଯେ ବିସ୍ତୀର୍ଣ୍ଣ ଏ ବିଷୟରେ ଦ୍ୱିମତ ରହି ନପାରେ । ନୃସିଂହ-ପୁରାଣରେ ମିଳେ –

ବୟାଳିଶ ରାଗର ନାମ (୧।୭୪)
ଦଶବିଧ ତାଳର ନାମ (୫।୫୯)
ବିବିଧ ବାଦ୍ୟଯନ୍ତ୍ରର ନାମ ଲକ୍ଷଣ (୩।୧୪୧, ୪।୧୧୪)
ନୃତ୍ୟର ବିବିଧ ଲକ୍ଷଣ (୧।୧୬୮)
ବିବିଧ ଅଳଂକାରର ନାମ (୩।୧୮୦, ୧୮୩;୫।୩୯)
ବିବିଧ ପିଠାପଣାର ନାମ (୧।୧୨୫)
ଚଉଷଠି ରୋଗର ନାମ (୧।୧୨୪)
ନାନା ପ୍ରକାର ଖେଳର ନାମ (୧/୨୩; ୩।୭୯)
ବିଭିନ୍ନ ବୃକ୍ଷ, ଫଳ ଓ ଫୁଲର ନାମ (୪।୮୦; ୫।୨୯, ୫୩)
ବିଭିନ୍ନ ଜୀବଜନ୍ତୁଙ୍କ ନାମ (୪।୧୮; ୫।୫୨)
ବିଭିନ୍ନ ଯୁଦ୍ଧବିଦ୍ୟାର ନାମ (୪।୪୦)
ବିଭିନ୍ନ ଅସ୍ତ୍ରଶସ୍ତ୍ରର ନାମ (୪।୧୩୩, ୧୪୩; ୬।୪୯, ୫୯, ୬୩)
ଚତୁର୍ଦ୍ଦଶ ଶିଳ୍ପବିଦ୍ୟାର ନାମ (୨।୭) ।
ବୈଷ୍ଣବ ସଂପ୍ରଦାୟଗୁଡ଼ିକର ବିବରଣ (୧।୧୩୬) ।

ବିଭିନ୍ନ ତୀର୍ଥ କ୍ଷେତ୍ରର ନାମ । (୧।୧୮୮, ୨।୪୧) ।
ସଂଖ୍ୟା ପରିଚୟ (୪।୧୯୮) ।
କାଳ-ବିଭାଗ (୧।୫୧) ।
ସ୍ତମ୍ଭନାଦି ଅଷ୍ଟବିଧ ଅଭିଚାର (୧।୨୮) ।
ସାମୁଦ୍ରିକ ଚିହ୍ନ (୩।୯୧, ୧୭୨) ।
ସ୍ତ୍ରୀ-ପୁରୁଷ ଜାତି ଲକ୍ଷଣ (୪।୨୦୮) ।
ଶରୀର ଭେଦ (୪।୧୮୬) ।
ନବଧା ଭକ୍ତି ପରିଚୟ (୫।୭) ।
ଚନ୍ଦ୍ରକଳାର ଅବସ୍ଥାନ (୪।୨୦୭) ।
ଉଦର ରୋଗ ପାଇଁ ଔଷଧ ପ୍ରସ୍ତୁତିର ବର୍ଣ୍ଣନା (୫।୭୨) ।
ମାତୃଗର୍ଭ ଜ୍ଞାନ (୩।୨୦) ।
ବୈଦିକ କର୍ମକାଣ୍ଡ ଚର୍ଚ୍ଚା (୧।୯୪; ୩।୭୭) ।
ବିବାହ କର୍ମକର୍ମାଣିର ବିବରଣ ।
(୧।୧୫୭; ୨।୮୮, ୧୪୬; ୩।୧୮୪, ୧୯୦-୬)
ବ୍ରତର କର୍ମକର୍ମାଣିର ବିବରଣ (୩।୯୨-୬) ।
ଅଣଚାଶ ପବନର ନାମ (୭।୨୭) ।
ଯୋଗିନୀଗଣଙ୍କ ନାମ (୧।୧୧୩; ୪।୯୩; ୬।୪୬) ।
ଦେବୀଗଣଙ୍କ ନାମ (୪।୧୫୭) ।
ଅଷ୍ଟାଦଶ ତାରିଣୀଙ୍କ ନାମ (୭।୨୭) ।
ନୀଳଗିରି ଓ ଏକାମ୍ର କ୍ଷେତ୍ର ବର୍ଣ୍ଣନା ।·(୩।୨୦୬) ।

ନୃସିଂହ-ପୁରାଣରେ ଗୁରୁ ଶବ୍ଦଟି ଶିକ୍ଷାଗୁରୁ ଓ ମନ୍ତ୍ରଗୁରୁ ଉଭୟ ପାଇଁ ବ୍ୟବହୃତ । ସେଥିରେ ଜ୍ଞାନର ପ୍ରଶଂସା ଥିବାପରି ମନ୍ତ୍ରଦୀକ୍ଷାର ମଧ୍ୟ ଭୂୟସୀ ପ୍ରଶଂସା ରହିଛି । 'ଗୁରୁ ନ କଲା ଲୋକର ଅଙ୍ଗ ଅପ୍ରତିଷ୍ଠା' (୧।୩୩) ମନ୍ତ୍ରଗୁରୁ ବିଷୟକ । 'ଗୁରୁ ବେନିକ୍ଷର ବ୍ରହ୍ମ ସାକ୍ଷାତେ ଏ ଜାଣ' (୧।୩୫) । ପୀତାମ୍ବର ଗୁରୁଙ୍କର ଲକ୍ଷଣ (୧।୩୪), ଗୁରୁପୂଜା ଓ ଗୁରୁଙ୍କୁ ଦର୍ଶନୀ ଦେବା ବିଧାନ ବିଷୟରେ ବହୁ କଥା ଲେଖିଛନ୍ତି (୩।୬୬) । କବି ନିଜେ ମନ୍ତ୍ରଦୀକ୍ଷା ଦେଇ ଶିଷ୍ୟଗ୍ରହଣ କରୁଥିବା କଥା କିମ୍ବଦନ୍ତୀରୁ ପ୍ରକାଶ କିନ୍ତୁ ଲେଖାରେ ତାର ସୂଚନା ନାହିଁ ।

**ନାରୀ :**

ପୀତାମ୍ବର ଗୃହସ୍ଥାଶ୍ରମକୁ ଶ୍ରେଷ୍ଠ ଆଶ୍ରମ ବୋଲି ବିଚାର କରୁଥିଲେ ହେଁ ନାରୀକୁ ପୁରୁଷର ଅଧୀନ ଭାବରେ ହିଁ ଦେଖିଛନ୍ତି । ତାଙ୍କ ବିଚାରରେ ପତି ପତ୍ନୀର ଭଗବାନ : 'ଯାବତ ଯୁବତୀଙ୍କର ଦେବତା ଯେ ପତି' (୧।୮୩); ଭାରିଯାର ଗୃହସ୍ଥ ଯେ ଅଟେ

ବିଷ୍ଣୁମୂର୍ତ୍ତି' (୩।୧୯୮); ଓ 'ଗୃହସ୍ଥ ବିନେ ସ୍ତିରୀକୁ ନାହିଁ ଅନ୍ୟ ଗତି' (୪।୭୪)। ସେ କହିଛନ୍ତି ଯେ ପତି ପତ୍ନୀକୁ ସ୍ନେହ କଲେ ଅନ୍ୟମାନେ ପତ୍ନୀର ବିରୋଧୀ ହେଲେ ବି କିଛି କରିପାରିବେ ନାହିଁ (୧।୧୧୭)। ସେ ସତୀଦାହ ପ୍ରଥାର ସମର୍ଥନ କରିଛନ୍ତି ଓ ତାହା ବିଶେଷ ଭାବରେ 'ରାଜକୁଳର କାର୍ଯ୍ୟ' ବୋଲି କହିଛନ୍ତି (୪।୭୪)। ପତିହୀନା ନାରୀ ସକଳ ପ୍ରକାର ଭୋଗବିଳାସ, ବେଶଭୂଷା, ହସ ଖୁସି ଛାଡ଼ି ବ୍ରହ୍ମଚାରିଣୀ ପରି ନିଃସ୍ପୃହ ଜୀବନଯାପନ କରିବ ବୋଲି ପୀତାମ୍ବର ବ୍ୟବସ୍ଥା ଦେଇଛନ୍ତି (୪।୭୪)।

ନାରୀର ସତୀତ୍ୱ ସମ୍ପର୍କରେ ପୀତାମ୍ବରଙ୍କ ଅପୂର୍ବ ବିଚାର ନର୍ମଦା ଆଖ୍ୟାନରେ ଫୁଟିଛି। ବିଦର୍ଭ ଦେଶରେ ନର୍ମଦା ନାମରେ ଏକ ବେଶ୍ୟା ଥିଲା। ସେ ବେଶ୍ୟାବୃତ୍ତି କରି ମଧ୍ୟ ସତୀତ୍ୱ ରକ୍ଷା କରୁଥିଲା। ଯେଉଁ ଦିନ ଯେଉଁ ଗ୍ରାହକ ପ୍ରଥମେ ମିଳେ ତାହାକୁ ସେ ନିଜର ପତି ବୋଲି ଧରି ନେଇ ପତ୍ନୀ ଭାବରେ ତାହାର ସବୁ କଥା ମାନି ସେବା ପରିଚର୍ଯ୍ୟା କରୁଥିଲା ଓ ସେହି ଦିନ ଅନ୍ୟ କେହି ରସିକ ପ୍ରଭୂତ ଧନରତ୍ନ ଯାଚିଲେ ବି ତାହାକୁ ପରପୁରୁଷ ଜ୍ଞାନ କରି ଭ୍ରୂକ୍ଷେପ କରୁନଥିଲା। ନର୍ମଦାର ଏତାଦୃଶ କଠୋର ପାତିବ୍ରତ୍ୟକୁ ପରୀକ୍ଷା କରିବାକୁ ଦେବତାମାନେ ସ୍ଥିର କଲେ। ଦିନେ ମହାଦେବ ବୃଦ୍ଧବେଶରେ ବୁଜୁଲିରେ ମାଣେ ଚାଉଳ ବାନ୍ଧି ନର୍ମଦା ପାଖକୁ ଗଲେ। ନର୍ମଦା ଏହି ବୃଦ୍ଧକୁ ପତି ରୂପେ ସ୍ୱୀକାର କରି ବଡ଼ ସମ୍ଭାବନା କଲା। କିଛି କ୍ଷଣ ପରେ ସତ୍ୟାଦି ଚାରି ଯୁଗ ଚାରି ଜଣ ସୁଷ୍ଠୁ ଯୁବକ ରୂପରେ ନର୍ମଦାଠାକୁ ଆସି ମହାମୂଲ୍ୟ ରତ୍ନାଳଙ୍କାରମାନ ଯାଚି ପ୍ରେମପ୍ରାର୍ଥନା କଲେ। ସର୍ବବିଧ ପ୍ରଲୋଭନରେ ନର୍ମଦା ଭଳିଲା ନାହିଁ। ସେ କହିଲା, ମୋର ପତି ଅଛନ୍ତି, ମୁଁ ସତୀବ୍ରତରେ ଅଛି, ଏଠାରୁ ପଳାଅ। ଏମାନେ ନର୍ମଦାର ସତୀତ୍ୱ ନାଶ କରିବାକୁ ସମର୍ଥ ନ ହେବାରୁ ଦେବତାମାନେ ଗ୍ରହଣୀ ଆଦି ରୋଗଙ୍କୁ ମହାଦେବଙ୍କ ଦେହରେ ପ୍ରବେଶ କରିବାପାଇଁ ପଠାଇଲେ। ମହାଦେବ ରୋଗରେ ଛଟପଟ ହୋଇ ପଡ଼ି ରହିଲେ। ନର୍ମଦା ସାଧ୍ୱୀ ପତ୍ନୀଭାବରେ ତାଙ୍କର ସକଳ ପରିଚର୍ଯ୍ୟା କଲା, ତିଳେ ହେଲେ ଅସୂୟାଭାବ ପୋଷଣ ନ କରି। ଶେଷରେ ମହାଦେବ ବୃଦ୍ଧ ଦେହରୁ ଅନ୍ତର୍ହିତ ହେଲେ। ନର୍ମଦା ତାର ପତିଙ୍କର ଦେହାନ୍ତ ହେଲା ବୋଲି ଭାବି ବିହିତ ସଂସ୍କାର କଲା ଓ ସତୀ ହେବାପାଇଁ ପତିଙ୍କର ଚିତାଗ୍ନିରେ ପଡ଼ିବା ପାଇଁ ଉଦ୍ୟତ ହେଲା। ଦେବତାମାନେ ନର୍ମଦାର ନିଷ୍ପାପର ସତୀତ୍ୱରେ ବିମୁଗ୍ଧ ହୋଇ ନର୍ମଦାକୁ ବର ଯାଚିଲେ। ନର୍ମଦା ସ୍ୱଇଚ୍ଛାକ୍ରମେ ଏକ ପୁଣ୍ୟତୋୟା ନଦୀ ଭାବରେ ଚିରକାଳ ରହିଲା (୭।୭୯-୮୩)। ଆଖ୍ୟାନଟି ପୀତାମ୍ବରଙ୍କ କଳ୍ପନାରୁ ଜାତ। ନର୍ମଦା ନଦୀର ମାହାତ୍ମ୍ୟ ପୁସ୍ତକ ଅନୁସାରେ କଠୋର ତପସ୍ୟାରତ ମହାଦେବଙ୍କ ଝାଳରୁ ନର୍ମଦା ଜାତ ହେବା କାରଣରୁ ସେ ରୁଦ୍ରକନ୍ୟା ବୋଲି ଅଭିହିତ।

ପୀତାମ୍ବର ବହୁ ବିବାହର ବିରୋଧ କରିଛନ୍ତି (୩।୭୫) ଓ 'ଛୋଟ ପରିବାର ସୁଖୀ ପରିବାର' ମତକୁ ସମର୍ଥନ ଜଣାଇଛନ୍ତି (୧।୨୨)। କିନ୍ତୁ ଏହା ଘରର ଶାନ୍ତି ଓ ଜଞ୍ଜାଳ ହ୍ରାସ ପାଇଁ ସିନା, ନାରୀର ହିତ ପାଇଁ ନୁହେଁ।

ନାରୀମାନଙ୍କ ଚରିତ୍ର ବିଷୟରେ ପୀତାମ୍ବରଙ୍କ ମତ ନାରୀ ଜାତିର ପ୍ରତିକୂଳ । ତାଙ୍କ ମତରେ ନାରୀମାନେ ମାୟାବିନୀ ଓ ଖଳବୁଦ୍ଧି :

ଏଣୁ ସ୍ତିରୀଙ୍କ ପ୍ରତେ ନ ଯିବ କଦାଚିତେ । (୩।୩୧)
ସ୍ତିରୀମାନଙ୍କର ବୁଦ୍ଧି ଅଟେ ନିରପେକ୍ଷ ।
ପିଶାଚୀ ପ୍ରାୟ ସାହସୀ ହୁଅନ୍ତି ପ୍ରତ୍ୟକ୍ଷ ।। (୨।୩)

ଏ କ୍ଷେତ୍ରରେ ପୀତାମ୍ବର ପରମ୍ପରାଗତ ନାରୀଦ୍ୱେଷକୁ ନିର୍ବିଚାରରେ ସହ୍ୟ କରିଛନ୍ତି । ସେ କହିଛନ୍ତି : 'ସ୍ତ୍ରୀ ସଙ୍ଗ ତେଜିଲା ଲୋକ ଅଟେ ସୁପୁରୁଷ' (୧।୨୪) କିନ୍ତୁ ସ୍ତ୍ରୀ-ସଙ୍ଗ ଛାଡ଼ିଲେ ତାଙ୍କର ଶ୍ରେଷ୍ଠ ଆଶ୍ରମର ଅବସ୍ଥା କ'ଣ ହେବ ସେ ପ୍ରଶ୍ନ ତାଙ୍କ ମୁଣ୍ଡକୁ ଛୁଇଁନାହିଁ ।

ପୀତାମ୍ବର ଘରର ସବୁ 'ଦ୍ରବ୍ୟ'ର ଦଶଭାଗରୁ ଭାଗେ ଝିଅ ପାଇବ ଓ ନଅଭାଗ ପୁଅ ପାଇବ ବୋଲି କହିଛନ୍ତି (୩।୧୦୦) ଓ ସ୍ଥାବର ସମ୍ପତ୍ତିରେ ଝିଅର ଭାଗ ସ୍ୱୀକାର କରିନାହାନ୍ତି ।

ସଂସାରର ହିତ ପାଇଁ ନାରୀମାନେ ବରଣ କରିବା ଗର୍ଭକଷ୍ଟକୁ ପୀତାମ୍ବର ସ୍ୱୀକାର କରିଛନ୍ତି । (୧।୯୨, ୩।୧୦୦) କିନ୍ତୁ ସେଥିପାଇଁ ସେମାନଙ୍କର କିଛି ପ୍ରାପ୍ୟ ଥିବା କଥା ସେ କହିନାହାନ୍ତି ।

ଏତେ ଦୂର ରକ୍ଷଣଶୀଳ ମତ ପୋଷଣ କରୁଥିବା ପୀତାମ୍ବର କିନ୍ତୁ ନାରୀ ବେଦମନ୍ତ୍ର ପଢ଼ି ଶାଳଗ୍ରାମ ପୂଜା କରିବା କଥା ବର୍ଣ୍ଣନା କରିଛନ୍ତି (୩।୭୭); ଏହା ରକ୍ଷଣଶୀଳ ଶାସ୍ତ୍ରୀୟ ମତର ବିରୁଦ୍ଧ ଓ ନାରୀର ମର୍ଯ୍ୟାଦା-ସ୍ଥାପକ ।

ନରନାରୀଙ୍କ ସଂବଂଧ ସମ୍ପର୍କରେ ପୀତାମ୍ବରଙ୍କ ବିଚାର ଶୁକ-ମେନକା ବଚନିକା ମଧ୍ୟରେ ପ୍ରକାଶ ପାଇଛି । ଏଥିରେ ନାରୀ ଜାତିର ପକ୍ଷରେ ଅଧିବକ୍ତା ରୂପେ ଛିଡ଼ା ହୋଇଛି ମେନକା, ସ୍ୱର୍ଗର ବେଶ୍ୟା । ପକ୍ଷାନ୍ତରେ, ନାରୀ ପ୍ରତି ଅସୂୟା ପ୍ରକାଶ କରି ଛିଡ଼ା ହୋଇଛନ୍ତି ବ୍ରହ୍ମଚାରୀ ଶୁକ । କେହି ଗୃହସ୍ଥାଶ୍ରମରେ ନାହାନ୍ତି ।

ବ୍ୟାସପୁତ୍ର ଶୁକଙ୍କ କଠୋର ତପସ୍ୟାକୁ ଭାଙ୍ଗିବା ପାଇଁ ଦେବତାମାନେ ଅପ୍ସରା ମେନକାକୁ ପଠାଇଲେ । ମେନକା ଶୁକଙ୍କ ତପୋଭୂମିକୁ ଆସି ଶୁକଙ୍କୁ ମୋହିତ କରିବ କ'ଣ ଶୁକଙ୍କ ରୂପଶୋଭାରେ ନିଜେ ମୋହିତା ହୋଇ ଶୁକଙ୍କଠାରେ ପ୍ରଣୟ ଭିକ୍ଷା କଲା । ଶୁକ ନାରୀର ଦେହଜ ଭାବର ତୁଚ୍ଛତା କଥା କହି ପ୍ରତ୍ୟାଖ୍ୟାନ କରିବାରୁ ମେନକା ନାରୀଜାତି ପକ୍ଷରୁ ଯେଉଁ ଯୁକ୍ତିମାନ ବାଢ଼ିଥିଲା ତାହାର କିୟଦଂଶ ହେଲା –

ଭୋ ମୁନି ସ୍ତିରୀମାନଙ୍କୁ ନିନ୍ଦିଲ ବହୁତ ।
ହେଉଛି ସଂସାର ସ୍ତିରୀ ଘେନି ଆତଯାତ ।।
ସ୍ତିରୀ ନଥିଲା ପୁଂସକୁ କାହିଁରେ ନ ଗଣି ।
ସ୍ତିରୀ ଲାଗି ସଂସାରରେ ଜନମନ୍ତି ପ୍ରାଣୀ ।।

ସ୍ତିରୀକୁ ଛାଡ଼ିଣ କେହୁ ଅଛଇ ସଂସାରେ ।
ସ୍ତିରୀମାନେ ସୁଖଦାତା ଅଟନ୍ତି ପୁଂସରେ ।।
ସ୍ତିରୀ ଗୃହଲକ୍ଷ୍ମୀ ପୁଣି କରେ କୁଳୋଦ୍ଧାର ।
ପିତୃଏ କରନ୍ତି ସ୍ତିରୀ ଘେନି ପିଣ୍ଡଦ୍ୱାର ।।
ସ୍ତିରୀ ସର୍ବଘଟ ହେତୁ ସ୍ତିରୀ ପୁଣ୍ୟଦାତା ।
ସ୍ତିରୀ ଘେନି ନବସୃଷ୍ଟି ସୃଜିଲା ବିଧାତା ।।
ସ୍ତିରୀ ଘେନି ପୁରୁଷଟି ବୋଲାଏ ଗୃହସ୍ଥ ।
ସ୍ତିରୀ ଘେନି ପୁତ୍ରପୌତ୍ର ହେଉଛି ବିଖ୍ୟାତ ।।
ଉଜ୍ଜ୍ୱଳ ହୁଅଇ ସ୍ତିରୀ ଘେନି କୁଳଯାକ ।
ପୁରୁଷ ଅଟଇ ସ୍ତିରୀ ଘେନି ବଡ଼ଲୋକ ।।
ଆଗେ ନାରୀ ନାମ ପଛେ ପୁଂସ ନାମ କହି ।
ପ୍ରଥମେ ଲକ୍ଷ୍ମୀ ଦ୍ୱିତୀୟେ ନାରାୟଣ ହୋଇ (୧/୩୦)

× × ×

ସ୍ତିରୀ ନଥିଲେ ହୁଅନ୍ତ ତୁମ୍ଭେ କାହିଁ ଜନ୍ମ !
ନିନ୍ଦା ନ କର ସ୍ତିରୀଙ୍କୁ ଏଣୁ ଶୁକ ବ୍ରହ୍ମ ।। (୧/୩୧) ।

ନାରୀ ଜାତି ତରଫରୁ ମେନକାର ଅଧିବଚନ ଉର୍ଜସ୍ୱଳ । ବ୍ରହ୍ମଚାରୀ ଶୁକ କିନ୍ତୁ ଏଥିରେ ଟଳିଲେ ନାହିଁ । ମେନକା ନାରୀର କନ୍ୟା-ଭଗିନୀ-ଜାୟା-ଜନନୀ ଆଦି ବିଭିନ୍ନ ପ୍ରକାର ଚରିତ୍ରକୁ ଏକତ୍ର କରି ନାରୀର ପକ୍ଷ-ସମର୍ଥନ କରିଥିଲା । ଏହାର ସୁଯୋଗ ନେଇ ଶୁକ କହିଛନ୍ତି ''ତୁମ୍ଭେ ତ ସକଳ ନାରୀ ଅଟ ଏକ ମୂର୍ତ୍ତି, ମୁହିଁ ତ ତୁମ୍ଭ ଗର୍ଭରୁ ହୋଇଛି ଉତ୍ପତ୍ତି'' (୧/୩୧) । 'ତେଣୁ ତୁମେ ମୋର ମାତା, ମୁଁ ତୁମକୁ କିପରି ରମଣ କରିବି ?'

ନାରୀର ପ୍ରଭାବକୁ ଏଡ଼ିବାର ଉପାୟ ବ୍ରହ୍ମଚର୍ଯ୍ୟ । ମୁରାସୁର ନୃସିଂହସେନାକୁ ପ୍ରତିହତ କରିବାପାଇଁ ପ୍ରେରଣ କରିଛି ଏକ ନାରୀ ସୈନ୍ୟଦଳ । ନାରୀ ସୈନ୍ୟମାନେ ମୋହିନୀ ଯୁବତୀ, ରଣାଙ୍ଗନକୁ (ରଥ ନୁହେଁ) ପଲଙ୍କ ଚଢ଼ି ଆସନ୍ତି ଓ ଶତ୍ରୁ ସୈନ୍ୟଙ୍କୁ ସଙ୍ଗମ ଦ୍ୱାରା ନିର୍ବୀର୍ଯ୍ୟ କରାଇ ମାରନ୍ତି । ନୃସିଂହ ସେମାନଙ୍କ ସହିତ ଯୁଦ୍ଧ କରିବାକୁ ଗରୁଡ଼ଙ୍କୁ ପଠାଇଲେ, କାରଣ ଗରୁଡ଼ ଚିରବ୍ରହ୍ମଚାରୀ । ଗରୁଡ଼ ନିଜ ଦେହରୁ ଅଶୀପଦ୍ମ ଗରୁଡ଼ଙ୍କୁ ଜାତ କଲେ । ଏମାନେ ମୋହିନୀ-ସୈନ୍ୟମାନଙ୍କୁ ସଙ୍ଗମ କଲେ କିନ୍ତୁ ବୀର୍ଯ୍ୟପାତ କଲେ ନାହିଁ । ମହାଯତିମାନେ ବୀର୍ଯ୍ୟସ୍ତମ୍ଭନ କରି ସଙ୍ଗମ କରିପାରନ୍ତି । ଗରୁଡ଼ମାନେ ସଙ୍ଗମ କରି କରି ମୋହିନୀ ସୈନ୍ୟଙ୍କୁ ନାଶ କରି ଦେଲେ । ତାତ୍ପର୍ଯ୍ୟ – ବୀର୍ଯ୍ୟପାତ ନ କଲେ ବ୍ରହ୍ମଚର୍ଯ୍ୟ ସଙ୍ଗମ ଦ୍ୱାରା ନଷ୍ଟ ହୁଏ ନାହିଁ ।

ଯଦି ନାରୀ ସଙ୍ଗମ କରିବାକୁ ପୁରୁଷକୁ ବାଧ କରେ ତେବେ ସେ ମାତୃସମା ହେଲେ ହେଁ ତାକୁ ସଙ୍ଗମ କଲେ ପୁରୁଷର ଦୋଷ ନାହିଁ ବୋଲି ପୀତାମ୍ବର କହିଛନ୍ତି (୧/୮୭) ।

କିନ୍ତୁ, ପୁରୁଷ ସଙ୍ଗମ କରିବାକୁ ନାରୀକୁ ବାଧ କଲେ ନାରୀ କାହିଁକି ଦୁଷ୍ଟା ହେବ, ଏ ପ୍ରଶ୍ନ ତାଙ୍କ ମନକୁ ଛୁଇଁ ନାହିଁ ।

**ବାସ୍ତବବାଦ :**

ପୁରାଣ ରଚନା ମଧରେ ବାସ୍ତବବାଦ ପାଇଁ ସ୍ଥାନ ନାହିଁ । ସେଥିରେ ଯେଉଁ ଜୀବନର, ଚାଲିଚଳନର, ପରିସ୍ଥିତି ବା ବିଶ୍ୱାସର ଚିତ୍ରଣ ଥାଏ ତାହା ଦୂର ଅତୀତର ବୋଲି କଥିତ । କବିଙ୍କର ଅଭିଜ୍ଞତା ସାମସମୟିକ ହୋଇଥିବା ଯୋଗୁଁ ପୁରାଣର ବର୍ଣ୍ଣନା ମଧକୁ କବିଙ୍କର ଗ୍ରନ୍ଥଲବ୍ଧ 'ଜ୍ଞାନ', ଲୋକବିଶ୍ୱାସ ଓ କଳ୍ପନା ସହିତ କିଛି କିଛି ବାସ୍ତବତା ପଶି ଆସିଥିବା ସମ୍ଭବ । କିନ୍ତୁ, ଏସବୁ ଏପରି ଫେଣ୍ଟାଫେଣ୍ଟି ଯେ ତାହା ଭିତରୁ ବାସ୍ତବବାଦକୁ ବାଛି ଦେଖାଇ ଦେବା ଦୁଷ୍କର । ଏ ସମସ୍ୟାଟି ଏକା ନୃସିଂହ-ପୁରାଣର ନୁହେଁ, ପ୍ରାୟ ସବୁ ପ୍ରାଚୀନ ସାହିତ୍ୟର ।

ପୀତାମ୍ବର ଠାଏଁ ଠାଏଁ ଜୀବନର ଯେଉଁ ଆଲେଖ୍ୟ ଆଙ୍କିଛନ୍ତି ତାହା ବାସ୍ତବଧର୍ମୀ ବୋଲି ବୋଧହୁଏ । ଉଦାହରଣ—ବାଲ୍ୟଜୀବନ ଓ ବାର୍ଦ୍ଧକ୍ୟର ବର୍ଣ୍ଣନା –

**ବାଲ୍ୟଜୀବନ**

ସପ୍ତବରଷେ ଦିଅନ୍ତି ନେଇ ଚାଟଶାଳେ ।
କହିଲେ ଦୁଃଖ ତହିଁ ନ ସରେ କେତେବେଳେ ।।
ଗୁରୁଙ୍କ ପାଶରେ ଦେଇ ଛୁଆନ୍ତେ ସେ ଖଡ଼ି ।
ଅକ୍ଷରକେ ନ ଆସିଲେ ମାରୁଥାନ୍ତି ବାଡ଼ି ।।
ସେ ଦିନ କଲବଲରେ ପଢ଼ଇ ବାଳକ ।
ଆର ଦିନ ଭୟରେ ନ ଯାଏ ଦିନ ଯାକ ।।
ପାଠପଢ଼ା ବୋଇଲେ ସେ ଲୁଚେ ଏଣେତେଣେ ।
ନାହିଁ ତୋଟାଯାକ କାହିଁ ବୁଲେ ଗ୍ରାମ କୋଣେ ।।
ଏ ରୂପେ ବାଳୁତ କାଳେ ଲଭେ ବହୁ କ୍ଲେଶ ।(୫।୫୭)

**ବାର୍ଦ୍ଧକ୍ୟ**

ସେ ବୃଦ୍ଧ ଜୀବର କଷ୍ଟ କହିବା ହୋ ଏବେ ।
ଚକ୍ଷୁକୁ ନ ଦିଶେ କେବେ କର୍ଣ୍ଣକୁ ନ ଶୁଭେ ।।
ଚର୍ମ ଓହଳଇ ଶିରା ବାରି ହୋଇ ଦିଶେ ।
ବଥାଇ ଚାଲିଲେ ନାଡ଼ି ଗଣ୍ଠି ଫୁଟି ବସେ ।।
ତହିଁ ପରେ ଖରଖର ବହଇ ନିଃଶ୍ୱାସ ।
ଅତ୍ୟନ୍ତ ବୃଦ୍ଧ ହୋଇଣ ପାଏ ବହୁ କ୍ଲେଶ ।।

କୁଟୁମ୍ବ ପୋଷିଣ ଆଉ ନ ପାରଇ ଜାଣ ।
ଅତିଥି ପ୍ରାୟ ହୋଇଣ ବସେ ଘରେ ପୁଣ ।।
ସେଠାରୁ କେହି ନଜରେ ତାକୁ ନ ଆଣନ୍ତି ।
ଦେଖିଲେ ନାନା ରୂପରେ ଭର୍ତ୍ସନା କରନ୍ତି ।।
ଚଉର୍ଯ୍ୟ ପ୍ରାୟ ସହଇ ସବୁରି ଝିଙ୍ଗାସ ।
ଦାରା ତନୟ ଆଦର ନ କରନ୍ତି ଲେଶ ।।
କୃଷିକାରୀ ଲୋକମାନେ ଯେହ୍ନେ ବଳଦଙ୍କୁ ।
ବୟସ ଥିଲା ଯାକେ ସେ ପୋଷୁଥାନ୍ତି ତାଙ୍କୁ ।।
ଦୁର୍ବଳ ହେଲେ ତାଙ୍କୁ ନ କରନ୍ତି ସଙ୍ଖୋଳା
ସେହି ମତି ସେ ବୃଦ୍ଧଟି ହୁଏ ଘରେ ହେଳା ।।
ପୁତ୍ର ନାତି ଭାରିଯାଏ ସର୍ବେ ଏକ ହୋନ୍ତି ।
ବୃଦ୍ଧଠାରେ ଆଦର ସେ କେହି ନ କରନ୍ତି ।।
ସେ ବୃଦ୍ଧ ପୁଣି ସ୍ନେହ ନ ଛାଡ଼େ କେତେବେଳେ ।
ଗୃହର ବର୍ତ୍ତମାନ ଯେ ପୁଚ୍ଛଇ ତତକାଳେ ।।
ସେ ବୃଦ୍ଧର ବାକ୍ୟଗୋଟି କେହି ନ ଶୁଣନ୍ତି ।
କେତେ ଡ଼କା ପାଡୁ ବୋଲି ଚକ୍ଷୁ ତରାଟନ୍ତି ।।
ବୋଲନ୍ତି ଏଥକୁ ତୋତେ କିସ ଲଗା ଅଟେ ।
ସୁଖେ ମୁଠାଏ ଭୁଞ୍ଜିଣ ପଡ଼ିଥା ତୋ ବାଟେ ।।
ଏ ରୂପେ ହେଳା କରନ୍ତି ତାକୁ ସୁତ, ପତ୍ନୀ ।
ପଛକୁ ରହଇ ଶ୍ୱାନ ପ୍ରାୟ ବୃଦ୍ଧ ମାନି ।।
ଗ୍ରାସ କରି ନ ପାରଇ ଲୋଡ଼େ ଭଲେ ଦ୍ରବ୍ୟ ।
ତହିଁ ପୁଣି କେତେ ହସ କରନ୍ତି କୁଟୁମ୍ବ ।।
ବେଳ କାଳ ବୁଝି କରି ନ ଦିଅନ୍ତି କେହି ।
କହୁଁ କହୁଁ କ୍ଷୀଣ ହୁଏ ସେ ବୃଦ୍ଧର ଦେହି ।।
ଦୁର୍ବଳ ହୋଇଣ ଉଠି ନ ପାରଇ କାୟେ ।
ମଳମୂତ୍ର ବହୁଥିଲେ ନ ଜାଣଇ ଦେହେ ।।
ପବନ ଖର ହୋଇଣ ବହେ ନାସା ଦ୍ୱାରେ ।
ବଚନ ଉଚ୍ଚେ ନ କହି ପାରଇ ମୁଖରେ ।।
ଯହିଁ ବସିଲେ ଶୁଭଇ କଣ୍ଠ ଘଡ଼ଘଡ଼ ।
କଫ ମାଡ଼ିବସେ ନାଡ଼ି ନ ରହଇ ସ୍ଥିର ।।

ବିଭୋଳ ହୋଇ କହଇ କଥା ସବୁବେଳେ ।
ଗୃହରୁ ଯାଇଣ ବସେ ବାଳକଙ୍କ ମେଳେ ॥
ଦିନୁ ଦିନ ରୋଗ ତାର ଦେହେ ହୁଏ ଜାତ ।
କଣ୍ଠରେ ମାଡ଼ି ବସଇ କଫ ବାତ ପିତ୍ତ ॥
ବଚନ କହି ନୁହଇ ଅଙ୍ଗୁଳି ନ ଚଳେ ।
ଡାକିଲେ ସେ ନ ଶୁଣଇ ଠାରିଲେ ନ ବୋଲେ ॥
ପଲକ ନ ପଡ଼ଇ ଯେ ମୁଖୁ ବହେ ଲାଳ ।
କେ କାହିଁ ଡାକିଲେ ଚାହୁଁଥାଇ ଳଳ ଳଳ ॥ (୫।୫୮)

ଜରାକ୍ଳେଶରେ ଏପରି ମନୋଜ୍ଞ ଚିତ୍ର ସମଗ୍ର ପ୍ରାଚୀନ ସାହିତ୍ୟରେ ବିରଳ ।

**ହାସ୍ୟରସ :**

ପୁରାଣକୁ ଚିତ୍ତାକର୍ଷକ କରିବା ଲକ୍ଷ୍ୟରେ ପୀତାମ୍ବର ଠାଏଁ ଠାଏଁ ହାସ୍ୟରସର ଆଶ୍ରୟ ନେଇଛନ୍ତି । ଉଦାହରଣ ରୂପେ ମୁରା ସୁରର ପୁତ୍ରଶୋକକୁ ଉଦ୍ଧାର କରାଯାଇପାରେ । ମୁରର ସବୁ ପୁଅ ନୃସିଂହଙ୍କ ବାହନ ଗରୁଡ଼ ଦ୍ୱାରା ନିହତ ହେଲେ । ମୁର ପୁତ୍ରଶୋକରେ ମ୍ରିୟମାଣ ହୋଇ କହୁଛନ୍ତି –

ସଂସାରେ ହେଲାରୁ ତୁମ୍ଭେ ଧର୍ମବନ୍ତପରା ।
ଅଖଡ଼େ ଗଲ ମରି ନ କରି ପରଦାରା ॥
ଋଷିମାନଙ୍କର ଘର ପୋଡ଼ିଥାନ୍ତ ଯେବେ ।
ତେବେ ସେ ବର୍ଦ୍ଧିତେ ସର୍ବେ ରହିଥାନ୍ତ ଶୁଭେ ॥
ଭୋଜନେ ବିପ୍ରଙ୍କୁ ବିଷ ଭରି ଯେବେ ଦ୍ୟନ୍ତ ।
ସେ ମଲେ ତୁମ୍ଭେ ବର୍ଦ୍ଧିତେ ଜାଣ ରହିଥାନ୍ତ ॥
ଋଷି ପୁତ୍ରମାନଙ୍କୁ ନ ଥିଲ କିରେ ମୋଡ଼ି ।
ଶାସନ ଗ୍ରାମମାନ ନ ଥିଲ କିରେ ପୋଡ଼ି ॥
| | |
ତେଣୁ କରି ଅପମୃତ୍ୟୁ ଲଭିଲରେ ବାପ ।
କି ରୂପେ ରହିବି ମୁଁ ନ ଦେଖି ତୁମ୍ଭ ରୂପ ॥ (୪।୭୧)

ଅସ୍ୱାଭାବିକ ଓ ଅସଙ୍ଗତ କଥାର ପ୍ରକାଶ ହାସ୍ୟରସ ଉଦ୍ରେକ କରିଥାଏ । ପୀତାମ୍ବର ଏହି ଶୈଳୀରେ ବଙ୍ଗଳାଶ୍ରୀ ଛନ୍ଦରେ ଗୀତଟିଏ ଲେଖି ନୃସିଂହ ପୁରାଣରେ ଖଞ୍ଜିଛନ୍ତି । ଏହାର ଗୂଢ଼ ଅର୍ଥ ରହିଛି ବୋଲି କହି ପୀତାମ୍ବର ପାଠକଙ୍କ ରସଗ୍ରାହିତାକୁ ଉପହାସ କରିଛନ୍ତି –

ମଣ୍ଡୁକୀ ମାଡ଼ିଛି ଝୁମୁକି କଠାଉ ଶୃଗାଳ ହୋଇଛି ରାଜା ।
କଳିକତରା ଯେ କରତା ହୋଇଛି ହସ୍ତୀକି କରି ପରଜା ॥

ବଳଦ ବାପୁଡ଼ା | ଘର ଛାଉଁଅଛି | ଦୂବ କରି ଗୁଅ ବତା ।
ଦଣ୍ଡକେରୀ ମାଛ | ଗଣ୍ଠି ଭିଡୁଅଛି | ବଗ ଧରିଅଛି ଛତା ।।
ଏଣ୍ଡୁଅ ନାକରେ | ସୁନା ମଲକଡ଼ୀ | ନେଉଳ ନାକରେ ଗୁଣା ।
ମୂଷା ଶୋଇଅଛି | ରତ୍ନ ପଲଙ୍କରେ | ମଞ୍ଜାରି ଧରେ ବିଞ୍ଚଣା ।।
ବ୍ୟାଘ୍ର ଖାଉଅଛି | ପାଚିଲା କଦଳୀ | ଘୁଷୁରି ଖାଉଛି ପାନ ।
ବଣ ବିରାଡ଼ି ଯେ | ବଇଷ୍ଣବ ହୋଇ | ସଭାରେ କହୁଛି ଜ୍ଞାନ ।।
ମାତା ଖାଙ୍କେରୀଙ୍କ | ପୁତ୍ର ଯେ ଭଣ୍ଡାରି | କାଖେ ଜାକିଅଛି ଖଲି ।
ପୁତ୍ରକୁ ହୋଇଛି | ଅଠର ବରଷ | ମାତା ଜନ୍ମିଅଛି କାଲି ।।
ବିରାଡ଼ିକି ଜ୍ୱର | କରିଛି ଅପାର | ମୂଷା ଗଲା ବୈଦ୍ୟପଣେ ।
ସାଧୁତ ଘରେ ସେ | ବ୍ୟାଘ୍ର କରି ଶାଳ | ଛେଳି ରହିଅଛି ବଣେ ।।
ପିମ୍ପୁଡ଼ି ବାପୁଡ଼ା | ବିଭା ହୋଇଗଲା | ଗଗନେ ଉଡ଼ାଇ ଧୂଳି ।
ବିଲର କଙ୍କଡ଼ା | ମୃଦଙ୍ଗ ବଜାଏ | ବେଙ୍ଗ ଦିଏ ହୁଳହୁଳି ।।
ହଳ ବୁଲୁଥିଲା | ହଳିଆ ନଥିଲା | ଇଚ୍ଛାଏ ହେଉଛି ଚାଷ ।
ପୁଅ ମଲେ ବୋହୂ | ବିଧବା ନୁହଇ | ଏ କଥା ବଡ଼ ସଂଦେଶ ।।
ଢିଙ୍କିକି କରିଛି | ପିତ୍ତ ଶିଳିଷମା | କୁଲାକୁ କରିଛି ଜର ।
ଚାଲୁଣି ବାପୁଡ଼ା | ମାଆ ଘର ଗଲା | ଛାଞ୍ଚୁଣୀ ଜଗିଛି ଘର ।।
ପଥରକୁ କଲା | ସନ୍ନିପାତ ଜର | ପାଣିକି କଲା ପିଆସ ।
ଅଗ୍ନି ବାପୁଡ଼ାକୁ | ଶୀତ କରୁଅଛି | ଶୁଣ ଆରେ ପାଣ୍ଡୁଶିଷ ।। (୭।୨୧୨)

ଏହି ଦଶପଦିଆ ଗୀତଟିକୁ କବି ପୂର୍ବରୁ ରଚନା କରିଥିଲେ ଓ ନୃସିଂହ ପୁରାଣ ମଧରେ ତାକୁ ଭର୍ତ୍ତି କରିଦେଲେ ବୋଲି ଅନୁମିତ ହୁଏ । ଅନ୍ୟଥା ଚଉଦଅକ୍ଷରୀ ନୃସିଂହ ପୁରାଣ ମଧରେ ବଙ୍ଗଳାଶ୍ରୀ ଗୀତଟିଏ ନଥାନ୍ତା ।

**ଭକ୍ତିମାର୍ଗ :**

ପୀତାମ୍ବର ମୋକ୍ଷର ଶ୍ରେଷ୍ଠମାର୍ଗ ଭାବରେ ଭାଗବତାଦି ଗ୍ରନ୍ଥରେ ପ୍ରଖ୍ୟାପିତ ନବଧା ଭକ୍ତିକୁ ମାନିଛନ୍ତି । ଭକ୍ତିର ବିଭିନ୍ନ ସାଧନୋପାୟ ମଧରେ ସେ ନାମଭଜନକୁ ଖୁବ୍ ଗୁରୁତ୍ୱ ଦେଇଛନ୍ତି —

ବେଦରଂ ତତ୍ତ୍ୱଯାକେ ଯେ ଅଟେ ନାମ ସାର ।
ଯେଉଁ ଜନ ନାମ ଭଜେ ସେ ବ୍ରହ୍ମଣ୍ୟ ନର ।। (୩।୫୦)

ନାମ ଭଜନପାଇଁ ସ୍ଥାନ-ଅସ୍ଥାନ, ବେଳ-ଅବେଳ, ଶୌଚ-ଅଶୌଚ ଆଦିର ବିଚାର ନାହିଁ । ଯେକୌଣସି ସ୍ଥାନରେ, ଯେକୌଣସି ସମୟରେ, ଅଶୌଚ ଅବସ୍ଥାରେ ସୁଦ୍ଧା, ନାମ ଭଜନ କର୍ତ୍ତବ୍ୟ । ଏହି ପ୍ରସଙ୍ଗରେ ପୀତାମ୍ବର, ଭକ୍ତ ସତ୍ୟବର ଆଖ୍ୟାନରେ, ବୃଦ୍ଧ

ବ୍ରାହ୍ମଣ ସତ୍ୟବର ମଳୋତ୍ସର୍ଗ କରିବାବେଳେ ମଧ ନାମଭଜନ କରୁଥିବାରୁ ତାଙ୍କ ପ୍ରତି ଲକ୍ଷ୍ମୀଙ୍କ ରୋଷ ଅନୁଚିତ ବୋଲି ବିଷ୍ଣୁ କିପରି ଦର୍ଶାଇଥିଲେ ତାହା ପୌରାଣିକ ଆଖ୍ୟାନ ରୂପେ ଲେଖିଛନ୍ତି (୫।୪) । ଅନୁରୂପ ଏକ କଥା ଚୈତନ୍ୟ ଚରିତାମୃତରେ ସ୍ଥାନ ପାଇଛି । ପୀତାମ୍ବର ସତ୍ୟବର ଆଖ୍ୟାନ ପରିକଳ୍ପନା କରିବା ବେଳେ, ବୋଧହୁଏ, ତଦ୍ୱାରା ପ୍ରଭାବିତ ହୋଇଥିଲେ । ମଳୋତ୍ସର୍ଗ ବେଳେ ଗୋପାଳ ନାମକ ଏକ ବାଳକ ନାମଭଜନ କରୁଥିବାରୁ ଗୌଡ଼ିଆ ବୈଷ୍ଣବମାନେ ଗୋପାଳକୁ ଭର୍ତ୍ସନା କରିଥିଲେ । କିନ୍ତୁ ଗୋପାଳ ବିଷ୍ଣୁଙ୍କ ନାମର ପବିତ୍ରତା ଦ୍ୱାରା ଘୋର ଅପବିତ୍ର ମଧ ପବିତ୍ର ହୁଏ ତେଣୁ ନାମଭଜନ ପାଇଁ ଶୌଚ-ଅଶୌଚ ବିଚାର କାହିଁକି ବୋଲି କହିଥିଲା । ଗୋପାଳର ଏ ଯୁକ୍ତିକୁ ଚୈତନ୍ୟ ଗ୍ରହଣ କରି ତାହାକୁ "ଗୋପାଳ ଗୁରୁ" ଆଖ୍ୟା ଦେଇଥିଲେ ।

ଆଶ୍ଚର୍ଯ୍ୟର ବିଷୟ ସ୍ୱୀକୃତ ସର୍ବଶ୍ରେଷ୍ଠ ସ୍ୱାଧୀନୋପାୟ ନାମର କାର୍ଯ୍ୟକାରିତାକୁ ପୀତାମ୍ବର ସୀମାବଦ୍ଧ ରଖି ଠାଏଁ କର୍ମଫଳକୁ ପ୍ରାଧାନ୍ୟ ଦେଇଛନ୍ତି । ନାମର କାର୍ଯ୍ୟକାରିତାର ସୀମା ଦର୍ଶାଇବାପାଇଁ ସେ ଏକ ଚମତ୍କାର ଆଖ୍ୟାନ ଲେଖିଛନ୍ତି । ସେହି ଆଖ୍ୟାନରେ ସେ ସାଂସାରିକ କର୍ମରେ ଆସକ୍ତ ମଣିଷ ନାମ ଭଜି ନିଜର କୃତକର୍ମର, ଏପରିକି ଅତର୍କିତ ଭାବରେ କୃତକର୍ମର, ଫଳଭୋଗରୁ ଉଦ୍ଧାର ପାଇପାରିବ ନାହିଁ ବୋଲି ଦର୍ଶାଇଛନ୍ତି (୨।୮-୧୪) । ଏହି ଆଖ୍ୟାନରେ ମନୁ ନାମକ ଜଣେ ବ୍ୟବସାୟୀ ଅତର୍କିତ ଭାବରେ ଗୋହତ୍ୟା କଲା ଓ ସେ ନାମ ଭଜିବାରୁ କର୍ମଫଳ ଭୋଗ କଲାନାହିଁ । ଫଳରେ ମନୁର ପାପ ବିଷ୍ଣୁଙ୍କୁ ଲାଗିଲା । ବିଷ୍ଣୁ ନିଜେ ପାପଭାଗୀ ହେବାର କାରଣ ଅନୁସନ୍ଧାନ କରି ଦେଖିଲେ, ମନୁ ଅନ୍ୟ ସବୁ କଥାକୁ, ସବୁ ସମ୍ପଦକୁ, ସବୁ ସ୍ୱଜନକୁ ମୋର ମୋର କହି ଅହମିକା କରୁଛି କେବଳ ପାପ ଛଡ଼ାଇବାପାଇଁ ନାମର ଆଶ୍ରୟ ନେଉଛି । ବିଷ୍ଣୁ ଏହା ଦେଖି ମନୁକୁ ତା ପାପ ଭୋଗିବାକୁ ଦେଲେ ଓ ନିଜ ଦେହରୁ ପାପ ଛଡ଼ାଇଲେ । କର୍ମଫଳର ଅଲଙ୍ଘନୀୟତା ପ୍ରତିପାଦନ ପାଇଁ ଆଖ୍ୟାନଟି ସୁପରିକଳ୍ପିତ ।

●

*ସପ୍ତମ ଅଧ୍ୟାୟ*

# ପୀତାମ୍ବର ଦାସଙ୍କ ଜୀବନଚରିତ

ପୀତାମ୍ବର ଦାସଙ୍କ ସାହିତ୍ୟିକ ଅଭିନିବେଶର ହେତୁ 'ଜନହିତ' ବୋଲି ସେ ଜଣାଇଛନ୍ତି –

ଲେଖିବି ଜନଙ୍କ ହିତେ ନୃସିଂହ-ପୁରାଣ । (୧।୧୩୬)
ଶ୍ରୀ ନୃସିଂହ ପ୍ରଭୁଙ୍କର ପୁରାଣ ଚରିତ ।
ସଂସାର ଲୋକଙ୍କ ହିତେ କରୁଛି ତା ଗୀତ ।। (୪।୪୬)

ସାରଳାଦାସଙ୍କଠାରୁ ଆରମ୍ଭ କରି ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ମହାଦେବ ଦାସ ଆଦି ପୁରାଣକର୍ତ୍ତା କବିମାନେ ସମସ୍ତେ ଜନହିତ ଇପ୍‌ସା କଥା ଜଣାଇଛନ୍ତି । ଇପ୍‌ସିତ 'ଜନହିତ' ଐହିକ ଓ ପାରତ୍ରିକ । ଜ୍ଞାନ, ଭକ୍ତି, ପୁଣ୍ୟ, ମୋକ୍ଷ ଆଦି ସବୁକଥା ହିତକର । ସାଧାରଣ ଗ୍ରାମବାସୀ ଜନଗଣ, ଯାହାଙ୍କର ହିତକଳ୍ପେ ପୁରାଣ ରଚିତ ହୋଇଛି, ନିରକ୍ଷର, ଧର୍ମଭୀରୁ ଓ ସରଳ ବିଶ୍ୱାସୀ, ସେମାନଙ୍କୁ ଜ୍ଞାନ-ବିଜ୍ଞାନ, ଲୋକ-ପରମ୍ପରା, ଧର୍ମତତ୍ତ୍ୱ ଆଦି ବିଷୟ ଅବିହିତ କରାଇ, ପ୍ରତ୍ୟେକଙ୍କୁ ତାଙ୍କ ଜୀବନର ତାତ୍ପର୍ଯ୍ୟ ବିଷୟରେ ସନ୍ତୁଷ୍ଟ ରଖି, ଶାନ୍ତ ଓ ସଦାଚାରୀ କରାଇବା ମଧ୍ୟ ପୁରାଣକର୍ତ୍ତାଙ୍କ ଲକ୍ଷ୍ୟ । ପୀତାମ୍ବରଙ୍କ ଜୀବନ-ଚରିତର ସାମାଜିକ ପ୍ରାସଙ୍ଗିକତା ଏହି ଦୃଷ୍ଟିରୁ ଅନୁସନ୍ଧେୟ ।

**ଶିକ୍ଷା :**

ପୀତାମ୍ବରଙ୍କ ପିତୃପିତାମହ ସୁଶିକ୍ଷିତ ତଥା ଗ୍ରନ୍ଥକର୍ତ୍ତା ଥିଲେ । ଏପରି ଏକ ସଂସ୍କୃତିବନ୍ତ ଘରର ଜ୍ୟେଷ୍ଠ ପୁତ୍ର ହୋଇଥିବାରୁ ସେ ଯେ ବାଲ୍ୟଶିକ୍ଷା ପାଇଥିବେ ଏ ବିଷୟରେ ସନ୍ଦେହ ରହୁନାହିଁ । ତାଙ୍କ ସମୟରେ ଏ ଦେଶରେ ମାଟିବଂଶ ଅବଧାନିଆ ପ୍ରାଥମିକ ଶିକ୍ଷା ଚଳୁଥିଲା । ମାଟିବଂଶ ଅବଧାନମାନେ ପ୍ରାୟଶଃ ଉତ୍ତର ଓଡ଼ିଶାରୁ ଆସୁଥିଲେ । ସେମାନେ ପ୍ରଥମେ ଓଡ଼ିଆ ବର୍ଣ୍ଣମାଳା, ମାତ୍ରା, ଫଳା, ଯୁକ୍ତାକ୍ଷର ଆଦି ଶିଖାଇ ପରେ ସରଳ ଓଡ଼ିଆ ରଚନା (ବିଶେଷତଃ ଶିଶୁ ବିଷୟକ, ଯଥା–କେଶବ କୋଇଲି, କହନ୍ତି ମାଏ, ଗୋପବୋଲି, ଗୁଣସାଗର) ପଢ଼ାଇବା ସହ ଅଙ୍କ (ଗଣିତ) ଶିକ୍ଷା ଦେଉଥିଲେ । ଏତିକିରେ ଅବଧାନିଆ ପାଠ ଶେଷ । ତାହା ପରେ ସଂସ୍କୃତ ପଢ଼ା । ସଂସ୍କୃତ ପଢ଼ାର ଶିକ୍ଷକ ଅଲଗା, ସେମାନେ ସ୍ଥାନୀୟ ପଣ୍ଡିତ, ସାଧାରଣତଃ ବ୍ରାହ୍ମଣ । ସଂସ୍କୃତ ପଢ଼ାପାଇଁ

ମଧ୍ୟ ଓଡ଼ିଆ ଲିପି ହିଁ ଅନୁସୃତ ହେଉଥିଲା । ପୀତାମ୍ବର ବାଲ୍ୟଜୀବନର ଚାଟଶାଳୀ ପଢ଼ା ବେଳର ଦୁଃଖର ଚିତ୍ର ଆଙ୍କିଛନ୍ତି (୫।୫୭) । ଏ ସବୁ ଦୃଷ୍ଟିରୁ ସେ ନିଜ ସମ୍ପର୍କରେ 'ନ ଜାଣଇ ଜନ୍ମକାଳୁ ଅକ୍ଷର ଯେ ଲେଖି' (୪।୧୮୭) 'ଜନ୍ମରୁ ମୂର୍ଖ ମୁହିଁ ନ ଜାଣଇ ଅକ୍ଷର' (୭।୧୭୫) ଆଦି ଯାହା ସବୁ ଲେଖିଛନ୍ତି ତାହା ତାଙ୍କର ଅତିବିନୟ ଭାବର ସୂଚକ ସିନା ସତ୍ୟାଶ୍ରିତ ନୁହେଁ ବୋଲି କହିହେଉଛି । ନିରକ୍ଷର ଥିବା କଥାଟି ବହୁବାର କୁହାଯାଇଛି ସତ୍ୟ, କିନ୍ତୁ ତାହା ଅସତ୍ୟ ଆତ୍ମଧିକ୍କାର ମାତ୍ର ବୋଲି କବିଙ୍କର ସ୍ୱୀକୃତି ମଧ୍ୟ ଅନେକଠାରେ ରହିଛି । ସେ ନିଜେ ଲେଖନ ଧରି ଲେଖୁଥିବା କଥା ମାନିଛନ୍ତି –'ତାହା ମୁଁ ବୁଝି ଲେଖଇ ନେଇ ତାଳପତ୍ରେ' (୪।୧୭୫); 'ଲେଖେ ଏହି ପୁରାଣକୁ ଲେଖନ ଯେ ଧରି' (୭।୩୩) ।

ପୀତାମ୍ବର ଅନେକଠାରେ ଜଣାଇଛନ୍ତି ଯେ ସେ ସଂସ୍କୃତ ପଢ଼ିନାହାନ୍ତି – 'ସଂସ୍କୃତ ପଢ଼ା ମୋହରି କେଭେ ନାହିଁ ଜାଣ' (୧।୧୫୯); 'ସଂସ୍କୃତ ବିଦ୍ୟା ମୋହର କେଭେ ନାହିଁ ପଢ଼ା' (୧।୧୭୩); 'ବେଦବିଦ୍ୟା ସଂସ୍କୃତ ଯେ ମୋର ପଢ଼ା ନାହିଁ' (୩।୧୪) । ଏହା କ'ଣ ସତ୍ୟ ? ନା, ଏହା ମଧ୍ୟ ନିରକ୍ଷରତା ପରି ଅତିବିନୟର ପ୍ରକାଶ ? ପୀତାମ୍ବର ଅଳ୍ପ କେତୋଟି ସ୍ଥାନରେ ମୂଳ ସଂସ୍କୃତ ଶ୍ଳୋକ ଉଦ୍ଧାର କରି ତାହାର ଭାଷାନ୍ତର କରିଛନ୍ତି (୩।୧୧୯, ୭।୫୫, ୭।୧୮୨) । ସବୁଠାରେ ମୂଳ ଓ ଭାଷାନ୍ତର ମଧ୍ୟରେ ମେଳ ଅପେକ୍ଷା ଅମେଳ ଅଧିକ । ଗୋଟିଏ ଦୃଷ୍ଟାନ୍ତ ଦିଆଯାଇପାରେ । ଭଗବଦ୍‌ଗୀତା (୪।୮)ର ସୁବିଦିତ 'ପରିତ୍ରାଣାୟ ସାଧୁନାଂ' ଶ୍ଳୋକର ଭାଷାନ୍ତର ସେ ନିମ୍ନମତେ କରିଛନ୍ତି –

ଏଣୁ କରି ସାଧୁଙ୍କର ପରିତ୍ରାଣ ଅର୍ଥେ ।
ଦୁଷ୍କୃତ ନିବାରିବାକୁ ଜନ୍ମେ ଆସି ମର୍ତ୍ତ୍ୟେ ।।
ଦଶ ଗୋଟି ଅବତାର ଧରି ଯୁଗେ ଯୁଗେ ।
ସାଧୁଙ୍କୁ ଯେ ପରିତ୍ରାଣ କରି ଯୋଗମାର୍ଗେ ।। (୭।୧୮୨)

ମୂଳର 'ବିନାଶ'କୁ କବି 'ନିବାରଣ' କରିଛନ୍ତି ଓ ଧର୍ମ ସଂସ୍ଥାପନ କଥା ପୂରା ଛାଡ଼ିଯାଇଛନ୍ତି । କବି ଦଶାବତାର ଓ ମୋକ୍ଷମାର୍ଗ କଥା ଅଧିକା କହିଛନ୍ତି ଓ ସାଧୁଙ୍କୁ ପରିତ୍ରାଣ କରିବା କଥାର ଦ୍ୱିରୁକ୍ତି କରିଛନ୍ତି । ସେ ସଂସ୍କୃତ ଭାଷା ସହିତ ପରିଚିତ ଥିଲେ ଏତେ ଅମେଳ ଘଟାନ୍ତେ ବୋଲି ବିଶ୍ୱାସ ହେଉନାହିଁ । ତଅର ପରି ଛୋଟ ଗାଁରେ ସଂସ୍କୃତ ପଢ଼ିବାପାଇଁ ଚଉପାଢ଼ୀ ନ ଥିବା ସମ୍ଭବ । ତେଣୁ ଚାଟଶାଳୀ ପାଠ ପରେ ପୀତାମ୍ବର ନିଜ ଉଦ୍‌ଯୋଗରୁ ହିଁ ଯାହା କିଛି ଗ୍ରନ୍ଥାଭ୍ୟାସ କରିଥିବା ଅନୁମିତ ହେଉଛି ।

ପୀତାମ୍ବର ଠାଏଁ ଠାଏଁ ନିଜକୁ ଅପାଠୁଆ ମୂର୍ଖ ବୋଲି ଆତ୍ମ ପରିଚୟ ଦେବା ସତ୍ତ୍ୱେ ଅନ୍ୟତ୍ର ନିଜେ ଜ୍ଞାନବନ୍ତ (୩/୮୨); ଜ୍ଞାନମନ୍ତ (୩/୧୨୩), ବିବିଧ ବିଦ୍ୟାବନ୍ତ (୪/୯୩) ଓ ସର୍ବଜ୍ଞ (୫।୨୩) ବୋଲି କହିଛନ୍ତି । ସେ ପୁଣି କହିଛନ୍ତି ତାହାଙ୍କର ପାଣ୍ଡିତ୍ୟ ସାଧୁମାନଙ୍କ କୃପାରୁ ହୋଇଥିଲା –

ସାଧୁଙ୍କ ଚରଣ ସେବି ମାଗନ୍ତେ ମୁଁ ଭିକ୍ଷା ।
ଅଜ୍ଞାନ ପାପ ନାଶିଣ ଦେଲେ ଜ୍ଞାନ ଦୀକ୍ଷା ।।
ସେ ଜ୍ଞାନ ପାଇଣ ମୁହିଁ ହେଲି ସୁପଣ୍ଡିତ ।
ତେଣୁ ଏହି ପୁରାଣକୁ ବାନ୍ଧି କଲି ଗୀତ ।। (୧/୧୫୯)

ସେ ସାଧୁମାନଙ୍କ ଗହଣରେ ବସି ଶୁଣି ଶୁଣି ଜ୍ଞାନ ଅର୍ଜନ କରିଥିଲେ (୨।୧୬୨) । ଏକଲବ୍ୟ ଅସ୍ତ୍ରଶିକ୍ଷା କରିଥିବା ଭଳି ପୀତାମ୍ବର ବିଭିନ୍ନ ଧର୍ମ ଆଲୋଚନା ସଭାରେ ଯୋଗ ଦେଇ ବିଶେଷତଃ ଭାଗବତ ତତ୍ତ୍ୱ ବିଷୟ ବୁଝିଥିବା ଅନୁମିତ ହୁଏ । ଏହି ସାଧୁମାନେ ସୁପଂଣ୍ଡିତ ଥିଲେ ବୋଲି ସେ କହିଛନ୍ତି –

ସୁପଣ୍ଡିତ ଜନମୁଖୁଁ ପାଇ ଅର୍ଥ ବାଣୀ ।
ତାହା ମୁହିଁ ପଦ କରି ଲେଖେ ଶାସ୍ତ୍ର ଆଣି ।। (୧/୧୯୧)

ଏହି ପ୍ରକାରେ ନିର୍ଦ୍ଧାରଣ କରାଯାଇପାରେ ଯେ ପୀତାମ୍ବରଙ୍କ ଶିକ୍ଷା ଆନୁଷ୍ଠାନିକ ନୁହେଁ କି କୌଣସି ନିର୍ଦ୍ଦିଷ୍ଟ ଅଧ୍ୟାପକଙ୍କଠାରୁ ନୁହେଁ । ସାରଳାଦାସଙ୍କ ପରି ପୀତାମ୍ବର ମଧ୍ୟ ନିଜକୁ 'ନ ପଢ଼ି ପଣ୍ଡିତ' ବୋଲି ଅଭିହିତ କରିଛନ୍ତି : 'ନ ପଢ଼ି ପଣ୍ଡିତ ଯେ ହେଉଛି ମୋ ହୃଦ' (୫।୨୩) ।

ପୀତାମ୍ବର ନୃତ୍ୟଗୀତ ଆଦି ବିଭିନ୍ନ କଳା ଓ ବିଦ୍ୟା ମଧ୍ୟ ହାସଲ କରିଥିଲେ । ତାଙ୍କର ଏହି ସିଦ୍ଧି ବିଷ୍ଣୁଙ୍କ ଆଜ୍ଞାକ୍ରମେ ଶାରଦାଙ୍କ ପ୍ରସାଦବଶତଃ ହୋଇଥିବା କଥା ସେ କହିଛନ୍ତି । ବିଷ୍ଣୁ ପୀତାମ୍ବରଙ୍କ ପ୍ରତି ଅନୁକୂଳ ହେବା ପାଇଁ ଶାରଦାଙ୍କୁ କହୁଛନ୍ତି –

ଅନେକ ଅନେକ ଶାସ୍ତ୍ର ଆଉ ବିଦ୍ୟା ଯେତେ ।
ନାଟ ଗୀତ ରଙ୍ଗ ଆଦି ଚୌପଦୀ ସହିତେ ।।
ସକଳ ହୋଇବ ଦୃଶ୍ୟ କଣ୍ଠେ ଦେବୁ କହି ।
ମୋ ଠାରେ ଅହଂଗୁଣ କାଳେ ହେଁ ନ ବହି ।। (୫।୯୩)

**ଜୀବିକା :**

ପୀତାମ୍ବରଙ୍କ ପୂର୍ବପୁରୁଷ ଖଣ୍ଡିଏ ପଡ଼ିଆ (ଅନାବାଦି) ଭୂମିରେ ମଠଟିଏ ସ୍ଥାପନା କରି ଭିକ୍ଷୁକ ଗୃହୀ ବୈଷ୍ଣବ ଭାବରେ ଚଳୁଥିଲେ (୪।୧୬୦) । ଜ୍ୟେଷ୍ଠପୁତ୍ର ହୋଇଥିବାରୁ ପୀତାମ୍ବର ଏହି ମଠର ସେବା ପୂଜା ଭାର ବହନ କଲେ (୫।୨୩) । ଗାଁ ଠାରୁ ପୃଥକ୍ ହୋଇ ଋଷିକୁଲ୍ୟା ନଦୀକୂଳସ୍ଥ ଏହି ମଠଟି ମାମୁଲି ଛଣଛପର ଘରହିଁ ଥିଲା । ପୀତାମ୍ବର ସପରିବାର ମଠରେ ରହୁଥିଲେ । ପିତୃପିତାମହଙ୍କ ପରି ସେ ବୈଷ୍ଣବ ଭାବରେ ହରିନାମ କୀର୍ତ୍ତନ କରି ଗାଁକୁ ଗାଁ ବୁଲି ମୁଷ୍ଟିଭିକ୍ଷା (ମାଧୁକରୀ) ସଂଗ୍ରହ କରୁଥିଲେ ଓ ଭିକ୍ଷାଲବ୍‌ଧ ତଣ୍ଡୁଳାଦିରେ ଠାକୁରଙ୍କୁ ଭୋଗ ବାଢ଼ି ସପରିବାର ପ୍ରସାଦ ଭୁଞ୍ଜି ଜୀବନଧାରଣ କରୁଥିଲେ । ଏପରି ଜୀବନୋପାୟକୁ ସେ 'ମଠବୃତ୍ତି' ବୋଲି ଅଭିହିତ କରିଛନ୍ତି । 'ଋଷିକୁଲ୍ୟା ନଦୀତଟେ

କରେ ମଠ ବୃତ୍ତି' (୭।୧୪୮) । ପ୍ରଭୁ ଏହି ପରିବ୍ୟାପ୍ତ ପୃଥିବୀରେ ତାଙ୍କ ପାଇଁ ଜମିବାଡ଼ି କିଛି ହିଁ ଖଞ୍ଜି ନଥିବାରୁ ସେ ବହୁବାର କ୍ଷୋଭ ବ୍ୟକ୍ତ କରିଛନ୍ତି :

ଏତେ ବଡ଼ ପୃଥିବୀରେ ହୋଇ ମହାରଜା ।
କିଞ୍ଚିତେ ହେଲେ ପଡ଼ି ନ କଲ ମୋତେ ଖଞ୍ଜା ।।
ତବ ପଡ଼ିଆ ଭୂମିରେ ଥିଲା ଖଣ୍ଡେ ସ୍ଥିତି ।
ତହିଁରେ ମୁହିଁ ଅଛଇ କରିଣ ବସତି ।।
ଭାତ ବରତନ ପଡ଼ି ଖଞ୍ଜା ନ ଥିବାରୁ ।
ପୃଥ୍ବୀଯାକ ଭ୍ରମି ବୁଲି ଆଣେ ଦାତାଠାରୁ ।।
ବାରଦ୍ୱାର ବୁଲି ମୋତେ ମିଳେ ଅବା ଯାହା ।
ଭାଗ୍ୟକୁ ଆଦରି ମୁହିଁ ଭୁଞ୍ଜେ ନିତି ତାହା ।।
ମୋହଠାରୁ ଦୀନ ଦୁଃଖୀ ସଂସାରେ କେ ନାହିଁ ।(୭।୧)

× × ×

ଭୂମିବାଡ଼ି ବୃତ୍ତି ମୋର କିଛି ହିଁ ତ ନାହିଁ ।
କେବଳ ବିଷ୍ଣୁଙ୍କ ନାମ ସର୍ବଦା ଘୋଷଇ ।।
ଦେଶ ବିଦେଶରେ ଭ୍ରମି ଆଣଇ ବା ଯିସ ।
ଭୋଗ ଦେଇ ନୃସିଂହଙ୍କୁ କରେ ତାହା ଗ୍ରାସ ।। (୧/୯୮)

ବସୁନ୍ଧରା ସମସ୍ତଙ୍କୁ ଭୂମିବାଡ଼ ଦେଇ କବିଙ୍କୁ କିଛି ହିଁ ନ ଦେଇଥିବାରୁ ସେ ଅଭିଯୋଗ କରି କହିଛନ୍ତି –

ଭୋ ମାତା ବସୁଧା ଦୟା ସଭିଙ୍କି ଯେ କଲୁ ।
ମୋହର ଦୁଃଖ ଏକା ନିବାରି ନ ପାରିଲୁ ।। (୭।୨୦୬)

ପୀତାମ୍ବରଙ୍କ ଉତ୍କଟ ଦୈନ୍ୟ ତାଙ୍କର ଛିଣ୍ଡାଲେଙ୍କଡ଼ା ପରିଧାନ ଭେଦି ଫୁଟି ଦିଶୁଥିଲା । ''ମୁହିଁ ଛିଣ୍ଡାନେଙ୍କଡ଼ା ଦୋଷଡ଼ା ଥାଏ ଧରି'' (୭।୯), ''ଅଖଡ଼ ପୁରୁଷ ପ୍ରାୟ ଭ୍ରମେ ସଂସାରେଣ'' (୭।୧୧୭, ଅଖଡ=ତୁଚ୍ଛ) । ଦାରିଦ୍ର୍ୟ ସାଙ୍ଗକୁ କୁଟୁମ୍ବ ପୋଷଣ ଭାର କବିଙ୍କୁ ବ୍ୟଥିତ କରୁଥିଲା । ଦିନେ ଦିନେ ଅନାହାରରେ ରହୁଥିବା କଥା ସେ ଜଣାଇଛନ୍ତି –

ଋଷିକୁଲ୍ୟା ନଦୀତୀରେ ଅଟେ ମୋର ମଠ ।
କୁଟୁମ୍ବ ଜଞ୍ଜାଳେ ପଡ଼ି କଲି କାଳ ନଷ୍ଟ ।।
ଯେଉଁଦିନ ଖୋରାକ ନ ମିଳେ ଅକସ୍ମାତେ ।
କୁଟୁମ୍ବ ଆକୁଳେ ମନ ଘାଣ୍ଟି ହୁଏ ନିତ୍ୟେ ।। (୪।୧୧୦)

× × ×

କୁଟୁମ୍ବ ପୋଷିବା ଅର୍ଥେ ଭ୍ରମି ନାନା ଦେଶ ।

ପେଟର ଛଟପଟରେ ଲୋଡ଼େ ବୁଲି ଗ୍ରାସ ॥
ଅନ୍ନ ବ୍ୟାକୁଳେ ନ ପାରେ ମୁହିଁ କୃଷ୍ଣ ଭଜି ।
ଦାତା ଅନୁସରି ନିତ୍ୟେ ମାଗୁଥାଏ ଭୋଜି ॥ (୧।୧୭୩-୪)

ସ୍ଥାନୀୟ କିମ୍ବଦନ୍ତୀ ଅନୁସାରେ ପୀତାମ୍ବରଙ୍କ ପିତାମହ ଲକ୍ଷ୍ମୀଧର ଦାସ ମନ୍ତ୍ରଗୁରୁ ଭାବରେ ଶିଷ୍ୟ ସଂଗ୍ରହ କରୁଥିଲେ ଓ ପୀତାମ୍ବର ମଧ୍ୟ ମନ୍ତ୍ରଦୀକ୍ଷା ଦେଉଥିଲେ । ଖେମୁଣ୍ଡି, କଳାହାଣ୍ଡି, ସୋରଡ଼ା, ଘୁମୁସର ଆଦି ରାଜ୍ୟରେ ବିଶେଷତଃ ବଢ଼େଇ, ଗଉଡ଼, କାଳିଙ୍ଗି, ବେଲମା ଆଦି ଶୂଦ୍ର ଜାତିର ଲୋକେ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରୁଥିବା ଜନଶ୍ରୁତି ରହିଛି । କିନ୍ତୁ କବି ନୃସିଂହ ପୁରାଣରେ ସେପରି କିଛି ସଙ୍କେତ ଦେଇନାହାନ୍ତି । ସେ ଭିକ୍ଷା ମାଗି ଚଳିବା କଥା ବହୁ ସ୍ଥାନରେ ଲେଖିଛନ୍ତି, ମାତ୍ର ଗୁରୁଦକ୍ଷିଣା ପାଉଥିବା କଥା କେଉଁଠି ହେଲେ ଜଣାଇ ନାହାନ୍ତି । କୀର୍ତ୍ତିମାନ୍‌ଙ୍କ ଦୁଃସ୍ଥିତି କଥା ପ୍ରକାଶ ପାଇଲେ ଭବିଷ୍ୟଦ୍ ସମାଜ କୀର୍ତ୍ତିବିମୁଖ ହେବ ଓ ସାମସମୟିକ ସମାଜର ଗୁଣମତ୍ସରତା ଧରା ପଡ଼ିଯିବ ବୋଲି ଆଶଙ୍କା ପୋଷି କିମ୍ବଦନ୍ତୀ ଦୁଃସ୍ଥିତି କଥା ସର୍ବଥା ଲୁଚାଇ ରଖେ । କିମ୍ବଦନ୍ତୀର ଏ ଦୁର୍ବଳତାଟି ସାର୍ବତ୍ରିକ ।

ପୀତାମ୍ବରଙ୍କ ସମୟର ଆଉ ଜଣେ ଭିକ୍ଷାଜୀବୀ କବି 'ଦାର୍ଢ୍ୟତା ଭକ୍ତି'ର ପ୍ରଣେତା ରାମଦାସ, ବ୍ରହ୍ମପୁର ନିକଟ ତୁରା ଗ୍ରାମର ଅଧିବାସୀ ଥିଲେ । ଏପରି ଚିରଦାରିଦ୍ର୍ୟନିପୀଡ଼ିତ କବିମାନଙ୍କର ଓଡ଼ିଆର ଜାତୀୟ ସାହିତ୍ୟକୁ, ବିଶେଷତଃ ଗଣସାହିତ୍ୟକୁ ଦାନ ବିସ୍ମୟକର ।

**ଧର୍ମ ବିଶ୍ୱାସ :**

କୁଳ ପରମ୍ପରାକ୍ରମେ ପୀତାମ୍ବର ଦାସ ଥିଲେ ଶୁକ୍ଳ ଯଜୁର୍ବେଦର କାଣ୍ୱଶାଖୀ –

ଜାତିରେ ବ୍ରାହ୍ମଣ ମୁହିଁ ଅଟେ ଯଜୁର୍ବେଦୀ ।
କାଣ୍ୱଶାଖା ଗୋତ୍ର ମୋର କୌଣ୍ଡିନ୍ୟ ପ୍ରସିଦ୍ଧି ॥ (୭/୨୧)

× × ×

ସନ୍ଧ୍ୟା ପଠନ ଆଚାରୀ ଯେବଣ ବାହ୍ମଣ ।
ସେହି ସୁବେଦୀ ବ୍ରାହ୍ମଣ ଅଟେ ମୁଁ ପ୍ରମାଣ ॥
ଚାରୀ ବ୍ରାହ୍ମଣ ମଧ୍ୟରୁ ଅଟେ ଜଣେ ଲେଖା ।
ଚତୁଃସମ୍ପ୍ରଦା ଗାୟତ୍ରୀ ଭଜନ ମୋ ଏକା ॥ (୫/୧୮୭)

ପୀତାମ୍ବର ବ୍ରାହ୍ମଣର ନିତ୍ୟାଚାର ସନ୍ଧ୍ୟା, ଗାୟତ୍ରୀ ମନ୍ତ୍ର ପାଠ ଆଦି ପାଳୁଥିଲେ (ଚାରୀ =ଆଚାରୀ) କିନ୍ତୁ ବୈଦିକ ପୌରୋହିତ୍ୟ କର୍ମ (ବିବିଧ ସଂସ୍କାର, ଯଜ୍ଞ ଆଦି) କରୁ ନଥିଲେ । ବ୍ରାହ୍ମଣ ମାତ୍ରେ 'ଓଁ ଭୂର୍ଭୁବସ୍ୱଃ' ଯୁକ୍ତ ତ୍ରି ପାଦ ଗାୟତ୍ରୀ (ତତ୍ସବିତୁର୍ବରେଣ୍ୟଂ ଭର୍ଗୋଦେବସ୍ୟ ଧୀମହୀ ଧୀୟୋ ଯୋ ନ ପ୍ରଚୋଦୟାତ୍) ପାଠ କରନ୍ତି । ଏହା ଋଗ୍‌ବେଦର ତୃତୀୟ ମଣ୍ଡଳର ୬୨ତମ ସୂକ୍ତର ୧୦ମ ମନ୍ତ୍ର । ଏଥିରେ 'ପରୋରଜସିସର୍ବଦଂ' ଯୋଗ କଲେ ଚତୁଷ୍ପାଦ ଗାୟତ୍ରୀ ହୁଏ (ଯାହାକୁ ପୀତାମ୍ବର ଚତୁଃସମ୍ପ୍ରଦା ବୋଲି କହିଛନ୍ତି) ।

ଗୃହସ୍ଥମାନେ ତ୍ରିପାଦ ଗାୟତ୍ରୀ ପଢ଼ିବେ ଓ ସନ୍ନ୍ୟାସୀ, ଯୋଗୀ ବା ବ୍ରହ୍ମଜ୍ଞାନୀମାନେ ଚତୁଷ୍ପାଦ ଗାୟତ୍ରୀ ହିଁ ପଢ଼ିବେ ବୋଲି କୁହାଯାଏ । ଓଡ଼ିଶୀ ବୈଷ୍ଣବ ପରମ୍ପରାରେ ଚତୁର୍ଥ ପାଦଟି ପରରଜସସବଦ' ଅବନା (ବନାନହୀନ) ଆଠଅକ୍ଷର (୩/୪୯) ନାମରେ ପ୍ରସିଦ୍ଧ । ପୀତାମ୍ବର 'ଅବନା ଆଠ ଅକ୍ଷର ନିରନ୍ତର ଲୟେ' କରୁଥିବା କଥା ଜଣାଇଛନ୍ତି (୨/୫୩) ।

ପୀତାମ୍ବର ବ୍ରହ୍ମ ସଂପ୍ରଦାୟର କୌଣସି ଗୁରୁଙ୍କଠାରୁ ମନ୍ତ୍ରଦୀକ୍ଷା ନେଇଥିଲେ । ଏହି ପ୍ରସିଦ୍ଧ ସମ୍ପ୍ରଦାୟର ପ୍ରବର୍ତ୍ତକ ମଧ୍ୱ (ଆନୁମାନିକ ସମୟ ୧୨୧୪ – ୧୨୯୪) : ମୁଖ୍ୟ ପୀଠ ଉଡୁପୀ (କର୍ଣ୍ଣାଟକ) । ମଧ୍ୱଙ୍କ ପ୍ରବର ଶିଷ୍ୟ ନରହରି ତୀର୍ଥ ଗଙ୍ଗରାଜାଙ୍କ ଅଧୀନରେ କଳିଙ୍ଗର ମହାମନ୍ତ୍ରୀ ଥିବା ଯୋଗେ ମାଧ୍ୱପନ୍ଥାର ପ୍ରଭାବ ଦକ୍ଷିଣ ଓଡ଼ିଶାରେ ରହିଥିଲା । ଏହି ସମ୍ପ୍ରଦାୟର ତିଳକର ନାମ ହରିମନ୍ଦିର, ନାସା ଅଗ୍ରରୁ କେଶ ଯାଏଁ ଅଙ୍କିତ ଗୋପୀଚନ୍ଦନର ଓଲଟ ମନ୍ଦିରାକୃତି ରେଖା (୧।୧୪୭) । ଚୈତନ୍ୟ ପନ୍ଥାର ହରିମନ୍ଦିର ନାସାର୍ଦ୍ଧରୁ କେଶ ବୋଲି ସେ ଲେଖିଛନ୍ତି (୧/୧୪୯) ।

ମୁହିଁ ଶିଷ୍ୟ ହୋଇଅଛି ବ୍ରହ୍ମ ସମ୍ପ୍ରଦାରୁ ।।<br>
ମାଧବାନନ୍ଦୀ ଯେ ବ୍ରହ୍ମ ସମ୍ପ୍ରଦାର ସିନା ।<br>
ଜଗତମୋହନ ଧର୍ମ ନୃସିଂହୋପାସନା ।।<br>
ତିଳକ ହରିମନ୍ଦିର ନାସୁଁ କେଶ ଯାଏଁ । (୧/୧୫୪)

ମଧ୍ୱଙ୍କର 'ଆନନ୍ଦତୀର୍ଥ' ଉପାଧି ଥିଲା । ପୀତାମ୍ବର ଉପାଧିକୁ ମିଶାଇ ନାମଟିକୁ ମାଧବାନନ୍ଦ କରିଛନ୍ତି । ଜଣାଯାଏ, ପୀତାମ୍ବରଙ୍କ ବେଳକୁ ସ୍ଥାନୀୟ ମାଧ୍ୱମାନେ ମୌଳିକ ଶୁଦ୍ଧାଭକ୍ତି ପ୍ରାଧାନ୍ୟକୁ ଛାଡ଼ି ନ ଥିଲେ ହେଁ ଜ୍ଞାନକୁ ମଧ୍ୟ ସ୍ୱୀକାର କରୁଥିଲେ ।

ପୀତାମ୍ବରଙ୍କ ଜପମନ୍ତ୍ର 'ହରେ ରାମ କୃଷ୍ଣ', ଏହି ତିନି ନାମ ବିଶିଷ୍ଟ ମହାମନ୍ତ୍ରର ଆଦ୍ୟ 'ହରି'ର ଅର୍ଥ ନରହରି, ନୃସିଂହ । ପୀତାମ୍ବରଙ୍କ ଇଷ୍ଟଦେବତା ନୃସିଂହ ।

ଏଣୁ ହରି ନାମ ଶ୍ରୀ ନୃସିଂହ ପ୍ରବର୍ତ୍ତଇ ।<br>
ଶ୍ରୀ ନୃସିଂହ ଉପାସକ ତେଣୁ ଅଟେ ମୁହିଁ ।। (୩/୧୫୮)

ସେ ବତିଶ ଅକ୍ଷର ମନ୍ତ୍ରରେ ନୃସିଂହଙ୍କୁ ଭଜୁଥିବା କଥା ଲେଖିଛନ୍ତି : 'ନୃସିଂହ ମନ୍ତ୍ର ବତ୍ରିଶ ଅକ୍ଷର ଭଜନ' (୨/୪୩) । ମନ୍ତ୍ରଟି ହେଲା – ''ଓଁ ଉଗ୍ରଂ ବୀରଂ ମହାବିଷ୍ଣୁଂ ଜ୍ୱଳନ୍ତଂ ସର୍ବତୋମୁଖମ୍, ନୃସିଂହଂ ଭୀଷଣଂ ଭଦ୍ରଂ ମୃତ୍ୟୁମୃତ୍ୟୁଂ ନମାମ୍ୟହମ୍'' । ପୀତାମ୍ବର କଣ୍ଠରେ ନୃସିଂହ-ଶାଳଗ୍ରାମକୁ ମାଳାସ୍ୱରୂପ ଧାରଣ କରି ନୃସିଂହ-ପୁରାଣ ଲେଖୁଥିଲେ ବୋଲି ଜଣାଇଛନ୍ତି (୨/୨୨୮) । ଭିନ୍ନ ଭିନ୍ନ ଲକ୍ଷଣ ଯୁକ୍ତ ଶାଳଗ୍ରାମ ଭିନ୍ନ ଭିନ୍ନ ଦେବତାଙ୍କ ନାମରେ ଚଳେ, ନୃସିଂହ-ଶାଳଗ୍ରାମ କେତେକ ବିଶେଷ ଲକ୍ଷଣାକ୍ରାନ୍ତ ।

ଶ୍ରୀ ନୃସିଂହ-ଶାଳଗ୍ରାମ କଣ୍ଠେ ମାଳ କରି ।<br>
ଲେଖେ ଏହି ପୁରାଣକୁ ଲେଖନ ଯେ ଧରି ।। (୭/୩୩)

ପୀତାମ୍ବର ବିଭିନ୍ନ ବୈଷ୍ଣବ ସମ୍ପ୍ରଦାୟର ବିବରଣ ମଧ୍ୟରେ ମାଧ୍ୱ ସମ୍ପ୍ରଦାୟର ବିବରଣ ମଧ୍ୟ ଦେଇଛନ୍ତି (୧/୧୪୬)। କିନ୍ତୁ, ତାଙ୍କ ବିବରଣର ବହୁ ଅଂଶ ତଥ୍ୟାଶ୍ରିତ ନୁହେଁ, କଳ୍ପିତ ମାତ୍ର। ମାଧ୍ୱମାନେ ଭକ୍ତିମାର୍ଗୀ; ତେଣୁ ଯଜ୍ଞ, ତୀର୍ଥାଦିର ପୁଣ୍ୟଦାୟକତାକୁ ସ୍ୱୀକାର କରନ୍ତି ନାହିଁ। ପୀତାମ୍ବର ଯଜ୍ଞ-ତୀର୍ଥାଦିର ବିକଳ୍ପ ଭାବରେ ନୃସିଂହ-ପୁରାଣକୁ ଦେଖିଛନ୍ତି।

ଯଜ୍ଞ ତୀର୍ଥ କଲେ ଯେବେ ପାପ ଛାଡୁଥାନ୍ତା।
କ୍ଷୀରେ ଧୋଇଲେ ଅଙ୍ଗାର ଶୁକ୍ଳ କି ନୁହନ୍ତା॥ (୧/୧୧୩)

ନୃସିଂହ-ପୁରାଣ ରଚନା ପର୍ଯ୍ୟନ୍ତ ପୀତାମ୍ବର ତୀର୍ଥକ୍ଷେତ୍ର ମଧ୍ୟରେ କେବଳ ପୁରୀକୁ ଯାଇଛନ୍ତି ଓ ପୁରୀକ୍ଷେତ୍ରର ବିସ୍ତୃତ ବିବରଣ ସହିତ ମାହାତ୍ମ୍ୟ (୭/୩) ଲେଖିଛନ୍ତି। ସେ ଅନ୍ୟ କୌଣସି ତୀର୍ଥକ୍ଷେତ୍ରକୁ ଯାଇ ନାହାନ୍ତି। ତାଙ୍କ ଗ୍ରାମରୁ ପୁରୀର ଦୂରତା ୧୨ ଯୋଜନ, ତେଣୁ ସେ କହିଛନ୍ତି 'ଜମ୍ବୁଦ୍ୱୀପରୁ ବୁଲିଛି ମୁହିଁ ବାର ଯୁଣ' (୩/୧୫୧)।

**ଜୀବନ ଦର୍ଶନ :**

ପୀତାମ୍ବରଙ୍କ ଜୀବନ-ଦର୍ଶନ ସାଧାରଣ ଭାବରେ ଏତଦ୍ଦେଶୀୟ ପାରମ୍ପରିକ ମୂଲ୍ୟବୋଧ ଉପରେ ହିଁ ଆଶ୍ରିତ ଥିଲା। ସଦସଦ୍ କର୍ମର ଫଳଦାୟକତା ସହିତ ସଂଶ୍ଳିଷ୍ଟ କର୍ମବାଦ, କର୍ମଫଳ ଭୋଗ ପାଇଁ ପୁନର୍ଜନ୍ମ, ସଦାଚାରର ଉତ୍କର୍ଷ, ପାପ ପୁଣ୍ୟ ବିଚାର, ଦାନଦକ୍ଷିଣା ପ୍ରଶଂସା, ଗୁରୁ ମହିମା, ନାରୀର ପତିପ୍ରାଣତାର ପ୍ରଶଂସା ସହିତ ନାରୀ ଜାତି ପ୍ରତି ଜୁଗୁପ୍ସା, ଜାତିବାଦ, ଭକ୍ତିମାର୍ଗର ଶ୍ରେୟତା, ଭାଗ୍ୟବାଦ, ଆତ୍ମା-ପରମାତ୍ମା ମଧ୍ୟର ଭେଦାଭେଦ ବିଚାର ଓ ମୋକ୍ଷ ଆଦି ନେଇ ପାରମ୍ପରିକ ବିଶ୍ୱାସ ଏହି ମୂଲ୍ୟବୋଧ ମଧ୍ୟରେ ମୁଖ୍ୟ।

ଭାଗ୍ୟବାଦ ସହିତ ପୀତାମ୍ବର ଫଳିତ-ଜ୍ୟୋତିଷକୁ ବିଶ୍ୱାସ କରୁଥିଲେ। ସାରଳା ଦାସଙ୍କ ପରି ପୀତାମ୍ବର ମଧ୍ୟ ଚରିତ ବର୍ଣ୍ଣନା ମଧ୍ୟରେ ମୁଖ୍ୟ ମୁଖ୍ୟ ଘଟନାର ପଞ୍ଜାଙ୍ଗ ବିବରଣ ଦେଇଛନ୍ତି। ତେବେ, ଦୁଇ ପୁରାଣକର୍ତ୍ତାଙ୍କର ଫଳିତ-ଜ୍ୟୋତିଷ ନେଇ ବିଚାର ସମାନ ନୁହେଁ। ସାରଳା ଦାସ ଜ୍ୟୋତିଷର ଫଳଦାୟକତା ପ୍ରତି ପ୍ରଚ୍ଛନ୍ନ ଆକ୍ଷେପ କରି ଯେଉଁ ବେଳରେ ଯାତ୍ରାଦି କର୍ମ କଲେ କର୍ମ ବିଫଳ ହେବ ବୋଲି ଜ୍ୟୋତିଃଶାସ୍ତ୍ରରେ ନିରୂପିତ ହୋଇଛି ସେହି ବେଳରେ ସେହି କର୍ମ ଘଟାଇ କର୍ମଟି ସଫଳ ହୋଇଥିବା କଥା (ସେହିପରି, ପ୍ରଶସ୍ତ ବେଳରେ କୃତକର୍ମ ବିଫଳ ହୋଇଥିବା କଥା) ବାରମ୍ବାର ଲେଖିଛନ୍ତି। ଝଙ୍କାରର ୧୯୭୨ ଜୁନ୍ ସଂଖ୍ୟାର 'ଚଣ୍ଡୀପୁରାଣର ପଞ୍ଜାଙ୍ଗର ସମୀକ୍ଷା' ପ୍ରବନ୍ଧରେ ମୁଁ ଏହା ପ୍ରତିପ୍ରାଦନ କରିଛି। ପକ୍ଷାନ୍ତରେ ପୀତାମ୍ବର ବିଶ୍ୱାସ କରୁଥିଲେ ଯେ ଉତ୍ତମ ଲଗ୍ନରେ ସଙ୍ଗମ କଲେ ସନ୍ତାନ ଉତ୍ତମ ହୁଏ (୧/୧୨୨) ଓ ଅବେଳାରେ ସଙ୍ଗମ କଲେ ପରିଣାମ ସାଂଘାତିକ ହୁଏ (୧/୧୮୫)। ତାଙ୍କର ଧାରଣା ଥିଲା ଯେ ଜଣକର ଜନ୍ମକୁଣ୍ଡଳୀ ଦେଖି ସେ ଲୋକଟି ଜାରଜ କି ନୁହେଁ ଜାଣି ହେବ (୧/୮୯)। ପୀତାମ୍ବରଙ୍କର ଗଣିତ-ଜ୍ୟୋତିଷ

ଜ୍ଞାନ ଅତି ସାମାନ୍ୟ ଥିଲା । ସେ ମକର ୧୪ ଦିନ ମାଘ ଶୁକ୍ଳ ଦଶମୀ ମୃଗଶିରା ନକ୍ଷତ୍ର ହେବା ବର୍ଣ୍ଣନା ଦେଇଛନ୍ତି (୨/୬୭) । ମକର ୧୪ ଦିନ ଶୁକ୍ଳ ଦଶମୀ ଘଟିଲେ ଚନ୍ଦ୍ର ବୃଷ ରାଶିର ୧ରୁ ୧୩ ଅଂଶ ମଧ୍ୟସ୍ଥିତ ହେବା କଥା ତେଣୁ ସେତେବେଳେ କୃତ୍ତିକା ବା ରୋହିଣୀ ନକ୍ଷତ୍ର ସମ୍ଭବ, ମୃଗଶିରା ନୁହେଁ । ଏହିପରି ନାନା ସ୍ଥାନରେ କବି ଯେଉଁ ପଞ୍ଜାଙ୍ଗ ବିବରଣ ଦେଇଛନ୍ତି ସେଥିରୁ ଜଣାପଡୁଛି ଯେ ତାଙ୍କର ଗଣିତ-ଜ୍ୟୋତିଷ ଜ୍ଞାନ ନଥିଲା । ମାସର ତିଥି ସହିତ ନକ୍ଷତ୍ରକୁ ଓ ଯୋଗକରଣକୁ ମିଳାଇବା କାର୍ଯ୍ୟଟି ସେ କରିପାରୁନଥିଲେ ।

**ଉଦାସ ଭାବ :**

ପୀତାମ୍ବରଙ୍କ ଗାଉଁଲି ସମାଜରେ ପାଣ୍ଡିତ୍ୟ ତ ନଥିଲା, ଚିହ୍ନା ଗରାଖଙ୍କ ଅଭାବରେ, ପାଣ୍ଡିତ୍ୟର ଆଦର ବି ନଥିଲା । ଲୋକେ ଥିଲେ ସାଧାରଣତଃ ନିରକ୍ଷର ଓ ଅଜ୍ଞ । ଶିକ୍ଷିତମାନେ ରାଜାନୁଗ୍ରହ ପାଇ ଗଡ଼ରେ କିମ୍ବା ନିଷ୍କର ଭୂମି ପାଇ ଶାସନଗୁଡ଼ିକରେ ରହୁଥିଲେ । ସେ ଲେଖିଛନ୍ତି 'ମୂର୍ଖ ଗୋଷ୍ଠୀରେ ମୋହର ସଦା ଦିନ ଯାଇ' (୫/୯୧) । ସେହି ମୂର୍ଖମାନଙ୍କ ପାଇଁ ହିଁ ତାଙ୍କର ଗ୍ରନ୍ଥରଚନା ସଂକଳ୍ପ । ସେହି ସମାଜରେ ଭକ୍ତିର ପ୍ରତିଷ୍ଠା ଥିଲା । ସାଧାରଣ ଲୋକେ ତାଙ୍କ ଲେଖା ଶୁଣି, ଚରିତର ଅପୂର୍ବତା ଯୋଗୁଁ, ଲେଖାର ମର୍ମକୁ ଭେଦି ନ ପାରି ତାଙ୍କୁ ପଣ୍ଡିତ-ମର୍ଯ୍ୟାଦା ନ ଦେବା ସ୍ୱାଭାବିକ । ସେମାନେ ସେ ଜଣେ 'ଅନର୍ଥିଆ' ମୂର୍ଖ ବୋଲି ଧରି ନେଉଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ କେହି କେହି ଉତ୍ତମ ଲୋକ ସେ ଜଣେ ଭକ୍ତ ବୋଲି ମାନ୍ୟତା ଦେଉଥିଲେ ।

ଅର୍ଥ ନ ଜାଣନ୍ତି ଅନର୍ଥିଆ ବୋଲୁଥାନ୍ତି ।
ମୂର୍ଖ ଅଟେ ସଭାରେ କେ ମୋତେ ନ ବସାନ୍ତି ।।
ବିଷ୍ଣୁ ଭକ୍ତି ମୋହର ହୃଦେ ନ ଥିବାରୁ ।
ପଣ୍ଡିତ ସଭା ଦେଖି ଲୁଚେ ଖଣ୍ଡେ ଦୂରୁ ।।
ସୁଜନମାନେ ମୋହର ଭକ୍ତି ଏକା ଚିହ୍ନି ।
ଆଶୀର୍ବାଦରେ କରନ୍ତି ମୋତେ ଧନ୍ୟ ଧନ୍ୟ ।। (୭/୪୩)

ବିଦ୍ୟାବିବାଦ କରି ନିଜ ପାଣ୍ଡିତ୍ୟକୁ ଜୋର୍‌ଦାର ଭାବରେ ବିଜ୍ଞାପିତ କରାଇବା ତାଙ୍କର ସ୍ୱଭାବ ନ ଥିବା କଥା ସେ ଜଣାଇଛନ୍ତି : 'ବାଦବିବାଦ ମୁଁ କରି ନାହିଁ କଦାଚିତେ' (୪/୧୬୦) । ଏପରି ସ୍ୱଭାବର ଦ୍ୱିବିଧ କାରଣ ଅନୁମାନ କରାଯାଇପାରେ । ପ୍ରଥମ କାରଣ ହେଲା, ନିଜ ଜ୍ଞାନ ପରିପକ୍ୱତା ଅର୍ଜନ କରିସାରିଛି ବୋଲି ଆତ୍ମବିଶ୍ୱାସ ନ ଜନ୍ମିଲେ ଜଣେ ଅନ୍ୟ ଆଗରେ ଜ୍ଞାନବଡ଼ିମା ଦେଖାଇ ପାରିବ ନାହିଁ । ପୀତାମ୍ବର ନିଜକୁ ଜଣେ ଚଞ୍ଚଳମନା ଶିଶୁ ବୋଲି ବିଚାର କରୁଥିଲେ : 'ମୁହିଁ ଶିଶୁବୁଦ୍ଧି ପୁଣି ଅଟେ ଅପଣ୍ଡିତ' (୨/୧୪); 'ବାଳୁତ ପିଲାଙ୍କ ପ୍ରାୟେ ଚଞ୍ଚଳ ମୋ ମତି' (୨/୨୧) । ଶିଶୁମାନେ ଶିଖିବା ସ୍ତରରେ ଥାଆନ୍ତି । କବି ଏପରି ସ୍ୱଭାବ ନେଇ ହିଁ ନୃସିଂହ-ପୁରାଣ ଲେଖିଥିବା କଥା ଜଣାଇଛନ୍ତି —

ବିପ୍ର ପୀତାମ୍ବର ଦାସ ସର୍ବଜନ ହିତେ ।
ବାଳୁତ ଭାବେ ଲେଖଇ ଗ୍ରନ୍ଥ ପରାକୃତେ ।। (୩/୪୪)

ପୀତାମ୍ବରଙ୍କ ନିରୀହ ସ୍ୱଭାବର ଅନ୍ୟତମ କାରଣ ଆର୍ଥିକ ଦାରିଦ୍ର୍ୟ ହେବା ସମ୍ଭବ । ଭିକ୍ଷାବୃତ୍ତି ଦ୍ୱାରା କୁଟୁମ୍ବ ପ୍ରତିପୋଷଣ କରୁଥିବା ଲୋକ ଯେତେ ପଣ୍ଡିତ ହେଲେ ବି ଆଣ୍ଠ କରି କିଛି କହିପାରିବା ସମ୍ଭବ ନୁହେଁ । ଫଳରେ, ପୀତାମ୍ବର ସବୁ କଥା ପ୍ରତି ଉଦାସୀନ ଭାବ ପୋଷଣ କରୁଥିଲେ ! 'ସବୁ ଦିନେ ଉଦାସରେ ଦିନ ମୋର ଯାଏଁ (୪/୬୮); 'ଅଧମ ଯେ ପୀତାମ୍ବର ଦାସ ଉଦାସୀନ' (୧/୧୧୭) ।

ପୀତାମ୍ବରଙ୍କ ମନୋବୃତ୍ତି ହୋଇଥିଲା ଅନ୍ତର୍ମୁଖ (introvert) । ସେ ନିଜ ମତକୁ ସାଧାରଣତଃ ନିଜ ଭିତରେ ରଖୁଥିଲେ । କବିମାନେ ସମଧିକତଃ ଅନ୍ତର୍ମୁଖ ଓ ପଣ୍ଡିତମାନେ ବହିର୍ମୁଖ (extrovert) । ପୀତାମ୍ବର ନିଜକୁ ଅନ୍ୟମାନଙ୍କଠାରୁ ବଡ଼ ବୋଲି ଭାବୁ ନଥିଲେ । ଏପରି ଚେତନାର ମୂଳରେ ଅଦ୍ୱୈତବାଦୀ ଦାର୍ଶନିକ ଉଦ୍‌ବୋଧ ଥିବା ସମ୍ଭବ । ଯେ ପରମାତ୍ମା ସେ 'ଛପନ କୋଟି' ଜୀବରେ ସବୁଠାରେ ଆତ୍ମାରୂପରେ ବିଦ୍ୟମାନ । ଏକ ଓ ଅଦ୍ୱିତୀୟ ବିଶ୍ୱାତ୍ମା ହିଁ ସବୁ ଜୀବର ସତ୍ତା ତେଣୁ ଜୀବ ଜୀବ ମଧ୍ୟରେ ସମତା ରହିଛି । ପୀତାମ୍ବର ନିଜକୁ ସମସ୍ତଙ୍କ ମଧ୍ୟରେ ଜଣେ ବୋଲି ପ୍ରକାଶ କରିଛନ୍ତି ଓ ସମସ୍ତଙ୍କ ଆତ୍ମା ନିଜର ଆତ୍ମା ବୋଲି ଭାବିଛନ୍ତି –

ମହାଦୀନ ଦୁଃଖୀ ମୁହିଁ ଅଟେ ଭକ୍ତି ଭାବେ ।
ସର୍ବ ସଙ୍ଗେ ଜଣେ ମୁଁ ଛପନ କୋଟି ଜୀବେ ।।
ସେ ଛପନ କୋଟି ଜୀବ ଆତ୍ମା ଯାକ ମୋର ।
ନିତି ନିତି ପ୍ରଣାମ କରେ ମୁଁ ତିନି ଥର ।।
ସର୍ବ ଆତ୍ମାରେ କନିଷ୍ଠ ପୁତ୍ର ଅଟେ ମୁହିଁ ।
ବିପ୍ର ପୀତାମ୍ବର କହେ ଆତ୍ମା ଅନୁଧ୍ୟାୟୀ ।। (୭/୪୦)

ତ୍ରିବାର ପ୍ରଣାମ ତ୍ରିସନ୍ଧ୍ୟା ପ୍ରଣାମକୁ ବୁଝାଉଥିବା ସମ୍ଭବ । ନିଜକୁ କନିଷ୍ଠ ବୋଲି ବିଚାରିଲେ ସମସ୍ତେ ଗୁରୁସ୍ଥାନୀୟ ହେବେ । ପୀତାମ୍ବର ନିଜକୁ 'କନିଷ୍ଠ ପୁତ୍ର' ବୋଲି ବହୁବାର ଆଖ୍ୟାତ କରିଛନ୍ତି । ସେ କହିଛନ୍ତି, ସବୁ ଜୀବଜନ୍ତୁ (କେବଳ ମନୁଷ୍ୟ ନୁହଁନ୍ତି) ତାଙ୍କର ପିତାମାତା ଓ ସେ ସମସ୍ତଙ୍କ ସାନ ପୁଅ ।

ସଂସାର ଯାକେ ଅଛନ୍ତି ଯେତେ ଜୀବଜନ୍ତୁ ।
ସବୁରି ସାନ ପୁତ୍ର ମୁଁ ଅଟେ ବୀର୍ଯ୍ୟତନ୍ତୁ ।।
ସମସ୍ତେ ମୋହର ପିତା ସବୁ ସ୍ତିରୀ ମାତା ।
ଏହା ଲେଖ ବୋଲି ଆଜ୍ଞା ଦେଲେ ଜଗନ୍ନିତା ।। (୪/୬୮)

'ଏହା'ର ଅର୍ଥ ନୃସିଂହ-ପୁରାଣ । କୌଣସି କବିର ଚେତନାର ଉଦୟ ତା'ଠାରେ ହିଁ ଆରମ୍ଭ ହୁଏ ନାହିଁ କି ସେହି ଚେତନାର ବିଲୟ ତା' ସହିତ ହୋଇଯାଏ ନାହିଁ । ଚେତନା ସତେ କି ଗୋଟିଏ ଚିରସ୍ରୋତା-ନଦୀ ଓ କବି ସେହି ନଦୀତୀରର ବୃକ୍ଷଟିଏ । ସବୁ ଜୀବଙ୍କର ଯୁଗଯୁଗ

ଧରି ପ୍ରବହମାନ ଚେତନା ଦ୍ୱାରା କବିର ଚେତନା ସୃଷ୍ଟି । ଜୀବସୃଷ୍ଟିର ସମଷ୍ଟୀଭୂତ ଚେତନା ସହିତ ବ୍ୟକ୍ତିଚେତନାର ସଂଯୋଗ କଥା କବି କହିଛନ୍ତି –

ସବୁରି ମନ ନେଇ ମୋ ମନ ଯୋଖିବାରୁ ।
ତେଣୁ ମୁହିଁ ପଦ ବାନ୍ଧେ ସବୁରି କୃପାରୁ ।। (୩/୮୭)

ସାନପୁଅ ବୋଲାଇବାର ତାତ୍ପର୍ଯ୍ୟକୁ ପୀତାମ୍ବର ରହସ୍ୟମୟ କରି ରଖିଛନ୍ତି । ତାଙ୍କ ମତରେ ସାନପୁଅ ହେବାର ଲାଭ ହେଉଛି ପିତାଙ୍କର ଦୟାଭାବ : ''ପିତାର ଦୟା କନିଷ୍ଠ ପୁତ୍ରଠାରେ ଥାଇ'' (୩/୮୭) । ଦାତାର ଦୟା ଉପରେ ନିର୍ଭର କରୁଥିବା ଯୋଗୁଁ କବିଙ୍କର ଏପରି ଚେତନା ଆସିଥାଇପାରେ । ଠାଏଁ ସେ କହିଛନ୍ତି ଯେ ବଡ଼ ଭାଇମାନେ ଧନସମ୍ପତ୍ତି ବାଣ୍ଟି ନେଇଛନ୍ତି, ତାଙ୍କ ଭାଗରେ କେବଳ ଜ୍ଞାନ ପଡ଼ିଛି । ଲୋକେ ଧନଲୋଭୀ ଓ ଜ୍ଞାନବିମୁଖ ହୋଇଥିବା ପ୍ରତି ପ୍ରଚ୍ଛନ୍ନ ଆକ୍ଷେପ ଏଥିରେ ଥିବା ଅନୁମେୟ ।

ସଂସାରର ଜନ ଯାକ ସର୍ବେ ମୋର ପିତା ।
ଯାବତ ସ୍ତିରୀଯାକ ତ ବୁଝିଲେ ମୋ ମାତା ।।
ସେ ମାତାପିତାଙ୍କର ମୁଁ ସାନ ପୁତ୍ର ଅଟେ ।
*ଧନ ଭଣ୍ଡାରକୁ ବାଣ୍ଟି ନେଲେ ଯେଝା ବାଣ୍ଟେ ।।
ମୋତେ ତିଳାର୍ଦ୍ଧେ ଭାଗ ନ ଦେଲେ ତହୁଁ କିଛି ।
ତେଣୁ ମୁଁ ସଂସାରେ ଜାଣ ଭ୍ରମିଣ ମରୁଛି ।। (୭/୭୩)

**ଅନ୍ୟାନ୍ୟ ରଚନା :**

ପୀତାମ୍ବର ଦାସଙ୍କ ସାହିତ୍ୟିକ ସୃଷ୍ଟିଭାବରେ ଏକମାତ୍ର ନୃସିଂହ-ପୁରାଣ ଲୋକଲୋଚନକୁ ଆସିଛି । ସେ ବିଭିନ୍ନ ଶାସ୍ତ୍ର ଓ ବିଦ୍ୟା ହାସଲ କରିବା ସଙ୍ଗେ ସଙ୍ଗେ 'ନାଟ ଗୀତ ରଙ୍ଗ ଆଦି ଚୌପଦୀ ସହିତେ' ଆୟତ୍ତ କରିଥିବା କଥାର ସୂଚନା ଦେଇଛନ୍ତି (୫/୯୩) । 'ନାଟ' ଅଭିନୟ କଳାକୁ ଓ 'ଗୀତ' ଗାୟନକଳାକୁ ବୁଝାଉଥିବା ସମ୍ଭବ । କିନ୍ତୁ 'ଚୌପଦୀ' ନିଶ୍ଚୟ ସାହିତ୍ୟିକ ରଚନାକୁ ବୁଝାଉଛି । ପୀତାମ୍ବର ଦାସଙ୍କ ଦ୍ୱାରା ରଚିତ କୌଣସି ଚଉପଦୀ ଏଯାବତ୍ ଦୃଷ୍ଟିଗୋଚର ହୋଇନାହିଁ ।

---

* ମୁଦ୍ରିତ ପୁସ୍ତକରେ 'ଧନ ଭଣ୍ଡାର' ସ୍ଥାନରେ 'ଜ୍ଞାନ ଭଣ୍ଡାର' ପାଠ ରହିଛି । କିନ୍ତୁ, କବିଙ୍କର ଦାରିଦ୍ର୍ୟ ଓ ଭିକ୍ଷା ପାଇଁ ନାନା ସ୍ଥାନ ଭ୍ରମଣ କଥା ଜଣାଥିବାରୁ ପ୍ରକୃତ ପାଠ 'ଧନ ଭଣ୍ଡାର' ହେବା ସମୀଚୀନ ବୋଧହୁଏ । ଅନ୍ୟତ୍ର କବି ଭାଇଭାଗ ସ୍ୱରୂପ ଧନ ବଦଳେ ଜ୍ଞାନ ପାଇଥିବା କଥା ସେ ଲେଖିଛନ୍ତି –

ସଂସାରେ ଯେତେ ଅଛନ୍ତି ସୁଜ୍ଞ ସାଧୁଜନ ।
ସବୁରି ଅଟଇ ମୁହିଁ କନିଷ୍ଠ ନନ୍ଦନ ।।
ଜ୍ୟେଷ୍ଠଭ୍ରାତା ମୋର ବାଣ୍ଟି ଦେଲେ ମହାଭାଗ ।
ପାଇଛି ସେ ଭାଗ ମୁହିଁ ଶ୍ରେଷ୍ଠ ଜ୍ଞାନଯୋଗ ।। (୭/୧୬୮)

ପୀତାମ୍ବର ଦାସ ଭଣତିଯୁକ୍ତ 'ସାଧନ ଦର୍ପଣ' ନାମକ ଏକ ରଚନାର ପୋଥି ଓଡ଼ିଶା ମ୍ୟୁଜିଅମ୍‌ରେ ସଂରକ୍ଷିତ ହୋଇଛି । ଜଣାଯାଏ ଯେ ଏହାର କବି ତାଙ୍କ ଗୁରୁଙ୍କ ନାମ 'ବିପ୍ର ରାମ ଦାସ' ବୋଲି ବହୁବାର ଲେଖିଛନ୍ତି । 'ସାଧନ ଦର୍ପଣ' ରାଧାକୃଷ୍ଣଲୀଳା ବିଷୟକ ଗ୍ରନ୍ଥ । ଏହା ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ । ନୃସିଂହ ପୁରାଣର କବି ପୀତାମ୍ବର ବିଷ୍ଣୁପ୍ରିୟା ଭାବରେ ଏକମାତ୍ର ଲକ୍ଷ୍ମୀଙ୍କୁ ସ୍ୱୀକାର କରିଥିବାରୁ ସେ ତାଙ୍କର ମତ ବଦଳାଇ ରାଧାଙ୍କୁ ପ୍ରାଧାନ୍ୟ ଦେଇଥିବା ବିଶ୍ୱାସ ହେଉନାହିଁ । ତେଣୁ ସାଧନ ଦର୍ପଣର କବି ଓ ନୃସିଂହ-ପୁରାଣର କବି ଭିନ୍ନ ଭିନ୍ନ ବ୍ୟକ୍ତି ବୋଲି ସ୍ଥିର କରାଯାଉଛି ।

**ମହାପୁରୁଷ :**

ପରିବେଶ ପୀତାମ୍ବର ଦାସଙ୍କର ଗୁଣଗ୍ରାହୀ ନ ଥିଲା । ବହୁ ଲୋକ ତାଙ୍କର ଉଭଟ ରଚନାପାଇଁ ତାଙ୍କୁ ପରିହାସ କରୁଥିଲେ । ଜଗତରେ ସମସ୍ତେ ତ ସମସ୍ତଙ୍କର ଶତ୍ରୁ, ମୋର କିଏ କାହିଁକି ମିତ୍ର ହେବ ? ଏପରି ଦାର୍ଶନିକ ଭଙ୍ଗୀରେ ସେ ଜଗତର ଚଳଣିକୁ ଦେଖୁଥିଲେ –

ଆବର ପୃଥ୍ୱୀରେ ଜୀବ ହୋଇଛନ୍ତି ଯେତେ ।
ସବୁରି ଅହନ୍ତା ହୁଏ ସବୁଙ୍କୁ ଯେ ନିତ୍ୟେ ॥
ସମସ୍ତ ମନୁଷ୍ୟଙ୍କର ସମସ୍ତେ ବଇରି !
ଏଣୁ ମୁଁ କହୁଛି ସମସ୍ତଙ୍କୁ ସ୍ତୁତି କରି ॥ (୨/୨୧)

ହେଲେ ହେଁ ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ଦିନ ଆସିବ ତାଙ୍କ ରଚନା ପ୍ରତିଷ୍ଠା ପାଇବ, ତାଙ୍କ ନିନ୍ଦୁକମାନେ ଚୁପ୍ ହୋଇଯିବେ ଓ ସେ ଜଣେ ମହାପୁରୁଷ ବୋଲି ଲୋକେ ସ୍ୱୀକାର କରିବେ । ଏ ବିଷୟ ବିଷ୍ଣୁଙ୍କ ବଚନ ବୋଲି ସେ ପ୍ରକାଶ କରିଛନ୍ତି –

ଏ କଥାକୁ ହାସ୍ୟ କରି ନିନ୍ଦିବେ ଯେ ତୋତେ ।
ତାହାଙ୍କୁ ଜଡ଼ କରିବି ମୁହିଁ ଏ ଜଗତେ ॥
ମହାପୁରୁଷ ଜଣେ ତୁ ବୋଲି ଚିହ୍ନାଇବି ।
ଏଥକୁ ନ କରି ଭୟ ଲେଖ ମନେ ଭାବି ॥ (୭/୩୩)

ମନରେ ଭାବିବା (ଅର୍ଥାତ୍ କଳ୍ପନା କରିବା) ଫଳରେ ପୀତାମ୍ବର ଯେଉଁ ଖ୍ୟାତି ଅର୍ଜନ କରିପାରିଥିଲେ, ତାହା କୌଣସି ପୁରାଣକୁ ଅନୁବାଦ ମାତ୍ର କରିଥିଲେ ସମ୍ଭବପର ହୁଅନ୍ତା ନାହିଁ ।

●

*ଅଷ୍ଟମ ଅଧ୍ୟାୟ*

# ନୃସିଂହ-ପୁରାଣର ପ୍ରଚାର ଓ ପ୍ରଭାବ

ପୂର୍ବେ ରାମାୟଣ-ମହାଭାରତ ସମେତ ସବୁ ପୁରାଣର ପ୍ରଚାର-ସ୍ଥଳ ଥିଲା ଗାଁର ପୁରାଣସଭା ଓ ପ୍ରଚାରକ ଥିଲା 'ପୁରାଣ-ପଣ୍ଡା' ବୋଲାଉଥିବା ପୁରାଣ ପାଠକ । ଲୋକେ ପୁରାଣରୁ ସାମାଜିକ ନୀତିନିୟମ, ଆଚାର ବ୍ୟବହାର, କର୍ତ୍ତବ୍ୟାକର୍ତ୍ତବ୍ୟ, ପରମ୍ପରା, ତୀର୍ଥକ୍ଷେତ୍ର ଆଦି ବିଷୟରେ ଯାହା କିଛି ଜାଣୁଥିଲେ – ଅନ୍ୟଥା ଜାଣିବାର ବିକଳ୍ପ ପନ୍ଥା ବିଶେଷ ନ ଥିଲା – ପୁରାଣରେ ପ୍ରଖ୍ୟାପିତ ଆଦର୍ଶବାଦ ଦ୍ୱାରା ପ୍ରଭାବିତ୍ ହୋଇ ନିଜକୁ ନିୟନ୍ତ୍ରିତ କରୁଥିଲେ ଓ କର୍ମବ୍ୟସ୍ତ ଜୀବନର କ୍ଳାନ୍ତି ଅପନୋଦନ ପାଇଁ ରାତ୍ରିର ପ୍ରଥମ ପ୍ରହରରେ କିଛି ମାତ୍ରାରେ ଚିତ୍ତବିନୋଦନ କରିବା ସହିତ ସଂକୀର୍ଣ୍ଣ ସ୍ୱାର୍ଥଚିନ୍ତା, ଚୁଗୁଲିଚର୍ଚ୍ଚା ଓ ଦାମ୍ପତ୍ୟ କଳହରୁ ନିବୃତ୍ତ ରହି ପ୍ରାୟ ଅର୍ଦ୍ଧପ୍ରହର କାଳ ଗାଁ-ଭାଇମାନଙ୍କ ସହିତ ସାଙ୍ଗ ହୋଇ ଏକାଠି ବସୁଥିଲେ । ଭାବିବାକୁ ଗଲେ, ପୁରାଣସଭା ଥିଲା ଯୁଗପତ୍ ନିରକ୍ଷରଙ୍କ ଚାଟଶାଳୀ, ପୁଣ୍ୟକାମୀଙ୍କ ତୀର୍ଥକ୍ଷେତ୍ର, ଶାନ୍ତ ଜନତାର ରଙ୍ଗଭୂମି ଓ ଗ୍ରାମସମାଜର ମିଳନ ପୀଠ । ଧାର୍ମିକ ଦିଗଟିକୁ ବିଚାର ନ କଲେ ମଧ୍ୟ ସମାଜକଲ୍ୟାଣ-ସାଧନ ଓ ଲୋକଚରିତ୍ର-ଗଠନ କ୍ଷେତ୍ରରେ ପୁରାଣର ଏତାଦୃଶ ଭୂମିକା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ ।

ପୁରାଣ ସରିଲେ ଗାଁ-ଭୂମି ସନ୍ଧ୍ୟା ପରେ ନିର୍ଜୀବ ହୋଇଯାଏ । ଖାଁ ଖାଁ ନିଶ୍ଚଳ ଲାଗେ । ତେଣୁ, ଆଉ ଗୋଟିଏ ପୁରାଣ ଲଗାଇବା ପାଇଁ ଗାଁର ମୁରବୀମାନେ ହଙ୍କପଙ୍କ ହୁଅନ୍ତି । ସେଥିରେ ନୂଆ ଚରିତ ପଡ଼ିବ, ଭିନ୍ନ ତତ୍ତ୍ୱର ପରଷା ହେବ, ଗାଁ ପୁଣି ଜୀବନ୍ତ ହେବ । ମୁଦ୍ରାଯନ୍ତ୍ରର ଆଗମନ ପରେ ପୁରାଣ ପୁସ୍ତକ ଛପା ହେବାରୁ ସୁଲଭ ମୂଲ୍ୟରେ ମିଳିପାରିଲା, ଆଉ ମଧ୍ୟ ଶିକ୍ଷାର ପ୍ରସାର ହେବାରୁ ସାଧାରଣ ଲୋକେ – କି ସ୍ତ୍ରୀ କି ପୁରୁଷ ଘରେ ବସି ପୁରାଣ ପଢ଼ିପାରିଲେ । ଏକାଏକ ଅଭକ୍ତ ପାଠକଙ୍କ ସଂଖ୍ୟା ବଢ଼ିଲା ସିନା, ଗୋଷ୍ଠୀ-ଶ୍ରୋତାଙ୍କ ସଂଖ୍ୟା କମିବାରେ ଲାଗିଲା । ଆଧୁନିକତାର ବାତ୍ୟା ଏତିକିରେ ଅଟକିଲା ନାହିଁ । ପୁରାଣ ତ ପୁରୁଣା କଥା, ପୁରାଣ ସଭା ମଧ୍ୟ ପୁରୁଣା କଥା ହେଲା ଓ ପୁରାଣ ରଚନା ପ୍ରାୟ ବନ୍ଦ ହୋଇଗଲା । ପୁରାଣ ଅଶିକ୍ଷିତ ଧର୍ମପ୍ରାଣ ଶ୍ରୋତାଗୋଷ୍ଠୀଙ୍କ ପାଇଁ ଉଦ୍ଦିଷ୍ଟ ତେଣୁ ଏକାଏକ ଶିକ୍ଷିତ ପାଠକ ତାହାର ପୋଷକ ହେବା ସମ୍ଭବ ନୁହେଁ । ପୁରାଣ ରଚନାର ଜନ୍ମ ପୁରାଣସଭାରେ ହୋଇଛି, ତାହାର ବିକାଶ ପୁରାଣସଭା ସହିତ ହୋଇଛି ଓ ତାହାର ମୃତ୍ୟୁ ମଧ୍ୟ ପୁରାଣସଭା ସଙ୍ଗେ ହେବାକୁ ଯାଉଛି । ଏଣିକି ପୁରାଣର ମୂଲ୍ୟ କେବଳ ଐତିହାସିକ ।

**ପୁରାଣ ପାଠ :**

ଜଣେ ମାତ୍ର ପୁରାଣ ପଣ୍ଡା ପୁରାଣ ପଢ଼େ । ଏ କ୍ରିୟାଟିକୁ ପଢ଼ିବା ବୋଲି କୁହାଯାଉଥିଲେ ହେଁ ଏଥିରେ – ଏପରିକି ଛନ୍ଦହୀନ ଦାଣ୍ଡିରଚନାରେ – ଗାନର ବୋଲି ଦିଆଯାଇଥାଏ । ପୁରାଣପାଠର ସ୍ୱର ଶ୍ରୁତିମଧୁର ହେବା ଯେପରି ଆବଶ୍ୟକ ପୁରାଣର ଶବ୍ଦଗୁଡ଼ିକର ଉଚ୍ଚାରଣ ପ୍ରାଞ୍ଜଳ ହେବା ସେହିପରି ଆବଶ୍ୟକ । ପଦେ ପଦେ ଗାଇ ଅର୍ଥ ବୁଝାଇବାକୁ ହେଲେ ପୁରାଣ ଗଡ଼ିବ ନାହିଁ । ତେଣୁ, ପୁରାଣର ଭାଷା ଅଶିକ୍ଷିତ ନିରକ୍ଷରଙ୍କ ପାଇଁ ସୁବୋଧ୍ୟ ହେବା ଆବଶ୍ୟକ । ଅନ୍ୟାନ୍ୟ ପୁରାଣ ପରି ନୃସିଂହ-ପୁରାଣ ମଧ ଏଥିପ୍ରତି ଦୃଷ୍ଟିରଖି ଲେଖା ହୋଇଛି । ନୃସିଂହ ପୁରାଣର ଆଉ ଏକ ବିଶେଷତା ତାହାର ଛନ୍ଦ, ଏହା ଆରମ୍ଭରୁ ଶେଷଯାଏଁ (ନଗଣ୍ୟ ଗୋଟିଏ ବଙ୍ଗଳାଶ୍ରୀ ଗୀତକୁ ଛାଡ଼ି) ଆଶାବରୀରେ ଲେଖା ହୋଇଛି । ଓଡ଼ିଆ ପୁରାଣଗୁଡ଼ିକ ଗାୟନ କଳାବିଶେଷ ଲୋଡୁନଥିବା ଦାଣ୍ଡିରୀତିରେ, ନବାକ୍ଷରୀ (କହ୍ଲାର) ଭାଗବତ ବାଣୀରେ, ତ୍ରୟୋଦଶାକ୍ଷରୀ (ଗୁଜ୍ଜରୀ) ସଙ୍ଗମତିଆରି ବାଣୀରେ ବା ଚତୁର୍ଦ୍ଦଶାକ୍ଷରୀ (ଆଶାବରୀ) କଳସା ବାଣୀରେ ଲେଖାଯାଏ । ଗାଇବାପାଇଁ ଆଶାବରୀ ବଡ଼ ସୁଖକର । ଏହା ବିଭିନ୍ନ ଶୈଳୀରେ ଗାଇହୁଏ ମଧ । ଆଶାବରୀରେ ଚରଣକେ ଚଉଦ ଅକ୍ଷର, ଦୁଇ ଚରଣରେ ଗୋଟିଏ ପଦ ଓ ଚରଣାନ୍ତ ଅକ୍ଷର ଦ୍ୱୟର ମେଳ ହୁଏ । ଏଥିରେ ପ୍ରତ୍ୟେକ ଚରଣର ଅଷ୍ଟମ ଓ ଶେଷ ଅକ୍ଷରରେ ଯତି ପଡ଼େ । ପୀତାମ୍ବର ସମଗ୍ର ପୁରାଣରେ କ୍ୱଚିତ୍ କୌଣସି ଶବ୍ଦକୁ ଯତିସ୍ଥାନରେ ବିଭକ୍ତ କରିଛନ୍ତି । ଯତିସ୍ଥାନରେ ଶବ୍ଦକୁ ବିଭକ୍ତ ନ କରିବା ଦ୍ୱାରା ଗାଇବା ଓ ଅର୍ଥ ବୁଝିବା ଉଭୟ କଥାର ସୁବିଧା ହୁଏ ।

ପୁରାଣ ଶୁଣିବି ବୋଲି କିଛି ଲୋକ ସଂକଳ୍ପ କରନ୍ତି । ନାନାବିଧ ସ୍ୱାର୍ଥସାଧନ ଲକ୍ଷ୍ୟରେ (ଯଥା– ବ୍ୟାଧି-ବିପତ୍ତି-ବିବାଦ ଆଦିରୁ ଉଦ୍ଧାର ପାଇଁ ମାନସିକ କରି, ସନ୍ତାନ ଲାଭ, ମୋକଦ୍ଦମାରେ ଜୟ ବା କୃତକର୍ମଜନିତ ପାପରୁ ପରିତ୍ରାଣ କାମନା କରି କିମ୍ବା ଶେଷ ଜୀବନରେ ମୋକ୍ଷ ଆଶା କରି) ଲୋକେ ପୁରାଣ ଶୁଣିବା ସଂକଳ୍ପ କରିଥାନ୍ତି । ଅନ୍ୟମାନେ ସଂକଳ୍ପ ନ କରି ମଧ ପୁରାଣ ଶୁଣନ୍ତି । ମଝିରେ ମଝିରେ କାର୍ଯ୍ୟୋପଲକ୍ଷ୍ୟେ ଅନୁପସ୍ଥିତ ରହିଲେ ଶ୍ରୋତା ସେ ଦିନର ଚରିତ୍ରଟିକୁ ଅନ୍ୟମାନଙ୍କୁ ପଚାରି ବୁଝିନିଏ । ଲୋକଙ୍କର ପରମ୍ପରାଗତ ବିଶ୍ୱାସ ଯେ ଅନ୍ୟାନ୍ୟ ପୁରାଣ ତୁଳନାରେ ନୃସିଂହ-ପୁରାଣ ପାଇଁ ଅଧିକ ନିଷ୍ଠା ଦରକାର । ପ୍ରକୃତରେ କଳିଙ୍ଗ ଭୂମିରେ (ଗଞ୍ଜାମ ଜିଲ୍ଲା କଳିଙ୍ଗର ଉତ୍ତର ସୀମାବର୍ତ୍ତୀ) ନୃସିଂହ-ଆରାଧନାର ପ୍ରାଧାନ୍ୟ ପ୍ରାଚୀନ କାଳରୁ ରହି ଆସିଥିଲା ଓ ସିଂହାଚଳ (ସୀମାଚଲମ୍) ପୀଠସ୍ଥ ବରାହ-ଲକ୍ଷ୍ମୀ-ନୃସିଂହ ଏହି ଉପଧର୍ମର କେନ୍ଦ୍ର ଥିଲା । ଲୋକେ ନୃସିଂହ ମହାପ୍ରଭୁଙ୍କୁ ଭୟଭକ୍ତି କରିବା ପରି ନୃସିଂହ ପୁରାଣକୁ ମଧ ଅତିଶୟ ଭୟଭକ୍ତି କରୁଥିଲେ । ପୁରାଣ ପାଠ ଦିନଗୁଡ଼ିକରେ ପୁରାଣ ପଣ୍ଡା ଓ ସଂକଳ୍ପକମାନେ ଆମିଷାଦି ନ ଖାଇ ସାତ୍ତ୍ୱିକ ଆହାର କରିବା, ତୈଳ ଓ ମୈଥୁନ ବର୍ଜନ କରିବା ଓ

ହିଂସାକଳହ, ମିଥ୍ୟାଭାଷଣ ଆଦିରୁ ଦୂରରେ ରହିବା ହେଉଛି ବିଧି । ନୃସିଂହ-ପୁରାଣ ଆରମ୍ଭ କରିବା ପାଇଁ କିମ୍ବା ସାରିବା ପାଇଁ ମାସ ତିଥି ନକ୍ଷତ୍ର ଆଦି ସମୟ ନିର୍ଦ୍ଦିଷ୍ଟ ହୋଇନାହିଁ । ଏହାକୁ ବର୍ଷର ଯେ କୌଣସି ମାସରେ (ଦକ୍ଷିଣାୟନ-ହରିଶୟନ ବାରଣ ନକରି) ଗୋଟିଏ ଶୁଭଦିନରେ ଆରମ୍ଭ କରାଯାଇପାରେ । ଏହା ପ୍ରତ୍ୟହ ଶୁଣିଲେ ଉତ୍ତମ । ପ୍ରତିଦିନ ଶୁଣିବା ସୁବିଧା ନ ହେଲେ କାର୍ତ୍ତିକ, ମାଘ ଓ ବୈଶାଖ ଏହି ତିନି ପୁଣ୍ୟମାସରେ ଓ ଷଡ଼ଜୟନ୍ତୀ (ଜନ୍ମାଷ୍ଟମୀ, ଦଶହରା, ଶିବରାତ୍ରି, ରାମନବମୀ, ନୃସିଂହ-ଚତୁର୍ଦ୍ଦଶୀ ଓ ବାମନ ଦ୍ୱାଦଶୀ) ଭଳି ପୁଣ୍ୟ ଦିବସଗୁଡ଼ିକରେ ନୃସିଂହ-ପୁରାଣର ପାଠ ଓ ଶ୍ରବଣ ଅଧିକ ଫଳଦାୟକ ବୋଲି ନିରୂପିତ ହୋଇଛି । ଆଉ ମଧ, ସଂକ୍ରାନ୍ତି, ଅମାବାସ୍ୟା ଓ ଏକାଦଶୀ ଦିନ ଏହାକୁ ଅହୋରାତ୍ର (ଅଷ୍ଟପ୍ରହର) ଶ୍ରବଣ କରିବା ଶ୍ରେୟ ବୋଲି ଲେଖାଅଛି (୩/୨୩୭) । ଥରେ ପୁରାଣପାଠ ଆରମ୍ଭ ହେଲେ ସାଧାରଣତଃ ସରିବାଯାଏଁ କ୍ରମେ ପଢ଼ାଯାଏଁ (ଅନଧ୍ୟୟନ ଦିବସ, ଗୁରୁବାର ଆଦି ଛାଡ଼ ଯାଏ ନାହିଁ) । କେଉଁଦିନ କେତେ ପଢ଼ାହେବ, ଚରିତ କେଉଁଠି ଅଟକିବ, ତାହା ପୁରାଣ ପଣ୍ଡା ସ୍ଥିର କରିଥାଏ ।

ପୁରାଣ ପୁସ୍ତକର ସନୈବେଦ୍ୟ ଅର୍ଚ୍ଚନା କରି ପୁରାଣ ପଣ୍ଡା ଦୈନିକ ପୁରାଣ ପଢ଼େ । ପୁଣ୍ୟକାମୀ ଶ୍ରୋତାମାନେ ପୁରାଣ ଶୁଣି ପ୍ରତ୍ୟହ ସାମାନ୍ୟ ଦକ୍ଷିଣା ପୁରାଣପଣ୍ଡାକୁ ଦେଇଥାନ୍ତି । ପୁରାଣରେ ଲକ୍ଷ୍ମୀ-ନୃସିଂହ ବିବାହ, ମୁରବଧ, ହିରଣ୍ୟକଶିପୁ ବଧ ଆଦି ମୁଖ୍ୟ ମୁଖ୍ୟ ଚରିତ ପଢ଼ିବା ଦିନ ନୈବେଦ୍ୟ ସାମଗ୍ରୀ ଅଧିକ ହୁଏ ଓ ଦକ୍ଷିଣା ପରିମାଣ ମଧ ବଢ଼େ । ପୁରାଣ ଉଦ୍‌ଯାପନ ଦିନ ପୁରାଣପଣ୍ଡାକୁ (ତଥା ପୋଥିର ଅନୁଲେଖକକୁ) ନୂତନ ବସ୍ତ୍ରାଦି ସହ ଅଧିକ ପରିମାଣ ଦକ୍ଷିଣା ଓ ବିଦାକି ଦିଆଯାଏ । ପ୍ରତ୍ୟେକ ପୁରାଣରେ ପୁରାଣ ପଣ୍ଡାକୁ ଉପଯୁକ୍ତ ଦକ୍ଷିଣା ଦେବାପାଇଁ ବାରମ୍ବାର ସୁପାରିସ୍ କରାଯାଇଥାଏ, କାରଣ ପୁରାଣ ପାଠ ଅର୍ଥକାରୀ ନ ହେଲେ ପୁରାଣ ପଣ୍ଡା ସପରିବାର ବଞ୍ଚିପାରିବ ନାହିଁ ଓ ସେ ବଞ୍ଚିଲେ ହିଁ ପୁରାଣ ବଞ୍ଚିବ । ନୃସିଂହ-ପୁରାଣରେ ପୁରାଣ ପାଠକକୁ ସନ୍ତୁଷ୍ଟ କରିବାଭଳି ଦକ୍ଷିଣା ଯଥାଶକ୍ତି ଦେବା ପାଇଁ ବହୁବାର କୁହାଯାଇଛି (୩/୪୪; ୭/୧୮୫, ୨୫୭), ଦକ୍ଷିଣା ଦେଲେ ଯମଦଣ୍ଡରୁ ପରିତ୍ରାଣ ଓ ତୀର୍ଥଫଳ ମିଳିବ (୧/୧୮) କିନ୍ତୁ ଦକ୍ଷିଣା ନ ଦେଲେ ଶ୍ରୋତା ବାର ଜନ୍ମ ଯାଏଁ କାଳ ହେବ (୩/୩୩) ଓ ପରଜନ୍ମରେ ଏଣ୍ଡୁଅ ହେବ (୭/୨୫୨) ବୋଲି ଲେଖାଅଛି । ନୃସିଂହ-ପୁରାଣ ଉଦ୍‌ଯାପନ ଦିନ ବିଶେଷ ଆକାରରେ ନୈବେଦ୍ୟ ହୁଏ ଓ ସମସ୍ତେ ପ୍ରସାଦ ପାଇଥାନ୍ତି । ପୁରାଣ ଉଦ୍‌ଯାପନ ଦିନ ନୃସିଂହ-ପୁରାଣ-ପାଠକର ହାତ ଲାଗିଲେ ବିବିଧ ଚର୍ମରୋଗ ଭଲ ହୋଇଯାଏ ବୋଲି ଅନେକେ ବିଶ୍ୱାସ କରୁଥିବାରୁ ସେ ଦିନ କେହି କେହି ଚର୍ମରୋଗୀ ମଧ ସେଠାରେ ଉପସ୍ଥିତ ଥାଆନ୍ତି ।

**ପୁରାଣପାଠର ସ୍ଥାନ :**

ନୃସିଂହ-ପୁରାଣର ବିଧିବଦ୍ଧ ପାଠ ଘରେ ହେବା ଉଚିତ ନୁହେଁ ବୋଲି ଗୋଟିଏ ଲୋକବିଶ୍ୱାସ ଗଞ୍ଜାମରେ ସୃଷ୍ଟି ହୋଇଯାଇଛି । ଲୋକେ ମହାଭାରତ ଓ ହରିବଂଶକୁ ଘରେ

ଲଗାନ୍ତି ନାହିଁ, ଆଶଙ୍କା ପୋଷଣ କରନ୍ତି ଯେ ଘରେ ମହାଭାରତ ପାଠ ହେଲେ ଭ୍ରାତୃବିବାଦ ଓ ହରିବଂଶ ପାଠ ହେଲେ ବଂଶଲୋପ ଘଟିବ । ନୃସିଂହ-ପୁରାଣ ଘରେ ପଢ଼ା ହେଲେ ଘରର ଘୋର କ୍ଷତି ଘଟିବ ବୋଲି ଗୋଟିଏ ବିଶ୍ୱାସ ଅନେକଙ୍କର ଅଛି । ନୃସିଂହ-ପୁରାଣ ମଧ୍ୟରେ ପଞ୍ଚପୁରାଣ ଥିବାରୁ ଓ ମହାଭାରତ ଓ ହରିବଂଶ ପଞ୍ଚପୁରାଣଭୁକ୍ତ ହୋଇଥିବାରୁ ଏପରି ବିଶ୍ୱାସ ଜନ୍ମିଥାଇପାରେ । (କିନ୍ତୁ ରାମାୟଣ ମଧ୍ୟ ପଞ୍ଚପୁରାଣଭୁକ୍ତ) । ରାମାୟଣ ଲକ୍ଷ୍ମୀରୂପା ସୀତାଙ୍କର ଦୁଃଖଗର୍ଭକ ହୋଇଥିବାରୁ ଲକ୍ଷ୍ମୀଙ୍କ ବାର ଅର୍ଥାତ୍ ଗୁରୁବାର ଦିନ ଓଡ଼ିଶାରେ ରାମାୟଣ ପଢ଼ା ହୁଏ ନାହିଁ (ଅନ୍ୟତ୍ର ଏପରି ନିଷେଧ ନାହିଁ) । କିନ୍ତୁ ନୃସିଂହପୁରାଣ ଗୁରୁବାରେ ବି ପଢ଼ା ହୁଏ । ପୀତାମ୍ବରଙ୍କ ବଂଶଧରମାନେ ମଧ୍ୟ ଘରେ ନୃସିଂହ-ପୁରାଣ ପାଠ କରିବାକୁ ଭୟ କରନ୍ତି । ଅତଏବ, ସାଧାରଣତଃ ସାର୍ବଜନୀନ ସ୍ଥଳରେ ହିଁ ପୁରାଣ ପଢ଼ା ହୁଏ । ଗାଁ ଦାଣ୍ଡର ତୁଳସୀ-ଚଉରାମୂଳ ଚାନ୍ଦିନୀରେ ବା ଦେବ ମନ୍ଦିର ପ୍ରାଙ୍ଗଣରେ ନୃସିଂହ-ପୁରାଣ ଲାଗେ । କିନ୍ତୁ, ଘରେ ପୁରାଣ ପଢ଼ିବା/ଶୁଣିବା ପ୍ରତି ନିଷେଧ ମୂଳରେ ନଥିଲା । ଘରେ ବସି ନୃସିଂହ-ପୁରାଣ ଶୁଣିଲେ ପୁଣ୍ୟଲାଭ ହେବ ବୋଲି ନୃସିଂହ-ପୁରାଣ ସ୍ପଷ୍ଟଭାବରେ କହେ –

କୋଟିଏ ତୀର୍ଥରେ ଯେତେ ପୁଣ୍ୟ ଫଳ ହୋଇ ।
ସେ ଫଳ ଲଭିବ ଶୁଣି ଗୃହେ ବସିଥାଇ ।। (୭/୧୪୬)

ଅନେକ ଲୋକ ଘରେ ପୁରାଣ ଲଗାଇବା କଥା ଏହି ଲେଖକ ଜାଣେ । କୋରାପୁଟର ପୂର୍ବତନ ବିଧାୟକ ଶ୍ରୀ ନୃସିଂହାନନ୍ଦ ବ୍ରହ୍ମାଙ୍କ ପିତା ଘରେ ନୃସିଂହ-ପୁରାଣ ଲଗାଇବା ପରେ ପୁତ୍ର ଲାଭ କରିଥିବାରୁ ସେହି ପୁତ୍ରର ନାମ ନୃସିଂହାନନ୍ଦ ରଖିଥିଲେ । ବ୍ରହ୍ମା ମହାଶୟଙ୍କ ଘରେ ଅଦ୍ୟାବଧି ନୃସିଂହ-ପୁରାଣ ପାରାୟଣ କରାଯାଉଛି ।

**ପରବର୍ତ୍ତୀ ସାହିତ୍ୟ ଉପରେ ପ୍ରଭାବ :**

ପୂର୍ବେ (ପଞ୍ଚମ ଅଧ୍ୟାୟ ଶେଷରେ) ଦର୍ଶାଯାଇଛି ଯେ ପୀତାମ୍ବର କୃଷ୍ଣଦାସଙ୍କ 'ନାମରତ୍ନ ଗୀତା'ରୁ କିଛି ବିଷୟ ଉତାରି ନେଇଛନ୍ତି । କୌତୂହଳର ବିଷୟ ପରବର୍ତ୍ତୀ ସମୟର କୌଣସି ଲୋକ ନୃସିଂହ-ପୁରାଣର ପ୍ରଥମ ସାଗର (ପୃ.୧୩୬ ରୁ ୧୫୫) ବର୍ଣ୍ଣିତ ବୈକୁଣ୍ଠ ବର୍ଣ୍ଣନା, ପ୍ରସିଦ୍ଧ ବୈଷ୍ଣବ ଚତୁଃ ସମ୍ପ୍ରଦାୟର ସୃଷ୍ଟି ଓ ଗୁରୁ-ପରମ୍ପରା ନେଇ ବିବରଣ (ମୋଟାମୋଟି କଳ୍ପନାପ୍ରସୂତ ହେଲେ ହେଁ ଆଂଶିକ ଐତିହାସିକ ତଥ୍ୟଗର୍ଭକ) ଓ ଦୋଷୀ ପ୍ରତି ପ୍ରଦେୟ ଦଣ୍ଡ ବ୍ୟବସ୍ଥାର ସ୍ୱଭାବର ବିବରଣକୁ ପ୍ରାୟ ଅବିକଳ ଉଠାଇ ନେଇ ତାହାକୁ ୬୩ ତମରୁ ୭୦ ତମ ଅଧ୍ୟାୟ ରୂପେ 'ନାମରତ୍ନ ଗୀତା'ରେ ଯୋଡ଼ି କୃଷ୍ଣଦାସଙ୍କ ନାମରେ ଭଣିତା କରିଛି । ଏ କାର୍ଯ୍ୟଟି ସ୍ୱୟଂ ପୀତାମ୍ବର କରିଛନ୍ତି କି ଅନ୍ୟ କିଏ କରିଛି ତାହା ନିର୍ଣ୍ଣୟ କରି ହେଉନାହିଁ ।

ଗଞ୍ଜାମରେ ନୃସିଂହ-ଆରାଧନାର ବ୍ୟାପକତା ବହୁପୂର୍ବରୁ ଥିଲା । କିନ୍ତୁ, ଆରାଧ୍ୟ ନୃସିଂହ ଥିଲେ ବିଷ୍ଣୁଙ୍କ ପ୍ରସିଦ୍ଧ ଦଶ ଅବତାର ମଧ୍ୟରୁ ଚତୁର୍ଥ ଅବତାର ହିରଣ୍ୟ-କଶିପୁ ବିଦାରକ ନୃସିଂହ ଯେ କି ଭକ୍ତ ପ୍ରହ୍ଲାଦଙ୍କ ପ୍ରାର୍ଥନାରେ ସ୍ତମ୍ଭରୁ ଆବିର୍ଭୂତ ହୋଇଥିଲେ ।

ପୀତାମ୍ବର ଏହି ନୃସିଂହଙ୍କୁ ଅସ୍ୱୀକାର ନ କରି ତାଙ୍କ ପୂର୍ବରୁ ଆଉ ଜଣେ ନୃସିଂହ ବ୍ରାହ୍ମଣ ଘରେ ମାତୃଗର୍ଭରୁ ଜାତ ହୋଇ ମୁର ନାମକ ଦୈତ୍ୟକୁ ମାରିଥିବା କଥା ତାଙ୍କ ପୁରାଣରେ ଲେଖିଲେ । ବିଷ୍ଣୁ ଏକା ନାମ ଧରି ଦ୍ୱିବିଧ ଅବତାର ହେବା ବର୍ଣ୍ଣନାକୁ ଶିକ୍ଷିତ ସମାଜ ଅନୁକୂଳ ଦୃଷ୍ଟିରେ ଦେଖିଲା ନାହିଁ । ପୀତାମ୍ବରଙ୍କ ପରେ ହିରଣ୍ୟ-ବିଦାରକ ନୃସିଂହଙ୍କ ବିଷୟରେ 'କୃଷ୍ଣକେଶରୀ' ଆଦି ପୁରାଣ ଓ ପ୍ରହ୍ଲାଦ ନାଟକ ନାମଧେୟ ବହୁ ନାଟକ ଗଞ୍ଜାମ ଅଞ୍ଚଳରେ ରଚିତ ହୋଇଥିଲେ ହେଁ ପୀତାମ୍ବରଙ୍କ ନୃସିଂହ-ଚରିତକୁ ନେଇ କୌଣସି ଲେଖା ସୃଷ୍ଟି ହୋଇନାହିଁ । ପୀତାମ୍ବରଙ୍କ ଚରିତର ଗୋଟିଏ ମାତ୍ର ଅନୁଗାମୀ 'ବିଚିତ୍ର ନୃସିଂହ-ପୁରାଣ', ତାହା ଦୂର ପୁରୀ ଜିଲ୍ଲାର ।

## ବିଚିତ୍ର ନୃସିଂହ-ପୁରାଣ*

ମଧ୍ୟଯୁଗର ଓଡ଼ିଆ ସାହିତ୍ୟ ମଧ୍ୟରେ ଅନେକ ବିଚିତ୍ରାଖ୍ୟ ରଚନା ରହିଛି; ଯଥା – ବିଚିତ୍ର ରାମାୟଣ (ବିଶ୍ୱନାଥ ଖୁଣ୍ଟିଆ) ଓ ବିଚିତ୍ର ଭାରତ (ବିଶ୍ୱମ୍ବର ଦାସ) । ବିଭିନ୍ନ ଛନ୍ଦରେ କାବ୍ୟ ରଚିତ ହେଲେ ତାହା 'ଚିତ୍ରକାବ୍ୟ' ବୋଲାଏ । ନୃସିଂହ-ପୁରାଣ ଚରିତ ବିଭିନ୍ନ ଛନ୍ଦରେ ରଚିତ ହୋଇଥିବାରୁ ତାହା 'ବିଚିତ୍ର-ନୃସିଂହ-ପୁରାଣ' ଆଖ୍ୟା ବହନ କରିଛି ।

ବିଚିତ୍ର-ନୃସିଂହ-ପୁରାଣର ପ୍ରଣେତା ଦାଶରଥି ମିଶ୍ର (ପିତା ଲୋକନାଥ), ଭରଦ୍ୱାଜ ଗୋତ୍ରୀ ପ୍ରସିଦ୍ଧ ଶମ୍ଭୁକରଙ୍କ ବଂଶଜ । କବି ଚିର ରୁଗ୍ଣ ଥିବାରୁ ନୃସିଂହଙ୍କୁ ପ୍ରସନ୍ନ କରାଇ ରୋଗମୁକ୍ତ ହେବା କାମନା କରି ନୃସିଂହ-ପୁରାଣ ଚରିତକୁ ଛାନ୍ଦ ରୂପରେ ପ୍ରକାଶ କରିଛନ୍ତି । ନୃସିଂହ-ପୁରାଣ ପରି ଛାନ୍ଦ ପୁସ୍ତକଟି ମଧ୍ୟ ସପ୍ତସାଗର ବିଶିଷ୍ଟ । ଏହାର ସପ୍ତମ ଛଡ଼ା ଅନ୍ୟ ୬ଟି ସାଗରରେ ନୃସିଂହ-ପୁରାଣର ପ୍ରତ୍ୟେକ ସାଗରର ଚରିତ ଛାନ୍ଦରେ ସେହି ସଂଖ୍ୟକ ସାଗରରେ ସ୍ଥାନ ପାଇଛି । ଏହାର ସାଗରଗୁଡ଼ିକରେ ଯଥାକ୍ରମେ –୧୨, ୨୭,୨୦,୧୧,୪ ଓ ୭ ଏହିପରି ମୋଟ ୯୩ଟି ଛାନ୍ଦ ରହିଛି । ଏହାର ସପ୍ତମ ସାଗରରେ ନୃସିଂହ-ପୁରାଣ, ଭାଗବତ, ରାମାୟଣ ଓ ମହାଭାରତର ବିଷୟ ସ୍ଥାନ ନପାଇ କେବଳ ମାତ୍ର ପ୍ରହ୍ଲାଦ ଚରିତ ହିଁ ବର୍ଣ୍ଣିତ ହୋଇଛି ।

ଦାଶରଥି ମିଶ୍ରଙ୍କ ସମୟ ଠିକ୍ ଭାବରେ ଜଣା ନାହିଁ । ତାଙ୍କର ବାସସ୍ଥାନ ପୁରୀଜିଲ୍ଲାର ଚନ୍ଦ୍ରଶେଖରପୁର ଗ୍ରାମ । ବୋଧହୁଏ, କବି ଗଞ୍ଜାମ ଜିଲ୍ଲାରେ ବୈବାହିକ ସଂବନ୍ଧ ସ୍ଥାପନ କରିଥିଲେ ଓ ସେହି ସୂତ୍ରରେ ପୀତାମ୍ବରଙ୍କ ରଚନାଟିର ମହତ୍ତ୍ୱର ପରିଚୟ ପାଇପାରିଥିଲେ ।

କାବ୍ୟ ଛାନ୍ଦରେ ରଚିତ ହେବା ଘଟନା ଓଡ଼ିଆରେ ଅତି ସାଧାରଣ । ରାମାୟଣ ଓ ମହାଭାରତ ମହାକାବ୍ୟ ହୋଇଥିବାରୁ ତାହା ମଧ୍ୟ ଛାନ୍ଦରେ ରଚିତ ହେବା ସ୍ୱାଭାବିକ; କିନ୍ତୁ ବିଚିତ୍ର-ନୃସିଂହ-ପୁରାଣକୁ ଛାଡ଼ିଲେ ଅନ୍ୟତ୍ର ଛାନ୍ଦରେ ପୁରାଣ ଲେଖା ହେବା ଦୃଷ୍ଟାନ୍ତ ଏକମାତ୍ର 'ନାରଦ ପୁରାଣ', ଏହା ଉପେନ୍ଦ୍ର ଭଞ୍ଜଙ୍କ ନାମରେ ଭଣିତ ।

●

* ଏହି ପୁସ୍ତକର ଲେଖକ 'ବିଚିତ୍ର ନୃସିଂହ-ପୁରାଣ' ପୋଥି ଦେଖିବା ସୁଯୋଗ ପାଇନାହିଁ । ଏହା ବିଷୟକ ତଥ୍ୟ ଡଃ ବିଚିତ୍ରାନନ୍ଦ ମହାନ୍ତିଙ୍କ 'ନୃସିଂହ-ଆରାଧନା' ଗ୍ରନ୍ଥରୁ ନିଆଯାଇଛି ।

*ପରିଶିଷ୍ଟ*

# କେତୋଟି କିମ୍ବଦନ୍ତୀ

ପୀତାମ୍ବର ଦାସଙ୍କ ବିଷୟରେ ନାନା କିମ୍ବଦନ୍ତୀ ଶୁଣିବାକୁ ମିଳୁଛି । କବିମାନଙ୍କ ବିଷୟକ ବହୁ କିମ୍ବଦନ୍ତୀ କିପରି ଅମୂଳକ ତାହା ଉପେନ୍ଦ୍ରଭଞ୍ଜ, ବଳଦେବ ରଥ ପ୍ରଭୃତି କବିମାନଙ୍କର ଜୀବନ ଚର୍ଚ୍ଚାରୁ ଜଣାଯାଏ । ପରକାଳୀନ ସମାଜ କବିଙ୍କୁ କେଉଁ ଦୃଷ୍ଟିରେ ଦେଖି ଆସୁଛି ତାହା କିମ୍ବଦନ୍ତୀରେ ପ୍ରତିଫଳିତ ହୁଏ ।

(୧) ପୀତାମ୍ବରଙ୍କ ପିତାମହ ଲକ୍ଷ୍ମୀଧର ଲୋକଙ୍କୁ ଦୀକ୍ଷା ଦେଉଥିଲେ । ତାଙ୍କର ଲକ୍ଷେ ଶିଷ୍ୟ ଥିଲେ । ତାଙ୍କର ଶିଷ୍ୟମାନେ ପାରଳାଖେମୁଣ୍ଡି, ବିଜୟନଗର (ଖେମୁଣ୍ଡି) ଆଦି ରାଜ୍ୟର ଅଧିବାସୀ ଥିଲେ । (ଲକ୍ଷ ସଂଖ୍ୟାଟି 'ଲକ୍ଷୀ'ରୁ ଅର୍ଥାତ୍ ଲକ୍ଷ୍ମୀଧର ନାମରୁ ଆସିଥାଇପାରେ)

(୨) ପୀତାମ୍ବର ମଧ୍ୟ ଦୀକ୍ଷାଗୁରୁରୂପେ ଶିଷ୍ୟ ଗ୍ରହଣ କରୁଥିଲେ । ତାଙ୍କର ଶିଷ୍ୟମାନେ ସାଧାରଣତଃ ବଢ଼େଇ, ଗଉଡ଼, କାଳିଞ୍ଜି, ବେଲମା ଆଦି ଶୂଦ୍ରଜାତିର ଲୋକ । ବ୍ରାହ୍ମଣଙ୍କ ସଂଖ୍ୟା ଅତ୍ୟଳ୍ପ । ତାଙ୍କ ଶିଷ୍ୟଙ୍କ ବଂଶଧରମାନେ ଏବେ ବି କଳାହାଣ୍ଡିରେ ଅଛନ୍ତି ।

(୩) ଥରେ କଳାହାଣ୍ଡି ରାଜାଙ୍କୁ କୁଷ୍ଠ ହେଲା । ରୋଗମୁକ୍ତି ଉଦ୍ଦେଶ୍ୟରେ ନୃସିଂହ-ପୁରାଣ ଲଗାଇବାକୁ ସ୍ଥିର କରି ପୀତାମ୍ବରଙ୍କୁ ଅନୁରୋଧ କଲେ । ପୀତାମ୍ବର ପ୍ରଥମେ ରାଜି ହେଉ ନଥିଲେ, କିନ୍ତୁ ରାଜା ବିଶେଷ ଅନୁରୋଧ କରିବାରୁ ନୃସିଂହ-ପୁରାଣ ପାରାୟଣ କଲେ । ରାଜା ତାଙ୍କୁ ବହୁମାନ ସହିତ ଗୋଟିଏ ତମ୍ବାପଟା ଲେଖାଇ ପ୍ରତିଶ୍ରୁତି ଦେଲେ ଯେ ପୀତାମ୍ବର ପ୍ରତିବର୍ଷ ଏକ ଶହ ଟଙ୍କା ରାଜକୋଷରୁ ପାଇବେ । ବର୍ତ୍ତମାନ ତମ୍ବାପଟାର ଅସ୍ତିତ୍ୱ ନାହିଁ ।

(୪) ବର୍ଷେ ଖରାଦିନେ ପୀତାମ୍ବରଙ୍କ ଘର ପୋଡ଼ିଗଲା । ପୀତାମ୍ବରଙ୍କ ବହୁ ଶିଷ୍ୟ ସୋରଡ଼ା ପାଖ ସୁରମଣି ଗ୍ରାମରେ ଥିଲେ । ଘର ତୋଳିବା ପାଇଁ ଆବଶ୍ୟକ କାଠ ଜଙ୍ଗଲରୁ କାଟି ଯୋଗାଇବାକୁ ପୀତାମ୍ବର ଶିଷ୍ୟମାନଙ୍କୁ କହିଲେ । ଶିଷ୍ୟମାନେ କାଠ ସଂଗ୍ରହ କଲେ । ଖରାଦିନ ହୋଇଥିବାରୁ ସୁରମଣିଠାରୁ ତଅର ଯାଏଁ ଋଷିକୁଲ୍ୟା ନଦୀରେ ବିଶେଷ ପାଣି ନଥାଏ । ନଦୀରେ ଭେଳା ଯିବା ସମ୍ଭବ ନୁହେଁ ତେଣୁ କାଠ କିପରି ଆସିବ ବୋଲି ଶିଷ୍ୟମାନେ ପୀତାମ୍ବରଙ୍କୁ ପଚାରିଲେ । ପୀତାମ୍ବର ମେଘମାଳା ମନ୍ତ୍ର ଜପିଲେ, ଘୋର ବର୍ଷା ହେଲା । ନଦୀରେ ପାଣି ବଢ଼ିବାରୁ ଶିଷ୍ୟମାନେ ଭେଳାରେ କାଠ ଆଣିଲେ । (ମେଘମାଳା ମନ୍ତ୍ରର ଅସ୍ତିତ୍ୱ ଅନ୍ୟତ୍ର ଥିବା ଜଣାନାହିଁ ।)

(୫) ପୀତାମ୍ବର ଥରେ ଘୋର ଜଙ୍ଗଲ ମଧ୍ୟ ଦେଇ ବଡ଼ କୋଦଣ୍ଡାରୁ ହାତୀଗଡ଼ା ଯାଉଥିଲେ । ଗୁଡ଼ିଏ ଶିଷ୍ୟ ତାଙ୍କର ଅନୁସରଣ କରୁଥିଲେ । ବାଟରେ ଗୋଟିଏ ବାଘ ପଥ ଅବରୋଧ କରି ଠିଆ ହେଲା । ଶିଷ୍ୟମାନେ ପ୍ରାଣ ବିକଳରେ ଦୌଡ଼ି ପଳାଇଲେ । କିନ୍ତୁ, ପୀତାମ୍ବର କହିଲେ, ଏହି ବାଘ ମନ୍ତ୍ର ନେଇ ପଶୁ ଜନ୍ମରୁ ଉଦ୍ଧାର ପାଇବାକୁ ଆସିଛି । ସେ ବାଘକୁ କର୍ଣ୍ଣମନ୍ତ୍ର ଦେଲେ । ମନ୍ତ୍ର ଦୀକ୍ଷା ପାଇବା ମାତ୍ରେ ବାଘଟି ପ୍ରାଣତ୍ୟାଗ କରିଥିଲା ।

●

ପ୍ରଗତି ଉତ୍କଳ ସଂଘ (ପ୍ରତିଷ୍ଠା – ୧୯୫୮) ଇସ୍ପାତ ସହର ରାଉରକେଲାର ଅନ୍ୟତମ ସର୍ବ ପୁରାତନ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ସାଂସ୍କୃତିକ ଅନୁଷ୍ଠାନ । ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟପାଇଁ ଏହା ସମଗ୍ର ଓଡ଼ିଶାରେ ସୁପରିଚିତ । ପାଠାଗାର ଆନ୍ଦୋଳନ କ୍ଷେତ୍ରରେ ଏହା ଦୃଷ୍ଟାନ୍ତମୂଳକ ନେତୃତ୍ୱ ଦେଇଛି । ଉତ୍କଳଗୌରବ ମଧୁସୂଦନ ଜୟନ୍ତୀ ଓ ଉତ୍କଳଦିବସ ପାଳନ ପରମ୍ପରାର ଏହା ପ୍ରତିଷ୍ଠାତା । ମଧୁସୂଦନଙ୍କ ଆଦର୍ଶ ସଂପର୍କରେ ଯୁବପୀଢ଼ି ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରଗତି ଉତ୍କଳ ସଂଘ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ସ୍ୱର୍ଣ୍ଣପଦକ-ପ୍ରଦାନର ବ୍ୟବସ୍ଥା କରିଛି ଓ ମଧୁସୂଦନଙ୍କ ସଂପର୍କରେ Madhusudan Das : The Legislator, Madhusudan Das : The Man and His Missions ଓ Madhusudan Das : His Life and Achievements ଆଦି ପୁସ୍ତକର ଏହା ପ୍ରକାଶକ । ସାଂପ୍ରତିକ କାଳରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଅବହେଳିତ ଦିଗ ତଥା କ୍ରମଶଃ ବିସ୍ମୃତ ହୋଇଯାଉଥିବା ବରେଣ୍ୟ ପ୍ରତିଭାମାନଙ୍କ ସଂପର୍କରେ ଏହା କେତେକ ଉଲ୍ଲେଖଯୋଗ୍ୟ ପୁସ୍ତକର ପ୍ରକାଶକ ।



**ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର (୩୦.୫.୧୯୩୦)**

ଜନ୍ମସ୍ଥାନ : ଗଞ୍ଜାମ ଜିଲ୍ଲାର ଛତ୍ରପୁର ।

ବିଜ୍ଞାନ ଓ ଆଇନରେ ସ୍ନାତକ । ଓଡ଼ିଶା ସରକାରଙ୍କ ଆଇନ ବିଭାଗର ଯୁଗ୍ମ ସଚିବ ପଦରୁ ଅବସର ଗ୍ରହଣ । ୧୯୫୦ ରୁ ଅଦ୍ୟାବଧି ୩୦୦ ପ୍ରବନ୍ଧ, ୮୦ଟି କବିତା, ୭୦ଟି କ୍ଷୁଦ୍ରଗଳ୍ପ ଓ ଶତାଧିକ ହାସ୍ୟରସାତ୍ମକ ଓ ରମ୍ୟରଚନା ସାମୟିକ ପତ୍ରପତ୍ରିକାରେ ପ୍ରକାଶିତ । ଏତଦ୍‌ବ୍ୟତୀତ ୨୩ଟି ପୁସ୍ତକ ମୁଦ୍ରିତ। ତାଙ୍କର ଉଲ୍ଲେଖଯୋଗ୍ୟ ପୁସ୍ତକଗୁଡ଼ିକ ହେଲା – ଚଉତିଶା ବିଚିତ୍ରା, ବିଚିତ୍ର ରାମାୟଣ, ପ୍ରାଚୀନ ହାସ୍ୟ ସମୁଚ୍ଚୟ, ନରସିଂହ ସେଣଙ୍କ ଗୋପକେଳି, ବଳଦେବ ରଥ ଅଧ୍ୟୟନ, ପ୍ରାଚୀନ ସାହିତ୍ୟର ବର୍ଣ୍ଣବୋଧ ଓ ସାରଳାଦାସ : ଏକ ଅଧ୍ୟୟନ। ପ୍ରାଚୀନ ଓ ମଧ୍ୟକାଳୀନ ଓଡ଼ିଆ ସାହିତ୍ୟ ସଂପର୍କରେ ତାଙ୍କର ଗବେଷଣା ଯୁଗାନ୍ତକାରୀ । ୧୯୮୪ ମସିହାରେ ଓଡ଼ିଆ ସାହିତ୍ୟ ଏକାଡେମୀ ଦ୍ୱାରା ସେ ପୁରସ୍କୃତ ।

ISBN 978-81-920552-2-0
9 11345 67990 0